RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-349 ◆WEDNESDAY ◆17 JUNE 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୩୪୯ ◆ବୁଧବାର ◆୧୭ ଜୁନ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




ପଞ୍ଚମ୍ ଦା'ଙ୍କ ଭୂମିକାରେ ଫରହାନ

▶ପୃଷ୍ଠା ୧୧ ଦେଖନ୍ତୁ...

## ନିଟ୍ ଜାଲିଆତି ରୋକିବାକୁ ଟେଲିଗ୍ରାମ ଉପରେ କଟକଣା

■ ନୂଆଦିଲ୍ଲୀ, ୧୬।୬ (ଏଜେନ୍ସି): ନିଟ୍-ୟୁଜି ପୁନଃ-ପରୀକ୍ଷା ପୂର୍ବରୁ ଦେଶରେ ଚାଲିଥିବା ସଂଗଠିତ ପରୀକ୍ଷା ଜାଲିଆତି ଏବଂ ମିଥ୍ୟା ଗୁଜବକୁ ରୋକିବା ପାଇଁ ଭାରତ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ସରକାରଙ୍କ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ପକ୍ଷରୁ ମେସେଜିଂ ଆପ୍ ଟେଲିଗ୍ରାମ ଉପରେ ସାମୟିକ ଭାବେ କଟକଣା ଜାରି କରାଯାଇଛି। ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)ର ସୁପାରିଶ କ୍ରମେ ସରକାର ଦୁଇଟି ପୃଥକ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ଏହା ଅନୁଯାୟୀ, ଭାରତରେ ଟେଲିଗ୍ରାମ ବ୍ୟବହାର ଉପରେ




ଜୁନ୍ ୨୨ ପର୍ଯ୍ୟନ୍ତ କଟକଣା ଲାଗୁ କରାଯାଇଛି। ଏଥିସହିତ ଟେଲିଗ୍ରାମକୁ ତା'ର ମେସେଜ୍-ଏଡିଟିଂ ବ୍ୟବସ୍ଥାକୁ ଭାରତରେ ଜୁନ୍ ୩୦ ପର୍ଯ୍ୟନ୍ତ ଅଚଳ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନ୍‌ଟିଏ ଅନୁଯାୟୀ, କିଛି ଅସାଧୁ ଚକ୍ର ଟେଲିଗ୍ରାମର ଏଡିଟିଂ ସୁବିଧାର ଦୁରୁପଯୋଗ କରି ନକଲି ପ୍ରଶ୍ନପତ୍ର ଲିକ୍‌ର ପ୍ରମାଣ ସୃଷ୍ଟି କରୁଥିଲେ। ଏହି ଠକମାନେ ପରୀକ୍ଷା ପୂର୍ବରୁ ଏକ ସାଧାରଣ ମେସେଜ୍ ପୋଷ୍ଟ କରୁଥିଲେ ଏବଂ ପରୀକ୍ଷା ଶେଷ ହେବା ପରେ ସେହି ମେସେଜକୁ ଏଡିଟ୍ କରି ସେଥିରେ ଅସଲି ପ୍ରଶ୍ନପତ୍ରକୁ ଅପଲୋଡ୍ କରୁଥିଲେ। ▶ପୃଷ୍ଠା-୭

## ଡାକ୍ତରଙ୍କ ପ୍ରେସକ୍ରିପସନ ବିନା ମିଳିବନି କଫ ସିରପ

### ସମସ୍ତ ସିରପ ଔଷଧର ବିକ୍ରି ବନ୍ଦ କଲେ ସରକାର

■ ନୂଆଦିଲ୍ଲୀ, ୧୬।୬ (ଏଜେନ୍ସି): ଦେଶରେ କଫ ସିରପ୍ ଏବଂ ଅନ୍ୟାନ୍ୟ ସିରପ୍-ଭିତ୍ତିକ ଔଷଧ ବିକ୍ରିକୁ ନେଇ କେନ୍ଦ୍ର ସରକାର କଟକଣା ଜାରି କରିଛନ୍ତି। ଏବେ ଡାକ୍ତରଙ୍କ ବୈଧ ପ୍ରେସକ୍ରିପସନ ବିନା କୌଣସି କଫ ସିରପ୍ ଓଭର-ଦ-କାଉଣ୍ଟର (ଓଟିସି) ବା ସିଧାସଳଖ ଔଷଧ ଦୋକାନରୁ ମିଳିବ ନାହିଁ। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏବଂ ଡ୍ରଗ୍ ରେଗୁଲେଟରଙ୍କ ପକ୍ଷରୁ ଏହି କଟକଣାକୁ ତୁରନ୍ତ କାର୍ଯ୍ୟକାରୀ କରାଯାଇଛି। ସୂଚନା ଅନୁଯାୟୀ, ୨୦୨୫ରେ ମଧ୍ୟପ୍ରଦେଶ ଏବଂ ପରବର୍ତ୍ତୀ ସମୟରେ ରାଜସ୍ଥାନରେ କଫ ସିରପ୍ ସେବନ ଯୋଗୁଁ ଅନେକ ଶିଶୁଙ୍କର ମୃତ୍ୟୁ ଘଟିଥିଲା। ଏହି ସିରପ୍ ସେବନ ପରେ ଶିଶୁମାନଙ୍କର ଅଙ୍ଗ ଅକାମୀ ହୋଇଯାଇଥିଲା ଏବଂ ପରେ ସେମାନଙ୍କର ମୃତ୍ୟୁ ହୋଇଥିଲା। ଏହିପରି ଘଟଣାକୁ ଗମ୍ଭୀରତାର ସହ ନେଇ ସରକାର ସିରପ୍ କାରଣରୁ ହେଉଥିବା ମୃତ୍ୟୁକୁ ରୋକିବା ପାଇଁ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ନୂତନ ନିୟମ ଅନୁଯାୟୀ, ବର୍ତ୍ତମାନ ଯେକୌଣସି ସିରପ୍ ଜାତୀୟ ଔଷଧ କିଣିବା ପାଇଁ ରୋଗୀଙ୍କୁ ଡାକ୍ତରଙ୍କ ଦ୍ୱାରା ଲିଖିତ ପ୍ରେସକ୍ରିପସନ ଦେଖାଇବାକୁ ପଡ଼ିବ। ବିନା ପ୍ରେସକ୍ରିପସନରେ ଔଷଧ ବିକ୍ରି କରୁଥିବା ଦୋକାନୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସରକାରଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି।

## ରଜରେ ଅରାଜକତା

# ୨୪ ଘଣ୍ଟାରେ ୪ ଗଣଦୁଷ୍କର୍ମ

## ନବରଙ୍ଗପୁରରେ ଜଣେ ଯୁବତୀଙ୍କୁ ଦୁଷ୍କର୍ମ ପରେ ହତ୍ୟା

■ ଭୁବନେଶ୍ୱର, ୧୬।୬ (ସମିସ): ରାଜ୍ୟ ଆଇନ୍‌ଶୃଙ୍ଖଳା ସ୍ଥିତି ଅତ୍ୟନ୍ତ ସାଂଘାତିକ। ମହିଳା ହିଂସା ସୀମା ଟପିଲାଣି। ଅପରାଧୀ ପୁଲିସକୁ ଡ଼ରୁ ନାହାନ୍ତି, ଆଇନକୁ ଭୟ କରୁନାହାନ୍ତି। ଅପରାଧ ନିୟନ୍ତ୍ରଣ ପାଇଁ ପୁଲିସର 'ମିଶନ ଏନ୍‌କାଉଣ୍ଟର' ବି ଫଳପ୍ରସୂ ହୋଇ ପାରିନାହିଁ। ମହିଳା, ଯୁବତୀ ଓ ନାବାଳିକାଙ୍କୁ ଏବେ ଅପରାଧୀ ନିଶାଣ କରିଛନ୍ତି। ନାରୀ ହିଂସାକୁ ରୋକିବାରେ ପୁଲିସର ଅସମ୍ବେଦନଶୀଳତା ରାଜ୍ୟରେ ଅପରାଧ ବୃଦ୍ଧି ପାଇଁ ବାଟ ଖୋଲିଥିବା ମଧ୍ୟ ଅଭିଯୋଗ ହୋଇଛି। ରଜ ପର୍ବ ବିଶେଷ କରି ମହିଳାମାନଙ୍କର ପର୍ବ ବୋଲି କୁହାଯାଏ। ମାତ୍ର ରଜ ପର୍ବରେ ଗତ ୨୪ ଘଣ୍ଟା ମଧ୍ୟରେ କେନ୍ଦ୍ରାପଡ଼ା, ମୟୂରଭଞ୍ଜ, ବଲାଙ୍ଗୀର, ସୁନ୍ଦରଗଡ଼ ରାଜ୍ୟର ବିଭିନ୍ନ ଅଞ୍ଚଳରେ ୪ଟି ଗଣଦୁଷ୍କର୍ମ ଘଟଣା ଘଟିଛି। ସେହିପରି ନବରଙ୍ଗପୁରରେ ଦୁଷ୍କର୍ମ ପରେ ଜନୈକ ଯୁବତୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି।

କେନ୍ଦ୍ରାପଡ଼ା ଜିଲ୍ଲା ଗରାପୁର ଅଞ୍ଚଳରେ ଖୋଦ ଏସ୍‌ପିଙ୍କ କାର୍ଯ୍ୟାଳୟ ନିକଟରୁ ଜଣେ ନାବାଳିକାଙ୍କୁ ଉଠାଇ ନିଆଯାଇ ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ପୁଲିସ ଏହି ମାମଲାରେ ୨ଜଣଙ୍କୁ ଅଟକ ରଖି ପଚରାଉଚରା କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କାହାରିକୁ ଗିରଫ କରିନାହିଁ। ନିଜ ପରିବାର ସହ ଏକ ଅସ୍ଥାୟୀ ଟେଣ୍ଟରେ ରହୁଥିବା ନାବାଳିକାଙ୍କୁ ଉଠାଇ ନେଇ ଗଣଦୁଷ୍କର୍ମ କରାଯିବା ଘଟଣା ସହରରେ ଆଲୋଡ଼ନ ସୃଷ୍ଟି କରିଛି। ଚାମେଲୀ ପ୍ରସଙ୍ଗକୁ ନେଇ କେନ୍ଦ୍ରାପଡ଼ା ପୁଲିସ ପ୍ରଶାସନ ହରଡ଼ଘଣାରେ ପଡ଼ିଥିବାବେଳେ ଏହି ଗଣଦୁଷ୍କର୍ମ ପୁଲିସ ବ୍ୟବସ୍ଥାକୁ କାଠଗଡ଼ାରେ ଠିଆ କରାଇଛି।



ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଟାଉନ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ନିଶା ଖୁଆଇ ୪ଜଣ ଯୁବକ ଦୁଷ୍କର୍ମ ଅଭିଯୋଗ ହୋଇଛି। ପୀଡ଼ିତା ନିଜ ଭଉଣୀ ସହ ଶୌଚ ହେବାକୁ ଯାଇଥିବା ବେଳେ ୪ ଜଣ ଯୁବକ ତାଙ୍କୁ ଉଠାଇ ନେଇ ଗଣଦୁଷ୍କର୍ମ କରିଥିବା ଓ ପରେ ଏକ ଆମ୍ବଗଛ ମୂଳେ ଫିଙ୍ଗି ଦେଇଥିବା ପୁଲିସ ନିକଟରେ ଅଭିଯୋଗ ହୋଇଛି। ପୁଲିସ ଏସେକ୍ ଦୀପୁ, ସେକ୍ ଅମାନ, ଜାଭେଦ୍ ଏବଂ ମୁଖ୍ୟ ଅଭିଯୁକ୍ତ ସେକ୍ ମଜବୁଲକୁ ଗିରଫ କରିଛି। ବଲାଙ୍ଗୀର ଜିଲ୍ଲାରେ ପାଟଣାଗଡ଼ ଥାନା ଅଞ୍ଚଳରେ ଜଣେ ୧୯ବର୍ଷୀୟା ଯୁବତୀଙ୍କୁ ୪ ଜଣ ଯୁବକ ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ପୀଡ଼ିତା ଯୁବତୀଙ୍କ ପ୍ରେମିକ ଓ ତାଙ୍କର ସାଙ୍ଗମାନେ ଏହି ଘଟଣାରେ ସମ୍ପୃକ୍ତ ଥିବା କୁହାଯାଉଛି।

ନବରଙ୍ଗପୁର ଜିଲ୍ଲା କୋଡିଙ୍ଗା ଥାନା ଅଞ୍ଚଳରେ ଘଟିଥିବା ଘଟଣା ଅତ୍ୟନ୍ତ ଲୋମହର୍ଷଣକାରୀ। ଜଣେ ବାପଛେଉଣ୍ଡ ଯୁବତୀଙ୍କୁ ଦୁଷ୍କର୍ମ ପରେ ହତ୍ୟା କରି ଘର ବାରିପଟେ ଫୋପଡି ଦିଆଯାଇଛି ବୋଲି ଅଭିଯୋଗ ହୋଇଛି। ସୋମବାର ସକାଳୁ ଯୁବତୀଙ୍କର ରକ୍ତ ଜୁଡୁବୁଡୁ ମୃତ ଦେହକୁ ଉଦ୍ଧାର କରାଯାଇ ପୁଲିସକୁ ଖବର ଦିଆଯାଇଥିଲା। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଛି। ସେହିପରି ସୁନ୍ଦରଗଡ଼ରେ ▶ପୃଷ୍ଠା-୭

## ୟୁପିଏସ୍‌ସି ପ୍ରିଲିମ୍ସ ପ୍ରଶ୍ନପତ୍ର ଲିକ୍ !

### କୋଚିଂ ସେଣ୍ଟର ସହ ୮୨ଟି ପ୍ରଶ୍ନ ମିଶୁଥିବା ଅଭିଯୋଗ

■ ନୂଆଦିଲ୍ଲୀ, ୧୬।୬ (ଏଜେନ୍ସି): ୟୁପିଏସ୍‌ସି ସିଭିଲ୍ ସର୍ଭିସେସ୍ ପ୍ରିଲିମିନାରୀ ପରୀକ୍ଷାରେ ବ୍ୟାପକ ଅନିୟମିତତା ଏବଂ ପ୍ରଶ୍ନପତ୍ର ଲିକ୍ ହୋଇଥିବା ଭଳି ଗୁରୁତର ଅଭିଯୋଗ ହୋଇଛି। ଏହି ଅଭିଯୋଗ କଂଗ୍ରେସର ଛାତ୍ର ସଂଗଠନ ନ୍ୟାସନାଲ ଷ୍ଟୁଡେଣ୍ଟସ୍ ୟୁନିଅନ ଅଫ୍ ଇଣ୍ଡିଆ (ଏନ୍‌ଏସ୍‌ୟୁଆଇ) ପକ୍ଷରୁ କରାଯାଇଛି। ଏନ୍‌ଏସ୍‌ୟୁଆଇର ରାଷ୍ଟ୍ରୀୟ ଅଧ୍ୟକ୍ଷ ବିନୋଦ ଜାଖଡ଼ ଅଭିଯୋଗ କରିଛନ୍ତି ଯେ, ଚଳିତ ବର୍ଷ ୟୁପିଏସ୍‌ସି ପ୍ରିଲିମ୍ସ ପରୀକ୍ଷାରେ ପଚରାଯାଇଥିବା ୧୦୦ଟି ପ୍ରଶ୍ନ ମଧ୍ୟରୁ ୮୨ଟି ପ୍ରଶ୍ନ ଅନନ୍ତମ୍ ଆଇଏଏସ୍ ନାମକ ଏକ କୋଚିଂ ସଂସ୍ଥାର ଷ୍ଟଡି ମ୍ୟାଟେରିଆଲ୍ ବା ଅଧ୍ୟୟନ ସାମଗ୍ରୀ ସହିତ ପ୍ରାୟତଃ ମେଳ ଖାଉଛି। ତାଙ୍କ ଅନୁଯାୟୀ, କେବଳ ପ୍ରଶ୍ନର ବିଷୟବସ୍ତୁ ନୁହେଁ, ବରଂ ସେଗୁଡ଼ିକର ଶବ୍ଦ ଚୟନ ଏବଂ ଉପସ୍ଥାପନା ଶୈଳୀ ମଧ୍ୟ ଉକ୍ତ କୋଚିଂ ସେଣ୍ଟରର ନୋଟ୍ସ ସହ ମିଶିଯାଉଛି। ବିନୋଦ ଆହୁରି ମଧ୍ୟ ଦାବି କରିଛନ୍ତି ଯେ, ପରୀକ୍ଷା ପରେ ସମ୍ପୃକ୍ତ କୋଚିଂ ସଂସ୍ଥା ନିଜର ନୋଟ୍ସରେ ପରିବର୍ତ୍ତନ କରିଛି ଏବଂ ପୁରୁଣା ତାରିଖ ବସାଇ ତାହାକୁ ସଂଶୋଧିତ କରିଛି। ଏହି ଘଟଣା କୋଚିଂ ସଂସ୍ଥା ଏବଂ ପରୀକ୍ଷା ପ୍ରକ୍ରିୟା ପରିଚାଳନା କରୁଥିବା କର୍ତ୍ତୃପକ୍ଷଙ୍କ ମଧ୍ୟରେ କୌଣସି ପ୍ରକାରର ଗୁପ୍ତ ବୁଝାମଣା ବା ସଲାସୁତୁରା ଥିବା ନେଇ ଗୁରୁତର ସନ୍ଦେହ ସୃଷ୍ଟି କରିଛି। ଏହି ମାମଲାକୁ ଅତ୍ୟନ୍ତ ସମ୍ବେଦନଶୀଳ ବୋଲି ଦର୍ଶାଇ ଏନ୍‌ଏସ୍‌ୟୁଆଇ ପକ୍ଷରୁ ୟୁପିଏସ୍‌ସିକୁ ଚିଠି ଲେଖାଯିବ ବୋଲି କୁହାଯାଇଛି। ପରୀକ୍ଷାର୍ଥୀଙ୍କ ମନରେ ସୃଷ୍ଟି ହୋଇଥିବା ଆଶଙ୍କାକୁ ଦୂର କରିବା ପାଇଁ ଏକ ସ୍ୱଚ୍ଛ ତଥା ନିରପେକ୍ଷ ତଦନ୍ତ କରିବାକୁ ଏବଂ କମିଶନଙ୍କ ପକ୍ଷରୁ ସ୍ପଷ୍ଟୀକରଣ ଜାରି କରିବାକୁ ସଂଗଠନ ଦାବି କରିଛି। ତେବେ ଏହି ପ୍ରଶ୍ନପତ୍ର ଲିକ୍ ଏବଂ ଅନିୟମିତତା ସମ୍ପର୍କିତ ଅଭିଯୋଗ ଉପରେ ୟୁପିଏସ୍‌ସି ପକ୍ଷରୁ ବର୍ତ୍ତମାନ ସୁଦ୍ଧା କୌଣସି ସ୍ପଷ୍ଟୀକରଣ ଦିଆଯାଇ ନାହିଁ।

## ଶିବ ମନ୍ଦିରରେ ଜାତିଭେଦ

## ଦଳିତ ମହିଳାଙ୍କୁ ମନ୍ଦିରରୁ ତଡ଼ିଦେଲେ

■ ବାଲେଶ୍ୱର, ୧୬।୬ (ସମିସ): ମନ୍ଦିର ଭଳି ପବିତ୍ର ସ୍ଥାନରେ ଜାତି ଭେଦ। ଜଣେ ଦଳିତ ମହିଳାଙ୍କୁ ମନ୍ଦିର ପୂଜକ ଦୁର୍ବ୍ୟବହାର କରିବା ସହ ପୂଜାର୍ଚ୍ଚନା କରିବାକୁ ବାରଣ କରିବା ଭଳି ଏକ ଲଜ୍ଜାଜନକ ଘଟଣା ବାଲେଶ୍ୱର ଜିଲ୍ଲାରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଖାଲି ସେତିକି ନୁହେଁ, ପୂଜକଜଣଙ୍କ ମହିଳାଙ୍କୁ ଅପମାନିତ କରି ମନ୍ଦିରରୁ ତଡ଼ି ଦେଇଛନ୍ତି। ଆଜିର କୃତ୍ରିମ ବୁଦ୍ଧିମତ୍ତା ଯୁଗରେ ଏବେ ବି ଜାତିପ୍ରଥା କେଉଁଠି ନା କେଉଁଠି ନିଜର ଅସ୍ତିତ୍ୱ ବଜାୟ ରଖିଛି; ତାହା ଏହି ଘଟଣା ପ୍ରମାଣିତ କରୁଛି। ବାଲେଶ୍ୱର ସଦର ବ୍ଲକ୍ ଓଡ଼ଙ୍ଗୀ ପଞ୍ଚାୟତ କୋଡ଼ିପୁର ଗ୍ରାମରେ ଏହି ଅଭାବନୀୟ ଘଟଣା ଘଟିଛି। ଏନେଇ ମହିଳାଜଣଙ୍କ ଥାନାରେ ଅଭିଯୋଗ କରିଛନ୍ତି।

ସୂଚନାନୁଯାୟୀ, ରଜ ସଂକ୍ରାନ୍ତି ଦିନ ମହିଳାଜଣଙ୍କ ଗାଁରେ ଥିବା ଶିବ ମନ୍ଦିରକୁ ପୂଜା କରିବାକୁ ଯାଇଥିଲେ। ସେ ମନ୍ଦିର ଭିତରେ ପଶି ଜଳଲାଗି କରୁଥିବା ବେଳେ ମନ୍ଦିର ପୂଜକ ଓ ଅନ୍ୟ କେତେଜଣ ତାଙ୍କୁ ଜାତିଆଣ ଆକ୍ଷେପ କରିବା ସହ ଅପମାନିତ କରିଥିଲେ। ଏହାସହ ମନ୍ଦିରରେ ପୂଜାର୍ଚ୍ଚନା କରିବାକୁ ସିଧାସଳଖ ମନା କରି ସେଠାରୁ ତଡ଼ି ଦେଇଥିଲେ। ମହିଳାଜଣଙ୍କ କାନ୍ଦିକାନ୍ଦି ଘରକୁ ଫେରି ଏ ସଂପର୍କରେ ସ୍ୱାମୀ ଓ ଶଶୁରଙ୍କୁ ଜଣାଇଥିଲେ। ଗ୍ରାମର କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତି ସେମାନଙ୍କୁ ଲଗାତାର ଭାବେ ଏଭଳି ମାନସିକ ନିର୍ଯାତନା ଦେଇ ଆସୁଛନ୍ତି ବୋଲି ପରିବାରଲୋକ ଅଭିଯୋଗ କରିଛନ୍ତି। ଏହି ଘଟଣା ପରେ ପୀଡ଼ିତ ପରିବାର ଓ ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ବାଲେଶ୍ୱର ସଦର ଥାନାରେ ଏକ ଲିଖିତ ଏତଲା ଦିଆଯାଇଥିଲା। ଅଭିଯୋଗ ପାଇ ▶ପୃଷ୍ଠା-୭

### ଗୋଷ୍ଠୀ ସଂଘର୍ଷରେ ଗଡ଼ିଲା ମୁଣ୍ଡ

## ରାସ୍ତାରେ ଗୋଡ଼େଇ ଗୋଡ଼େଇ ହାଣିଲେ

### ହତ୍ୟାକାରୀଙ୍କୁ ଗିରଫ ଦାବିରେ ଥାନା ଘେରାଉ

■ ରାଉରକେଲା, ୧୬।୬ (ସମିସ): ଗୋଷ୍ଠୀ ସଂଘର୍ଷରେ ଗଡ଼ିଲା ମୁଣ୍ଡ। ରାଉରକେଲା ଗୋଲଘର ବସ୍ତିରେ ଆଜି ଏପରି ଏକ ଆପରାଧିକ ଘଟଣା ଘଟିଛି। କିଛି ଦୁର୍ବୃତ୍ତ ଜଣେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ବିଟ୍ ରାସ୍ତାରେ ଖଣ୍ଡାରେ ହାଣି ହତ୍ୟା କରିଛନ୍ତି। ମୃତକ ହେଲେ, ବସ୍ତିର ତୋଫାନ ବିନ୍ଧାଣୀ। ଏହି ଆକ୍ରମଣରେ ତୋଫାନଙ୍କ ବନ୍ଧୁ ଶୁଭେନ୍ଦୁ ସେଠୀ ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ଲାଗି ତାଙ୍କୁ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍)ରେ ଭର୍ତ୍ତି କରାଯାଇଛି। ଏହି ଘଟଣାକୁ କେନ୍ଦ୍ର କରି ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ଦେଖାଦେଇଛି। ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରିବା ଦାବିରେ ଉତ୍ତ୍ୟକ୍ତ ବସ୍ତିବାସିନ୍ଦା ସେକ୍ଟର୍-୭ ଥାନା ଘେରାଉ କରିଥିବା ଜଣାପଡ଼ିଛି।

ସୂଚନା ମୁତାବକ, ସ୍ଥାନୀୟ ସେକ୍ଟର-୭ ଥାନା ଅନ୍ତର୍ଗତ ଗୋଲଘର ନିକଟସ୍ଥ ନାରାୟଣୀ ବସ୍ତିରେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ମଙ୍ଗଳବାର ଅପରାହ୍ଣରେ ଏକ ଗୋଷ୍ଠୀସଂଘର୍ଷ ଘଟିଥିଲା। ବସ୍ତିର ତୋଫାନ ବିନ୍ଧାଣୀ ଏବଂ ଅନ୍ୟ ଜଣେ ଯୁବକ ଶୁଭେନ୍ଦୁ ସେଠୀଙ୍କ ସହ କିଛି ଯୁବକଙ୍କ ▶ପୃଷ୍ଠା-୭

## ଭତ୍ତା ନ ପାଇ ଜୀବନ ହାରିଲେ ବୃଦ୍ଧା

■ ବେଗୁନିଆପଡ଼ା, ୧୬।୬ (ସମିସ): ଦୀର୍ଘ ୩ ମାସ ଧରି ଭତ୍ତା ନ ପାଇ ଶେଷରେ ଜୀବନ ହାରିଲେ ୬୬ ବର୍ଷୀୟା ବୃଦ୍ଧା। ଏଭଳି ଏକ ଘଟଣା ଘଟିଛି ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ମର୍ଦ୍ଦକୋଟ ପଞ୍ଚାୟତର ଚଢିଆପଡା ଗ୍ରାମରେ। ଭତ୍ତା ଟଙ୍କା ଆକାଉଣ୍ଟକୁ ଆସିଲା କି ନାହିଁ, ସେନେଇ ସେ ବାରମ୍ବାର ବ୍ୟାଙ୍କକୁ ଦୌଡୁଥିଲେ। ଦୀର୍ଘ ୩ ମାସ ଧରି ଭତ୍ତା ଟଙ୍କା ନ ଆସିବାରୁ ମାନସିକ ଭାରସାମ୍ୟ ହରାଇ ଗତ ରବିବାର ସେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ବୃଦ୍ଧାଜଣଙ୍କ ହେଲେ ଚଢିଆପଡା ଗ୍ରାମର ବି ସାବିତ୍ରୀ ଦୋରା।

ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମାତ୍ର ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ, ସେଠାରେ ▶ପୃଷ୍ଠା-୭

## ଖରିଫ ଋଣ ଅପେକ୍ଷାରେ ୪୦ ଲକ୍ଷ ଚାଷୀ

### ଏଯାଏ ନାବାର୍ଡକୁ ପ୍ରସ୍ତାବ ଦେଲାନି ସମବାୟ ବିଭାଗ

■ ଭୁବନେଶ୍ୱର, ୧୬।୬ (ସମିସ): ରାଜ୍ୟର ଖାଦ୍ୟ ନିରାପତ୍ତାକୁ ନିଶ୍ଚିତ କରିବା ନିମନ୍ତେ ଉତ୍ପାଦନ ବୃଦ୍ଧି ଓ କୃଷକମାନଙ୍କୁ ଆର୍ଥିକ ସଶକ୍ତ କରିବା କ୍ଷେତ୍ରରେ ଡବଲ ଇଞ୍ଜିନ ସରକାର ଯୋଜନା କରୁଛନ୍ତି। ଚାଷୀଙ୍କ ଆୟ ଦୁଇଗୁଣ ବୃଦ୍ଧି ପାଇଁ ବହୁବିଧ ଯୋଜନା କରାଯାଉଥିବା ନେଇ ମନ୍ତ୍ରୀମାନେ ଭାଷଣ ଦେଉଛନ୍ତି। ମାତ୍ର ବାସ୍ତବିକତା ହେଉଛି ଭିନ୍ନ। ପ୍ରତିବର୍ଷ ଖରିଫ ଚାଷ ପାଇଁ ରଜ ପୂର୍ବରୁ ସରକାର କୃଷକମାନଙ୍କୁ ପ୍ରାୟ ୧୦-୧୧ହଜାର କୋଟି ଟଙ୍କା ଋଣ ପ୍ରଦାନ କରୁଥିବାବେଳେ ଚଳିତ ବର୍ଷ ଏଯାଏ ଚାଷୀମାନେ ଋଣ ପାଇବାରୁ ବଞ୍ଚିତ ହୋଇଛନ୍ତି। ଚଳିତବର୍ଷ ଋଣ ଆବେଦନ କରିଥିବା ରାଜ୍ୟର ପ୍ରାୟ ୪୦ ଲକ୍ଷ ଚାଷୀଙ୍କୁ କେବେ ଋଣ ରାଶି ମିଳିବ ତାହା ଅନିଶ୍ଚିତ ବୋଲି କୁହାଯାଉଛି। ଗୋଟିଏ ପଟେ ଏଲ୍-ନିନୋ ଭୟ ଓ ଅନ୍ୟପଟେ ସରକାରୀ ଋଣ ମିଳିବା ବିଳମ୍ବ ହେବା ଚାଷୀମାନଙ୍କୁ ବ୍ୟଥିତ କରିଛି।

### ଚାଷୀଙ୍କ ପାଇଁ କାଳ ଏଲ୍‌ନିନୋ, ବିଳମ୍ବିତ ଋଣ

### ୨ଦିନରେ ଋଣ ନ ମିଳିଲେ ରାସ୍ତାକୁ ଓହ୍ଲାଇବେ ଚାଷୀ

ପ୍ରତିବର୍ଷ ଏପ୍ରିଲରୁ ମେ' ୧୫ ମଧ୍ୟରେ ନାବାର୍ଡ କୃଷି ଋଣ ଅନୁମୋଦନ କରିଥାଏ। ଅନୁମୋଦନ ବ୍ୟବସ୍ଥା ରହିଛି। ମାତ୍ର ଚଳିତ ବର୍ଷ ସରକାରଙ୍କ ସମବାୟ ବିଭାଗ ଏହି ଋଣ ପାଇଁ ଆବେଦନ କରିବାକୁ ଭୁଲି ଯାଇଛି। ଜୁନ୍ ୧୫ ତାରିଖ ସୁଦ୍ଧା ସମବାୟ ବିଭାଗର ଆବେଦନ ନାବାର୍ଡ଼ ନିକଟରେ ପହଞ୍ଚି ନାହିଁ। ଫଳରେ ଚାଷୀମାନେ କେବେ ଋଣ ପାଇବେ ତାହା ସ୍ପଷ୍ଟ ହୋଇନାହିଁ। ଅନ୍ୟପକ୍ଷରେ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ଲିଃର ପରିଚାଳନାଗତ ତ୍ରୁଟି ଓ ବିଳମ୍ବତା ଯୋଗୁଁ ଓଏସସିବିର ୧୭ଟି ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃକୁ ସ୍ୱଳ୍ପ ମିଆଦୀ ଋଣ ପ୍ରଦାନ ଧାର୍ଯ୍ୟ ଲକ୍ଷ୍ୟକୁ ଅନୁମୋଦନ କରାଯାଇ ନାହିଁ। ନାବାର୍ଡଠାରେ ରିଫାଇନାନ୍ସ ପ୍ରସ୍ତାବ ଦାଖଲ ନ ▶ପୃଷ୍ଠା-୭


## ଆପଣଙ୍କ ପୁରୁଣା ବ୍ୟାଙ୍କ ଖାତାରେ ଟଙ୍କା ରଖି ଭୁଲିଯାଇଛନ୍ତି କି?



ଯାହା ଆପଣଙ୍କର ତାହାକୁ ପ୍ରାପ୍ତ କରିବାରେ ଆର୍‌ବିଆଇ ଆପଣଙ୍କୁ ସାହାଯ୍ୟ କରିବ ।

ଆପଣଙ୍କ ବ୍ୟାଙ୍କରେ ଅଚଳ ଖାତା (2 ବର୍ଷରୁ ଅଧିକ ଓ 10 ବର୍ଷ ପର୍ଯ୍ୟନ୍ତ ସମୟ ଧରି ନିଷ୍କ୍ରିୟ ଥିବା)ରେ ପଡ଼ିରହିଥିବା ଟଙ୍କା / ଦାବିହୀନ ଜମା (10 ବର୍ଷରୁ ଅଧିକ ସମୟ ଧରି)ଗୁଡ଼ିକୁ ଆର୍‌ବିଆଇର ଡିଇଏ ପାଣ୍ଠିକୁ ସ୍ଥାନାନ୍ତର କରିଦିଆଯାଇଥାଏ । ଆପଣ କିମ୍ବା ଆପଣଙ୍କର ଆଇନଗତ ଉତ୍ତରାଧିକାରୀ ତାହାକୁ ଯେକୌଣସି ସମୟରେ ଦାବି କରିପାରିବେ ।

### ନିଜ ଟଙ୍କାକୁ ଦାବି କରିବାର 3ଟି ସହଜ ସୋପାନ

1. ଆପଣଙ୍କ ବ୍ୟାଙ୍କର ଯେକୌଣସି ଶାଖା ପରିଦର୍ଶନ କରନ୍ତୁ, ତାହା ଆପଣଙ୍କ ନିୟମିତ ଶାଖା ନ ହୋଇଥିଲେ ମଧ୍ୟ କିଛି ଅସୁବିଧା ନାହିଁ
2. କେୱାଇସି ଦସ୍ତାବିଜ (ଆଧାର, ପାସ୍‌ପୋର୍ଟ, ମତଦାତା ପରିଚୟପତ୍ର କିମ୍ବା ଡ୍ରାଇଭିଂ ଲାଇସେନ୍ସ) ସହ ଏକ ଫର୍ମ ଦାଖଲ କରନ୍ତୁ
3. ଯାଞ୍ଚ ପରେ, ଯଦି ଆପଣଙ୍କର କୌଣସି ଅର୍ଥରାଶି ପ୍ରାପ୍ୟ ହୋଇଥାଏ ତେବେ ତାହାକୁ ସୁଧ ସହ ପ୍ରାପ୍ତ କରନ୍ତୁ




### ଆପଣଙ୍କର ଦାବିହୀନ ଜମାକୁ ଠାବ କରିବା ପାଇଁ

ଆପଣଙ୍କ ବ୍ୟାଙ୍କର ୱେବ୍‌ସାଇଟ୍‌ରେ ସନ୍ଧାନ କରନ୍ତୁ କିମ୍ବା ସମ୍ପ୍ରତି 30ଟି ବ୍ୟାଙ୍କକୁ ଅନ୍ତର୍ଭୁକ୍ତ କରୁଥିବା ଆର୍‌ବିଆଇର ଉଦ୍‌ଗମ ପୋର୍ଟାଲ **(https://udgam.rbi.org.in)** ଯାଞ୍ଚ କରନ୍ତୁ ।

ଅଧିକ ବିବରଣୀ ପାଇଁ, ପରିଦର୍ଶନ କରନ୍ତୁ: **https://rbikehtahai.rbi.org.in**
ମତାମତ ପାଇଁ, **rbikehtahai@rbi.org.in** କୁ ଲେଖନ୍ତୁ
କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ
ଆନୁଷ୍ଠାନିକ ହ୍ୱାଟ୍ସଆପ୍ ନମ୍ବର **99990 41935**

ଜନହିତରେ ଜାରି କରିଛନ୍ତି
भारतीय रिज़र्व बैंक
RESERVE BANK OF INDIA
www.rbi.org.in

# ଆଧାର କାର୍ଡ କ'ଣ କେବଳ ପରିଚୟପତ୍ର?

### କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ



ନୂଆଦିଲ୍ଲୀ, ୧୬।୬(ଏଜେନ୍ସି): ଆଧାର କାର୍ଡକୁ ନାଗରିକତ୍ୱ ଏବଂ ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ଭାବରେ କରାଯାଉଥିବା କଥିତ ଅପବ୍ୟବହାରକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟ କେନ୍ଦ୍ର ସରକାର ଏବଂ ସମସ୍ତ ରାଜ୍ୟ ସରକାରଙ୍କ ଠାରୁ ଜବାବ ମାଗିଛନ୍ତି । ଏହି ମାମଲା ଦେଶର ନିର୍ବାଚନୀ ସ୍ୱଚ୍ଛତା ଏବଂ ଜାତୀୟ ସୁରକ୍ଷା ଉପରେ ପ୍ରଭାବ ପକାଇପାରେ ବୋଲି ଚେତାବନୀ ଦିଆଯାଇଛି । ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଭି. ମୋହନାଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଆଇନଜୀବୀ ଅଶ୍ୱିନୀ କୁମାର ଉପାଧ୍ୟାୟଙ୍କ ଦ୍ୱାରା ଦାଖଲ ହୋଇଥିବା ଏକ ଆବେଦନ ଉପରେ ଶୁଣାଣି କରି କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ନୋଟିସ ଜାରି କରିଛନ୍ତି । ଏହି ଆବେଦନରେ ଦର୍ଶାଯାଇଛି ଯେ, ଆଧାରର ବ୍ୟବହାର କେବଳ ପରିଚୟ ପ୍ରମାଣ ପାଇଁ ହେବା ଉଚିତ, କିନ୍ତୁ ଏହାକୁ ଭୁଲ ଭାବରେ ନାଗରିକତ୍ୱ ଏବଂ ବାସିନ୍ଦା ପ୍ରମାଣ ପତ୍ର ଭାବରେ ବ୍ୟବହାର କରାଯାଉଛି । ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଛି ଯେ, ନିୟମ ଅନୁଯାୟୀ ଆଧାର କେବଳ ପରିଚୟର ପ୍ରମାଣ । ଏହା ନାଗରିକତ୍ୱ କିମ୍ବା ବାସିନ୍ଦା ହେବାର ପ୍ରମାଣ ନୁହେଁ । ତଥାପି, ସ୍କୁଲ ଆଡମିଶନ, ସମ୍ପତ୍ତି କିଣାବିକା, ଜନ୍ମ ପ୍ରମାଣ ପତ୍ର ଏବଂ ଭୋଟର ତାଲିକାରେ ନାମ ପଞ୍ଜୀକରଣ (ଫର୍ମ-୬) ପାଇଁ ଆଧାରକୁ ବୟସ ଏବଂ ବାସସ୍ଥାନର ପ୍ରମାଣ ଭାବେ ବ୍ୟବହାର କରାଯାଉଛି । ଏହି କାରଣରୁ ଅନୁପ୍ରବେଶକାରୀ ଏବଂ ବେଆଇନ ପ୍ରବାସୀମାନେ ସହଜରେ ସରକାରୀ ଦଲିଲ ହାସଲ କରିବାରେ ସଫଳ ହେଉଛନ୍ତି । ଆବେଦନରେ ନିର୍ବାଚନ ପ୍ରକ୍ରିୟାରେ ବ୍ୟବହୃତ ଯାଞ୍ଚ ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ଆଣିବାକୁ ଦାବି କରାଯାଇଛି । ଏଥିସହିତ, ଜଣେ ଅବସରପ୍ରାପ୍ତ ସୁପ୍ରିମକୋର୍ଟ ବିଚାରପତିଙ୍କ ନେତୃତ୍ୱରେ ଏବଂ ସାଇବର ସିକ୍ୟୁରିଟି ଓ ଫୋରେନ୍ସିକ ବିଶେଷଜ୍ଞଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ମନିଟରିଂ କମିଟି ଗଠନ କରିବାକୁ ପ୍ରସ୍ତାବ ଦିଆଯାଇଛି, ଯାହା ଏହି ସଂସ୍କାରଗୁଡ଼ିକର ତଦାରଖ କରିବ ।

# ଭବାନୀପୁର ଫଳାଫଳକୁ ଚାଲେଞ୍ଜ କଲେ ମମତା



କୋଲକାତା, ୧୬।୬: ଭବାନୀପୁର ବିଧାନସଭା ନିର୍ବାଚନମଣ୍ଡଳୀ ଫଳାଫଳକୁ ଚାଲେଞ୍ଜ କରି କଲିକତା ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି ପଶ୍ଚିମ ବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଟିଏମସି ସୁପ୍ରିମୋ ମମତା ବାନାର୍ଜୀ । ଏହି ଆସନରେ ସେ ବିଜେପି ନେତା ଶୁଭେନ୍ଦୁ ଅଧିକାରୀଙ୍କ ଠାରୁ ୧୫ ହଜାରରୁ ଅଧିକ ଭୋଟରେ ହାରିଯାଇଥିଲେ । ନିର୍ବାଚନ ପିଟିସନ ଜରିଆରେ ସେ ଏହି ଫଳାଫଳକୁ ଚାଲେଞ୍ଜ କରିଛନ୍ତି । ଗତ ମଇ ୪ ତାରିଖରେ ରାଜ୍ୟ ବିଧାନସଭା ନିର୍ବାଚନର ଫଳାଫଳ ପ୍ରକାଶ ପାଇଥିଲା । ନିର୍ବାଚନରେ ବିଜେପିର ଐତିହାସିକ ବିଜୟ ପରେ ଶୁଭେନ୍ଦୁ ଅଧିକାରୀ ରାଜ୍ୟର ପ୍ରଥମ ବିଜେପି ମୁଖ୍ୟମନ୍ତ୍ରୀ ହୋଇଛନ୍ତି । ସୂଚନାଯୋଗ୍ୟ ।।ଯେ ୨୦୨୧ ନିର୍ବାଚନରେ ନନ୍ଦିଗ୍ରାମ ଆସନରେ ମମତା ୨ ହଜାର ଭୋଟରେ ଶୁଭେନ୍ଦୁଙ୍କ ଠାରୁ ହାରିଯାଇଥିଲେ । ଏହାକୁ ସେ ହାଇକୋର୍ଟରେ ଚାଲେଞ୍ଜ କରିଥିଲେ ଏବଂ କୋର୍ଟରେ ଏବେ ବି ମାମଲା ବିଚାରାଧୀନ ରହିଛି ।

## କାଲିଫର୍ଣ୍ଣିଆରେ ବି-୫୨ ବୋମାବର୍ଷି ବିମାନ ଦୁର୍ଘଟଣା; ୮ ମୃତ

କାଲିଫର୍ଣ୍ଣିଆ, ୧୬।୬(ଏଜେନ୍ସି): ଆମେରିକାର କାଲିଫର୍ଣ୍ଣିଆସ୍ଥିତ ଏଡୱାର୍ଡସ୍ ଏୟାରଫୋର୍ସ ବେସରେ ବାୟୁସେନାର ଏକ ବି-୫୨ ଷ୍ଟ୍ରାଟୋଫୋର୍ଟ୍ରେସ୍ ବୋମା ବର୍ଷଣକାରୀ ବିମାନ ପରୀକ୍ଷଣ ଉଡ଼ାଣ ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଛି । ଫଳରେ ବିମାନରେ ଥିବା ସମସ୍ତ ୮ ଜଣଙ୍କର ମୃତ୍ୟୁ ଘଟିଛି । ବିମାନଟି ସକାଳେ ଉଡ଼ାଣ ଆରମ୍ଭ କରିବାର କିଛି ସମୟ ପରେ ଦୁର୍ଘଟଣାଗ୍ରସ୍ତ ହୋଇ ଭୂମିରେ ପଡ଼ିଯାଇଥିଲା । ଏହାପରେ ସେଥିରେ ଭୟଙ୍କର ନିଆଁ ଲାଗିଯାଇଥିଲା । ମୃତକଙ୍କ ମଧ୍ୟରେ ବାୟୁସେନା କର୍ମଚାରୀଙ୍କ



ସମେତ ବିମାନ ପରୀକ୍ଷଣ କାର୍ଯ୍ୟରେ ନିୟୋଜିତ ବିଶେଷଜ୍ଞ ରହିଥିବା ଜଣାପଡ଼ିଛି । ଦୁର୍ଘଟଣା ପଛରେ ବିମାନର ଇଞ୍ଜିନ ବିଫଳତା କିମ୍ବା ଫ୍ଲାଇଟ୍ କଣ୍ଟ୍ରୋଲ ସିଷ୍ଟମରେ ତ୍ରୁଟି ଥିବା ବିମାନ ସୁରକ୍ଷା ବିଶେଷଜ୍ଞ ସନ୍ଦେହ କରିଛନ୍ତି । ଏହା ବ୍ୟତୀତ ରକ୍ଷଣାବେକ୍ଷଣ ପରବର୍ତ୍ତୀ ସମସ୍ୟା କିମ୍ବା ପରୀକ୍ଷଣ କରାଯାଉଥିବା ଉପକରଣର ବିଫଳତା ମଧ୍ୟ ଏହାର କାରଣ ହୋଇଥାଇପାରେ ବୋଲି କୁହାଯାଇଛି । ବିମାନରେ କୌଣସି ମାରାତ୍ମକ ଅସ୍ତ୍ରଶସ୍ତ୍ର ଥିଲା କି ନାହିଁ, ସେ ନେଇ ଅଧିକାରୀମାନେ କୌଣସି ସ୍ପଷ୍ଟ ସୂଚନା ଦେଇନାହାନ୍ତି । ବି-୫୨ ହେଉଛି ଏକ ଦୂରଗାମୀ ଭାରୀ ବୋମା ବର୍ଷଣକାରୀ ବିମାନ, ଯାହା ୧୯୫୫ରୁ ଆମେରିକୀୟ ବାୟୁସେନାରେ ରହିଛି ।

## ପାଟ୍ରୋଲିଂ ବେଳେ ବିସ୍ଫୋରଣ, ୩ ଯବାନ ଆହତ

ଶ୍ରୀନଗର, ୧୬।୬(ଏଜେନ୍ସି): ଜମ୍ମୁ-କାଶ୍ମୀରର ରାଜୌରୀ ସେକ୍ଟରରେ ନିୟନ୍ତ୍ରଣ ରେଖା (ଏଲ୍ଓସି) ନିକଟରେ ଏକ ବିସ୍ଫୋରଣ ଘଟି ୩ ଜଣ ସେନା କର୍ମଚାରୀ ଆହତ ହୋଇଛନ୍ତି । ମଙ୍ଗଳବାର ସେନା ପକ୍ଷରୁ ନିୟମିତ ପାଟ୍ରୋଲିଂ ସମୟରେ ଏହି ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି । ଆହତମାନଙ୍କ ମଧ୍ୟରେ ଜଣେ ଜୁନିୟର କମିଶନଡ୍ ଅଫିସର ମଧ୍ୟ ଅନ୍ତର୍ଭୁକ୍ତ ଅଛନ୍ତି । ବିସ୍ଫୋରଣ ପରେ ତୁରନ୍ତ ସମସ୍ତ ଆହତ ଯବାନଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ନିକଟସ୍ଥ ଏକ ସାମରିକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ତେବେ ଏହି ବିସ୍ଫୋରଣର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ । କେଉଁ ପରିସ୍ଥିତିରେ ଏହି ଘଟଣା ଘଟିଲା, ସେ ନେଇ ସୁରକ୍ଷା ଏଜେନ୍ସିଗୁଡ଼ିକ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି । ବର୍ତ୍ତମାନ ସୁଦ୍ଧା ସେନା କିମ୍ବା ପ୍ରଶାସନ ପକ୍ଷରୁ ଏ ସମ୍ପର୍କରେ ଅଧିକ ବିବରଣୀ ପ୍ରଦାନ କରାଯାଇ ନାହିଁ । ସୁରକ୍ଷା ଦୃଷ୍ଟିରୁ ସମ୍ପୃକ୍ତ ଅଞ୍ଚଳରେ ଅନୁସନ୍ଧାନ ଜାରି ରହିଛି ।

# ମୋ ବିନା ଇସ୍ରାଏଲର ଅସ୍ତିତ୍ୱ ନାହିଁ



- ନେତନ୍ୟାହୁଙ୍କୁ ସତର୍କ କରାଇଲେ ଟ୍ରମ୍ପ
- ଇସ୍ରାଏଲ ଯୋଗୁଁ ନିରୀହ ଲୋକଙ୍କ ମୃତ୍ୟୁ ଘଟୁଛି
- ହେଜବୁଲ୍ଲା ଦାୟିତ୍ୱ ସିରିଆକୁ ଦିଆଯାଉ

ୱାଶିଂଟନ, ୧୬।୬: ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା ଲାଗି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଉଦ୍ୟମ ଚଳାଇଥିବା ବେଳେ ଏହାକୁ ଭଣ୍ଡୁର କରିବାକୁ ଉଦ୍ୟମ କରୁଛନ୍ତି ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତନ୍ୟାହୁ । ବାରମ୍ବାର ତାଗିଦ ସତ୍ତ୍ୱେ ଲେବାନନ ଉପରେ ଇସ୍ରାଏଲ ଆକ୍ରମଣ କରୁଥିବାରୁ ଏଥିରେ ବିରକ୍ତି ପ୍ରକାଶ କରିଛନ୍ତି ଟ୍ରମ୍ପ । ସେ କହିଛନ୍ତି ଯେ ଇସ୍ରାଏଲ ପାଇଁ ସେ ଯାହା କରିଛନ୍ତି ଆମେରିକାର କୌଣସି ରାଷ୍ଟ୍ରପତି କରି ନାହାନ୍ତି । ସେ ଜାଣିବା ଦରକାର ଯେ, 'ମୋ ବିନା ଇସ୍ରାଏଲର କୌଣସି ଅସ୍ତିତ୍ୱ ନାହିଁ ।' ତେଣୁ ଲେବାନନ୍ ମାମଲାରେ ନେତନ୍ୟାହୁଙ୍କୁ ଦାୟିତ୍ୱବାନ ହୋଇ କାମ କରିବାକୁ ପଡ଼ିବ । ନେତନ୍ୟାହୁଙ୍କ ଯୋଗୁଁ ଲେବାନନରେ ଶହଶହ ନିରୀହ ଲୋକଙ୍କର ମୃତ୍ୟୁ ଘଟୁଛି । ସିରିଆର ରାଷ୍ଟ୍ରପତି ଅହମଦ ଅଲ ସାହାରାଙ୍କ ସହିତ ଆଲୋଚନା ପରେ ଟ୍ରମ୍ପ କହିଛନ୍ତି ଯେ ନେତନ୍ୟାହୁ ଯେଉଁଭଳି ବ୍ୟବହାର ପ୍ରଦର୍ଶନ କରୁଛନ୍ତି, ତାହା ତାଙ୍କୁ ବିସ୍ମିତ କରିଛି । ତାଙ୍କର ବାରଣ ସତ୍ତ୍ୱେ ସେ ଲେବାନନ ଉପରେ ଆକ୍ରମଣ କରି ଚାଲିଛନ୍ତି । ଆତଙ୍କବାଦୀ ସଂଗଠନ ହେଜବୁଲ୍ଲା ଉପରେ ଆକ୍ରମଣ ବେଳେ ଶହ ଶହ ନିରୀହ ଲୋକଙ୍କର ମୃତ୍ୟୁ ଘଟୁଛି । ଏହା ଆଦୌ ଗ୍ରହଣୀୟ ନୁହେଁ । ଯାହା ଜଣାପଡୁଛି ଯେ ହେଜବୁଲ୍ଲାର ମୁକାବିଲାରେ ଇସ୍ରାଏଲକୁ ସଫଳତା ମିଳୁନାହିଁ । ହେଜବୁଲ୍ଲା ତ ମୂଳପୋଛ ହେଉନାହିଁ, କିନ୍ତୁ ନିରୀହ ଲୋକଙ୍କର ମୃତ୍ୟୁ ଘଟୁଛି । ତେଣୁ ଇସ୍ରାଏଲ ଏବେ ଏଥିରୁ ବିରତ ରହୁ । ହେଜବୁଲ୍ଲାର ମୁକାବିଲା ଦାୟିତ୍ୱ ସିରିଆ ରାଷ୍ଟ୍ରପତିଙ୍କୁ ଦିଆଯାଉ । ସେ ଏହି ସଂଗଠନର ଠିକ୍ ମୁକାବିଲା କରିପାରିବେ । ବର୍ତ୍ତମାନ ସୁଦ୍ଧା ଅହମଦ ଭଲ କାମ କରୁଛନ୍ତି ଏବଂ ସେ ହିଁ ହେଜବୁଲ୍ଲାର ଦମନ କରିପାରିବେ । ଅହମଦ ଜଣେ ପୂର୍ବତନ ଜେହାଦୀ ହୋଇଥିବାରୁ ହେଜବୁଲ୍ଲାର ଦମନ ପାଇଁ ତାଙ୍କ ପାଖରେ ରଣନୀତି ରହିଛି । ଏହି ଦାୟିତ୍ୱ ତାଙ୍କୁ ଦିଆଯାଉ । ଇସ୍ରାଏଲ ଦୀର୍ଘ ବର୍ଷ ହେଲା ସଂଘର୍ଷ କରୁଛି, କିନ୍ତୁ ପାରୁନାହିଁ । ଫ୍ରାନ୍ସରେ ଚାଲିଥିବା ଜି-୭ ଶୀର୍ଷ ସମ୍ମିଳନୀ ଅବସରରେ ଇସ୍ରାଏଲକୁ ଏଭଳି ବାର୍ତ୍ତା ଦେଇଛନ୍ତି ।

## ନିଷିଦ୍ଧ ପରେ ବି ଟେଲିଗ୍ରାମ ସକ୍ରିୟ

ନୂଆଦିଲ୍ଲୀ, ୧୬।୬(ଏଜେନ୍ସି): ଭାରତ ସରକାର ନିଟ୍ ପୁନଃ ପରୀକ୍ଷାରେ ଜାଲିଆତି ରୋକିବା ପାଇଁ ଦେଶରେ ଟେଲିଗ୍ରାମ ଆପ୍‌କୁ ସାମୟିକ ଭାବେ ନିଷିଦ୍ଧ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ମାତ୍ର ଏହି କଟକଣା ସତ୍ତ୍ୱେ ଆପ୍ ଏବେ ମଧ୍ୟ ସକ୍ରିୟ ରହିବା ଦେଶର ବୈଷୟିକ ଦକ୍ଷତା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଆସନ୍ତା ଜୁନ୍ ୨୧ରେ ନିଟ୍ ପୁନଃ ପରୀକ୍ଷାରେ କପି ରୋକିବା ପାଇଁ ସରକାର ମଙ୍ଗଳବାର ଟେଲିଗ୍ରାମ ପ୍ରତିବନ୍ଧକ ଲଗାଇଛନ୍ତି । ସରକାରୀ ଘୋଷଣାର କିଛି ଘଣ୍ଟା ପରେ ମଧ୍ୟ ଟେଲିଗ୍ରାମ ଆପ୍ ସାଧାରଣ ଭାବେ କାମ କରୁଥିବା ଦେଖାଯାଇଛି । ଜୁନ୍ ୧୬ ସନ୍ଧ୍ୟା ସୁଦ୍ଧା ଆପ୍, ଟେଲିଗ୍ରାମ ୱେବସାଇଟ୍ ଏବଂ ଏକ ଡୋମେନ୍‌ରେ ସମ୍ପୂର୍ଣ୍ଣ ରୂପେ ଉପଲବ୍ଧ ରହିଥିଲା । ତେବେ ଗୁଗୁଲ୍ ପ୍ଲେ ଷ୍ଟୋରରୁ ଏହି ଆପକୁ ହଟାଇ ଦିଆଯାଇଛି । ତଥାପି ଏହା ଅନ୍ୟାନ୍ୟ ୱେବ୍ ଆପ୍ ଷ୍ଟୋର ଏବଂ ଏପିକେ ମାଧ୍ୟମରେ ଏହା ସହଜରେ ମିଳିପାରୁଛି । ଟେଲିଗ୍ରାମକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ଅସମ୍ଭବ ହୋଇଛି ।ସାଧାରଣତଃ ଭାରତୀୟ ଇଣ୍ଟରନେଟ୍ ସେବା ପ୍ରଦାନକାରୀମାନେ ଡିଏନ୍‌ଏସ୍ ବ୍ଲକିଂ ମାଧ୍ୟମରେ ୱେବସାଇଟ୍ ବନ୍ଦ କରନ୍ତି । କିନ୍ତୁ ଟେଲିଗ୍ରାମର ବୈଷୟିକ ସୁରକ୍ଷା ବ୍ୟବସ୍ଥା ଏହାକୁ ଏଡ଼ାଇବାରେ ସକ୍ଷମ ।



ଫ୍ରାନ୍ସରେ ଜି-୭ ଶିଖର ସମ୍ମିଳନୀ ଅବସରରେ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ, ଇଟାଲୀ ପ୍ରଧାନମନ୍ତ୍ରୀ ମେଲୋନୀ ଓ ଫ୍ରାନ୍ସ ରାଷ୍ଟ୍ରପତି ମାକ୍ରୋନଙ୍କ ସହ ପ୍ରଧାନମନ୍ତ୍ରୀ ମୋଦୀ । ଗତ ୧୬ ମାସରେ ପ୍ରଥମ ଥର ଲାଗି ମୋଦୀ ଓ ଟ୍ରମ୍ପ ମୁହାଁମୁହିଁ ହୋଇଛନ୍ତି । ଟ୍ରମ୍ପଙ୍କ ଶୁଳ୍କ ଯୁଦ୍ଧ ଯୋଗୁଁ ଭାରତ ସହ ସଂପର୍କ ତିକ୍ତ ହୋଇଥିଲା ।

### ଟିଏମ୍‌ସି ବିଭାଜନ

## ଅଭିଷେକ ବାନାର୍ଜୀଙ୍କୁ ମିଳିଲା ମାତ୍ର ଦୁଇ ଘଣ୍ଟାର ନୋଟିସ

ନୂଆଦିଲ୍ଲୀ, ୧୬।୬(ଏଜେନ୍ସି): ତୃଣମୂଳ କଂଗ୍ରେସ (ଟିଏମ୍‌ସି)ରେ ହୋଇଥିବା ବିଭାଜନ ଫଳରେ ଦଳରୁ ପୃଥକ ହୋଇଥିବା ବିଦ୍ରୋହୀ ସାଂସଦମାନେ ଏକ ଅଖ୍ୟାତ ନ୍ୟାସନାଲିଷ୍ଟ ସିଟିଜେନ୍ସ ପାର୍ଟି ଅଫ୍ ଇଣ୍ଡିଆ (ଏନ୍‌ସିପିଆଇ) ସହ ମିଶ୍ରଣ କରିବାକୁ ପ୍ରସ୍ତାବ ଦେଇଛନ୍ତି । ମିଶ୍ରଣକୁ ସ୍ୱୀକୃତି ପ୍ରଦାନ କରିବା ନେଇ ଲୋକସଭା ବାଚସ୍ପତି ଓମ ବିର୍ଲା ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ଜଣାପଡ଼ିଛି । ଏହି ରାଜନୈତିକ ସଙ୍କଟ ମଧ୍ୟରେ କୋଲକାତାରେ ପ୍ରାଥମିକ ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସୋମବାର ଟିଏମସି ନେତା ଅଭିଷେକ ବାନାର୍ଜୀଙ୍କୁ ପଚରାଉଚରା କରିଛି । ଏହି ସମୟରେ ବାଚସ୍ପତିଙ୍କ କାର୍ଯ୍ୟାଳୟରୁ ତାଙ୍କୁ ମାତ୍ର ୨ ଘଣ୍ଟାର ନୋଟିସ ଦିଆଯାଇ ଏକ ବୈଠକ ପାଇଁ ଡକାଯାଇଥିଲା । ଦ୍ୱିପ୍ରହର ୨ଟାରେ ଇମେଲ ମାଧ୍ୟମରେ ମିଳିଥିବା ଏହି ନୋଟିସରେ ତାଙ୍କୁ ଅପରାହ୍ଣ ୪ଟାରେ ବାଚସ୍ପତିଙ୍କୁ ଭେଟିବାକୁ କୁହାଯାଇଥିଲା । ଏହା ପରେ ଟିଏମସି ସାଂସଦ କୀର୍ତ୍ତି ଆଜାଦ ବାଚସ୍ପତିଙ୍କୁ ଭେଟି ଜଣାଇଥିଲେ ଯେ, ବାନାର୍ଜୀ ତଦନ୍ତକାରୀ ସଂସ୍ଥାକୁ ସହଯୋଗ କରୁଥିବାରୁ ଉକ୍ତ ବୈଠକରେ ଉପସ୍ଥିତ ରହିପାରିବେ ନାହିଁ । ଟିଏମସିର ପ୍ରାୟ ୨୦ ଜଣ ସାଂସଦ (ସମୁଦାୟ ସଂଖ୍ୟାର ଦୁଇ-ତୃତୀୟାଂଶ) ଦଳରୁ ଅଲଗା ହୋଇ ଏନ୍‌ସିପିଆଇ ସହ ମିଶ୍ରଣ ପାଇଁ ଘୋଷଣା କରିଛନ୍ତି । ବିଦ୍ରୋହୀ ସାଂସଦ କାକୋଲି ଘୋଷ ଦସ୍ତିଦାରଙ୍କ ଅନୁଯାୟୀ, ସେମାନେ ବାଚସ୍ପତିଙ୍କୁ ଭେଟି ସଂସଦରେ ପୃଥକ ବସିବା ବ୍ୟବସ୍ଥା ପାଇଁ ଆବେଦନ କରିଛନ୍ତି ଏବଂ ଆଗାମୀ ଦିନରେ ଏନ୍‌ଡିଏକୁ ସମର୍ଥନ କରିବେ । ଏହି ଗୋଷ୍ଠୀ ନିଜକୁ ପ୍ରକୃତ ଟିଏମସି ଭାବେ ଦାବି କରିବାକୁ ମଧ୍ୟ ଯୋଜନା କରୁଛନ୍ତି । ଏହି ମିଶ୍ରଣକୁ ସ୍ୱୀକୃତି ଦେବା ପୂର୍ବରୁ ବାଚସ୍ପତି ଓମ ବିର୍ଲା ଉଭୟ ବିଦ୍ରୋହୀ ପକ୍ଷ ଏବଂ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ମୂଳ ଟିଏମସିର ପକ୍ଷ ଶୁଣିବେ । ବାଚସ୍ପତି ଏହି ମାମଲାରେ କେନ୍ଦ୍ର ଆଇନ ମନ୍ତ୍ରଣାଳୟର ଲିଖିତ ପରାମର୍ଶ ଲୋଡ଼ିବେ, ଯାହା ଦ୍ୱାରା ତାଙ୍କ ନିଷ୍ପତ୍ତି ଅଦାଲତରେ ଆଇନଗତ ଭାବେ ସୁଦୃଢ଼ ରହିପାରିବ । ସମ୍ବିଧାନ ଅନୁଯାୟୀ କେବଳ ଏକ ରାଜନୈତିକ ଦଳ ଅନ୍ୟ ଏକ ଦଳ ସହ ମିଶ୍ରଣ କରିପାରିବ, କେବଳ ସାଂସଦ ବା ବିଧାୟକମାନେ ନିଜେ ମିଶ୍ରଣ କରିପାରିବେ ନାହିଁ । ଅନ୍ୟପଟେ, ଜଣେ ପୂର୍ବତନ ନିର୍ବାଚନ କମିଶନ ଅଧିକାରୀ ଏହି ମିଶ୍ରଣ ପ୍ରକ୍ରିୟାକୁ ଏକ ଅଭିନବ ପ୍ରୟାସ ଭାବେ ବର୍ଣ୍ଣନା କରିଛନ୍ତି ।

### ଅଯୋଧ୍ୟା ରାମ ମନ୍ଦିର ଦାନ ଚୋରି ମାମଲା

## ମନ୍ଦିର କର୍ମଚାରୀଙ୍କ ଘରେ ବିପୁଳ ସୁନା, ୫୦ କୋଟିର ସଂପତ୍ତି


ଅଯୋଧ୍ୟା, ୧୬।୬(ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଦ୍ୱାରା ଅର୍ପଣ କରାଯାଇଥିବା ଦାନ ଓ ବହୁମୂଲ୍ୟ ଅଳଙ୍କାର ଚୋରି ଅଭିଯୋଗରେ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ପକ୍ଷରୁ ତଦନ୍ତ ଜୋରଦାର କରାଯାଇଛି । ଗତ ଜୁନ୍ ୭ରେ ଏହି ଘଟଣା ସାମ୍ନାକୁ ଆସିବା ପରେ ଏସଆଇଟି ଏହାର ଖୋଳତାଡ଼ ଜାରି ରଖିଥିବା ବେଳେ ଧିରେ ଧିରେ ଅନେକ ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସିଛି । ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟଙ୍କ ନିକଟତମ ସହଯୋଗୀ ରାମଶଙ୍କର ଯାଦବ ଓରଫ ତିନ୍ନୁଙ୍କ ବାସଭବନରୁ ଅଘୋଷିତ ପରିମାଣର ସୁନା ଜବତ କରାଯାଇଛି, ଯାହାର ମୂଲ୍ୟ କୋଟି କୋଟି ଟଙ୍କା ହେବ ବୋଲି ଅନୁମାନ କରାଯାଉଛି । ଏସଆଇଟି



ଅଯୋଧ୍ୟା ଏବଂ ଲକ୍ଷ୍ନୌରେ ତିନ୍ନୁଙ୍କର ପ୍ରାୟ ୫୦ କୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରିଛି । ଜଣେ ସାଧାରଣ ଅଟୋ ଚାଳକ ଭାବେ ଜଣାଶୁଣା ତିନ୍ନୁଙ୍କର ବର୍ତ୍ତମାନ ଅଯୋଧ୍ୟା ବିମାନବନ୍ଦର ନିକଟରେ ୭୦ଟି ରୁମ୍ ବିଶିଷ୍ଟ ଏକ ବିଶାଳ ହଷ୍ଟେଲ ରହିଥିବା ଜଣାପଡ଼ିଛି । ମନ୍ଦିର ନିର୍ମାଣ ଦାୟିତ୍ୱରେ ଥିବା ଗୋପାଳ ରାଓଙ୍କ ପୁତୁରା ସୋମେଶ ଆନନ୍ଦଙ୍କ ଭୂମିକାକୁ ନେଇ ମଧ୍ୟ ସନ୍ଦେହ ଉପୁଜିଛି । ସୂତ୍ର ଅନୁସାରେ, ସୋମେଶ ଗତ ଏକ ବର୍ଷ ମଧ୍ୟରେ ଭାରତର ବିଭିନ୍ନ ସ୍ଥାନକୁ ୫୦ରୁ ଅଧିକ ଥର ଯାତ୍ରା କରିଥିବା ଜଣାପଡ଼ିଛି । ସେ ଟ୍ରେନରେ ବଡ଼ ବଡ଼ ବ୍ୟାଗ୍ ଧରି ଯାଉଥିବା ବେଳେ ବିମାନରେ ବିନା କୌଣସି ଜିନିଷପତ୍ରରେ ଫେରୁଥିଲେ । ଏହି ମାମଲାରେ ଏସଆଇଟି ଅନ୍ୟ ୮ ରୁ ୧୦ ଜଣ କର୍ମଚାରୀଙ୍କୁ ମଧ୍ୟ ପଚରାଉଚରା କରିଛି । ଅଳଙ୍କାର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା କେଡି ତିୱାରୀଙ୍କ ଘରେ ମଧ୍ୟ ଚଢ଼ାଉ କରାଯାଇଛି । ତିୱାରୀ ପ୍ରାୟ ୧.୫ କୋଟି ଟଙ୍କାର ଜମି କିଣିଥିବା ନେଇ ତଦନ୍ତ ଚାଲିଛି । ଏହା ପୂର୍ବରୁ ଦୁଇ ବର୍ଷ ତଳେ ଝୁଲଣ ଯାତ୍ରା ସମୟରେ ଭଗବାନଙ୍କ ସୁନା ମୁକୁଟ ନିଖୋଜ ହେବା ଭଳି ଘଟଣା ମଧ୍ୟ ଘଟିଥିଲା ।

# ଟିଏମ୍‌ସି ପରେ ଏବେ ଅଶାନ୍ତ ହେଉଛି ଉଦ୍ଧବ ସେନା

### ବୈଠକକୁ ଆସିଲେ ନାହିଁ ୫ ସାଂସଦ



ମୁମ୍ବଇ, ୧୬।୬(ଏଜେନ୍ସି): ମମତା ବାନାର୍ଜୀଙ୍କ ଟିଏମସି ପରେ ଏବେ ଅଶାନ୍ତ ହୋଇପଡ଼ିଛି ଉଦ୍ଧବ ଠାକରେଙ୍କ ଶିବ ସେନା । ଲୋକସଭାରେ ଏହାର ସସଦୀୟ ଦଳରେ ବିଭାଜନ ପାଇଁ ଉଦ୍ୟମ କରାଯାଉଥିବା କୁହାଯାଉଛି । ଏଭଳି ଖବର ମଧ୍ୟରେ ଅନେକ ଦଳୀୟ ସାଂସଦ ଧରାଛୁଆଁ ଦେଉ ନାହାନ୍ତି । କିଛି ଦିନ ତଳେ ଉଦ୍ଧବ ତାଙ୍କର ସାଂସଦଙ୍କ ଏକ ବୈଠକ ଡକାଇଥିଲେ । କିନ୍ତୁ ୯ ଜଣ ସାସଦଙ୍କ ମଧ୍ୟରୁ ମାତ୍ର ୪ ଜଣ ଉପସ୍ଥିତ ଥିବା ବେଳେ ଅନ୍ୟ ୫ ଜଣ ଭିଡିଓ କନଫେନେସିଂ ଜରିଆରେ ଯୋଡ଼ି ହୋଇଥିଲେ । ଏହାକୁ ନେଇ ଅପରେସନ୍ ଟାଇଗର ମାଧ୍ୟମରେ ସାଂସଦମାନଙ୍କୁ ନିଜ ଆଡକୁ ଟାଣିବା ପାଇଁ ଚେଷ୍ଟା କରାଯାଉଥିବା ଗୁଜବ ଜୋର ଧରିଥିଲା । ଏହି ପ୍ରସଙ୍ଗରେ ଉଦ୍ଧବ ଠାକରେ କହିଛନ୍ତି ଯେ ସେ କାହା ଉପରେ ଚାପ ପକାଇବାକୁ ଚାହୁଁନାହାଁନ୍ତି । ସେ କହିଛନ୍ତି, 'ଆଜି ମୋର ସମୟ ନୁହେଁ, କିନ୍ତୁ ଆଗାମୀ କାଲି ନିଶ୍ଚିତ ଭାବେ ମୋର ହେବ । ସେପର୍ଯ୍ୟନ୍ତ ଆମକୁ ଧୈର୍ଯ୍ୟ ଧରିବାକୁ ପଡ଼ିବ' । ୨୦୨୨ରେ ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ହୋଇଥିବା ବିଭାଜନକୁ ମନେ ପକାଇ ଉଦ୍ଧବ କହିଛନ୍ତି ଯେ, ସେତେବେଳେ ମଧ୍ୟ ସେ ବିଦ୍ରୋହ ବିଷୟରେ ଜାଣିଥିଲେ କିନ୍ତୁ କାହାକୁ ଅଟକାଇ ନଥିଲେ । ଯେଉଁମାନେ ବାଲାସାହେବ ଠାକରେଙ୍କ ଦ୍ୱାରା ପ୍ରତିଷ୍ଠିତ ଶିବସେନା ଛାଡିଛନ୍ତି, ସେମାନେ ଦିନେ ନିଶ୍ଚିତ ଭାବେ ଅନୁତାପ କରିବେ ବୋଲି ସେ କହିଛନ୍ତି । ଅନ୍ୟପଟେ ଆଦିତ୍ୟ ଠାକରେ ଏବଂ ସଞ୍ଜୟ ରାଉତ ଏହି ଦଳବଦଳ ଚର୍ଚ୍ଚାକୁ ସମ୍ପୂର୍ଣ୍ଣ ଭାବେ ଖଣ୍ଡନ କରିଛନ୍ତି । ସମସ୍ତ ୯ ଜଣ ସାଂସଦ ଦଳ ସହିତ ଅଛନ୍ତି ଏବଂ ଅନେକ ସାଂସଦ ଭର୍ଚୁଆଲ୍ ମାଧ୍ୟମରେ ବୈଠକରେ ଯୋଗ ଦେଇଥିଲେ ବୋଲି ଆଦିତ୍ୟ କହିଛନ୍ତି । ସଞ୍ଜୟ ରାଉତ ବିରୋଧୀଙ୍କ 'ଅପରେସନ୍ ଟାଇଗର'ର ଜବାବ 'ଅପରେସନ୍ ୱଲଫ୍' ମାଧ୍ୟମରେ ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି । ଏହି ବିବାଦ ମଧ୍ୟରେ କେନ୍ଦ୍ର ମନ୍ତ୍ରୀ ତଥା ସିନ୍ଦେ ଗୋଷ୍ଠୀର ନେତା ପ୍ରତାପରାଓ ଯାଦବ ଦାବି କରିଛନ୍ତି ଯେ, ୟୁବିଟି ଗୋଷ୍ଠୀର ଅନେକ ସାଂସଦ ନେତୃତ୍ୱ ଉପରେ ଅସନ୍ତୁଷ୍ଟ ଅଛନ୍ତି ଏବଂ ସେମାନଙ୍କ ମଧ୍ୟରୁ କିଛି ଏକନାଥ ସିନ୍ଦେଙ୍କ ସମ୍ପର୍କରେ ରହିଛନ୍ତି ।

## ରାହୁଲ ଗାନ୍ଧୀ ବିଶ୍ୱାସଘାତକ ଓ ଅପରିପକ୍ୱ: ଡିଏମ୍‌କେ



ଚେନ୍ନଇ, ୧୬।୬(ଏଜେନ୍ସି): ବିରୋଧୀ ଇଣ୍ଡିଆ ମେଣ୍ଟ ମଧ୍ୟରେ ବିବାଦ ବଢ଼ିବାରେ ଲାଗିଛି । ତାମିଲନାଡୁର ପ୍ରମୁଖ ଶାସକ ଦଳ ଡିଏମକେ, କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଉପରେ ଶାଣିତ ଆକ୍ରମଣ କରିବା ସହ ତାଙ୍କୁ ବିଶ୍ୱାସଘାତକ ଏବଂ ଅପରିପକ୍ୱ ବୋଲି ଆକ୍ଷେପ କରିଛି । ଡିଏମକେ ଅନୁଯାୟୀ, କଂଗ୍ରେସ ରାଜ୍ୟସ୍ତରୀୟ ନିର୍ବାଚନରେ ମେଣ୍ଟର ସହଯୋଗୀ ଦଳଗୁଡ଼ିକୁ ଦୁର୍ବଳ କରିବା ପାଇଁ ଅସାଧୁ ଉପାୟ ଅବଲମ୍ବନ କରୁଛି, କିନ୍ତୁ ପରବର୍ତ୍ତୀ ସମୟରେ ଲୋକସଭା ନିର୍ବାଚନ ପାଇଁ ସେମାନଙ୍କ ସମର୍ଥନ ଲୋଡୁଛି । ଡିଏମକେର ମୁଖପତ୍ର 'ମୁରାସୋଲି' ଏକ ସମ୍ପାଦକୀୟରେ ଉଲ୍ଲେଖ କରିଛି ଯେ, ରାହୁଲଙ୍କ ଆଶୀର୍ବାଦରେ କଂଗ୍ରେସ ତାମିଲନାଡୁ ବିଧାନସଭା ନିର୍ବାଚନରେ ଡିଏମକେ ସହ ବିଶ୍ୱାସଘାତକତା କରିଛି । ଏହି କାରଣରୁ ଦୁଇ ଦଳ ମଧ୍ୟରେ ଥିବା ଦଶନ୍ଧି ପୁରୁଣା ମେଣ୍ଟ ଭାଙ୍ଗିଯାଇଛି । ନିକଟରେ କଂଗ୍ରେସ ଡିଏମକେ ନେତୃତ୍ୱାଧୀନ ମେଣ୍ଟ ଛାଡ଼ି ଶାସକ ଟିଭିକେ ସହ ସାମିଲ ହେବା ଘଟଣାକୁ ନେଇ ମଧ୍ୟ ସମ୍ପାଦକୀୟରେ କଡ଼ା ସମାଲୋଚନା କରାଯାଇଛି । ମୁରାସୋଲିରେ ରାହୁଲଙ୍କୁ ପରିହାସ କରାଯାଇ କୁହାଯାଇଛି ଯେ, ସେ ପ୍ରତିଟି ରାଜ୍ୟରେ ବିରୋଧୀ ସେ ଏକତାକୁ ନଷ୍ଟ କରିଛନ୍ତି । ସିପିଆଇ ସାଧାରଣ ସମ୍ପାଦକ ଡି. ରାଜା ରାହୁଲଙ୍କ ବକ୍ତବ୍ୟକୁ ରାଜନୈତିକ ଅପରିପକ୍ୱତାର ପ୍ରତୀକ ବୋଲି କହିଛନ୍ତି । ସେହିପରି ସିପିଆଇ(ଏମ) ସାଂସଦ ଜନ ବ୍ରିଟାସ ତାଙ୍କୁ ମିଥ୍ୟାବାଦୀ ବୋଲି ଆକ୍ଷେପ କରିଛନ୍ତି । କେବଳ ଡିଏମକେ ନୁହେଁ, ବରଂ ସମାଜବାଦୀ ପାର୍ଟିର ଅଖିଳେଶ ଯାଦବ ଏବଂ ଆରଜେଡିର ତେଜସ୍ୱୀ ଯାଦବ ମଧ୍ୟ କଂଗ୍ରେସର କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ତେଜସ୍ୱୀ ଯାଦବ ଅଭିଯୋଗ କରିଛନ୍ତି ଯେ, ବିହାରରେ କଂଗ୍ରେସ ଏବଂ ବିଜେପି ନେତାଙ୍କ ମଧ୍ୟରେ ଗୋପନୀୟ ବୁଝାମଣା ରହିଛି ।

### ହେପାଜତରୁ ଖସିବାକୁ ପୁଲିସ୍‌କୁ ଗୁଳି

## ଏନ୍‌କାଉଣ୍ଟର୍‌ରେ କୁଖ୍ୟାତ ଅପରାଧୀ ପ୍ରଭାତ ଜଖମ

କେନ୍ଦୁଝର, ୧୬।୬(ସମିସ): ଲୁଟ୍, ଡକାୟତି, ଛିନ୍‌ତାଇ ଭଳି ୪୦ରୁ ଊର୍ଦ୍ଧ୍ୱ ସଂଗିନ୍ ଆପରାଧିକ ମାମଲାରେ ଜଡ଼ିତ କୁଖ୍ୟାତ ଅପରାଧୀ ପ୍ରଭାତ ମଲ୍ଲିକକୁ କେନ୍ଦୁଝର ସଦର ଥାନା ପୁଲିସ ଏନ୍‌କାଉଣ୍ଟର୍ କରିଛି। ଲୁଟ୍ ଟଙ୍କା ଉଦ୍ଧାର କରିବା ପାଇଁ ପୁଲିସ ଆଜି ତାକୁ ମହୁଲଡିହା ଜଙ୍ଗଲକୁ ନେଇଥିବା ବେଳେ ସେ ପୁଲିସ୍ ଉପରକୁ ଗୁଳି ଚଳାଇ ଖସିଯିବାକୁ ଚେଷ୍ଟା କରିଥିଲା। ଏହି ସମୟରେ ପୁଲିସ୍ ଗୁଳିରେ ସେ ଜଖମ ହୋଇଥିଲା। ତା' ଡାହାଣ ଗୋଡ଼ ଆଣ୍ଠୁ ତଳେ ଗୋଟିଏ ଗୁଳି ବାଜିଛି। ଗୁରୁତର ଅବସ୍ଥାରେ ପୁଲିସ୍ ତାକୁ କେନ୍ଦୁଝର ଧରଣୀଧର ମେଡିକାଲ କଲେଜରେ ଭର୍ତ୍ତି କରାଇଛି।

**ବିଭିନ୍ନ ଥାନାରେ ୪୦ରୁ ଅଧିକ ସଂଗୀନ ମାମଲା**

ପୁଲିସ ସୂଚନାନୁସାରେ, ପ୍ରଭାତ ଜଣେ କୁଖ୍ୟାତ ଓ ପେସାଦାର ଅପରାଧୀ। ତା' ନାଁରେ ଜିଲ୍ଲାର ଏକାଧିକ ଥାନାରେ ସଂଗିନ୍ ମାମଲା ରହିଛି। ଗତ ମେ' ୧୮ ତାରିଖ ଦିନ ପ୍ରାୟ ସାଢ଼େ ୧୦ଟା ବେଳେ ହିତାଧିକାରୀଙ୍କୁ ଭତ୍ତା ଟଙ୍କା ଦେବା ପାଇଁ ବାଉରିପଦା ପଞ୍ଚାୟତ ନିର୍ବାହୀ ଅଧିକାରୀ ତୁଷାରଜ୍ୟୋତି ସୋରେନ ଏବଂ ଏଡିଇଓ ଅଭିମନ୍ୟୁ ସାହୁ ଏକ ସ୍କୁଟିରେ ୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ନେଇ ଯାଉଥିବା ବେଳେ ପ୍ରଭାତ ଓ ତା'ର ଦୁଇ ସହଯୋଗୀ ଗୁଳି ଫୁଟାଇ ଦୁହିଁଙ୍କୁ ଭୟଭୀତ କରିବା ସହ ବନ୍ଧୁକ ମୁନରେ ସବୁତକ ଭତ୍ତା ଟଙ୍କା ଲୁଟି ନେଇଥିଲେ। ଘଟଣାଟି ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ଘଟିଥିବାରୁ ତାକୁ ଶୀଘ୍ର ଗିରଫ କରିବା ପୁଲିସ ପାଇଁ ଚ୍ୟାଲେଞ୍ଜ ଥିଲା। ନମ୍ବର ୩୧୧/୨୬ରେ ପୁଲିସ ଏକ ମାମଲା ରୁଜୁ କରି ତାକୁ ଗିରଫ କରିଥିଲା। ଗିରଫ ହେବା ପରେ ତା' ଠାରୁ କିଛି ଟଙ୍କା ଜବତ କରିଥିଲା ପୁଲିସ। ବାକି



ଟଙ୍କା ସଦର ଥାନା ମହୁଲଡିହା ଜଙ୍ଗଲରେ ରଖିଥିବା କହିଥିଲା ପ୍ରଭାତ। ଟଙ୍କା ଉଦ୍ଧାର ଏବଂ ପଚରାଉଚରା କରିବା ପାଇଁ ପୁଲିସ ଆଜି ତାକୁ ମହୁଲଡିହା ଜଙ୍ଗଲକୁ ନେଇଥିଲା। ସେଠାରେ ପ୍ରଭାତ ଗାତରୁ ଟଙ୍କା ବାହାର କରିବା ବାହାନାରେ ସେଠାରେ ପୋତା ହୋଇଥିବା ଏକ ଦେଶୀ ବନ୍ଧୁକ କାଢ଼ି ପୁଲିସ୍ ଉପରକୁ ଗୁଳି ଚଳାଇଥିଲା। ଆତ୍ମରକ୍ଷା ନିମନ୍ତେ ପୁଲିସର ପାଲଟା ଗୁଳିରେ ପ୍ରଭାତ ଗୁରୁତର ହୋଇଥିଲା। ତା' ପାଖରୁ ପୁଲିସ ଗୋଟିଏ ଦେଶୀ ପିସ୍ତଲ ମଧ୍ୟ ଜବତ ହୋଇଛି। ଅନ୍ୟପକ୍ଷରେ, ବିଏନ୍‌ଏସ୍ ଆର୍ମ ଆକ୍ଟ ଆଧାରରେ ତା' ନାଁରେ ସଦର ଥାନାରେ ଆଉ ଏକ ମାମଲା ରୁଜୁ ହୋଇଛି। ଅନ୍ୟ ଅପରାଧୀଙ୍କୁ ଧରିବା ପାଇଁ ପୁଲିସ ତଦନ୍ତକୁ ଅଧିକ କ୍ରିୟାଶୀଳ କରିଛି।

### ଅଦାଲତ, ଗୃହ ବିଭାଗ, କ୍ରାଇମବ୍ରାଞ୍ଚ ଡ଼ିଜିଙ୍କ ନିର୍ଦ୍ଦେଶକୁ ବେଖାତିର

# ସବୁ ଜାଣି ଅଜଣା ପୁଲିସ

ଭୁବନେଶ୍ୱର ୧୬।୬ (ସମିସ): ପୁଲିସ ଦ୍ୱାରା ଜଣେ ବ୍ୟକ୍ତି ଗିରଫ ହେବା ସମୟରେ କେଉଁ ଅଭିଯୋଗରେ ତାଙ୍କୁ ଗିରଫ କରାଯାଉଛି, ତାହା ଜଣାଇବାକୁ ପୁଲିସ ବାଧ୍ୟ। ଅନ୍ୟପକ୍ଷରେ ଗିରଫଦାରୀର କାରଣ ଜାଣିବା ଅଭିଯୁକ୍ତର ସାମ୍ବିଧାନିକ ଅଧିକାର। ଏହି ନିୟମକୁ ପୁଲିସ ଅନୁପାଳନ ନ କଲେ ଗିରଫ ବ୍ୟକ୍ତି ଜାମିନ ପାଇବା ସହଜ ହୋଇଥାଏ। ଗିରଫ ସମୟରେ ଏସବୁ ବାଧ୍ୟତାମୂଳକ ବୋଲି ଭାରତୀୟ ସମ୍ବିଧାନ ଓ ଭାରତୀୟ ନାଗରିକ ସୁରକ୍ଷା ସଂହିତାରେ ଏପରି କଥା ଉଲ୍ଲେଖ ରହିଛି। ହେଲେ ତଦନ୍ତକାରୀ ବା ପୁଲିସ ଅଧିକାରୀମାନେ ଅନୁପାଳନ କରୁନଥିବା ନଜରକୁ ଆସୁଛି। ଗିରଫଦାରୀର କାରଣ ଦର୍ଶାଇ ନଥିବା ଆଳରେ ଅଭିଯୁକ୍ତମାନେ ଜାମିନ୍ ଆବେଦନ କରୁଛନ୍ତି। ପୁଲିସର ଏଭଳି ତ୍ରୁଟି ଅଭିଯୁକ୍ତମାନଙ୍କ ପାଇଁ ବରଦାନ ପାଲଟିଥିବା ବେଳେ ସେମାନେ ଗଳାବାଟ ଦେଇ ସହଜରେ ଖସି ଯାଉଛନ୍ତି। ଏହାକୁ ନେଇ ହାଇକୋର୍ଟଙ୍କ ଠାରୁ ଆରମ୍ଭ କରି ଗୃହ ବିଭାଗ ଓ କ୍ରାଇମବ୍ରାଞ୍ଚ ଡିଜି ବାରମ୍ବାର ନିର୍ଦ୍ଦେଶ ଦେଇ ଆସୁଥିଲେ ମଧ୍ୟ ଅଧିକାରୀଙ୍କ ମଧ୍ୟରେ ଚେତା ପଶୁ ନାହିଁ।

ଭାରତୀୟ ସମ୍ବିଧାନର ଧାରା ୨୨(୧) ଅନୁସାରେ, ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ଗିରଫଦାରୀର କାରଣ ଜଣାଇବା ବିନା ହାଜତରେ ରଖାଯାଇପାରିବ ନାହିଁ ଏବଂ ତାଙ୍କ ପସନ୍ଦର ଆଇନଗତ ଅଭ୍ୟାସକାରୀଙ୍କ ସହିତ ପରାମର୍ଶ କରିବା ଓ ତାଙ୍କ ଦ୍ୱାରା ପକ୍ଷ ରଖିବାକୁ ମନା କରାଯିବ ନାହିଁ। ସେହିପରି ପ୍ରତ୍ୟେକ ପୁଲିସ ଅଧିକାରୀ କୌଣସି ବ୍ୟକ୍ତିଙ୍କୁ ବିନା ୱାରେଣ୍ଟରେ ଗିରଫ କରୁଥିଲେ ତାଙ୍କୁ ଗିରଫ କରାଯାଇଥିବା ଅପରାଧ ଓ ଗିରଫଦାରୀର କାରଣ ବିଷୟରେ ତୁରନ୍ତ ଜଣାଇବା ବାଧ୍ୟତାମୂଳକ ବୋଲି ଭାରତୀୟ ନାଗରିକ ସୁରକ୍ଷା ସଂହିତା ଧାରା - ୪୭ ରେ ସ୍ପଷ୍ଟ ଭାବରେ ଉଲ୍ଲେଖ ରହିଛି। ଯେଉଁ କ୍ଷେତ୍ରରେ, ତଦନ୍ତକାରୀ ଅଧିକାରୀ ଗିରଫ ସମୟରେ ଗିରଫଦାରୀର କାରଣ ବିଷୟରେ ଲିଖିତ ଭାବରେ ଜଣାଇପାରିବେ ନାହିଁ, ତାହା ମୌଖିକ ଭାବରେ କରାଯିବ। କିନ୍ତୁ ଉକ୍ତ କାରଣଗୁଡ଼ିକ ଏକ ଯୁକ୍ତିଯୁକ୍ତ ସମୟ ବା ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ହାଜର ହେବାର ଅତି କମରେ ଦୁଇ ଘଣ୍ଟା ପୂର୍ବରୁ ଲିଖିତ ଭାବରେ ଜଣାଇବାକୁ ହେବ। ଉପରୋକ୍ତ ନିୟମ ପାଳନ ନ କଲେ, ଗିରଫଦାରୀ ଓ ପରବର୍ତ୍ତୀ ରିମାଣ୍ଡକୁ ଅବୈଧ ଘୋଷଣା କରାଯିବା ସହ ବ୍ୟକ୍ତି ଜାମିନ୍ ବା ମୁକ୍ତ ହେବାର ସ୍ୱାଧୀନତା ପାଇବେ।

- **ଅଭିଯୁକ୍ତଙ୍କୁ ଦର୍ଶାଉନାହିଁ ଗିରଫଦାରୀର କାରଣ**
- **ଗଳାବାଟରେ ଅଦାଲତରୁ ଖସି ଯାଉଛନ୍ତି ଅଭିଯୁକ୍ତ**

ନିକଟରେ ଇନଫୋସିଟି ଥାନା ପୁଲିସ ଗଙ୍ଗପଡ଼ା କାଜୁ ଜଙ୍ଗଲରୁ ଅଜଣା ମୃତଦେହ ଉଦ୍ଧାର କରିଥିଲା। ସିସିଟିଭି କ୍ୟାମେରା ଫୁଟେଜ ଓ ବୈଷୟିକ ବିଶ୍ଳେଷଣ ମାଧ୍ୟମରେ ଖୁବ୍ କମ୍ ସମୟ ମଧ୍ୟରେ ମାମଲା ଉପରୁ ପରଦା ହଟାଇଥିଲା। ମୃତକ ତଥା ଛତିଶଗଡ଼ ବିଳାସପୁରର ଗୋବର୍ଦ୍ଧନ ଯାଦବ ସୁନ୍ଦରପଦାରେ କେୟାର ଟେକର ଭାବେ କାମ କରୁଥିଲେ। ଡ୍ରାଇଭର ରାମଚନ୍ଦ୍ର ଲେଙ୍କା ରାତିରେ ବାଲି ବୋଝେଇ ଟ୍ରକ୍ ନେଇ ସେଠାରେ ଅନଲୋଡ୍ କରିବାକୁ ଯାଇଥିଲା। ବ୍ୟାକ୍ କରିବା ସମୟରେ ଗୋବର୍ଦ୍ଧନ ଉପରେ ଟ୍ରକ୍ ଚଢ଼ି ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣା ପରେ ରାମଚନ୍ଦ୍ର ପୁଲିସକୁ ଜଣାଇବା ପରିବର୍ତ୍ତେ ତା'ର ୨ ସହଯୋଗୀ ମିଶି ଗୋବର୍ଦ୍ଧନଙ୍କ ମୃତଦେହକୁ ସୁନ୍ଦରପଦାରୁ ଆଣି ଗଙ୍ଗପଡ଼ାରେ ଫିଙ୍ଗି ଦେଇଥିଲା। ଏସବୁ କଥା ଜାଣିବା ପରେ ପୁଲିସ କଲପେବଲ୍ ହୋମିସାଇଡ୍ ଦଫାରେ ମାମଲା ରୁଜୁ କରି ରାମଚନ୍ଦ୍ରକୁ ଗିରଫ କରିଥିଲା। ହେଲେ ତଦନ୍ତକାରୀ ଅଧିକାରୀ ଗିରଫଦାରୀର କାରଣ ଦର୍ଶାଇ ନଥିବାରୁ କୋର୍ଟ ରାମଚନ୍ଦ୍ରକୁ ଜାମିନ୍ ଦେଇ ଦେଇଥିଲେ। ଇଏ କେବଳ ଗୋଟିଏ ଘଟଣା ନୁହଁ, ପୁଲିସ ଏଭଳି ତ୍ରୁଟି ବାରମ୍ବାର କରି ଆସୁଛି। ୨୦୨୫ ମସିହାରେ ନୟାଗଡ଼ ସଦର ଥାନା ଅନ୍ତର୍ଗତ ମାନ୍ଧାତାପୁରର ଏକ ବ୍ୟାଙ୍କରୁ ୨୭ ଲକ୍ଷ ଟଙ୍କା ଡକାୟତି ଘଟଣାରେ ଅନୁରୂପ ତ୍ରୁଟି ଯୋଗୁଁ ହାଇକୋର୍ଟ ୩ ଅଭିଯୁକ୍ତଙ୍କୁ ଜାମିନ୍ ପ୍ରଦାନ କରିଥିଲେ।

ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍) - ୪୭ ଅନୁସାରେ ଅଭିଯୁକ୍ତଙ୍କୁ ଗିରଫଦାରୀର କାରଣ ଜଣାଇବା ଓ ବିଏନ୍‌ଏସ୍‌ଏସ୍ ଧାରା - ୪୮ ଅନୁଯାୟୀ, ଅଭିଯୁକ୍ତଙ୍କୁ ଗିରଫ କରିବା ସମୟରେ ତାଙ୍କ ସମ୍ପର୍କୀୟ କିମ୍ବା ସାଙ୍ଗକୁ ଜଣାଇବା ବାଧ୍ୟତାମୂଳକ। ଏସବୁ କଥା ପ୍ରତ୍ୟେକ ପୁଲିସ ଅଧିକାରୀଙ୍କୁ ଜଣାଥିବା ବେଳେ ବିଭିନ୍ନ ସମୟରେ ଏନେଇ ସର୍କୁଲାର ଜାରି କରାଯାଉଛି। ଏତେ ସବୁ ପରେ ମଧ୍ୟ ପୁଲିସର ଖାମଖିଆଲି ମନୋଭାବ ଜଘନ୍ୟ ଅପରାଧର ଅଭିଯୁକ୍ତଙ୍କୁ ଜାମିନ୍ ଦେବାରେ ସହାୟକ ହେଉଛି।

## ଅଙ୍ଗନବାଡ଼ି କର୍ମୀଙ୍କୁ ହତ୍ୟା!

କରଞ୍ଜିଆ/ଶୁକ୍ରୁଳି, ୧୬।୬ (ସମିସ): ମୟୂରଭଞ୍ଜ ଜିଲ୍ଲା ରରୁଆଁ ଥାନା ଅଧୀନ ହଳଦିଆ ଗାଁର ଅଙ୍ଗନବାଡ଼ି କର୍ମୀ ତନୁଜା ନାଏକ (୩୫)ଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ମୃତ୍ୟୁ ପୂର୍ବରୁ ତନୁଜାଙ୍କ ସହ ସ୍ୱାମୀ ଖଗେଶ୍ୱର ନାଏକଙ୍କ ପାଟିତୁଣ୍ଡ ଏବଂ ମୃତ୍ୟୁ ପରଠାରୁ ସେ ଫେରାର୍ ଥିବାରୁ ତାଙ୍କ ଉପରେ ପୁଲିସର ସନ୍ଦେହ ଘନୀଭୂତ ହୋଇଛି। ଖଗେଶ୍ୱର ସ୍ଥାନୀୟ ପ୍ରାଣୀଧନ ନିରୀକ୍ଷକ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ଜଣାପଡ଼ିଛି।

**ସ୍ୱାମୀ ଫେରାର୍**

ସୂଚନାନୁଯାୟୀ, ରଜରେ ଘରକୁ କୁକୁଡ଼ା ମାଂସ ଆଣି ରୋଷେଇ କରାଯାଇଥିଲା ଓ ପରିବାର ସଦସ୍ୟ ଏକାଠି ଖାଇଥିଲେ। ଦିନ ପ୍ରାୟ ସାଢ଼େ ୩ଟାରେ କୌଣସି କାରଣକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ରାଗିଯାଇ ଖଗେଶ୍ୱର ତାଙ୍କୁ ମାଡ଼ ମାରିଥିଲେ। ଏହାକୁ କେନ୍ଦ୍ର କରି ରାତିରେ ପରିସ୍ଥିତି ଆହୁରି ଉତ୍ତେଜନାପୂର୍ଣ୍ଣ ହୋଇଥିଲା। ଆଜି ସକାଳେ ତନୁଜାଙ୍କ ମୃତଦେହ ଘର ଭିତରେ ମିଳିଥିବା ବେଳେ ଖଗେଶ୍ୱରଙ୍କ ଦେଖା ମିଳିନଥିଲା। ଘର ପଛପଟ ରାସ୍ତା ଦେଇ ସେ ଫେରାର୍ ହୋଇଯାଇଥିବା ସନ୍ଦେହ କରାଯାଉଛି। ଖବର ପାଇ ରରୁଆଁ ପୁଲିସ ଓ ସିଙ୍ଗଡ଼ା ଫାଣ୍ଡି ଅଧିକାରୀ ତୁରନ୍ତ ଘଟଣାସ୍ଥଳରେ



ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିବା ବେଳେ ଘଟଣାର ସମସ୍ତ ଦିଗକୁ ନେଇ ତଦନ୍ତ ଚଳାଇଛି। ସ୍ୱାମୀ ଫେରାର୍ ଥିବାରୁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ଏହି ଘଟଣା ପରେ ହଳଦିଆ ଗ୍ରାମ ଓ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏନେଇ ସ୍ଥାନୀୟ ଲୋକ ଗଭୀର ଉଦବେଗ ପ୍ରକାଶ କରିଥିବା ବେଳେ ଘଟଣାର ନିରପେକ୍ଷ ତଦନ୍ତ ଓ ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## କୋର୍ଟମ୍ୟାରେଜ୍ ପୂର୍ବରୁ ବର ଓ ବରଯାତ୍ରୀଙ୍କୁ ଟେକିନେଲା ପୁଲିସ

ବାରିପଦା, ୧୬।୬(ସମିସ): କୋର୍ଟ ମ୍ୟାରେଜ୍ ପୂର୍ବରୁ ବର ଓ ବରଯାତ୍ରୀଙ୍କୁ ଟେକିନେଲା ପୁଲିସ। ମୟୂରଭଞ୍ଜ ଜିଲ୍ଲା ବାରିପଦା ଅଞ୍ଚଳରେ ଆଜି ଏଭଳି ଏକ ଘଟଣା ଘଟିଛି। ପରିବାରଲୋକଙ୍କୁ ନ ଜଣାଇ ଜଣେ ହିନ୍ଦୁ ଯୁବତୀଙ୍କୁ ଜଣେ ସଂଖ୍ୟାଲଘୁ ସଂପ୍ରଦାୟର ଯୁବକ ବିବାହ କରିବାକୁ ଆସିଥିବା ଘଟଣାକୁ ନେଇ କୋର୍ଟ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକ ବର ଓ ବରଯାତ୍ରୀଙ୍କୁ ଅଟକ ରଖି ପୁଲିସକୁ ଜିମା ଦେଇଥିଲେ।

ସୂଚନା ମୁତାବକ, ରାଇରଙ୍ଗପୁର ଇଚିଡ଼ା ଅଞ୍ଚଳର ଯୁବକଜଣଙ୍କ ବାରିପଦାର ଏକ ଘରୋଇ ହଷ୍ଟେଲରେ ରହି ପଢ଼ନ୍ତି। ସେ ରାଇରଙ୍ଗପୁର ଅଞ୍ଚଳର ଜଣେ ହିନ୍ଦୁ ଯୁବତୀଙ୍କୁ ବିବାହ କରିବା ପାଇଁ ବରଯାତ୍ରୀ ସହ ଆଜି କୋର୍ଟ ପରିସରକୁ ଆସିଥିଲେ। ଖବର ପାଇ ସ୍ଥାନୀୟ ଲୋକ ଓ ହିନ୍ଦୁ ସଂଗଠନର କାର୍ଯ୍ୟକର୍ତ୍ତା ସେଠାରେ ପହଞ୍ଚି ଏହାକୁ ବିରୋଧ କରିଥିଲେ। ବାରିପଦା ଟାଉନ୍ ଥାନା ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ବର-କନ୍ୟାଙ୍କ ସହ ଦୁଇଜଣ ବରଯାତ୍ରୀଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲା। ଗ୍ରାମବାସୀଙ୍କ ଅଭିଯୋଗ ଆଧାରରେ ପୁଲିସ୍ ସମସ୍ତଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ବିବାହ ପାଇଁ ଆସିଥିବା ଯୁବତୀଙ୍କ ବୟସ ୨୩ ବର୍ଷ ହୋଇଥିବା ବେଳେ ଯୁବକଙ୍କ ବୟସ ୨୬ ବର୍ଷ ବୋଲି ଜଣାପଡ଼ିଛି।



ରଥରେ ରଙ୍ଗ କାର୍ଯ୍ୟ ଆରମ୍ଭ

## ଦୁର୍ଘଟଣା ନେଲା ୨ ଜୀବନ

ମ.ରାମପୁର,୧୬।୬(ସମିସ): କଳାହାଣ୍ଡି ଜିଲ୍ଲା ମ.ରାମପୁର ନିକଟସ୍ଥ ଶେରଗଡ଼ଠାରେ ଆଜି ଏକ ସଡ଼କ ଦୁର୍ଘଟଣାରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ସୂଚନା ମୁତାବକ ମ.ରାମପୁର ବ୍ଲକ ନୁନପୁର ପଞ୍ଚାୟତ ରାମୁଡ଼ ଗ୍ରାମର ବୁଲୁ ରଣା, ଜାମ ବାହାଲି ଗ୍ରାମର ନିଧି ପରାଭୋଇ, ପାଇକ ସଢେଲ ଗ୍ରାମର ରାକେଶ ପରାଭୋଇ କୌଣସି ଏକ କାମ ସାରି ବାଇକ ଯୋଗେ ମ.ରାମପୁର ପଟେ ଆସୁଥିବା ବେଳେ ଶେରଗଡ଼ ନିକଟରେ ଥିବା ତାରିଣୀ ମନ୍ଦିର ପାଖରେ ଏକ ହାଇୱାକୁ ଓଭରଟେକ କରୁଥିବା ବେଳେ ସାମ୍ନା ପଟୁ ଆସୁଥିବା ଟ୍ରକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ପାଇକଷଢେଲ ଗ୍ରାମର ରାକେଶ ଓ ରାମୁଡ଼ର ବୁଲୁଙ୍କ ମୃତ୍ୟୁ ହୋଇଥିବା ବେଳେ ନିଧି ଗୁରୁତର ହୋଇଛନ୍ତି। ଖବର ପାଇ ମୃତାହତଙ୍କୁ ମ.ରାମପୁର ଡାକ୍ତରଖାନାକୁ ଅଣାଯାଇଥିବା ବେଳେ ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ଆହତଙ୍କୁ ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୁଲିସ ପହଞ୍ଚି ଘଟଣାର ତଦନ୍ତ କରୁଥିବା ଜଣାଯାଇଛି। ଡାକ୍ତରଖାନାରେ ସମ୍ପର୍କୀୟ ଓ ପରିବାରବର୍ଗ ଉପସ୍ଥିତ ରହିଛନ୍ତି। ସୂଚନାଥାଉ କି, ଗତକାଲି ମଧ୍ୟ ମ.ରାମପୁର ମୁଖ୍ୟ ସଡ଼କରେ ଦୁଇଟି ବାଇକ୍ ମଧ୍ୟରେ ମୁହାମୁହିଁ ଧକ୍କାରେ ଚାରିଜଣ ଗୁରୁତର ହେଇଥିଲେ। ତେବେ ମ.ରାମପୁର ଅଞ୍ଚଳରେ ଦ୍ରୁତ ଓ ବେପରୁଆ ବାଇକ୍ ଚାଳନା ଯୋଗୁଁ ଦିନକୁ ଦିନ ସଡ଼କ ଦୁର୍ଘଟଣା ବୃଦ୍ଧି ପାଉଛି।

### ରାଇରଙ୍ଗପୁର ନାବାଳିକାକୁ ଗଣଦୁଷ୍କର୍ମ

## ପୁଲିସର ଅବହେଳାକୁ ନେଇ ଗର୍ଜିଲା ବିଜେଡି

ଭୁବନେଶ୍ୱର,୧୬।୬(ସମିସ): ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରରେ ଜଣେ ୧୨ ବର୍ଷୀୟା ନାବାଳିକାଙ୍କୁ ଦୁଷ୍କର୍ମ ଘଟଣା ରାଜ୍ୟର ଆଇନଶୃଙ୍ଖଳା ବ୍ୟବସ୍ଥାର ନଗ୍ନ ଉଦାହରଣ ବୋଲି କହିଛି ବିଜେଡି। ଏହି ଘଟଣାରେ ବିଳମ୍ବିତ ଏଫଆଇଆର ପଞ୍ଜୀକରଣ, ପୀଡିତାର ଡାକ୍ତରୀ ମାଇନା ୧୨ ଘଣ୍ଟା ବିଳମ୍ବ ଓ ନାବାଳିକା ସହମତିରେ ଘଟଣା ଘଟିବା ନେଇ ପୁଲିସ ମନ୍ତବ୍ୟକୁ ବିଜେଡି ତୀବ୍ର ନିନ୍ଦା କରିଛି।

ଏହି ଘଟଣା ପରେ ବିଜେଡିର ଏକ ତଥ୍ୟ ଅନୁସନ୍ଧାନକାରୀ ଦଳ ଡ଼. ଦେବାଶିଷ ମାରାଣ୍ଡିଙ୍କ ନେତୃତ୍ୱରେ ହସ୍ପିଟାଲରେ ପହଞ୍ଚି ପୀଡ଼ିତା ଓ ତାଙ୍କ ପରିବାରକୁ ଭେଟି ଘଟଣା ସମ୍ପର୍କରେ ସବିଶେଷ ତଥ୍ୟ ସଂଗ୍ରହ କରିଛନ୍ତି। ପୂର୍ବତନ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍, ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ରାଇସେନ୍ ମୁର୍ମୁ, ପୌରାଧ୍ୟକ୍ଷ ଅଭିଷେକ ପଟ୍ଟନାୟକଙ୍କ ସହ ଚକ୍ରଧର ହେମ୍ବ୍ରମ , ଜ୍ଞାନ ରଞ୍ଜନ ହେମ୍ବ୍ରମ, ସଚ୍ଚିଦାନନ୍ଦ ମହାନ୍ତ, ସ୍ୱରୁପ ବେହେରା, ଦୀପ୍ତିମାନ ବଳ, ସୁବାସ ମଣ୍ଡଳ, ଛାତ୍ରନେତା ବିକାଶ ମହାନ୍ତ, ତନୁଜା ମହାନ୍ତଙ୍କ ସହିତ ବହୁ ବିଜେଡି କର୍ମୀ ଏହି ଅବସରରେ ଉପସ୍ଥିତ ଥିଲେ। ସେହିପରି ପ୍ରତିନିଧି ଦଳ ରାଇରଙ୍ଗପୁର ଟାଉନ ଥାନାକୁ ଯାଇ ଆଇଆଇସି ଜ୍ୟୋତିପ୍ରକାଶ ସ୍ୱାଇଁଙ୍କ ସହ ଆଲୋଚନା କରି ତୁରନ୍ତ ପୀଡ଼ିତାକୁ ପରିବାରକୁ ନ୍ୟାୟ ସହ ତାଙ୍କ ପରିବାରକୁ ସୁରକ୍ଷା ଦେବା ପାଇଁ କହିଥିଲେ। ଦୁଷ୍କର୍ମ କରିଥିବା ଆସାମୀକୁ ତୁରନ୍ତ ଗିରଫ, ପୀଡ଼ିତାକୁ ତୁରନ୍ତ ନ୍ୟାୟ ଏବଂ କ୍ଷତିପୂରଣ ନମିଳିଲେ ଖୁବ ଶୀଘ୍ର ବିଜେଡି ସମଗ୍ର ମୟୂରଭଞ୍ଜ ଜିଲ୍ଲାରେ ଆନ୍ଦୋଳନକୁ ତ୍ୱରାନ୍ୱିତ କରିବ ବୋଲି ଆଇଆଇସିଙ୍କୁ ସୂଚନା ଦେଇଥିଲେ। ପୀଡ଼ିତାଙ୍କ ପରିବାରର ଅଭିଯୋଗ ଅନୁଯାୟୀ ନାବାଳିକାଙ୍କୁ ଅପହରଣ କରାଯାଇ ଦୁଷ୍କର୍ମ କରାଯିବା ପରେ ଗୁରୁତର ଅବସ୍ଥାରେ ଘର ନିକଟରେ ଛାଡ଼ି ଦିଆଯାଇଥିଲା। ବର୍ତ୍ତମାନ ସେ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣାର ନିରପେକ୍ଷ ଓ ସ୍ୱଚ୍ଛ ତଦନ୍ତ ସହ ସମସ୍ତ ଦୋଷୀଙ୍କୁ ତୁରନ୍ତ ଗିରଫ ପାଇଁ ବିଜେଡି ଦାବି କରିଛି ।

- **ପୁଲିସର ମନ୍ତବ୍ୟକୁ ବିଜେଡିର ତୀବ୍ର ସମାଲୋଚନା**
- **ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି**

ଏହି ଘଟଣା ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ ପାଇଁ ମଙ୍ଗଳବାର ଭୁବନେଶ୍ୱର ମେୟର ସୁଲୋଚନା ଦାସ, ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି ଓ ବାସନ୍ତୀ ହେମ୍ବ୍ରମ, ପୂର୍ବତନ ମହିଳା କମିଶନ ଅଧ୍ୟକ୍ଷା ମିନତୀ ବେହେରା , ବିଏମସି କର୍ପୋରେଟର ଭାରତୀ ସିଂ, ପ୍ରୀତିନନ୍ଦା ରାଉତରାୟ, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ବିଧାୟକ ରାଜକିଶୋର ଦାସ, ଗଣେଶ୍ୱର ପାତ୍ର ଓ ଶ୍ରୀନାଥ ସୋରେନ, ମୟୁରଭଞ୍ଜ-୨ ସଭାପତି ଡ଼. ଦେବାଶିଷ ମାରାଣ୍ଡି, ମୟୁରଭଞ୍ଜ-୨,କାର୍ଯ୍ୟକାରୀ ସଭାପତି ରାଇସେନ୍ ମୁର୍ମୁ, ବ୍ଲକ ଅଧ୍ୟକ୍ଷ ଚକ୍ରଧର ହେମ୍ବ୍ରମ, ପୌରପରିଷଦର ପୌରାଧ୍ୟକ୍ଷ ଅଭିଷେକ ପଟ୍ଟନାୟକ, ତନୁଜା ମହାନ୍ତ ଏବଂ ସ୍ଥାନୀୟ ନେତୃବୃନ୍ଦ ରାଇରଙ୍ଗପୁର ଗସ୍ତ କରି ପୀଡ଼ିତା ଓ ତାଙ୍କ ପରିବାର ସହ ଆଲୋଚନା କରିବେ ଏବଂ ରିପୋର୍ଟ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରିବେ ବୋଲି ଜଣାପଡ଼ିଛି ।

## ବଜ୍ରପାତରେ ଟଳିପଡ଼ିଲେ ଚାଷୀ

କାମାକ୍ଷାନଗର,୧୬।୬(ସମିସ): ବିଲକୁ ଯାଇଥିବା ବେଳେ ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ହୋଇଯାଇଛି। ମୃତ ଚାଷୀଜଣଙ୍କ କାମାକ୍ଷାନଗର ଥାନା ଗୋରଡ଼ିଆ ଗ୍ରାମର ସୁଶାନ୍ତ କୁମାର ସେଠୀ। କାମାକ୍ଷାନଗର ମେଡିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୁଶାନ୍ତ ଆଜି ଅପରାହ୍ନରେ ଗାଁ ନିକଟରେ ଥିବା ବିଲକୁ କାମ ପାଇଁ ଯାଇଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ବିଲରେ ନିସ୍ତେଜ ଅବସ୍ଥାରେ ପଡ଼ିଥିବା ଦେଖି ପରିବାରଲୋକ ତୁରନ୍ତ ତାଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜଣେ ସଫଳ ଚାଷୀ ଭାବେ ସେ ଗାଁରେ ବେଶ ପରିଚିତ ଥିବା ବେଳେ ତାଙ୍କର ଏହି ଅକସ୍ମାତ ମୃତ୍ୟୁକୁ ନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସରକାରଙ୍କ ତରଫରୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବା ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି।

### ଧୂଳିରେ ଲୋଟୁଛି ଓଡ଼ିଆ ଅସ୍ମିତା

# ପ୍ରଥମରୁ ଅଷ୍ଟମ ସ୍କୁଲ ବହିରେ ଶହଶହ ଭୁଲ

ଭୁବନେଶ୍ୱର, ୧୬।୬(ସମିସ): ରାଜ୍ୟରେ ଜାତୀୟ ଶିକ୍ଷାନୀତି ଲାଗୁ ହେବା ପରେ ପାଠ୍ୟପୁସ୍ତକ ବଦଳିଛି। ୩୮୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବହି ଛାପି ଏହାକୁ ଗଣଶିକ୍ଷା ବିଭାଗ ବିଭିନ୍ନ ସ୍କୁଲକୁ ଛାତ୍ରଛାତ୍ରୀଙ୍କ ପାଇଁ ପଠାଇଛି। ମାତ୍ର ଛପା ଯାଇଥିବା ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବହିରେ ଶହଶହ ତ୍ରୁଟି, କଦର୍ଥ ବନାନ, ଗୁରୁତର ପ୍ରମାଦ ପରେ ଏହି ବିପୁଳ ଅର୍ଥ କାହାଠାରୁ ଭରଣା କରାଯିବ ବୋଲି ପ୍ରଶ୍ନ ଉଠିଛି। ଅଭିଭାବକ ସଂଘ ଏହି ଘଟଣାକୁ ନେଇ ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି। ସରକାରୀ ଶିକ୍ଷାରୁ ଓଡ଼ିଆ ଛାତ୍ରଛାତ୍ରୀଙ୍କୁ ବିମୁଖ କରିବାକୁ ଷଡ଼ଯନ୍ତ୍ର କରାଯାଇଥିବା ଅଖିଳ ଭାରତୀୟ ଛାତ୍ରସଂଘ ଅଭିଯୋଗ କରିଛି। ଅନ୍ୟପକ୍ଷରେ ବିରୋଧୀ ବିଜେଡି ଓ କଂଗ୍ରେସ ଏହି ପ୍ରସଙ୍ଗରେ ସରକାରଙ୍କୁ କଟୁ ସମାଲୋଚନା କରି ଓଡ଼ିଆ ଅସ୍ମିତା ଧୂଳିରେ ଲୋଟୁଛି ବୋଲି ଅଭିଯୋଗ କରିଛନ୍ତି ।

ଅଭିଯୋଗ ଅନୁସାରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ପ୍ରତ୍ୟେକ ଶ୍ରେଣୀର ବହିରେ ତ୍ରୁଟି ଜଳଜଳ ଦିଶୁଛି । ଏମିତି କୌଣସି ବହି ନାହିଁ, ଯେଉଁଥିରେ କି ଆଦୌ ତ୍ରୁଟି ଦେଖାଯାଇ ନାହିଁ । ଅଷ୍ଟମ ଶ୍ରେଣୀ ବହିରେ ସର୍ବାଧିକ ୭୦୫ଟି ତ୍ରୁଟି ରହିଛି। କେଉଁଠି ବନାନ ଭୁଲ ଅଛି ତ କେଉଁଠି ପୁଣି ମହାପୁରୁଷଙ୍କ ନାମକୁ କଦର୍ଥ କରାଯାଇଛି। ଗଣିତରେ ସଂଖ୍ୟା ଭୁଲ୍ ସହ ସମଘନକୁ ଚାରିକୋଣିଆ ଲେଖା ରହିଛି। ଭୂଗୋଳ ବହିରେ ଓଡ଼ିଶାର ନିୟମଗିରିକୁ ଝାଡ଼ଖଣ୍ଡରେ ଦର୍ଶାଯାଇଛି। ଏପରିକି ଓଡ଼ିଶାର ବିଧାନସଭା ଛବି ସ୍ଥାନରେ କର୍ଣ୍ଣାଟକ ବିଧାନସଭାର ଚିତ୍ର ସ୍ଥାନିତ ହୋଇଛି। ବହିରେ ମାଳମାଳ ତ୍ରୁଟି ରହିଥିବାବେଳେ ତହିଁରୁ ଛାତ୍ରଛାତ୍ରୀମାନେ କେଉଁ ଶିକ୍ଷା ପାଇବେ ବୋଲି ଅଭିଭାବକ ଓ ଶିକ୍ଷାବିତମାନେ ପ୍ରଶ୍ନ କରିଥିବାବେଳେ ଅଭିଭାବକ ମହାସଂଘ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଦାବି କରିଛି । ଅନ୍ୟପକ୍ଷରେ ବହି ଛାପାରେ ଖର୍ଚ୍ଚ ହୋଇଥିବା ୩୮୦ କୋଟି ଟଙ୍କା ସହ ଏହାର ବନ୍ଧେଇ, ପରିବହନ ଓ ବିତରଣ ବ୍ୟୟ ବାବଦରେ ରାଜକୋଷରୁ ବ୍ୟୟ ହୋଇଥିବା ବିପୁଳ ଅର୍ଥକୁ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ଦରମା ଓ ପେନସନରୁ ଭରଣା କରିବାକୁ ଅନେକ ଅଭିଭାବକ ଦାବି କରିଛନ୍ତି ।

- **ଛାପାରେ ଖର୍ଚ୍ଚ ହୋଇଛି ପ୍ରାୟ ୩୮୦ କୋଟି**
- **କାହାଠୁ ଭରଣା ହେବ ବିପୁଳ ପରିମାଣର ଅର୍ଥ**
- **ମନ୍ତ୍ରୀଙ୍କ ଇସ୍ତଫା ଦାବି କଲା ଅଭିଭାବକ ମହାସଂଘ**
- **ସରକାରୀ ଶିକ୍ଷାରୁ ବିମୁଖ କରିବାକୁ ଷଡ଼ଯନ୍ତ୍ର**
- **ସଂଶୋଧନ କରି ପଢ଼ାଇବାକୁ ଶିକ୍ଷକଙ୍କୁ ନିର୍ଦ୍ଦେଶ: ମନ୍ତ୍ରୀ**

ଏହି ତ୍ରୁଟି ସମ୍ପର୍କରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମଧ୍ୟ ସ୍ୱୀକାର କରିଛି। ପୁସ୍ତକ ପ୍ରସ୍ତୁତ କରିଥିବା ଶିକ୍ଷକ ଶିକ୍ଷା ଓ ଏସ୍‌ସିଇଆର୍‌ଟି ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ତ୍ରୁଟିର ଏକ ତାଲିକା ପ୍ରସ୍ତୁତ କରାଯାଇଛି। ତ୍ରୁଟିକୁ ଦର୍ଶାଇବା ସହ ତାହାର ସଂଶୋଧିତ ରୂପ ଅନୁଯାୟୀ ପାଠ ପଢ଼ାଇବାକୁ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ କୁହାଯାଇଛି। ମାତ୍ର ଏହି ତ୍ରୁଟିକୁ ନିର୍ଦ୍ଦେଶାଳୟ ଅତ୍ୟନ୍ତ ହାଲୁକା ଭାବେ ନେଇ ଏସବୁ ବହିକୁ 'ଏକ୍ସପେରିମେଣ୍ଟାଲ୍ ଏଡିସନ୍' ଭାବେ ଅଭିହିତ କରିଛି। ଏସବୁ ତ୍ରୁଟି ସମ୍ପର୍କରେ ଓଡ଼ିଶା ରାଜ୍ୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ଆଗତ ହେବା ପରେ ସଂଶୋଧିତ ତାଲିକା ଅନୁଯାୟୀ ପଢ଼ାଇବାକୁ ସମସ୍ତ ଜିଲ୍ଲା ଶିକ୍ଷାଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛି। ଯାହାକୁ ନେଇ ଶିକ୍ଷାବିତ୍ ଓ ଅଭିଭାବକମାନେ ପ୍ରଶ୍ନ ଉଠାଇଛନ୍ତି।

ଶିକ୍ଷାବିତଙ୍କ କହିବା କଥା ମହାପୁରୁଷଙ୍କ ନାମକୁ କଦର୍ଥ କରିବା, ଗଞ୍ଜାମ ବଦଳରେ ବ୍ରହ୍ମପୁରକୁ ଜିଲ୍ଲା ଦର୍ଶାଇବା, ବନାନ୍ ତ୍ରୁଟି ଫଳରେ ମୂଳ ଅର୍ଥ ପରିବର୍ତ୍ତନ ହୋଇଯିବା କୌଣସି ଛୋଟିଆ ଭୁଲ୍ ନୁହେଁ। ଓଡ଼ିଆ ଅସ୍ମିତାର ସ୍ଲୋଗାନ ଦେଇ ସରକାରକୁ ଆସିବା ପରେ ଓଡ଼ିଆ ଭାଷା ଓ ଲିପିକୁ ସର୍ବାଧିକ କଦର୍ଥ କରାଯାଇଛି। ଏହା ଅକ୍ଷମଣୀୟ ଓ ଦାୟୀ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେବାର ଆବଶ୍ୟକତା ରହିଛି। ଇଂରାଜୀ ଭାଷାକୁ କେବଳ ଓଡ଼ିଆରେ ଗୁଗୁଲ୍ ଟ୍ରାନ୍ସଲେଟର ପକାଇ ଓଡ଼ିଆ କରାଯାଇଥିବା ସ୍ପଷ୍ଟ ଜଣାପଡୁଛି। ଯଦି ଓଡ଼ିଆ ଭାଷା ଟ୍ରାନସଲେସନ୍ ଉପରେ ନିର୍ଭର କରୁଛି, ତାହାଲେ ପୁସ୍ତକ ପ୍ରସ୍ତୁତି ପାଇଁ ବିପୁଳ ପରିମାଣର ଅର୍ଥ କାହିଁକି ଖର୍ଚ୍ଚ କରାଯାଇଛି ବୋଲି ପ୍ରଶ୍ନ ଉଠିଛି।

ଓଡ଼ିଶା ଅଭିଭାବକ ମହାସଂଘ ସଭାପତି ବାସୁଦେବ ଭଟ୍ଟ ଏକ ପ୍ରେସ୍ ବିବୃତ୍ତିରେ କହିଛନ୍ତି ଯେ ଏହା ଛୋଟିଆ ତ୍ରୁଟି ନୁହେଁ, ବରଂ ବୃହତ୍ ଅବହେଳା। ମୁଦ୍ରଣ ପୂର୍ବରୁ ପ୍ରୁଫ୍ ରିଡିଂ କରାଯାଇ ନାହିଁ। ବାରମ୍ବାର ଭୂଲ୍ ଦୋହରାଉ ଥିବାରୁ ପ୍ରଶାସନିତ ଓ ନେତୃତ୍ୱ ଜନିତ ଦୁର୍ବଳତା ପଦାରେ ପଡ଼ିଛି ବୋଲି ସେ କହିଛନ୍ତି। ଅପରପକ୍ଷରେ ସରକାରୀ ଶିକ୍ଷା ବ୍ୟବସ୍ଥାକୁ ଅଧିକ ଦୁର୍ବଳ କରିବା ପାଇଁ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ଦର୍ଶାଇ ଅଖିଳ ଭାରତ ଛାତ୍ର ସଂଘ (ଏଆଇଏସ୍‌ଏଫ୍) ପକ୍ଷରୁ ଏହାର ତୀବ୍ର ନିନ୍ଦା କରାଯାଇଛି। ସଂଘର ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା କହିଛନ୍ତି ଯେ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଏହି ଦାୟିତ୍ୱହୀନତାର ଉତ୍ତରଦାୟିତ୍ୱ କିଏ ନେବେ? ଏହା କେବଳ ମୁଦ୍ରଣ ଜନିତ ଭୁଲ ନୁହେଁ, ବରଂ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଭବିଷ୍ୟତ ପ୍ରତି ଗୁରୁତର ଅବହେଳା। ସଂଶୋଧିତ ପାଠ୍ୟପୁସ୍ତକ ପ୍ରକାଶ କରିବା ସହ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରି ରିପୋର୍ଟ ସାର୍ବଜନୀନ କରିବା, ଅବହେଳାକାରୀ ଅଧିକାରୀଙ୍କୁ ନିଲମ୍ବନ କରିବାକୁ ସଂଘ ଦାବି କରିଛି। ଏହି ତ୍ରୁଟିକୁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସ୍ୱୀକାର କରିବା ସହ କହିଛନ୍ତି ଯେ ନୂତନ ପାଠ୍ୟ ପୁସ୍ତକରେ ପ୍ରିଣ୍ଟିଂରେ ତ୍ରୁଟି ରହିଛି। ଏହା ସମ୍ପର୍କରେ ସରକାର ଅବଗତ ଅଛନ୍ତି। ଏହାକୁ ସଂଶୋଧନ କରାଯିବ ଏବଂ ଭୁଲଗୁଡ଼ିକୁ ସଂଶୋଧନ କରି ପିଲାଙ୍କୁ ପଢ଼ାଇବାକୁ ଶିକ୍ଷକମାନଙ୍କୁ କୁହାଯାଇଛି ବୋଲି ମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି।

## ସଂଘବଦ୍ଧ ଆକ୍ରମଣରେ ସ୍ୱାମୀ-ଗର୍ଭବତୀ ସ୍ତ୍ରୀ ଗୁରୁତର

କପ୍ତିପଦା, ୧୬।୬(ସମିସ): କପ୍ତିପଦା ଥାନା ଅନ୍ତର୍ଗତ ଜାମବଣି ପଞ୍ଚାୟତ ବାଘିଆଗଡ଼ି ଗ୍ରାମରେ ସଂଘବଦ୍ଧ ଆକ୍ରମଣରେ ଏକ ଦମ୍ପତି ଗୁରୁତର ଆହତ ହୋଇଛନ୍ତି। ୫୦ରୁ ଊର୍ଦ୍ଧ୍ୱ ଯୁବକ/ଯୁବତୀ ଠେଙ୍ଗା ବାଡ଼ି ଧରି ସିପୁନ ମଲ୍ଲିକଙ୍କୁ ଘରୁ ଘୋଷାଡ଼ି ଆଣି ମାଡ଼ ମାରିଥିଲେ। ତାଙ୍କର ଗର୍ଭବତୀ ସ୍ତ୍ରୀ ଏହାକୁ ବିରୋଧ କରିବାରୁ ଆକ୍ରମଣକାରୀମାନେ ତାଙ୍କୁ ବି ଛାଡ଼ିନଥିଲେ। ଏଥିରେ ଉଭୟ ଆହତ ହୋଇଛନ୍ତି। କପ୍ତିପଦା ଥାନା ପୁଲିସ ପହଞ୍ଚି ତଦନ୍ତ କରୁଛି।

ସୂଚନା ମୁତାବକ, ସିପୁନ ସିକନ୍ଦରାବାଦରେ ଏକ ଘରୋଇ କମ୍ପାନୀରେ ଦୀର୍ଘ ଦିନ ଧରି କାମ କରି ଆସୁଛନ୍ତି। ଗତ କିଛି ଦିନ ପୂର୍ବରୁ ଗ୍ରାମର ୪ଜଣ ଯୁବକଙ୍କୁ କାମ କରିବାକୁ ସାଙ୍ଗରେ ନେଇଥିଲେ। ସେମାନେ ପ୍ରାୟ ୨ମାସ କାମ କରିବା ପରେ ଛୁଟିରେ ଘରକୁ ଆସିଥିଲେ। ଆସିବା ବେଳେ କମ୍ପାନୀଠାରୁ ବେତନ ପାଇନଥିଲେ। ମାତ୍ର ସିପୁନ ଘରକୁ ଫେରିବା ପରେ ଆମକୁ ନେଇଥିଲୁ ଦରମା ଦେଇନୁ କହି ପରିବାର ସଦସ୍ୟ ଗ୍ରାମବାସୀଙ୍କୁ



ଧରି ତାଙ୍କୁ ଘରୁ ଘୋଷାଡି ନେଇ ମରଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଯାଇ ତାଙ୍କ ଗର୍ଭବତୀ ସ୍ତ୍ରୀ ମଧ୍ୟ ବାଦ୍ ପଡ଼ିନଥିଲେ। ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିବା ପରେ ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହିତ ଆହତ ଦମ୍ପତିଙ୍କୁ ମେଡିକାଲରେ ଭର୍ତ୍ତି କରାଇଛି।

## ମୟୂରଭଞ୍ଜରେ ଯୋଜନା ଫେଲ୍

# ବାର୍ଦ୍ଧକ୍ୟ ଭତ୍ତା ପାଇଁ ବର୍ଷ ବର୍ଷ ଧରି ଅପେକ୍ଷା

**ବାରିପଦା, ୧୬ ।୬(ସମିସ)**

ବୃଦ୍ଧବୃଦ୍ଧା, ବିଧବା ଓ ଦିବ୍ୟାଙ୍ଗଙ୍କ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଭତ୍ତା ଯୋଜନା ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାରେ ସଂପୂର୍ଣ୍ଣ ଭାବେ ଅକର୍ମଣ୍ୟ ହୋଇପଡ଼ିଛି । ହିତାଧିକାରୀ ବର୍ଷାଧିକ ସମୟ ଧରି ଆବେଦନ କରି ଅପେକ୍ଷାରେ ବସିଥିବାବେଳେ ପ୍ରଶାସନ ଟାର୍ଗେଟ୍ ନ ଆସିବାରେ ଦିନ ଗଡ଼ାଇ ଚାଲିଛି ।

ମିଳିଥିବା ସୂଚନା ମୁତାବକ, ତିନିବର୍ଷ ପୂର୍ବେ ଜିଲ୍ଲାରେ ଭତ୍ତା ପାଇଁ ଆବେଦନ କରିଥିବା ସଂଖ୍ୟା ୧୧ ହଜାର ଥିଲା । ଏବେ ଆଉ ୯,୧୫୨ ଜଣ ଆବେଦନ କରିଛନ୍ତି । ଫଳରେ ମୋଟ୍ ଆବେଦନକାରୀଙ୍କ ସଂଖ୍ୟା ୨୦ ହଜାର ଟପିଯାଇଛି । ଅନେକ ହିତାଧିକାରୀ ୭-୮ ବର୍ଷ ଧରି ପଞ୍ଚାୟତରୁ ବ୍ଲକ୍ କାର୍ଯ୍ୟାଳୟ ଦୌଡୁଛନ୍ତି । କେତେକ ଆବେଦନକାରୀ ଭତ୍ତା ମିଳିବା ଆଶାରେ ଜୀବନ ହରାଇଛନ୍ତି । ୨୦୧୬ ପରେ ଜିଲ୍ଲାକୁ କୌଣସି ନୂତନ ଟାର୍ଗେଟ୍ ଆସିନାହିଁ ବୋଲି ସୂଚନା ମିଳିଛି । ଫଳରେ ଆବେଦନ କରିଥିବା ଲୋକେ ବର୍ଷ ବର୍ଷ ଧରି ପ୍ରତିଶ୍ରୁତି ଶୁଣି ଆସୁଛନ୍ତି । ସାମାଜିକ ସୁରକ୍ଷା ବିଭାଗ କହିଛି ଯେ, ଏଥିରେ



ହିତାଧିକାରୀଙ୍କର କୌଣସି ଦୋଷ ନାହିଁ । ବ୍ଲକ୍ ଅନୁସାରେ ବିଳମ୍ବିତ ଆବେଦନକାରୀଙ୍କ ସଂଖ୍ୟା ହିସାବକୁ ନେଲେ ଶୁଳିଆପଦା ବ୍ଲକର ୧୦୨୪ ଆବେଦନକାରୀ ଥିବାବେଳେ ବାରିପଦାର ୯୫୬, ଶାମାଖୁଣ୍ଟାର ୯୭୮, ବଡ଼ସାହିର ୯୭୮, ଉଦଳାର ୧୦୭୫, ବେତନଟୀର ୯୨୩, ରାସଗୋବିନ୍ଦପୁରର ୭୪୭, କୁଳିଅଣାର ୮୨୧, ସାରସକଣାର ୯୮୭, ଖୁଣ୍ଟାର ୮୫୨, ବାଙ୍ଗିରିପୋଷିର ୧୦୫୪, ବିଶୋଇର ୯୪୨, ରାଇରଙ୍ଗପୁରର ୯୭୧, ଯଶିପୁରର ୯୩୬, କରଞ୍ଜିଆର ୮୩୧, ଠାକୁରମୁଣ୍ଡାର ୯୩୨, ବହଳଦାର ୮୮୫, ତିରିଂର ୭୧୨, ରରୁଆଁର ୮୨୧, ଗୋପବନ୍ଧୁନଗରର ୮୨୩, ମୋରଡ଼ାର ୯୨୩, ଶୁକ୍ରୁଳିର ୮୨୫, ଜାମଦାର ୭୯୮, କପ୍ତିପଦାର ୯୫୮, କୁସୁମର ୮୨୬ ଜଣ ଥିବାବେଳେ ବିଜାତଳା ବ୍ଲକର ୮୧୨ ଜଣ ଆବେଦନକାରୀ ଅପେକ୍ଷାରେ ରହିଛନ୍ତି । ତେବେ ଜିଲ୍ଲାରେ ବର୍ତ୍ତମାନ ୩ ଲକ୍ଷ ୨୧ ହଜାର ୮୭୨ ଜଣ ହିତାଧିକାରୀ ଭତ୍ତା ପାଉଛନ୍ତି । ଏଥିରୁ ୨ ଲକ୍ଷ ୨ ହଜାର ୧୩୨ ଜଣ ରାଜ୍ୟର ମଧୁବାବୁ ପେନସନ୍ ଯୋଜନା ଓ ୧ ଲକ୍ଷ ୧୯ ହଜାର ୭୪୦ ଜଣ ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନା ଅଧୀନରେ ସୁବିଧା ପାଉଛନ୍ତି । ଏବେ ଆଉ ୨୦ ହଜାର ଆବେଦନକାରୀ ଅପେକ୍ଷାରେ ଅଛନ୍ତି । ଏଥିରୁ ୧୫ ହଜାର ମଧୁବାବୁ ପେନସନ ଓ ୫ ହଜାର ଇନ୍ଦିରା ଗାନ୍ଧୀ ଯୋଜନା ପାଇଁ ଆବେଦନ କରିଛନ୍ତି । ବାକି ଆବେଦନକାରୀ ବାରିପଦା, ରାଇରଙ୍ଗପୁର ପୌରପାଳିକା, କରଞ୍ଜିଆ ଓ ଉଦଳା ଏନ୍ଏସି ଅଞ୍ଚଳର ଅଟନ୍ତି । ଜିଲ୍ଲାପାଳ ହେମକାନ୍ତ ସଏ ଏ ନେଇ କହିଛନ୍ତି, ଆବେଦନକାରୀଙ୍କ ସଂଖ୍ୟା କ୍ରମାଗତ ଭାବେ ବଢୁଥିବାରୁ ଭତ୍ତା ପ୍ରଦାନରେ ବିଳମ୍ବ ହେଉଛି । ଏ ନେଇ ରାଜ୍ୟ ସରକାରଙ୍କୁ ପୂର୍ବରୁ ବହୁବାର ଅବଗତ କରାଯାଇଛି । ଆବଶ୍ୟକ ପଦକ୍ଷେପ ନିମନ୍ତେ ପୁନଃ ଅନୁରୋଧ କରାଯିବ । ହିତାଧିକାରୀଙ୍କ ଦୁର୍ଦ୍ଦଶା ଓ ପ୍ରଶାସନିକ ଅନବେକ୍ଷଣ ନେଇ ସ୍ଥାନୀୟ ଲୋକେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ସରକାରୀ ଯୋଜନା ଯାହା ଗରିବ ଓ ଅସହାୟଙ୍କ ପାଇଁ ଆସିଥିଲା, ତାହା କାଗଜରେ ସୀମିତ ରହିଯାଉଛି ବୋଲି ଅଭିଯୋଗ ଉଠିଛି ।

**ଜଣେ ମୃତ୍ୟୁବରଣ କଲେ ଯାଇ ଅନ୍ୟଜଣେ ପାଉଛନ୍ତି ଭତ୍ତା**

# କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**କୁଆମରା/ଗୋପବନ୍ଧୁନଗର,୧୬ ।୬(ସମିସ):** ଗୋପବନ୍ଧୁନଗର ପ୍ରେସ କ୍ଲବ ଓ ବିବେକାନନ୍ଦ ସ୍ମୃତି ପରିଷଦ ମିଳିତ ଆନୁକୂଲ୍ୟରେ ଆଜି ପୁରୁଣା ବାରିପଦା ଆଇଟିଆଇ ପରିସରରେ ବ୍ଲକର ୨୦୨୫-୨୬ ଶିକ୍ଷାବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ୧୦ ଜଣ କୃତୀ ଛାତ୍ରଛାତ୍ରୀ ଓ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନ, ଧନ୍ଦାମୂଳକ ଓ କଳା ବିଭାଗର ମୋଟ ତିନୋଟି କଲେଜରୁ ୬ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ମେଧା ସମ୍ମାନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଉକ୍ତ ସମ୍ବର୍ଦ୍ଧନା ଉତ୍ସବରେ ପ୍ରେସ କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶ ଅଧ୍ୟକ୍ଷତା କରିଥିଲେ ।



ମୁଖ୍ୟଅତିଥି ଭାବେ ବିଡିଓ ପୃଥୀରାଜ ପରିଡ଼ା, ମୁଖ୍ୟବକ୍ତା ଅବସରପ୍ରାପ୍ତ ତହସିଲଦାର କରୁଣାକର ଧିନ୍ଦା, ସ୍ୱତନ୍ତ୍ର ଅତିଥି ଖୁଣ୍ଟା ଥାନା ଆଇଆଇସି ଆଦିତ୍ୟ ପ୍ରସାଦ ଜେନା, ସମ୍ମାନିତ ଅତିଥି ଖୁଣ୍ଟା ବ୍ଲକ ସହକାରୀ ଯନ୍ତ୍ରୀ ବିନୟ ଜ୍ୟୋତି ଲେଙ୍କା, ଗୋପବନ୍ଧୁନଗର ବ୍ଲକ ଶିକ୍ଷା ବିଭାଗ ବିଆରସିସି କୁଳମଣି ନାଏକ, ବିବେକାନନ୍ଦ ସ୍ମୃତି ପରିଷଦର ମୁଖ୍ୟ ତଥା ସମାଜସେବୀ ରମଣୀ ରଞ୍ଜନ ପରିଡା, ଟିକାୟତପୁର ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଭବାନୀ ଶଙ୍କର ବେହେରା, ହରି ବଳଦେବ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ ପରିଡ଼ା ପ୍ରମୁଖ ଯୋଗଦେଇ ଚିନ୍ତାଧାରାର ସ୍ଥିରତା ହିଁ ସଫଳତା ଆଣିଥାଏ ବୋଲି ମତବ୍ୟକ୍ତ କରିଥିଲେ । ଦଶମ ଶ୍ରେଣୀର ଆଦିତ୍ୟ କୁମାର ଜେନା, ଶୁଭ୍ରାଂଶୁ ମହାନ୍ତି, ସୂର୍ଯ୍ୟକାନ୍ତ ମହାପାତ୍ର, ଅର୍ଚ୍ଚିତା ବିଶ୍ୱାଳ, ଗୌରବ ହାଁସଦା, ଅଲିଭା ମଲ୍ଲିକ, ଆଦ୍ୟାଶା ହୋତା, ଚିନ୍ମୟ ବେହେରା, ଇତିଶ୍ରୀ ବେହେରା, ପ୍ରିୟାଂଶୁ ପୃଷ୍ଟି, ଉଚ୍ଚମାଧ୍ୟମିକ ବିଦ୍ୟାଳୟରୁ ଉର୍ମିଳା ସିଂ, ବିଶେଶ୍ୱରୀ ନାଏକ, ଗାୟତ୍ରୀ ଜେନା, ସୁପ୍ରିୟା ସିଂ, ସଙ୍ଗୀତା ବେହେରା, ରେବତୀ ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷକ ବଙ୍କିମ ଚନ୍ଦ୍ର ବାରିକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । ପ୍ରାରମ୍ଭରେ କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ତହସିଲଦାର କରୁଣାକର ଧିନ୍ଦା ଉଦଘାଟନ କରିଥିଲେ । ସମସ୍ତ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ କାର୍ଯ୍ୟକ୍ରମରେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ । ପ୍ରେସ କ୍ଲବର ସମ୍ପାଦକ ଡଃ କୁମାର ବାବୁଲି ଧନ୍ୟବାଦ ଦେଇଥିଲେ । ଉପସଭାପତି ଚିତ୍ତରଞ୍ଜନ ଦଳେଇ, ଶାନ୍ତନୁ କୁମାର ମହୁଆଳ, ବିଶ୍ୱଜିତ ଦାଶ, ରଞ୍ଜନ କୁମାର ମହୁଆଳ, ଦୀପକ କୁମାର ଚୌଧୁରୀ, ଯୋଗେଶ୍ୱର ସାହୁ, ସୂର୍ଯ୍ୟକାନ୍ତି ପୁହାଣ, ସମ୍ବିତ କୁମାର ରାଉତ, ମାଣିକ ହେମ୍ବ୍ରମ, ଜୟନ୍ତ କୁମାର ସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଧରାବାଗୁଡ଼ି ପ୍ରତିଯୋଗିତା ▸ ନିଶ୍ଚିନ୍ତପୁର-ଏ ଚାମ୍ପିଅନ



**ବଡ଼ସାହି,୧୬।୬(ସମିସ):** ରଜ ଅବସରରେ ବଡ଼ସାହି ବ୍ଲକ୍ ଅଧୀନ ଭୀମଦା ପଞ୍ଚାୟତ ନୂଆହାଟ ପଡ଼ିଆ ନିକଟରେ ଏକଦିବସୀୟ ଧରାବାଗୁଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ବିଶ୍ୱକର୍ମା ଯୁଥ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଏକଦିବସୀୟ ପ୍ରତିଯୋଗିତାରେ ୮ଟି ଦଳ ଭାଗ ନେଇଥିଲେ । ସେମାନଙ୍କ ମଧ୍ୟରୁ ଉନ୍ନତ ଖେଳ ପ୍ରଦର୍ଶନ କରି ନିଶ୍ଚିନ୍ତପୁର-ଏ ଓ ସିକ୍ସ ଷ୍ଟାର, ମୟୂରଭଞ୍ଜ ଦଳ ଫାଇନାଲକୁ ଉନ୍ନୀତ ହୋଇଥିଲେ । ସଂଘର୍ଷପୂର୍ଣ୍ଣ ଫାଇନାଲ ଖେଳରେ ନିଶ୍ଚିନ୍ତପୁର-ଏ ସିକ୍ସ ଷ୍ଟାର ଦଳକୁ ହରାଇ ଚଳିତ ବର୍ଷ ଚାମ୍ପିଅନ ହୋଇଛି । ଏ ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଆୟୋଜକ ଅନୀଲ ସାନ୍ତରା ସଭାପତିତ୍ୱ କରିଥିଲେ । ଅତିଥି ଭାବେ ସୁନୀଲ ସାନ୍ତରା, ରଣଜିତ ଜେନା, ରାଜୁ ବିନ୍ଧାଣୀ, ସନିଆ ସିଂ, ଗଣେଶ ବିନ୍ଧାଣୀ ଓ ରାଜୁ ସିଂ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କ ସହିତ ପରିଚିତ ହେବା ସହିତ ସେମାନଙ୍କୁ ଉତ୍ସାହିତ କରି ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ । ଯୁବ ନେତା ବାପି ସିଂ ସୁରିନ ପ୍ରତିଯୋଗିତାକୁ ଉଦଘାଟନ କରିଥିବାବେଳେ ବଳରାମ ସିଂ ଧାରା ବିବରଣୀ ପ୍ରଦାନ କରିଥିଲେ । ମନୋହରୀ ସିଂଙ୍କ ସହିତ କ୍ଲବର ସମସ୍ତ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ ।

## ମୟୂରଭଞ୍ଜରେ ପୂର୍ଣ୍ଣାଙ୍ଗ ଏମ୍ସ ପ୍ରତିଷ୍ଠା ଦାବି


**ବାରିପଦା/ଶୁଳିଆପଦା,୧୬ ।୬(ସମିସ):** ଶୁଳିଆପଦା ବ୍ଲକ ଅନ୍ତର୍ଗତ ଭୋଳା ଗ୍ରାମରେ ଆୟୋଜିତ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ମାସାଆର୍ମୀର ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡି ମୁଖ୍ୟଅତିଥି ଭାବେ ଯୋଗଦେଇ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ । ସେ କହିଥିଲେ, ମୟୂରଭଞ୍ଜ ଜିଲ୍ଲା ଓଡ଼ିଶାର ସର୍ବବୃହତ୍ ଜିଲ୍ଲା ହୋଇଥିଲେ ମଧ୍ୟ ସ୍ୱାସ୍ଥ୍ୟ, ଶିକ୍ଷା ଓ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଦୀର୍ଘଦିନ ଧରି ଅବହେଳାର ଶିକାର ହୋଇଆସୁଛି । ମୟୂରଭଞ୍ଜବାସୀଙ୍କ ଦୀର୍ଘଦିନର ଦାବି ଅନୁଯାୟୀ ଜିଲ୍ଲାରେ ଏକ ସମ୍ପୂର୍ଣ୍ଣ ପୂର୍ଣ୍ଣାଙ୍ଗ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ "ଏମ୍ସ" ପ୍ରତିଷ୍ଠା କରାଯିବା ନିହାତି ଆବଶ୍ୟକ । ଏହାଦ୍ୱାରା ମୟୂରଭଞ୍ଜ ସମେତ ଉତ୍ତର ଓଡ଼ିଶାର ଲକ୍ଷ ଲକ୍ଷ ଲୋକ ଉନ୍ନତ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଆଗାମୀ ୧୯ ଓ ୨୦ ତାରିଖରେ ମୟୂରଭଞ୍ଜ ଗସ୍ତରେ ଆସୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ମୟୂରଭଞ୍ଜବାସୀଙ୍କ ପକ୍ଷରୁ ସେ ନିବେଦନ କରିଛନ୍ତି ଯେ ଜିଲ୍ଲାର ବୃହତ୍ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମୟୂରଭଞ୍ଜରେ ସମ୍ପୂର୍ଣ୍ଣ ପୂର୍ଣ୍ଣାଙ୍ଗ ଏମ୍ସ ପ୍ରତିଷ୍ଠା ନେଇ ଐତିହାସିକ ଘୋଷଣା କରନ୍ତୁ । ଶ୍ରୀ ମାରାଣ୍ଡି ସ୍ପଷ୍ଟ କରି କହିଥିଲେ, ଯଦି ମୟୂରଭଞ୍ଜରେ ପୂର୍ଣ୍ଣାଙ୍ଗ ଏମ୍ସ ପ୍ରତିଷ୍ଠା କରା ନ ଯାଏ, ତେବେ ମୟୂରଭଞ୍ଜର ଐତିହାସିକ ପୃଷ୍ଠଭୂମି, ସ୍ୱତନ୍ତ୍ର ପରିଚୟ ଓ ଦୀର୍ଘଦିନର ବିକାଶଗତ ଅବହେଳାକୁ ଆଧାର କରି ମୟୂରଭଞ୍ଜକୁ ପୁନର୍ବାର ସ୍ୱତନ୍ତ୍ର ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳ ଭାବେ ଘୋଷଣା କରିବା ପାଇଁ ଦାବି ଜୋରଦାର କରାଯିବ । ଏହି ଦାବି କେବଳ ମାସାଆର୍ମୀର ନୁହେଁ, ବରଂ ମୟୂରଭଞ୍ଜର ସାଧାରଣ ଜନତାଙ୍କ ନ୍ୟାୟସଙ୍ଗତ ଅଧିକାର ଓ ବିକାଶର ଦାବି ବୋଲି ସେ ମତ ପ୍ରକାଶ କରିଥିଲେ । ଯଦି ଆଗାମୀ ଦିନରେ ଦାବି ପୂରଣ ନହୁଏ, ତେବେ ଗଣଆନ୍ଦୋଳନ ଗଢି ଉଠିବ ବୋଲି ସୂଚନା ଦେଇଛନ୍ତି ।



## ଜିଲ୍ଲାରେ ଗୋ-ମାଫିଆଙ୍କ ଉପରେ ପୁଲିସ ଚଢ଼ଉ ଘଟଣା

# ସୋସିଆଲ ମିଡିଆରେ ଫେରାର ଉତ୍ତମଙ୍କ ଭିଡିଓ ପ୍ରତିକ୍ରିୟା

**ବାରିପଦା, ୧୬ ।୬(ସମିସ):** ଖଇରପୋଖରିଆ ଅଞ୍ଚଳର ଗୋ-ମାଫିଆ କହି ଉତ୍ତମ କୁମାର ଦଣ୍ଡପାଟଙ୍କ ଘରେ ପୁଲିସ ପକ୍ଷରୁ ହୋଇଥିବା ଚଢ଼ଉ ଓ ତାଙ୍କ ନାମରେ ଆସିଥିବା ଅଭିଯୋଗକୁ ନେଇ ଭିଡିଓ ପ୍ରତିକ୍ରିୟା ମାଧ୍ୟମରେ ସେ ଖଣ୍ଡନ କରିଛନ୍ତି । ଏହି ଘଟଣା ପରେ ସୋସିଆଲ ମିଡିଆରେ ନିଜର ଏକ ଭିଡିଓ ବାର୍ତ୍ତା ଜାରି କରି ଉତ୍ତମ କୁମାର ନିଜର ପକ୍ଷ ରଖିଛନ୍ତି । ସେ ଅଭିଯୋଗ କରିଛନ୍ତି ଯେ, କିଛି ଅସାଧୁ ବ୍ୟକ୍ତି ସ୍ଥାନୀୟ ପ୍ରଶାସନ ସହ ମିଶି ତାଙ୍କୁ ଜୋର ଜବରଦସ୍ତ ଜଣେ ଗୋ-ସେବକରୁ ଗୋ-ମାଫିଆ ଭାବେ ଚିତ୍ରିତ କରିବାକୁ ଚେଷ୍ଟା କରୁଛନ୍ତି । ବିଗତ ଦିନରେ ସ୍ଥାନୀୟ ଆରକ୍ଷୀ ଅଧୀକ୍ଷକ ଓ ଆଇଜିଙ୍କ ସହଯୋଗରେ ସେ ଓ ତାଙ୍କ ଟିମ୍ ଶହ ଶହ ଗୋମାତାଙ୍କୁ ବେଆଇନ ଚାଲାଣରୁ ଉଦ୍ଧାର କରି ଗୋଶାଳାକୁ ପଠାଇଥିଲେ । ଗୋ-ତସ୍କରୀ ରୋକିବା ପାଇଁ ସେ ସ୍ୱର ଉତ୍ତୋଳନ କରୁଥିବାରୁ ତାଙ୍କୁ ମନ୍ଦ ଉଦ୍ଦେଶ୍ୟ ରଖି ଟାର୍ଗେଟ୍ କରାଯାଉଛି ବୋଲି ସେ ପ୍ରକାଶ କରିଛନ୍ତି ।



ନିଜକୁ ନିର୍ଦ୍ଦୋଷ ଦର୍ଶାଇବା ସହ ଏହି ସମ୍ପୂର୍ଣ୍ଣ ଘଟଣାର ଏକ ନିରପେକ୍ଷ ଓ ଉଚ୍ଚସ୍ତରୀୟ ଯାଞ୍ଚ କରିବା ପାଇଁ ସେ ଗଣମାଧ୍ୟମ ଓ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି । ଏଥିସହିତ ସେ ଯଦି ଦୋଷୀ ସାବ୍ୟସ୍ତ ହୁଅନ୍ତି, ତେବେ ଆଇନଗତ ଦଣ୍ଡ ପାଇଁ ପ୍ରସ୍ତୁତ ଅଛନ୍ତି ଓ ଯଦି ସେ ନିର୍ଦ୍ଦୋଷ, ତେବେ ତାଙ୍କ ବିରୋଧରେ ଷଡ଼ଯନ୍ତ୍ର କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ ଦାବି କରିଛନ୍ତି । ଯେତେ ବାଧାବିଘ୍ନ ଆସିଲେ ମଧ୍ୟ ସେ ଗୋ-ସେବାରୁ ଓହରିବେ ନାହିଁ ବୋଲି ଭିଡିଓ ବାର୍ତ୍ତାରେ ସ୍ପଷ୍ଟ କରିଛନ୍ତି ।

ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଭୋର ସମୟରେ ପୁଲିସ ତାଙ୍କ ଘରେ ଚଢ଼ଉ କରିବାର ୫ ମିନିଟ ପୂର୍ବରୁ ସେ ନିଜର ଏକ୍ସୟୁଭି ଗାଡିରେ କିଛି ଦସ୍ତାବିଜ ଧରି ଫେରାର ହୋଇଥିଲେ । ଯାହା ସିସିଟିଭି ଫୁଟେଜରେ ପୁଲିସ ପାଇ ଗଣମାଧ୍ୟମକୁ ଦେବା ପରେ ଜଣାପଡିଥିଲା । ଏଥିରେ କିଏ ସୂଚନାଦାତା, ସେ ନେଇ ପୁଲିସ ବିଭାଗ ମଧ୍ୟ ସନ୍ଦେହ ଘେରରେ ରହିଛି । ତେବେ ଶ୍ରୀ ଦଣ୍ଡପାଟ ଫେରାର ପରେ ଭିଡିଓ ବାର୍ତ୍ତା ଜାରି କରି ସୋସିଆଲ ମିଡିଆରେ ଦେଇଥିଲେ ହେଁ ପୁଲିସ ତାଙ୍କ ପାଖରେ ପହଞ୍ଚି ନ ପାରିବା ଓ ଶ୍ରୀ ଦଣ୍ଡପାଟ ମଧ୍ୟ ଆତ୍ମସମର୍ପଣ କରି ଆଇନକୁ ସମ୍ମାନ ନ ଜଣାଇବା ଚର୍ଚ୍ଚାର ବିଷୟ ସାଜିଛି ।

**ଗୋ-ସେବକରୁ ଗୋ-ମାଫିଆ ସଜାଯାଉଥିବା ଅଭିଯୋଗ**

# ବାରୁଡିହି ପ୍ରାଥମିକ ବିଦ୍ୟାଳୟରୁ ଶିକ୍ଷକ ବଦଳି ଦାବି

**ବଡ଼ସାହି,୧୬।୬(ସମିସ):** ବଡ଼ସାହି ବ୍ଲକ୍ ଅଧୀନ ବଡ଼ସାହି ପଞ୍ଚାୟତର ବାରୁଡିହି ପ୍ରାଥମିକ ବିଦ୍ୟାଳୟ ଏକ ବହୁ ପୁରାତନ ପ୍ରାଥମିକ ବିଦ୍ୟାଳୟ । ଏଥିରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଞ୍ଚଟି ଶ୍ରେଣୀ ରହିଛି । ମାତ୍ର ଶିକ୍ଷକ ଅଭାବ ଓ ପାଠପଢା ଠିକ୍ ଭାବେ ହେଉ ନ ଥିବାରୁ ଏହି ବିଦ୍ୟାଳୟର ପିଲା ଅନ୍ୟତ୍ର ପାଖ ବିଦ୍ୟାଳୟକୁ ଚାଲି ଯାଉଛନ୍ତି । ଫଳରେ ବିଦ୍ୟାଳୟଟି ଶ୍ରୀହୀନ ହେବାକୁ ବସିଛି । ବର୍ତ୍ତମାନ ଏହି ବିଦ୍ୟାଳୟର ପାଞ୍ଚଟି ଶ୍ରେଣୀରେ ୪୭ ଜଣ ପିଲା ପଢୁଥିବାବେଳେ ପିଲାଙ୍କ ସଂଖ୍ୟା ଦୃଷ୍ଟିରୁ ୨ ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି । ମାତ୍ର ଏହି ବିଦ୍ୟାଳୟର କାର୍ଯ୍ୟରତ ଶିକ୍ଷକ ରଥ ବେହେରା ବିଦ୍ୟାଳୟକୁ ଠିକ୍ ସମୟରେ ନ ଆସିବା , ଠିକ୍ ଭାବେ ପାଠ ନ ପଢାଇବା, ଅଧିକାଂଶ ସମୟରେ ବିଦ୍ୟାଳୟରେ ଛୁଟି ନ ନେଇ ମଧ୍ୟ ଅନୁପସ୍ଥିତ ରହିବା, ଏପରିକି ପିଲାମାନଙ୍କୁ ବିଦ୍ୟାଳୟରେ ବସାଇ ନିଜେ ବଜାରରେ ବୁଲୁଥିବାର ସଙ୍ଗୀନ ଅଭିଯୋଗ ବାରମ୍ବାର ହୋଇଆସୁଛି । ଏହାପରେ ମଧ୍ୟ ଶିକ୍ଷକଙ୍କ କାର୍ଯ୍ୟକଳାପରେ କୌଣସି ପରିବର୍ତ୍ତନ ହେଉନାହିଁ । ଏହି ଗ୍ରାମରେ ଗରିବ ଆଦିବାସୀ ସମ୍ପ୍ରଦାୟର ଲୋକ ବସବାସ କରୁଥିବାରୁ ଏହାର ସରଳତାର ସୁଯୋଗ ନେଇ ଶିକ୍ଷକ ଶ୍ରୀ ବେହେରା ନିଜ କାର୍ଯ୍ୟରେ ଅବହେଳା କରି ଆସୁଥିବା ଅଭିଯୋଗ ହୋଇଛି । ଏ ସଂକ୍ରାନ୍ତରେ ଏକ ଅଭିଯୋଗ ଗ୍ରାମବାସୀଙ୍କ ସମେତ ଶିକ୍ଷା କମିଟିର ସଭ୍ୟସଭ୍ୟା ପ୍ରାୟ ଏକବର୍ଷ ତଳେ ବଡ଼ସାହି ବ୍ଲକ୍ ଶିକ୍ଷାଧିକାରୀଙ୍କୁ କରିଥିଲେ । ମାତ୍ର ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ଫଳରେ ସେମାନେ ଏହି ଶିକ୍ଷକଙ୍କୁ ବିଦ୍ୟାଳୟ ଖୋଲିବା ପୂର୍ବରୁ ତୁରନ୍ତ ବଦଳି କରିବାକୁ କଂଗ୍ରେସ ବ୍ଲକ୍ ସଭାପତି ଶଶାଙ୍କ ଖେଖର କରଙ୍କ ନେତୃତ୍ୱରେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଏକ ଲିଖିତ ଅଭିଯୋଗ କରିଛନ୍ତି । ଜିଲ୍ଲା ଶିକ୍ଷାଧିକାରୀଙ୍କ ଅନୁପସ୍ଥିତିରେ ସେମାନେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଗୌତମ କୁମାର ପାତ୍ରଙ୍କୁ ଭେଟି ଅଭିଯୋଗ କହିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।



# ରଜ ପର୍ବରେ ସାଂସ୍କୃତିକ କାର୍ଯ୍ୟକ୍ରମ



**ବାରିପଦା, ୧୬।୬(ସମିସ):** ସ୍ଥାନୀୟ ପୁଲିସ ପଡ଼ିଆରେ ମା' କିଚକେଶ୍ୱରୀ ଏକାଡେମୀ ତରଫରୁ ରଜ ପର୍ବ ଉପଲକ୍ଷେ କୁନି କୁନି ପିଲାଙ୍କୁ ନେଇ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପିଲାମାନଙ୍କୁ ରଜ ପର୍ବ ବିଷୟରେ କୁଇଜ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଅମ୍ବିକା, ହିରଣ୍ମୟ, ଲଳିତ, ଅଙ୍କିତ, ବିଦ୍ୟାଶା, ଦେବରାଜ, ବିଦ୍ୟାଭାରତୀ, ନିଶାନ୍ତ, ଶିବାନୀ, ହିମାଲବୀର, ସ୍ନେହାଶିଷ, ସାଇ ଶୁଭମ, କୌଶିକ, ସାନ୍ନଭି, ଭାଗ୍ୟଶ୍ରୀ, ଋଷି, ମାମିନା, ପ୍ରତ୍ୟୁଷା, କ୍ରିଷ୍ଣା, ଅଙ୍କିତା, କବିତା, ସାଇ ସିଦ୍ଧାର୍ଥ, ଦିବ୍ୟାଂଶୁ ଓ ପ୍ରିୟଙ୍କା ଭାଗ ନେଇଥିଲେ । ଏହି ଉତ୍ସବର ସମସ୍ତ ପିଲାମାନେ ପୁରସ୍କୃତ ହୋଇଥିଲେ । ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନର ସମ୍ପାଦକ ବିଜୟ କୁମାର ଦାସ, କ୍ରୀଡ଼ାବିତ ଭାନୁ ପ୍ରତାପ ଭଞ୍ଜଦେଓ ଓ ଏନ୍ଆଇଏସ୍ କୋଚ୍ ମନୋରଞ୍ଜନ ଜୀଉ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଦିବ୍ୟଜ୍ୟୋତି ଜୀଉ, ହିମାନୀ ପାତ୍ର, ଓମ୍ ପ୍ରକାଶ, ଶୁଭ୍ରାଂଶୁ, ମେଘା ଓ ଶାନ୍ତିଲତା ରାଜ ସହଯୋଗ କରିଥିଲେ । ପରେ ସମସ୍ତ ପିଲା ପିଆର୍ଏମ୍ ପ୍ଲାନେଟୋରିୟମ ଦେଖିବାକୁ ଯାଇଥିଲେ । ସେଠାରେ ମହାକାଶ ଗବେଷଣା ସଂପର୍କରେ ଅବଗତ ହୋଇଥିଲେ ।

## ସରକାରଙ୍କ ଉଦାସୀନତା

# ରରୁଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମିଳୁନି ଉଚିତ ସେବା

**ଶୁକ୍ରୁଳି,୧୬ ।୬(ସମିସ):** ମୟୁରଭଞ୍ଜ ଜିଲ୍ଲାର ଉପାନ୍ତ ଅଞ୍ଚଳ ଝାଡଖଣ୍ଡ ରାଜ୍ୟ ସୀମାକୁ ଲାଗି ରହିଛି ରରୁଆଁ ବ୍ଲକ । ଏଠାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ଅଭାବ ଲୋକଙ୍କୁ ହତାଶ କରିଛି । ରରୁଆଁ ଅଞ୍ଚଳର ଲୋକଙ୍କ ବାରମ୍ବାର ଦାବି ପରେ ମଧ୍ୟ ସରକାର ତିନିଜଣ ସ୍ପେଶାଲିଷ୍ଟ ଡାକ୍ତରଙ୍କୁ ପର୍ଯ୍ୟାୟକ୍ରମେ ନିଯୁକ୍ତି ଦେଇଥିଲେ । ସ୍ତ୍ରୀ ଓ ପ୍ରସୂତୀ ବିଭାଗ, ଔଷଧ ବିଭାଗ ଓ ଶିଶୁ ରୋଗ ବିଭାଗ ସ୍ପେଶାଲିଷ୍ଟ ରହିବା ପରେ ଲୋକେ ସ୍ୱାସ୍ଥ୍ୟ ସେବା ପାଇ ଆଶ୍ୱସ୍ତ ଥିଲେ । ଏବେ ଦେଖାଯାଉଛି ସ୍ତ୍ରୀ ଓ ପ୍ରସୂତୀ ବିଭାଗ ଡାକ୍ତର ଏଠାରୁ ବଦଳି ହୋଇଛନ୍ତି । ଏହା ପରେ ଏବେ ମେଡ଼ିସିନ ଓ ପେଡିଏଟିକ ସ୍ପେଶାଲିଷ୍ଟଙ୍କ ବାରିପଦାକୁ ବଦଳି ହେବା ଜାଣି ସମସ୍ତ ଜନସାଧାରଣ ହତାଶ ହେବା ସଙ୍ଗେ ସଙ୍ଗେ ବିଭାଗୀୟ କର୍ମକର୍ତ୍ତାଙ୍କ କାର୍ଯ୍ୟକୁ ନିନ୍ଦା କରୁଛନ୍ତି । ଉପାନ୍ତ ଅଞ୍ଚଳର ଗରିବ ଆଦିବାସୀ ହରିଜନ ଜନସାଧାରଣ ଦୂର ସ୍ଥାନକୁ ଯାଇ ଖର୍ଚ୍ଚାନ୍ତ ହୋଇ ଡାକ୍ତରୀ ସେବା ପାଇବା କଷ୍ଟକର । ମାତ୍ର ଅଳ୍ପଦିନ ହୋଇଥିବା ସ୍ପେଶାଲିଷ୍ଟଙ୍କୁ ବଦଳି କରିବା ବିଭାଗୀୟ କର୍ମକର୍ତ୍ତାଙ୍କ ମନମୁଖୀ କାର୍ଯ୍ୟ ଅଟେ । କାରଣ ଏଠାରେ ପ୍ରାୟ ସାତବର୍ଷରୁ ଅଧିକ ଡାକ୍ତର ବି ରହିଛନ୍ତି । ଯାହାଙ୍କ ପାଇଁ ଜନଅସନ୍ତୋଷ ଦେଖାଯାଉଛି ଏବେ ସ୍ପେଶାଲିଷ୍ଟ ଡାକ୍ତରଙ୍କୁ ବଦଳି ନ କରି ତିନି ବର୍ଷରୁ ଅଧିକ ସମୟ ହୋଇଥିବା ସମସ୍ତ କର୍ମଚାରୀଙ୍କୁ ଡାକ୍ତରଖାନାରୁ ବଦଳି କରିବାକୁ ସାଧାରଣରେ ଦାବି ହେଉଛି ।




## ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୮୦ଟି ଅଭିଯୋଗର ଶୁଣାଣି କଲେ ପ୍ରଶାସନ

**କରଞ୍ଜିଆ,୧୬।୬(ସମିସ):** ମୟୂରଭଞ୍ଜ ଜିଲ୍ଲାର ପଞ୍ଚପିଢ କରଞ୍ଜିଆଠାରେ ଆଜି ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଉକ୍ତ ଶିବିରରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଓ ଆରକ୍ଷୀ ଅଧୀକ୍ଷକ ଯୋଗଦେଇ ଜନସାଧାରଣଙ୍କ ୮୦ଟି ଅଭିଯୋଗର ଶୁଣାଣି କରିଛନ୍ତି ।

ଆଜି ଆୟୋଜିତ ଜନଶୁଣାଣି ଶିବିରରେ ମୋଟ ୮୦ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା । ଏହି ଅଭିଯୋଗ ମଧ୍ୟରୁ ୬୫ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୧୫ଟି ଗ୍ରାମ୍ୟ ସମସ୍ୟା ସମ୍ବନ୍ଧୀୟ ଅଭିଯୋଗ ଥିଲା । ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡ ସହାୟତା ପାଇଁ କୌଣସି ଆବେଦନ ଆସି ନ ଥିବାବେଳେ ରେଡ୍‌କ୍ରସ୍ ସହାୟତା ପାଇଁ ମଧ୍ୟ କୌଣସି ଆବେଦନ ଗ୍ରହଣ କରାଯାଇ ନ ଥିଲା । ଶିବିରରେ ଅଭିଯୋଗକାରୀଙ୍କ ସମସ୍ୟାର ବିଚାର କରାଯାଇ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କ ସମସ୍ୟାର ଶୀଘ୍ର ସମାଧାନ ନିମନ୍ତେ ଏଭଳି ଶୁଣାଣି ଶିବିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା କୁହାଯାଇଛି ।



## କୃଷ୍ଣଚୁଡ଼ା ଫୁଲର ସମ୍ଭାର ▸ ପଥଚାରୀଙ୍କୁ କରୁଛି ଆକର୍ଷିତ

**ମୋରଡ଼ା,୧୬।୬(ସମିସ)**

ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହରେ ଲୋକେ ଅସ୍ତବ୍ୟସ୍ତ ହୋଇ ପଡୁଥିବାବେଳେ ପ୍ରକୃତିରାଣୀ କୋଳରେ ନିଆରା ସୌନ୍ଦର୍ଯ୍ୟ ବିଛାଇ ଦେଇଛି କୃଷ୍ଣଚୁଡ଼ା ଫୁଲ । ନିଆଁ ଭଳି ଲାଲରଙ୍ଗର ଫୁଲରେ ଭରି ଉଠିଥିବା କୃଷ୍ଣଚୁଡ଼ା ଗଛ ଓ ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି ।

ଚିତ୍ରଡା ମହାବିଦ୍ୟାଳୟ ପରିସର ଓ ବାରିପଦା-ଅମରଦା ୬୧ନଂ ରାଜ୍ୟ ରାଜପଥ କଡ଼ରେ କୃଷ୍ଣଚୁଡ଼ା ଫୁଲର ସମାହାର ଦେଖିବାକୁ ମିଳୁଛି । ଏହା ଖରାଦିନେ ଶୁଖିଲା ପଡ଼ିଥିବା ପରିବେଶକୁ ଜୀବନ୍ତ କରିବାକୁ ଚେଷ୍ଟା କରୁଛି । ସେଥିରେ ପୁଣି ଗଛ ତଳେ ଝଡି ପଡ଼ିଥିବା ଲାଲଫୁଲର ଗାଲିଚା ଲୋକଙ୍କ ମନକୁ ବିମୋହିତ କରିଦେଉଛି । ଫଳରେ ଯୁବପିଢିଙ୍କ ପାଇଁ ଏହା ରିଲ୍ସ ପଏଣ୍ଟ ପାଲଟିଛି । ପରିବେଶବିତ୍‌ଙ୍କ କହିବା ମୁତାବକ କିଛିଦିନ ପୂର୍ବରୁ କୃଷ୍ଣଚୁଡ଼ା ଗଛରେ କେବଳ ଲାଲରଙ୍ଗର ଫୁଲ ଦେଖାଯାଉଥିଲା । ଏବେ ତା\' ଭିତରେ ସବୁଜ ପତ୍ରର ସମାହାର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଦେଉଛି । ଗ୍ରୀଷ୍ମଋତୁର ଶେଷ ଭାଗରେ କୃଷ୍ଣଚୁଡ଼ା ଫୁଲର ଏହି ରଙ୍ଗୀନରୂପ ବର୍ଷା ଆଗମନର ବାର୍ତ୍ତାବହ ସାଜିଛି । ବର୍ଷାକୁ ଅପେକ୍ଷା କରି କୃଷ୍ଣଚୁଡ଼ା ସତେ ଯେମିତି ପ୍ରକୃତିର ଏକ ଜୀବ ଜୀବନ୍ତଚିତ୍ର ପାଲଟି ଯାଇଛି । ପତ୍ରଠାରୁ ଅଧିକ ଫୁଲରେ ଭରି ଉଠିଥିବା ଏହି ଗଛ ପ୍ରକୃତିକୁ ଏକ ନିଆରା ରୂପ ପ୍ରଦାନ କରୁଛି । ଏହାର ମନୋହର ସୌନ୍ଦର୍ଯ୍ୟ ପଥଚାରୀଙ୍କୁ ଆକର୍ଷିତ କରୁଛି । ପ୍ରକୃତିର ଏହି ନିଆରା ଉପହାରକୁ ସୁରକ୍ଷା ଦେବା ସହ ଅଧିକରୁ ଅଧିକ ଚାରା ରୋପଣ କରାଯିବା ଆବଶ୍ୟକତା ରହିଛି । ଏହାର ରକ୍ତିମ ରୂପ ଗ୍ରୀଷ୍ମଋତୁକୁ ନିଆରା ପରିଚୟ ପ୍ରଦାନ କରିଥାଏ । ପଥପାଶ୍ୱର୍ ବନୀକରଣ ନାଁରେ ଅନ୍ୟାନ୍ୟ ଗଛକୁ ପ୍ରାଧାନ୍ୟ ଦିଆଯାଉଥିଲେ ମଧ୍ୟ କୃଷ୍ଣଚୁଡ଼ା ଗଛର ସ୍ଥାନ ସ୍ୱତନ୍ତ୍ର ରହିଛି । ତେଣୁ ବନବିଭାଗ ଓ ପୂର୍ତ୍ତ ବିଭାଗ ଏ ଦିଗରେ ପଦକ୍ଷେପ ନେବାକୁ ପରିବେଶବିତ୍ ଦାବି କରିଛନ୍ତି ।



# କଣ୍ଟିପାଳ-କୁଆମରା ପାହାଡ଼ରୁ ପଥର ଲୁଟ୍





ଆନନ୍ଦପୁର, ୧୬।୬ (ସମିସ)

## ପୁଲିସ ସ୍କାନର୍‌ରେ ଖଣି ଲୁଟେରା

କେନ୍ଦୁଝର ଜିଲ୍ଲା ଆନନ୍ଦପୁର ତହସିଲ ଅନ୍ତର୍ଗତ କଣ୍ଟିପାଳ-କୁଆମରା ପାହାଡ଼ରୁ ବେଆଇନି ଭାବେ ପଥର ଲୁଟ ହେଉଥିବା ଅଭିଯୋଗ ହୋଇଛି। ସ୍ଥାନୀୟ କୁଆମରା ଓ ରାଇପାଳ ପାହାଡ଼ରୁ ପଥର ଚୋରି କରିବା ପାଇଁ ଆରମ୍ଭ ହୋଇଛି ଏକପ୍ରକାର ପ୍ରତିଦ୍ୱନ୍ଦ୍ୱିତା। ଏହି ପଥର କାରବାର ଯୋଗୁଁ ପ୍ରଭାବିତ ହେଉଛନ୍ତି ବନ୍ୟଜନ୍ତୁ। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ରାଜସ୍ୱ ବିଭାଗ ଅଧୀନରେ ଥିବା ଏହି ଇଲାକାରୁ ସନ୍ଧ୍ୟା ପରେ ରାତିସାରା ବେଧଡ଼କ ଭାବେ ପଥର ଚାଲାଣ ହେଉଛି। ପାହାଡ଼କୁ ଲାଗି ରହିଥିବା ହଦଗଡ଼ ହସ୍ତୀ ଅଭୟାରଣ୍ୟରେ ଥିବା ବନ୍ୟଜନ୍ତୁଙ୍କ ଉପରେ ଏହାର ପ୍ରଭାବ ପଡୁଥିବାରୁ ଏହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରାଇପାଳ ପାହାଡ଼ ଏବେ ଚୋର କାରବାର ଟାର୍ଗେଟ୍‌ରେ ରହିଛି। ପାହାଡ଼ର ପଥର ଫଟାଯିବା ସହ ଦିନରାତି ଟ୍ରାକ୍ଟରରେ ପଥର ବୁହା ଚାଲିଛି। ସଞ୍ଜ ନଇଁବା ପରେ ଗ୍ରାମାଞ୍ଚଳ ରାସ୍ତାରେ ବହୁ ସଂଖ୍ୟାରେ ପଥର ବୋଝେଇ ଟ୍ରାକ୍ଟର ଅତ୍ୟନ୍ତ ବେପରୁଆ ଭାବେ ଚଳାଚଳ କରୁଥିବାରୁ ଲୋକେ ଭୟଭୀତ ହୋଇ ଯାତାୟାତ କରୁଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ, ବାରୁଆଁରେ ଏକ ପଥର ଖାଦାନକୁ ଲିଜ୍ ଦିଆଯାଇଛି। ତେବେ ସେଠାରୁ କୌଣସି ପଥର ଉତ୍ତୋଳନ ହେଉନାହିଁ। ବାରୁଆଁରେ ନିଲାମ ଆଳରେ କେତେକ ବ୍ୟବସାୟୀ ରାଇପାଳ ପାହାଡ଼ର ବିଭିନ୍ନ ସ୍ଥାନରୁ ପଥର ଉତ୍ତୋଳନ କରୁଛନ୍ତି। ଏପଟେ କୁଆମରା ପାହାଡ଼କୁ ଲାଗିରହିଛି ହଦଗଡ଼ ହସ୍ତୀ ଅଭୟାରଣ୍ୟ ଏହି ଅଞ୍ଚଳ ଦେଇ ସବୁ ସମୟରେ ହାତୀ, ହରିଣ ସମେତ ଅନ୍ୟ ବନ୍ୟଜନ୍ତୁଙ୍କ ଯାତାୟାତ ଲାଗିରହୁଛି। ବେଆଇନ ପଥର ଉତ୍ତୋଳନର ପ୍ରଭାବ ବନ୍ୟଜନ୍ତୁଙ୍କ ଉପରେ ପଡୁଛି। ୨୦୨୧ରେ ଜାତୀୟ ଗ୍ରିନ୍ ଟ୍ରିବ୍ୟୁନାଲ ହଦଗଡ଼ ଅଭୟାରଣ୍ୟ ମଧ୍ୟରେ କୌଣସି ପଥର ଖାଦାନ ଚଲାଇବାକୁ ବାରଣ କରିଥିଲେ। ଏନ୍‌ଜିଟି ନିର୍ଦ୍ଦେଶକୁ ବେଖାତିର କରି ଏଠାରେ ପଥର ଉତ୍ତୋଳନ କରାଯାଉଛି। ଏ ସମ୍ପର୍କରେ ହଦଗଡ଼ ରେଞ୍ଜର ମାର୍ଶାଲ କିସ୍କୁଙ୍କୁ ପଚାରିବାରୁ ସେ କହିଛନ୍ତି, ରାଇପାଳ ପାହାଡ଼ ଅଭୟାରଣ୍ୟର ଅତି ନିକଟରେ ରହିଛି। ଏଠାରୁ ପଥର ଉତ୍ତୋଳନ କରିବା ଦ୍ୱାରା ଅଭୟାରଣ୍ୟ ମଧ୍ୟରେ ଥିବା ବନ୍ୟଜନ୍ତୁ ପ୍ରଭାବିତ ହେଉଛନ୍ତି। ପ୍ରଶାସନ ଓ ଲଘୁଖଣିଜ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ▸▸ ମରଣାନ୍ତକ ଆକ୍ରମଣ ଅଭିଯୋଗ

# ନ୍ୟାୟ ଅପେକ୍ଷାରେ ପୀଡ଼ିତ ନାବାଳକ

## 'ଛୋଟ ପିଲାର କେସ୍ ହେବନି' କହି ଫେରାଇଦେଲେ ପୁଲିସ ବାବୁ

ତେଲକୋଇ, ୧୬।୬(ସମିସ): ଭାରତୀୟ ନ୍ୟାୟ ସଂହିତାକୁ ମାନୁନାହାଁନ୍ତି ପୁଲିସ ବାବୁ। ଥାନାରେ ଚାଲିଛି ପୁଲିସ ବାବୁଙ୍କ ରାଜ। କାଠ ଫାଳିଆରେ ମାଡ଼ ଖାଇଥିବା ନାବାଳକ ନ୍ୟାୟ ପାଇବା ଆଶାରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ହେଲେ ଛୋଟ ଛୁଆଙ୍କ କେସ୍ ହେବନାହିଁ କହି ଫେରାଇ ଦେଲେ ପୁଲିସ ବାବୁ। ପୀଡ଼ିତଙ୍କ ମା' ଏଭଳି ଅଭିଯୋଗ କରିଛନ୍ତି। ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ତେଲକୋଇ ଥାନାଞ୍ଚଳରେ। ମରଣାନ୍ତକ ଆକ୍ରମଣ କରିଥିଲେ ମଧ୍ୟ ଅଭିଯୁକ୍ତକୁ ତେଲକୋଇ ପୁଲିସ ଘଣ୍ଟ ଘୋଡ଼ାଉଥିବା ଅଭିଯୋଗ କରିଛନ୍ତି ପରିବାର ଲୋକେ। ସୂଚନା ଅନୁଯାୟୀ, ଗତ ୧୧ ତାରିଖ ଦିନ ସାଢ଼େ ୧୧ଟା ବେଳକୁ ମାମୁଲି ବେହେରାଙ୍କ ସପ୍ତମ ଶ୍ରେଣୀରେ ପଢୁଥିବା ୧୨ ବର୍ଷର ପୁଅ ସାହିଲ ଭୀମକାଣ୍ଡ ଗାଁ ରୁଗଡି ସାହିକୁ ସାତ ବର୍ଷର ସାନ ଭଉଣୀକୁ ଡାକିବାକୁ ଯାଇଥିଲା। ଭଉଣୀକୁ ଡାକି ଦେଇ ନିକଟରେ ଥିବା ଏକ ନଳକୂପ ନିକଟରେ ଛିଡ଼ା ହୋଇଥିବା ବେଳେ ରୁଗୁଡି ସାହିର ଦଶରଥ ସାହୁଙ୍କ ପୁଅ ବାଦଲ ସାହୁ ନଳକୂପରେ ବୋତଲରେ ପାଣି ପିଉଥିଲେ। ମାମୁଲିଙ୍କ ପୁଅ ସାହିଲ ଛିଡ଼ା ହୋଇଥିବା ଦେଖି ତାଙ୍କ ଉପରକୁ ପାଟିରେ ଧରିଥିବା ଅଇଁଠା ପାଣିକୁ ବାରମ୍ବାର ପକାଇଥିଲେ। ସାହିଲ ଏହାର ପ୍ରତିବାଦ କରିବାରୁ ତୁ କ'ଣ ମୋ ମୁହଁ ଉପରେ ଜବାବ ଦେଉଛୁ ବୋଲି କହିବା ସହ ମାରିକି ମୁଣ୍ଡ ଫଠେଇ ଦେବି ବୋଲି କହିଥିଲେ। ଏହାଶୁଣି ସାହିଲ ଦୌଡ଼ି ପଳାଉଥିବା ବେଳେ ବାଦଲ ଏକ କାଠ ଫାଳିଆରେ ସାହିଲର ମୁଣ୍ଡକୁ ବାଡ଼େଇ ଦେଇଥିଲା। ଫଳରେ ସାହିଲର ମୁଣ୍ଡ ଫାଟି ରକ୍ତ ଜୁଡୁବୁଡୁ ହୋଇ ଯାଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ପରିବାର ଲୋକେ ତେଲକୋଇ ମେଡିକାଲରେ ଭର୍ତ୍ତି କରିଥିଲେ। ତାଙ୍କର ମୁଣ୍ଡରେ ୪ଟି ଷ୍ଟିଚ ପଡିଛି। ଏନେଇ ସାହିଲଙ୍କ ମା ଗତ ୧୨ ତାରିଖ ଦିନ ତେଲକୋଇ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିବା ମାମୁଲି ବେହେରା ପ୍ରକାଶ କରିଛନ୍ତି। ଆଜି ଆସ କାଲି ଆସ କହି ଗଡ଼ାଇ ଚାଲିଛନ୍ତି ପୁଲିସ ବାବୁ। ଛୋଟ ପିଲା, କ'ଣ ହେବ ବୋଲି ଥାନାଧିକାରୀ କହିଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି।

# ଦୁଇଚକିଆ ଯାନ ଧରପଗଡ଼



ଚମ୍ପୁଆ, ୧୬।୬(ସମିସ): ସଡ଼କ ସୁରକ୍ଷା ଏବଂ ଅପରାଧ ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି ଚମ୍ପୁଆ ପୁଲିସ ପକ୍ଷରୁ ଚମ୍ପୁଆ-ଝାରଖଣ୍ଡ ସୀମାନ୍ତ କଳାବନ୍ଧ ନିକଟରେ ବ୍ୟାପକ ଦୁଇଚକିଆ ଯାନ ଯାଞ୍ଚ ଅଭିଯାନ ଚାଲିଥିଲା। ଏହି ଅଭିଯାନ ସମୟରେ ପୁଲିସ କର୍ମଚାରୀମାନେ ଯାନ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ, ହେଲମେଟ, ବୀମା ପତ୍ର, ପ୍ରଦୂଷଣ ପ୍ରମାଣପତ୍ର ଓ ଗାଡ଼ିର ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ କରିଥିଲେ। ନିୟମ ଉଲ୍ଲଂଘନ କରୁଥିବା କିଛି ଯାନ ଚାଳକଙ୍କ ବିରୋଧରେ ମୋଟର ଯାନ ଆଇନ ଅନୁଯାୟୀ ଜରିମାନା ଆଦାୟ କରାଯାଇଥିବା ବେଳେ, ସଡ଼କ ସୁରକ୍ଷା ନିୟମ ମାନିବା ପାଇଁ ସଚେତନ ମଧ୍ୟ କରାଯାଇଥିଲା। ଚମ୍ପୁଆ ପୁଲିସ କହିଛି ଯେ ଦୁର୍ଘଟଣା ରୋକିବା ଏବଂ ଅପରାଧୀଙ୍କ ଗତିବିଧି ଉପରେ ନଜର ରଖିବା ଲକ୍ଷ୍ୟରେ ଏଭଳି ଯାଞ୍ଚ ଅଭିଯାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ।

# ବିଶ୍ୱ ବରିଷ୍ଠ ନାଗରିକ ଅତ୍ୟାଚାର ନିରୋଧ ଦିବସ




କେନ୍ଦୁଝର,୧୬।୬(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ଆୟୋଜନରେ ସଦର ବ୍ଲକ ବନାଯୋଡିସ୍ଥିତ ଆନନ୍ଦାଶ୍ରମରେ ବିଶ୍ୱ ବରିଷ୍ଠ ନାଗରିକ ଅତ୍ୟାଚାର ନିରୋଧ ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ, ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷ ଙ୍ଗ ବିଘ୍ନେଶ୍ୱର ରାଜ, ଆନନ୍ଦାଶ୍ରମର ପ୍ରତିଷ୍ଠା ଶ୍ରୀମତୀ ସିଂ, ପାନେଲ ଅଧିବକ୍ତା ଅର୍ଚ୍ଚିତା ଦେବାର୍ଚ୍ଚନା ନାୟକ, ସଦର ଥାନା ପୁଲିସ ଅଧିକାରିଣୀ ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ନାଗରିକଙ୍କୁ ସୁରକ୍ଷା ସେମାନଙ୍କ ପାଇଁ ଆଇନଗତ ଦିଗ ପ୍ରାଧିକରଣ ମାଧମରେ ଦିଆଯାଉଥିବା ଆଇନ୍ ସହାୟତା ଓ ସର୍ବପରିଭାବରେ ବରିଷ୍ଠ ନାଗରିକଙ୍କର ଉପସ୍ଥିତି ସମାଜରେ ହିତ ସାଧନ ଉପରେ ସମସ୍ତ ବର୍ଗର ଲୋକଙ୍କୁ ସଚେତନତା କରାଯାଇଥିଲା।

# ବେଲବାହାଳିରେ ନୃତ୍ୟଶିଳ୍ପୀଙ୍କୁ ସମ୍ବର୍ଦ୍ଧନା



ଆନନ୍ଦପୁର, ୧୬।୬ (ସମିସ): ବୀଣାପାଣି କଳା ନିକେତନ ନୃତ୍ୟାନୁଷ୍ଠାନର ନୃତ୍ୟ ଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନାରେ ବେଲବାହାଳି ସତ୍ୟନାରାୟଣ ଯୁବକ ସଂଘ ମଞ୍ଚରେ ଚାଳିଶି ନୃତ୍ୟ ଶିଳ୍ପୀ ବର୍ଷା ସତ୍ତ୍ୱେ ସୁନ୍ଦର ନୃତ୍ୟ ପରିବେଷଣ କରିଥିଲେ। ଏଥିରେ ଅଭିନେତ୍ରୀ ମେହେନ୍ଦୀ ସ୍ୱାଇଁ, ଅଭିନେତା ତାପସ କୁମାର, ଘୋଷିକା ସମୟଶ୍ରୀ ଚାଟର୍ଜି ଯୋଗ ଦେଇଥିଲେ। ଦ୍ୱିତୀୟ ରଜରେ ହାପିଲିଭ ଫାଉଣ୍ଡେସନ, ଭୁବନେଶ୍ୱର ଡ଼ ମନୋଜ ଲେଙ୍କାଙ୍କ ତତ୍ତ୍ୱାବଧାନରେ ରଜ ଗୀତର ତାଳେ ତାଳେ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ମତୁଆଲା କରିଥିଲେ। ଶେଷ ରଜରେ ନିଜ ଗାଁ ମାଟିର ନୂଆ କଲୋନୀ ମହାବୀର କ୍ଲବରେ ବିଳମ୍ବିତ ରାତି ଯାଏଁ ନୃତ୍ୟ କରିଥିଲେ। ନୃତ୍ୟ ଗୁରୁଙ୍କ ସହିତ ଅଭିନେତା ଅଶ୍ରୁମୋଚନ ମହାନ୍ତି, ଅଭିନେତା ବବି ମିଶ୍ର, ଅଭିନେତ୍ରୀ ପ୍ରତିଭା ପଣ୍ଡା ନୃତ୍ୟ ପ୍ରଦର୍ଶନ କରି ରଜକୁ ଉପଭୋଗ କରିଥିଲେ। ଶେଷ ଦିନରେ ଚାଳିଶିରୁ ଅଧିକ ନୃତ୍ୟ ଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବାତୋ ମହିମା ଆଶ୍ରମରେ ସ୍ମୃତିସଭା



ଆନନ୍ଦପୁର, ୧୬।୬ (ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ବାତୋ ମହିମା ଆଶ୍ରମର ସାଧୁ ରବୀନ୍ଦ୍ର କୁମାର ଦାସ ଶରୀର ଛାଡ଼ି ଇହଧାମ ତ୍ୟାଗ କରିଥିଲେ। ତାଙ୍କ ସ୍ମୃତିରେ ବାତୋ ମହିମା ଆଶ୍ରମରେ ବ୍ରହ୍ମ ଅବଧୂତ ଅନ୍ତର୍ଯ୍ୟାମୀ ବାବାଙ୍କ ପୌରୋହିତ୍ୟରେ ୧୫ ତାରିଖରେ ସାଧୁ ଭିକ୍ଷା, ଶରଣ ଦର୍ଶନ, ଘୃତ୍ ବତି ପ୍ରଜ୍ୱଳନ, ସମବେତ ପ୍ରାର୍ଥନା, ନାମ ଭଜନ ଓ ସ୍ମୃତି ଚାରଣ ସଭା ଓ ୧୬ରେ ପୂର୍ଣ୍ଣାହୁତି ଓ ବାଲ୍ୟ ଲୀଳା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ବ୍ରହ୍ମ ଅବଧୂତ ଶୁକ ବାବା, ଆକୁଳି ବାବା, ମୋହନ ବାବା, ସାନ ଭୀମ ବାବା, ପ୍ରଫୁଲ୍ଲ ବାବା, ସ୍ୱାଧୀନ ବାବା, ଭାବଗ୍ରାହୀ ବାବା, ଅଚ୍ୟୁତ ବାବା, ସାଧୁ ମଦନ ଦାସ, ଉଦୟ ଦାସ, ଅନନ୍ତ ଦାସ, ସାଧୁ ସନ୍ଥ ଓ ବୈରାଗୀ, ଭକ୍ତ ପିତ ମାତା, ଶସଙ୍ଗର ଶାନ୍ତନୁ ସାହୁ, ନଦୁଆଁର କେଶବ ସାହୁ, ଗୌରାଙ୍ଗ ବଳ, ଅନନ୍ତ ବଳ, ଅଲେଖ ମୁଦୁଲି, ଅନ୍ତର ଦଳେଇ,ରତ୍ନାକର ଦଳେଇ, ବଇଲୋଚନ ବଳ, କୁଶ ପରିଡା, ବଲ୍ଲଭ ଚରଣ ସାହୁ, ଚିନ୍ତାମଣି ନାୟକ, ଚନ୍ଦ୍ରମଣି ମାଝି, ଯଦୁନାଥ ମଲ୍ଲିକ, ବାମନ ଚରଣ ମାଝି, ସନାତନ ବେହେରା, ଶଙ୍କର୍ଷଣ ସାହୁ, ମୁରଲୀ ପରିଡା, ଶତ୍ରୁଘ୍ନ ଦଳେଇ, କୈଳାଶ ଜେନା, ପ୍ରଭାକର ଦଳେଇ,ପେଜ ଜେନା,ଗୌରାଙ୍ଗ ଓଝା,ନରହରି ପଣ୍ଡା, ନାରାୟଣ ବାରିକ, ନାରାୟଣ ଜେନା, ବାଇଧର ଜେନା, କୋଦଣ୍ଡ ସା, ରଞ୍ଜନ ଦଳେଇ, ଶରତଚନ୍ଦ୍ର ଦଳେଇ, ଶ୍ରୀକାନ୍ତ ଜେନା, ସୁରେନ୍ଦ୍ର ଜେନା, କୋଦଣ୍ଡ ଜେନା, ଶ୍ରୀଧର ପରେଇ, କ୍ଷେତ୍ରବାସୀ ଜେନା, ବନମାଳି ଜେନା, ଚିନ୍ତାମଣି ଜେନା, ଶରତ ଜେନା, ନରହରି ଜେନା, ସନାତନ ସାହୁ, ଗଙ୍ଗାଧର ବରାଳ, କମଲ ଲୋଚନ ପୁହାଣ, ରଘୁନାଥ ମଲ୍ଲିକ, ପ୍ରଫୁଲ୍ଲ ଦଳେଇ, ବାତୋ, ପରମାନନ୍ଦପୁର, ଫଟେଇପୁର, ଗୋଡ଼ିଉପର, ଲୁଣିଆପାଟଣା, ମଧୁକେଶରି, ଅତା, ନନ୍ଦୁଆ, ବେଲବାହାଳି ତଥା ଆନନ୍ଦପୁର, ହାଟଡିହି ଅଞ୍ଚଳର ବହୁ ଭକ୍ତ ଏହି ଯୋଗଦେଇଥିଲେ।

# ଟାଙ୍ଗିଆ ଚୋଟରେ ଜଣେ ଗୁରୁତର

ହାଟଡିହୀ,୧୬।୬(ସମିସ): ହାଟଡିହୀ ବ୍ଲକ ଆନନ୍ଦପୁର ଥାନା ପଞ୍ଚୁଗୋଛିଆ ଗ୍ରାମରେ ଘଟିଛି ଅଭାବନୀୟ ଘଟଣା। ଗ୍ରାମର ଭଞ୍ଜ ସାହୁଙ୍କ ପୁଅ ମାନସ ସାହୁକୁ ସେହି ଗାଁର ଜଣେ ଯୁବକ ଅତର୍କିତ ଆକ୍ରମଣ ସହ ଏକ ଟାଙ୍ଗିଆ ସାହାଯ୍ୟରେ ହାଣି ପକାଇଥିଲା। ଗୁରୁତର ମାନସକୁ ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଆଜି ସକାଳୁ ମାନସ ଦାଣ୍ଡରେ ବସିଥିବା ସମୟରେ ସେହି ଗାଁର କାଳିଆ ଦଳେଇ ହଠାତ ଆକ୍ରମଣ କରି ମାନସର ମୁଣ୍ଡ, ହାତ ଓ କାନ୍ଧକୁ ହାଣି ପକାଇଥିଲା। ପରିବାର ଲୋକଙ୍କ ସହ ମିଶି ଗାଁଲୋକେ କାଳିଆକୁ କାବୁ କରି ଆନନ୍ଦପୁର ପୁଲିସକୁ ହସ୍ତାନ୍ତର କରିଥିବା ବେଳେ ଆକ୍ରମଣର କାରଣ ଜଣାପଡିନି।

# ନରସିଂହପୁର ରଜ ପର୍ବ ନିଆରା



ଆନନ୍ଦପୁର, ୧୬।୬(ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ଭଣ୍ଡାରିଡିହା ପଞ୍ଚାୟତର ନରସିଂହପୁର ଗ୍ରାମରେ ଗଣପର୍ବ ରଜ ନିଆଁରା ଭାବ ପାଳନ କରାଯାଇଛି। ପିଠା ମିଠା ରଜ ପାନ ଖାଇ ଝିଅ ବୋହୂମାନେ ଦୋଳି ଖେଳିବା ସହ ଛୋଟ ଛୁଆଙ୍କ ମଧ୍ୟରେ ମିଉଜିକ ସେୟାର ଖେଳ ହୋଇଥିଲା। ଏହି ଗ୍ରାମର ସ୍ୱତନ୍ତ୍ର ଢ଼ିପାମାଡ଼, ଗଛର ବକଳକୁ ଆଣି ଗ୍ରାମ ଦେବତୀ ମଙ୍ଗଳା ମା' ନିକଟରେ ପୂଜାର୍ଚ୍ଚନା କରି ଗ୍ରାମର ବରିଷ୍ଠ ଲୋକମାନେ ଜିଆ ଗଛର ବକଳକୁ ବାଡେଇ ବାଡେଇ ଗୀତ ଗାଇ ଗ୍ରାମ ପ୍ରରିକ୍ରମା କରି ଶେଷ ରଜକୁ ବାଟେଇଥାନ୍ତି।

# କେନ୍ଦୁଝର ୱାକର୍ସ କ୍ଲବ୍‌ର କର୍ମକର୍ତ୍ତା ଚୟନ

କେନ୍ଦୁଝର, ୧୬।୬(ସମିସ): କେନ୍ଦୁଝର ୱାକର୍ସ କ୍ଲବର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଦିବଂଗତ ସଭାପତି ଡ଼ଃ ପିସିଦାସଙ୍କ ବିୟୋଗରେ ଶୋକ ପ୍ରକାଶ କରାଯାଇ ନିରବ ପ୍ରାର୍ଥନା କରାଯିବା ପରେ କ୍ଲବର ଆଗାମୀ କାର୍ଯ୍ୟପନ୍ଥା ଉପରେ ବ୍ୟାପକ ଆଲୋଚନା କରାଯାଇଥିଲା। ସର୍ବସମ୍ମତି କ୍ରମେ କର୍ମକର୍ତ୍ତାଙ୍କୁ ମନୋନୀତ କରାଯାଇଛି। ଡାକ୍ତର ସଂଜୀବ ଓତା ସଭାପତି, ପ୍ରଶାନ୍ତ କୁମାର ସ୍ୱାଇଁ, ବରଦା ପ୍ରସନ୍ନ ଦାସ ଉପସଭାପତି, ବିଦ୍ୟାଧର ଚୌଧୁରୀ ସାଧାରଣ ସମ୍ପାଦକ, ଜନ୍ମେଜୟ ଦାସ, କିଶୋର ଜେନା ଯୁଗ୍ମ ସମ୍ପାଦକ, ଜିତେନ୍ଦ୍ର ଦାସ ସହସମ୍ପାଦକ, ସୁଶୀଲ କୁମାର ସାହୁ କୋଷାଧ୍ୟକ୍ଷ, ଶରତ ରାଉତ, ବିବି ମିଶ୍ର, ଧନଞ୍ଜୟ ପଣ୍ଡା, ରାମଚନ୍ଦ୍ର ତ୍ରିପାଠୀ, କରୁଣାକର ନାଏକ, ବ୍ରଜକିଶୋର ଓଝା, ସଞ୍ଜୟ ମହାପାତ୍ର, ସୁଧାଂଶୁ ସାହୁ, ଶରତ ଜେନା, ଜ୍ଞାନରଞ୍ଜନ ଦାଶ ପରିଚାଳନା ନିର୍ଦ୍ଦେଶକମଣ୍ଡଳୀ ଏବଂ ଗଣମାଧ୍ୟମ ସଂଯୋଜକ ସତ୍ୟଜିତ ସାମନ୍ତରାୟ ମନୋନୀତ ହୋଇଛନ୍ତି। ବିଗତ ଦିନରେ ମା'ତାରିଣୀ ୱାକର୍ସ କ୍ଲବର ଲୋକକଲ୍ୟାଣ କାର୍ଯ୍ୟକ୍ରମ ବହୁଳ ପ୍ରଶଂସିତ ହୋଇଥିବାର ସାଧାରଣରେ ଆଲୋଚ୍ୟର ବିଷୟ ହୋଇ ପାରିଛି।



# ଶେଷ ରଜରେ ଜମିଲା ଆସର



ଚମ୍ପୁଆ, ୧୬।୬(ସମିସ): ପବିତ୍ର ରଜ ପର୍ବର ଶେଷ ଦିନ ଅର୍ଥାତ୍ ଶେଷ ରଜ ଅବସରରେ ଚମ୍ପୁଆ ଅଞ୍ଚଳରେ ଦେଖାଦେଇଛି ଭାରି ଉତ୍ସାହ ଓ ଉଦ୍ଦୀପନା। ଛୋଟ ପିଲାଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ରଜର ଆନନ୍ଦରେ ମସଗୁଲ ହୋଇଥିବା ବେଳେ ବିଭିନ୍ନ ସ୍ଥାନରେ ଦୋଳି ଖେଳର ଆସର ଜମିଥିବା ଦେଖିବାକୁ ମିଳିଛି। ଘରେ, ଗାଁ ଦାଣ୍ଡରେ ଲାଗିଥିବା ରଜ ଦୋଳିରେ ଛୋଟରୁ ବଡ଼ ପର୍ଯ୍ୟନ୍ତ ସମସ୍ତଙ୍କ ଭିଡ଼ ଜମିଥିବା ବେଳେ ଦୋଳି ଖେଳରେ ସମସ୍ତେ ମସଗୁଲ ରହିଥିଲେ। ଯୁବତୀମାନେ ନୂଆ ପୋଷାକ ପିନ୍ଧି, ପାଦରେ ଅଳତା ଲଗାଇ ଓ ରଜ ଗୀତ ଗାଇ ପାରମ୍ପରିକ ଢଙ୍ଗରେ ପର୍ବ ପାଳନ କରିଥିଲେ। ଏହାସହିତ ଶେଷ ରଜ ଅବସରରେ ମିଠା ପାନ, ପୋଡ଼ ପିଠା ଓ ବିଭିନ୍ନ ପାରମ୍ପରିକ ଖାଦ୍ୟର ଆସର ମଧ୍ୟ ଜମିଥିଲା। ରଜ ପର୍ବର ଶେଷ ଦିନକୁ ସ୍ମରଣୀୟ କରିବା ପାଇଁ ପରିବାର ଓ ସାଙ୍ଗସାଥୀଙ୍କ ସହ ଆନନ୍ଦ ଉଲ୍ଲାସରେ ସମୟ ବିତାଇଥିଲେ ଲୋକମାନେ। ପାରମ୍ପରିକତା, ଭାଇଚାରା ଓ ସାଂସ୍କୃତିକ ଐତିହ୍ୟର ବାର୍ତ୍ତା ଦେଇ ଶେଷ ରଜ ଚମ୍ପୁଆ ଅଞ୍ଚଳରେ ଆନନ୍ଦ ଓ ଉଲ୍ଲାସର ପରିବେଶ ସୃଷ୍ଟି କରିଥିବା ବେଳେ ସମସ୍ତଙ୍କ ମନରେ ଛାଡ଼ିଯାଇଛି ମଧୁର ସ୍ମୃତି।

### ସ୍ୱଚ୍ଛ ଓ ହରିତ ବିଦ୍ୟାଳୟ ପୁରସ୍କାର

# ଜାତୀୟ ସ୍ତରରେ ଫୁଲକଅଁଳେଇ ନୋଡାଲ ହାଇସ୍କୁଲର ବାଜିମାତ୍

କେନ୍ଦୁଝର/ଚମ୍ପୁଆ, ୧୬।୬(ସମିସ)







## ଓଡ଼ିଶାରେ ୫ମ ଓ ଭାରତରେ ୧୦ମ ସ୍ଥାନ

କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକର ଫୁଲକଅଁଳେଇ ନୋଡାଲ ହାଇସ୍କୁଲ ପାଇଁ ଆସିଛି ଏକ ଗୌରବମୟ ସଫଳତା। ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ (ସ୍କୁଲ ଶିକ୍ଷା ଓ ସାକ୍ଷରତା ବିଭାଗ) ଦ୍ୱାରା ପ୍ରଦାନ କରାଯାଉଥିବା ସମ୍ମାନଜନକ 'ସ୍ୱଚ୍ଛ ଏବଂ ହରିତ ବିଦ୍ୟାଳୟ ପୁରସ୍କାର' (ଏସଏଚଭିଆର) ପାଇଁ ଦେଶବ୍ୟାପୀ ମନୋନୀତ ୧୯୧ଟି ବିଦ୍ୟାଳୟ ମଧ୍ୟରୁ ଫୁଲକଅଁଳେଇ ନୋଡାଲ ହାଇସ୍କୁଲ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ବିଦ୍ୟାଳୟଟି ୯୫.୨% ସ୍କୋର କରି ଓଡ଼ିଶାରେ ୫ମ ସ୍ଥାନ ଏବଂ ସର୍ବଭାରତୀୟ ସ୍ତରରେ ୧୦ମ ସ୍ଥାନ ଅଧିକାର କରିଛି। ଓଡ଼ିଶାର ୧୦ଟି ଜିଲ୍ଲା ଏହି ଜାତୀୟ ସ୍ତରର ମନୋନୟନ ପ୍ରକ୍ରିୟାରେ ସାମିଲ ଥିବାବେଳେ ଚମ୍ପୁଆର ଏହି ବିଦ୍ୟାଳୟ ନିଜର ଦକ୍ଷତା ପ୍ରଦର୍ଶନ କରିଛି। ସଫଳତା ସମ୍ପର୍କରେ ନିଜର ଖୁସି ବ୍ୟକ୍ତ କରି ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୀବନ କିଶୋର ମହାନ୍ତ କହିଛନ୍ତି, "ଏହି ସଫଳତା କେବଳ ବିଦ୍ୟାଳୟର ନୁହେଁ, ବରଂ ଆମ ବିଦ୍ୟାଳୟ ପରିବାରର ପ୍ରତ୍ୟେକ ଶିକ୍ଷକଶିକ୍ଷୟିତ୍ରୀ, କର୍ମଚାରୀ, ଛାତ୍ରଛାତ୍ରୀ ଏବଂ ପରିଚାଳନା କମିଟିର ସାମୂହିକ ପ୍ରୟାସ ଏବଂ ନିରନ୍ତର ଉଦ୍ୟମର ଫଳ। ସମସ୍ତଙ୍କର ନିଷ୍ଠାପର ପ୍ରୟାସ ବିନା ଏହା ସମ୍ଭବ ହୋଇ ନଥାନ୍ତା। ଏହି ସଫଳତା ପାଇଁ ମୁଁ ବିଦ୍ୟାଳୟର ପ୍ରତ୍ୟେକ ସଦସ୍ୟଙ୍କୁ ଅନ୍ତରର ସହିତ ଧନ୍ୟବାଦ ଜଣାଉଛି'।

ସକାଳ
THE SAKALA



# ସମ୍ପାଦକୀୟ



ମାନବ ବିକାଶ ଲକ୍ଷ୍ୟରେ ସାମର୍ଥ୍ୟ ନିବେଶ ବିନା ଅର୍ଥନୈତିକ ଅଭିବୃଦ୍ଧି ଦୀର୍ଘସ୍ଥାୟୀ ଓ ନୀତିଗତ ହୋଇପାରେନାହିଁ।

ଅମର୍ତ୍ତ୍ୟ ସେନ୍

## ସକାରାତ୍ମକ ପଦକ୍ଷେପ

ବିକଶିତ ରାଷ୍ଟ୍ର ଅଷ୍ଟ୍ରେଲିଆର ପଦାଙ୍କ ଅନୁସରଣ କରି ୟୁକେ ୧୬ ବର୍ଷରୁ କମ୍ ବୟସର କିଶୋର/କିଶୋରୀମାନଙ୍କ ପାଇଁ ସାମାଜିକ ଗଣମାଧ୍ୟମର ବ୍ୟବହାରକୁ ନିଷେଧ କରିବାକୁ ଯାଉଛି। ସେଠାକାର ସଂସଦରେ ଆଗାମୀ ଦିନରେ ଏ ସମ୍ପର୍କିତ ଆଇନ ପ୍ରଣୟନ ହେବ ବୋଲି ପ୍ରଧାନମନ୍ତ୍ରୀ କୈର ଷ୍ଟାରମର ସୂଚନା ଦେଇଛନ୍ତି। ପ୍ରାୟ ୯୦ ପ୍ରତିଶତ ଅଭିଭାବକ ସରକାରଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଥିବା ବେଳେ ସ୍ୱାଭାବିକ ଭାବେ ସାମାଜିକ ଗଣମାଧ୍ୟମ ସଂସ୍ଥାମାନେ ଆପତ୍ତି ଉଠାଇଛନ୍ତି। ଆଇନ୍ ଲାଗୁ ହେଲେ ଟିକ୍‌ଟକ୍, ସ୍ନାପଚାଟ୍, ୟୁଟ୍ୟୁବ୍, ଇନଷ୍ଟାଗ୍ରାମ୍, ଟ୍ୱିଟର(ଏକ୍ସ) ଆଦି ବ୍ୟବହାର କରିବା ପାଇଁ ବୟସ ନିର୍ଦ୍ଧାରଣ କରାଯିବ। ଆକାଉଣ୍ଟରେ ଲଗ୍ ଇନ୍ କରିବା ବେଳେ ବୟସ ଯାଞ୍ଚ ବାଧ୍ୟତାମୂଳକ ଓ ସ୍ୱୟଂକ୍ରିୟ ହେବ। ତେଣୁ ମିଛରେ '୧୮ ବର୍ଷରୁ ଊର୍ଦ୍ଧ୍ୱ' ବୟସ ବର୍ଗୀଭୂତ ଭାବେ ବ୍ୟବହାରକାରୀ ଆଉ ଘୋଷଣା କରିପାରିବ ନାହିଁ। କିଶୋର/କିଶୋରୀମାନଙ୍କ ମାନସିକତା ଓ ଶାରୀରିକ ଅବସ୍ଥା ଉପରେ ସାମାଜିକ ଗଣମାଧ୍ୟମର କୁପ୍ରଭାବ ବଢ଼ି ଚାଲିଥିବାରୁ ଏହାର ନିରାକରଣ ପାଇଁ ମନସ୍ତତ୍ତ୍ୱବିତ୍ ଓ ସମାଜ ବିଜ୍ଞାନୀମାନେ ଗୁରୁତ୍ୱାରୋପ କରି ଆସୁଥିଲେ। କିନ୍ତୁ ଏଥିସହିତ ବିପୁଳ ରାଜସ୍ୱ ହାନିର ଆଶଙ୍କା ଥିବାରୁ କୌଣସି ରାଷ୍ଟ୍ର ନିର୍ଣ୍ଣାୟକ ନିଷ୍ପତ୍ତି ନେବାକୁ କୁଣ୍ଠା ପ୍ରକାଶ କରୁଥିଲେ। ଅଷ୍ଟ୍ରେଲିଆ ଏ ଦିଗରେ ବିଶ୍ୱର ପ୍ରଥମ ଦେଶ ଭାବେ ସାହସିକ ପଦକ୍ଷେପ ନେବା ପରେ ବ୍ରିଟେନ୍ ତାହାକୁ ଅନୁସରଣ କରିଛି ଏବଂ ଡେନ୍‌ମାର୍କ ଓ ଗ୍ରୀସ୍ ଭଳି କେତେକ ରାଷ୍ଟ୍ର ଉଦ୍ୟମ ଆରମ୍ଭ କରିଛନ୍ତି।

ଭାରତରେ ଯେ ଏ ସମ୍ପର୍କରେ ପୂର୍ବରୁ ବିଚାର ଆଲୋଚନା ହୋଇ ନାହିଁ କିମ୍ବା ପଦକ୍ଷେପ ନିଆଯାଇନାହିଁ, ତା' ନୁହେଁ। କିନ୍ତୁ ଦୃଢ଼ ଇଚ୍ଛାଶକ୍ତି ଅଭାବରୁ ଯୋଜନାର ସଫଳ ରୂପାୟନ ହୋଇପାରିନାହିଁ। ଭାରତ ସରକାର ଡିଜିଟାଲ୍ ପର୍ସନାଲ୍ ଡାଟା ପ୍ରୋଟେକ୍‌ସନ୍ ଆଇନ ୨୦୨୩ ଅଧୀନରେ ଏକ ଚିଠା ଅଧିନିୟମ ଆଗତ କରିଛନ୍ତି, ଯେଉଁଥିରେ ୧୮ ବର୍ଷରୁ କମ୍ ବୟସର ପୁଅଝିଅ ସାମାଜିକ ଗଣମାଧ୍ୟମରେ ଆକାଉଣ୍ଟ ଖୋଲିବା ପାଇଁ ପିତାମାତା ଓ ଅଭିଭାବକଙ୍କ ଅନୁମୋଦନ ନେବା ନିହାତି ଆବଶ୍ୟକ। ଗତ ବର୍ଷ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ବିଦ୍ୟାଳୟମାନଙ୍କରେ ସ୍ମାର୍ଟଫୋନ୍ ବ୍ୟବହାରକୁ ନିଷିଦ୍ଧ କରିଥିଲେ। ୟୁନେସ୍କୋ ମଧ୍ୟ ଏ ପ୍ରସଙ୍ଗରେ ଏକ ସନ୍ତୁଳିତ ମାର୍ଗଦର୍ଶିକା ଜାରି କରିବା ଉପରେ ଅତୀତରେ ଗୁରୁତ୍ୱ ଦେଇଛି।



ଭାରତରେ ପ୍ରଥମ ରାଜ୍ୟ ଭାବେ କର୍ଣ୍ଣାଟକରେ ନବମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ସ୍ମାର୍ଟଫୋନ୍ ବ୍ୟବହାରରେ କଟକଣା ପାଇଁ ସେଠାକାର ସରକାର ଏକ ନୀତିଗତ ଚିଠାପ୍ରସ୍ତାବ ଆଗତ କରିଛନ୍ତି। ଏହି ଚିଠା ଆଇନ ଅନୁଯାୟୀ ୧୬ ବର୍ଷରୁ କମ୍ ବୟସର ଛାତ୍ରଛାତ୍ରୀଙ୍କ ପାଇଁ ମୋବାଇଲ୍ ସ୍କ୍ରିନ୍‌ରେ ପାଠ୍ୟକ୍ରମ ବ୍ୟତୀତ ଅନ୍ୟାନ୍ୟ ବିଷୟବସ୍ତୁ ଦେଖିବାକୁ କେବଳ ୧ ଘଣ୍ଟା ମିଳିବ। ସନ୍ଧ୍ୟା ୭ଟା ପରେ ସେମାନଙ୍କ ମୋବାଇଲ୍ ହ୍ୟାଣ୍ଡସେଟ୍‌ରେ ଇଣ୍ଟରନେଟ୍ ସଂଯୋଗ ଆପେ ଆପେ ବନ୍ଦ ହୋଇଯିବ। ଏହି କଟକଣା କାର୍ଯ୍ୟକାରିତାରେ ସୁବିଧା ପାଇଁ ଆଧାର ଭିତ୍ତିକ ସାଇନ୍‌ଅପ୍ ବା ଆକାଉଣ୍ଟ ଖୋଲିବାକୁ ବାଧ୍ୟତାମୂଳକ କରାଯାଇଛି। ଅନେକ ଦୃଷ୍ଟିକୋଣରୁ ଏହାକୁ ଏକ ଯୁଗାନ୍ତକାରୀ ପଦକ୍ଷେପ ଭାବେ ବର୍ଣ୍ଣନା କରାଯାଇପାରେ। କର୍ଣ୍ଣାଟକ ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଥିଲେ। ବିଶେଷଜ୍ଞ, ଶିକ୍ଷାବିତ୍, ସାମାଜିକ ସଂସ୍ଥା ଆଦି ସହିତ ଆଲୋଚନା ଓ ବିଚାରବିମର୍ଶକ୍ରମେ କମିଟି ଦେଇଥିବା ରିପୋର୍ଟ ଅନୁଯାୟୀ ଯେଉଁ ନୀତିଗତ ଚିଠାପ୍ରସ୍ତାବ ସରକାର ଆଗତ କରିଥିଲେ, ତାହା ରାଜ୍ୟର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ମାନସିକ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ, ଶିକ୍ଷା ବିଭାଗ ଓ ଜାତୀୟ ମାନସିକ ସ୍ୱାସ୍ଥ୍ୟ ଓ ସ୍ନାୟୁ ବିଜ୍ଞାନ ଅନୁଷ୍ଠାନ(ନିମ୍‌ହାନ୍‌ସ) ଦ୍ୱାରା ମିଳିତ ଭାବେ ବିକଶିତ ହୋଇଛି।

ବର୍ତ୍ତମାନର ତୀବ୍ର ଜ୍ଞାନ-ପ୍ରତିଯୋଗିତା ପୂର୍ଣ୍ଣ ଛାତ୍ରଜୀବନରେ ଇଣ୍ଟରନେଟ୍, ସାମାଜିକ ଗଣମାଧ୍ୟମ ଓ ସ୍ମାର୍ଟଫୋନର୍ ଅପରିହାର୍ଯ୍ୟ ଆବଶ୍ୟକତାକୁ ଅସ୍ୱୀକାର କରିହେବ ନାହିଁ। କିନ୍ତୁ ଏହାର ଦୁରୁପଯୋଗ ହିଁ ସେମାନଙ୍କୁ ହତାଶା, ଅବସାଦ ଓ ଅପରାଧ ମୁହାଁ କରୁଛି। ଏପରିକି କୋମଳମତି ଛାତ୍ରଛାତ୍ରୀ ଜୀବନ ହାରୁଥିବା ଭଳି ଦୁଃଖଦ ଘଟଣାମାନ ଘଟୁଛି। ଯଦିଓ କିଶୋର/କିଶୋରୀଙ୍କୁ ସମ୍ପୂର୍ଣ୍ଣ ରୂପେ ସାମାଜିକ ଗଣମାଧ୍ୟମରୁ ଦୂରେଇ ରଖିବା ଏକ କଷ୍ଟସାଧ୍ୟ ବ୍ୟାପାର, ଏହା ଅସମ୍ଭବ ମଧ୍ୟ ନୁହେଁ। ଅଭିଭାବକଙ୍କ ଉଦାସୀନତାକୁ ଆଇନ କିଛିମାତ୍ରାରେ ଦୂର କରି ଏବଂ ସେମାନଙ୍କୁ ଜାଗ୍ରତ କରି ଦାୟିତ୍ୱବୋଧ ସମ୍ପର୍କରେ ସଚେତନ କରିପାରିବ। ●

## ତାତିରୁ ମୁକ୍ତିର ପଥ: ଜଳାଶୟ ପୁନରୁଦ୍ଧାର

ଡ. ଉଷାରାଣୀ ଦାଶ

ଭୁବନେଶ୍ୱର ଏବେ ଦେଶର ଉତ୍ତପ୍ତ ସହରମାନଙ୍କ ମଧ୍ୟରେ ସ୍ଥାନ ପାଇବା ଗୋଟିଏ ସାଧାରଣ ଘଟଣା ହୋଇଯାଇଛି। ୨୦୨୪ ରୁ ୨୦୨୬ ପର୍ଯ୍ୟନ୍ତ ଲଗାତାର ଭାବରେ ତାପମାତ୍ରା ୪୪-୪୫ ଡିଗ୍ରୀ ସେଲସିୟସ୍ ହେବା ସହିତ 'ଅନୁଭୂତ ତାପମାତ୍ରା'(ଫିଲ୍ସ ଲାଇକ୍) ଆହୁରି ଅଧିକ ହୋଇ ଦିନରାତି ସବୁବେଳେ ଅସହ୍ୟ ତାତି ଓ ଗୁଳୁଗୁଳି ଅନୁଭୂତ ହେଉଛି। ଏହାର ଅନେକ କାରଣ ମଧ୍ୟରୁ ଯୋଜନାବିହୀନ ସହରୀକରଣ, ଲୁପ୍ତପ୍ରାୟ ଅନେକ ପୁରାତନ ଜଳାଶୟ, ବର୍ଦ୍ଧିଷ୍ଣୁ କଂକ୍ରିଟ୍ ଜଙ୍ଗଲ, ନଭଶ୍ଚୁମ୍ବୀ ଅଟ୍ଟାଳିକା, ଅତିରିକ୍ତ ବୃକ୍ଷଛେଦନ, ଅସ୍ୱଚ୍ଛ ପରିମଳ ବ୍ୟବସ୍ଥା ଓ ସର୍ବୋପରି ଆମର ସଙ୍କୁଚିତ ମାନସିକତା ଆଦି ଅନ୍ୟତମ। ଏହି ପରିସ୍ଥିତିରେ ସ୍ୱଚ୍ଛତା ରକ୍ଷା, ଅଧିକ ବୃକ୍ଷରୋପଣ, ସବୁଜ ବଳୟ ସୃଷ୍ଟି, ପରିବେଶ ସୁରକ୍ଷା ନେଇ ଚର୍ଚ୍ଚା ହେଉଥିବା ବେଳେ ଜଳ ପରିଚାଳନା ସହିତ ଜଳୀୟ ଉତ୍ସଗୁଡ଼ିକର ସୁରକ୍ଷା ଅତ୍ୟନ୍ତ ଜରୁରୀ ପ୍ରସଙ୍ଗ ଭାବରେ ପ୍ରାୟତଃ ଆଲୋଚନାର ପରିସରଭୁକ୍ତ ହେଉନାହିଁ।

ଆଜିର ଆଧୁନିକ ମହାନଗର ଭୁବନେଶ୍ୱର ୧୯୪୮ ମସିହାରେ ଓଡ଼ିଶାର ରାଜଧାନୀ ଭାବେ ପ୍ରତିଷ୍ଠା ହେବା ସମୟରେ ଅସଂଖ୍ୟ ପୋଖରୀ, ପ୍ରାକୃତିକ ଜଳାଶୟ, ଛୋଟ ନଦୀନାଳ ଓ ଖାଲ ଦ୍ୱାରା ପରିବେଷ୍ଟିତ ଥିଲା। ପ୍ରାୟ ପ୍ରତ୍ୟେକ ମୌଜା ଓ ଗାଁରେ ଏକାଧିକ ପୋଖରୀ ରହିଥିଲା। ଏହି ଜଳାଶୟଗୁଡ଼ିକ ପାନୀୟ ଜଳ, ଦୈନନ୍ଦିନ ଆବଶ୍ୟକତା ପୂରଣ କରିବା ସହିତ ବର୍ଷାଜଳ ସଂରକ୍ଷଣ କରି ଭୂଗର୍ଭ ଜଳସ୍ତର ବୃଦ୍ଧିରେ ସହାୟକ ହେଉଥିଲା। ସହରର ତାପମାତ୍ରାକୁ ବା ସ୍ଥାନୀୟ ଜଳବାୟୁକୁ ସନ୍ତୁଳିତ ରଖିବାରେ ବଡ଼ ଭୂମିକା ନେଉଥିଲା। ସନ୍ଧ୍ୟା ନଇଁଲେ ଭୁବନେଶ୍ୱରର ଶୀତଳ ପବନର ସ୍ପର୍ଶ ଅନୁଭୂତ ହେଉଥିଲା। ୧୯୯୦ମସିହା ପରେ ଭୁବନେଶ୍ୱରର ଜନସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଇବାରୁ ସହରୀକରଣର ଦୌଡ଼ରେ ଏହି ଅମୂଲ୍ୟ ସମ୍ପଦ ଅବହେଳିତ ହୋଇ ଧୀରେ ଧୀରେ ହଜିଯାଇଛି। ଅନେକ ପୋଖରୀ ଜବରଦଖଲର ଶିକାର ହୋଇଛି। ଅନେକକୁ ପୋତି ପାର୍କ, ଶିକ୍ଷାନୁଷ୍ଠାନ, ଆବାସିକ ଓ ବ୍ୟବସାୟିକ ପ୍ରକଳ୍ପ ନିର୍ମାଣ କରାଯାଇଛି। କେତେକ ପୋଖରୀ ଅଳିଆଆବର୍ଜନା ଫୋପାଡ଼ିବା ସ୍ଥାନରେ ପରିଣତ ହୋଇଯାଇଛି। ଏହାର ପରିଣାମ ଆଜି ସ୍ପଷ୍ଟ। ସହରର ଭୂଗର୍ଭ ଜଳସ୍ତର ହ୍ରାସ ପାଉଛି, ଜଳଧାରଣ କ୍ଷମତା କମିଥିବାରୁ ବର୍ଷାଜଳ ସଂରକ୍ଷଣ ହୋଇପାରୁନାହିଁ ଏବଂ କଂକ୍ରିଟ୍‌ର ଜଙ୍ଗଲ ଉଷ୍ମତାକୁ ଜାବୁଡ଼ି ଧରିରଖୁଛି।

ଜଳାଶୟ ଯେକୌଣସି ଅଞ୍ଚଳର ପ୍ରାକୃତିକ ଶୀତତାପ ନିୟନ୍ତ୍ରକ ଭଳି କାମ କରେ। ଜଳାଶୟ ପାର୍ଶ୍ୱରେ ଥିବା ଗଛଗୁଡ଼ିକ ପରିବେଶକୁ ଅଧିକ ଶୀତଳ କରିଥାଏ। ତେଣୁ ଯେଉଁ ସହରରେ ଜଳାଶୟ ସଂଖ୍ୟା ଅଧିକ, ସେଠାରେ 'ଅର୍ବାନ ହିଟ୍ ଆଇଲାଣ୍ଡ' ପ୍ରଭାବ ତୁଳନାତ୍ମକ ଭାବେ କମ୍ ରହିଥାଏ। ବିଶ୍ୱର ଅନେକ ସହରରେ ଜଳାଶୟ ପୁନରୁଦ୍ଧାର ଦ୍ୱାରା ସହରର ଉତ୍ତାପକୁ ଉଲ୍ଲେଖନୀୟ ଭାବରେ କମାଯାଇପାରିଛି। ଦକ୍ଷିଣ କୋରିଆର ସିଓଲ ସହରରେ ଚେଓଙ୍ଗଗେଚିଅନ୍ ନଦୀର ପୁନରୁଦ୍ଧାର ପରେ ନଦୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ତାପମାତ୍ରା ପାଖାପାଖି ୩ରୁ ୫ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ କମିଥିବା ରିପୋର୍ଟ ମିଳିଛି। ଭାରତରେ ମଧ୍ୟ ଏହାର ଅନେକ ସଫଳ ଉଦାହରଣ ରହିଛି। ବେଙ୍ଗାଲୁରୁ ସହର ଏକଦା 'ଲେକ୍ ସିଟି' ଭାବେ ପରିଚିତ ଥିଲା। କିନ୍ତୁ ଅନେକ ହ୍ରଦ ନଷ୍ଟ ହେବା ଫଳରେ ସହରର ଉଷ୍ମତା ବୃଦ୍ଧି ପାଇଥିଲା। ପରେ କୈକୋଣ୍ଡ୍ରାହାଲ୍ଲି, ଜକ୍କୁର ଓ ପୁଟ୍ଟେନହାଲ୍ଲି ପରି ହ୍ରଦଗୁଡ଼ିକର ପୁନରୁଦ୍ଧାର କରାଯାଇଥିଲା। ଜଳାଶୟ ପରିସରରେ ବୃକ୍ଷରୋପଣ, ବର୍ଷାଜଳ ସଂରକ୍ଷଣ ଏବଂ ଜୈବ ବିବିଧତା ବୃଦ୍ଧି ଫଳରେ ଆଖପାଖ ଅଞ୍ଚଳର ତାପମାତ୍ରା ଅନ୍ୟ ଅଞ୍ଚଳ ତୁଳନାରେ କମ୍ ରହୁଥିବା ଦେଖାଯାଇଛି। ସେହିପରି ହାଇଦ୍ରାବାଦରେ ମଧ୍ୟ ଅନେକ ହ୍ରଦର ପୁନରୁଦ୍ଧାର କାର୍ଯ୍ୟ ହୋଇଛି। ଦୁର୍ଗମ ଚେରୁଭୁ ଓ ଅନ୍ୟାନ୍ୟ ଜଳାଶୟର ସଂରକ୍ଷଣ ଦ୍ୱାରା ଆଖପାଖ ଅଞ୍ଚଳରେ ଉଷ୍ମତା କମିବା ସହିତ ବର୍ଷାଜଳ ସଂରକ୍ଷଣ ମଧ୍ୟ ବଢ଼ିଛି। ଏହା ସହରର ଜଳସଙ୍କଟ ନିୟନ୍ତ୍ରଣରେ ସାହାଯ୍ୟ କରିବା ସହିତ ସ୍ଥାନୀୟ ଜଳବାୟୁକୁ ସନ୍ତୁଳିତ କରିଛି। ଚେନ୍ନାଇରେ ଅନେକ ପୁରାତନ ହ୍ରଦ ଓ ଜଳାଶୟ ପୁନରୁଦ୍ଧାର କରାଯାଇଛି। ୨୦୧୫ମସିହାର ବନ୍ୟା ଓ ପରବର୍ତ୍ତୀ ଗ୍ରୀଷ୍ମର ଅଭିଜ୍ଞତା ଆଧାରରେ ତତ୍କାଳୀନ ସରକାର ଏବଂ ନାଗରିକ ସମାଜ ମିଳିତ ଭାବେ ଜଳାଶୟ ସଂରକ୍ଷଣ ଉପରେ ଗୁରୁତ୍ୱ ଦେଇଥିଲେ। ଫଳରେ ଭୂଗର୍ଭ ଜଳସ୍ତର ବୃଦ୍ଧି ପାଇଥିବା ସହ ମାଇକ୍ରୋ-କ୍ଲାଇମେଟ୍‌ରେ ମଧ୍ୟ ସକାରାତ୍ମକ ପରିବର୍ତ୍ତନ ଆସିଛି।

ଭୁବନେଶ୍ୱରରେ ମଧ୍ୟ ବିଳମ୍ବ ନକରି ତୁରନ୍ତ ଏହି ମଡେଲ୍‌କୁ ଅନୁସରଣ କରି ପୋଖରୀ, ଅବରୁଦ୍ଧ କେନାଲ ଓ ଜଳାଶୟଗୁଡ଼ିକର ପୁନରୁଦ୍ଧାର କରାଯିବା ଆବଶ୍ୟକ। ସର୍ବପ୍ରଥମେ ସେଗୁଡ଼ିକର ଡିଜିଟାଲ ମାନଚିତ୍ର ଓ ଜିଆଇଏସ ମ୍ୟାପିଂ କରି ସମସ୍ତ ଜଳୀୟଉତ୍ସର ସରକାରୀ ରେକର୍ଡ ସଂରକ୍ଷଣ କରିବା ଦରକାର। କେଉଁଗୁଡ଼ିକ ଜବରଦଖଲ ହୋଇଛି, କେଉଁଗୁଡ଼ିକ ସଙ୍କୁଚିତ ହୋଇଛି, କେଉଁଗୁଡ଼ିକ ପୁନରୁଦ୍ଧାର ଯୋଗ୍ୟ ଏବଂ କେଉଁଗୁଡ଼ିକ ତୁରନ୍ତ ସଂରକ୍ଷଣ ଆବଶ୍ୟକ ଚିହ୍ନଟ କରାଯିବା ଉଚିତ। ଜଳୀୟ ଉତ୍ସଗୁଡ଼ିକର ଚାରିପାଖରେ ହୋଇଥିବା ଅବୈଧ ନିର୍ମାଣ ବା ଜବରଦଖଲ ହଟାଇବା ଏବଂ ଏହି ଜବରଦଖଲ ବିରୋଧରେ କଠୋର ପଦକ୍ଷେପ ନିଆଯିବା ଆବଶ୍ୟକ। ଦ୍ୱିତୀୟତଃ, ପୋଖରୀଗୁଡ଼ିକର ପଙ୍କ ଉତ୍ତୋଳନ କରି ସେଗୁଡ଼ିକର ଗଭୀରତା ବା ଜଳଧାରଣ କ୍ଷମତା ବଢ଼ାଇବା ଆବଶ୍ୟକ। ବର୍ଷାଋତୁରେ ଯେଉଁ ବର୍ଷାଜଳ ନାଳ ଦେଇ ବୋହିଯାଉଛି, ତାହାକୁ ଏହି ପୋଖରୀଗୁଡ଼ିକ ସହ ସଂଯୋଗ କରାଯିବା ଉଚିତ। ତୃତୀୟତଃ, ଜଳାଶୟ ପରିସରରେ ବହୁସଂଖ୍ୟକ ବୃକ୍ଷରୋପଣ କରି ସବୁଜ ବଳୟ ତିଆରି କରିବା ଆବଶ୍ୟକ। ଚତୁର୍ଥତଃ, ଜଳାଶୟଗୁଡ଼ିକୁ ଆବର୍ଜନାମୁକ୍ତ କରିବା ଏବଂ ସେଗୁଡ଼ିକର ସୁରକ୍ଷା ପାଇଁ ସ୍ଥାନୀୟ ନାଗରିକ କମିଟି ଗଠନ କରାଯିବା ଦରକାର। ଏହାବ୍ୟତୀତ ନୂଆ ନିର୍ମାଣ ପୂର୍ବରୁ ଜଳାଶୟ ସୁରକ୍ଷାକୁ ବାଧ୍ୟତାମୂଳକ କରିବା ମଧ୍ୟ ଆବଶ୍ୟକ। ସେହିପରି ରାସ୍ତା କଡ଼ର କେନାଲ ଓ ଡ୍ରେନଗୁଡ଼ିକରେ ସଂଯୋଗ ହୋଇଥିବା ମଇଳା ଜଳର ଧାରାକୁ କଠୋର ଭାବରେ ବନ୍ଦ କରିବା ଅତ୍ୟନ୍ତ ଜରୁରୀ।

କେବଳ ସରକାରୀ ପଦକ୍ଷେପ ପର୍ଯ୍ୟାପ୍ତ ନୁହେଁ; ଜନସାଧାରଣଙ୍କ ସହଯୋଗ ବିନା ଉପରୋକ୍ତ କାର୍ଯ୍ୟ ସମ୍ଭବ ନୁହେଁ। ଯେଉଁ ପୋଖରୀ, ଡ୍ରେନ ବା କେନାଲକୁ ଆମେ ଅଳିଆ ଆବର୍ଜନା ପକାଇବା ପାଇଁ ବ୍ୟବହାର କରୁଛୁ, ସେଗୁଡ଼ିକ ହିଁ ଆସନ୍ତାକାଲି ଆମକୁ ଜଳସଙ୍କଟ ଓ ଅସହ୍ୟ ଉତ୍ତାପରୁ ରକ୍ଷା କରିପାରିବ। ତେଣୁ ଜଳାଶୟ ସଂରକ୍ଷଣକୁ କେବଳ ସରକାରୀ କାର୍ଯ୍ୟକ୍ରମ ଭାବେ ନୁହେଁ, ବରଂ ଜନଆନ୍ଦୋଳନ ଭାବେ ଗ୍ରହଣ କରିବାକୁ ହେବ। ଭୁବନେଶ୍ୱରର ପ୍ରକୃତ ବିକାଶ କେବଳ ଉଚ୍ଚ ଉଚ୍ଚ ଅଟ୍ଟାଳିକା, ପ୍ରଶସ୍ତ ରାସ୍ତା, ଫ୍ଲାଇ ଓଭର, ବ୍ୟବସାୟିକ କେନ୍ଦ୍ର, ମେଟ୍ରୋ କିମ୍ବା ସ୍ମାର୍ଟ ସିଟିକୁ ଦେଖି ଆକଳନ କରାଯାଇ ନ ପାରେ, ବରଂ ଏଠାରେ ପ୍ରାକୃତିକ ସମ୍ପଦ କେତେ ସୁରକ୍ଷିତ ରହିପାରିଛି, ସହରର ପରିବେଶ ମଣିଷ ରହିବା ପାଇଁ କେତେ ଉପଯୋଗୀ ହୋଇଛି ତାହା ହିଁ ବିକାଶର ମୁଖ୍ୟ ମାନଦଣ୍ଡ।

ଭୁବନେଶ୍ୱରରେ ଉତ୍ତାପରୁ ରକ୍ଷା ପାଇବା ପାଇଁ ଏୟାର କଣ୍ଡିସନର ସଂଖ୍ୟା ବୃଦ୍ଧି ସ୍ଥାୟୀ ସମାଧାନ ନୁହେଁ। ପ୍ରକୃତ ସମାଧାନ ପ୍ରକୃତି ମଧ୍ୟରେ ଲୁଚି ରହିଛି। ଆମ ପୂର୍ବଜମାନେ ଯେଉଁ ପୋଖରୀ ଓ ଜଳାଶୟ ସୃଷ୍ଟି କରିଥିଲେ, ସେଗୁଡ଼ିକୁ ପୁନର୍ଜୀବିତ କରିବା ହେଉଛି ଭବିଷ୍ୟତ ପାଇଁ ସବୁଠାରୁ ବଡ଼ ନିବେଶ। ବିଶେଷଜ୍ଞଙ୍କ ମତରେ ଭୁବନେଶ୍ୱରର କ୍ଷେତ୍ରଫଳ ପ୍ରାୟ ୧୮୬ବର୍ଗ କିମି. ହୋଇଥିବା ବେଳେ ଏକ ସୁସ୍ଥ ସହର ପାଇଁ ଅନ୍ତତଃ ପ୍ରାୟ ୯ ବର୍ଗ କିମି.ବା ଆଦର୍ଶ ଭାବରେ ପ୍ରାୟ ୧୮ ବର୍ଗ କିମି. ଜଳାଶୟ ଓ ଜଳଭୂମି ରହିବା ଆବଶ୍ୟକ। ଲୋକସଂଖ୍ୟାର ଘନତାକୁ ବିଚାରକୁ ନେଇ ଯଦି ଆଜିଠାରୁ ଜଳାଶୟ ପୁନରୁଦ୍ଧାର, ନୂତନ ଜଳାଶୟ ଖନନ ଏବଂ ବର୍ଷାଜଳ ସଂରକ୍ଷଣକୁ ପ୍ରାଥମିକତା ଦିଆଯାଏ, ତେବେ ଆସନ୍ତା ଦଶକରେ ଭୁବନେଶ୍ୱର ପୁଣିଥରେ ଏକ ଶୀତଳ, ସବୁଜ, ଜଳ ସମୃଦ୍ଧ ଓ ବାସଯୋଗ୍ୟ ସହରରେ ପରିଣତ ହୋଇପାରିବ। ନଚେତ୍ ତାତି, ଜଳସଙ୍କଟ ଓ ପରିବେଶ ଅବକ୍ଷୟର ମୂଲ୍ୟ ଆଗାମୀ ପିଢ଼ିକୁ ଦେବାକୁ ପଡ଼ିବ। କାରଣ ଜଳାଶୟର ପୁନରୁଦ୍ଧାର ହିଁ ସର୍ବାଧିକ ପ୍ରଭାବଶାଳୀ, ଦୀର୍ଘମିଆଦୀ ଓ ଏକମାତ୍ର ସ୍ଥାୟୀ ସମାଧାନ। ●

ଏମ୍ସ, (ଭୁବନେଶ୍ୱର), ମୋ: ୯୪୩୮୧୩୩୬୧୨

## ପରିବର୍ତ୍ତନ ନା ପ୍ରହସନ?

ନିଶିକାନ୍ତ ବଳ

ଓଡ଼ିଶାର ଜନମାନସରେ ଏବେ ଏକ ପୁରୁଣା ଢଗ ବେଶ୍ ଜୀବନ୍ତ ହୋଇଉଠିଛି - 'ମହରଗରୁ ଆସି କାନ୍ତାରରେ ପଡ଼ିବା'। ଲୋକେ ଭାବିଥିଲେ ନୂଆ ସୂର୍ଯ୍ୟ ଉଇଁବ। କିନ୍ତୁ ଏବେ ଚାରିଆଡ଼େ କେବଳ ପ୍ରତାରଣାର ଧୂଆଁ। ବାସ୍ତବରେ ଓଡ଼ିଶାରେ ସରକାର ପରିବର୍ତ୍ତନ ହେବା ଦିନଠାରୁ ସାଧାରଣ ଜନତା, ବିଶେଷକରି ସ୍ୱପ୍ନ ଦେଖୁଥିବା ଯୁବପିଢ଼ି, ଯେଉଁଭଳି ଭାବେ ସମସ୍ୟାର ଚକ୍ରବ୍ୟୂହରେ ଫସିଛନ୍ତି, ତାହା ଦେଖିଲେ ହସିବେ ନା କାନ୍ଦିବେ, ତାହା ସ୍ଥିର କରିବା କଷ୍ଟକର। ଦୁଇବର୍ଷ ତଳେ ଯେଉଁମାନେ ବଡ଼ ବଡ଼ ପ୍ରତିଶ୍ରୁତି ଦେଇ କ୍ଷମତାର ସିଂହାସନକୁ ଆସିଥିଲେ, ଆଜି ସେମାନଙ୍କର କାର୍ଯ୍ୟକଳାପ ସାଧାରଣ ଲୋକଙ୍କ ପାଇଁ ଏକ କ୍ରୂର ପରିହାସ ପାଲଟିଛି।

ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଯେଉଁ ଜଗନ୍ନାଥଙ୍କ ନାମ ନେଇ, ଯାହାଙ୍କ ଭକ୍ତିର ଆବେଗକୁ ପାଥେୟ କରି ଏହି ନୂତନ ବ୍ୟବସ୍ଥା ଗଢ଼ାହେଲା, ଆଜି ସେହି ମହାପ୍ରଭୁଙ୍କ ଦରବାରରେ ହିଁ ସବୁଠୁ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳୁଛି। ଦୁଇବର୍ଷର ସମୟ କିଛି କମ୍ ନୁହେଁ। ଏହି ଦୀର୍ଘ ସମୟ ମଧ୍ୟରେ ଶ୍ରୀମନ୍ଦିର ପ୍ରଶାସନ ବା ଭକ୍ତଙ୍କ ସୁବିଧା ପାଇଁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ପୂର୍ବ ସରକାର ସମୟରେ ଅନ୍ତତଃପକ୍ଷେ ଜନସାଧାରଣ ଶାନ୍ତିଶୃଙ୍ଖଳାର ସହ ଏକ ସୁସଂହତ ବ୍ୟବସ୍ଥା ଭିତରେ ମହାପ୍ରଭୁଙ୍କ ଦର୍ଶନ କରିପାରୁଥିଲେ। କିନ୍ତୁ ଆଜି ସ୍ଥିତି ସମ୍ପୂର୍ଣ୍ଣ ଓଲଟି ଯାଇଛି। ଖରାର ପ୍ରକୋପରେ ଯେତେବେଳେ ସମଗ୍ର ଓଡ଼ିଶା ଆଉଟୁପାଉଟୁ ହେଉଛି, ସେତେବେଳେ ଶ୍ରୀକ୍ଷେତ୍ରକୁ ଯାଉଥିବା ଶ୍ରଦ୍ଧାଳୁମାନେ ଧାଡ଼ିରେ ଛିଡ଼ା ହୋଇ ନାହିଁ ନ ଥିବା କଷ୍ଟ ଭୋଗୁଛନ୍ତି। ପୂର୍ବରୁ ଗରମରୁ ତ୍ରାହି ପାଇବା ପାଇଁ ଯେଉଁ ଏସି ଟର୍ମିନାଲର ବ୍ୟବସ୍ଥା କରାଯାଇଥିଲା, ବର୍ତ୍ତମାନର ପ୍ରଶାସନ ତାହାକୁ ହଟାଇ ସେଠାରେ ସାଧାରଣ ଫ୍ୟାନ୍ ଲଗାଇଦେବା ଏକ ହାସ୍ୟାସ୍ପଦ ନିଷ୍ପତ୍ତି ଛଡ଼ା ଆଉ କିଛି ହୋଇନପାରେ। ଭକ୍ତଙ୍କ ସୁଖ-ସ୍ୱାଚ୍ଛନ୍ଦ୍ୟ ପ୍ରତି ଏଭଳି ଉଦାସୀନତା ବ୍ୟବସ୍ଥାର ଦୂରଦୃଷ୍ଟିହୀନତାକୁ ହିଁ ପ୍ରତିପାଦିତ କରୁଛି।

ପରିବର୍ତ୍ତନର ଏହି ପ୍ରହସନ କେବଳ ଶ୍ରୀମନ୍ଦିର ବେଢ଼ାରେ ସୀମିତ ନାହିଁ, ବରଂ ଏହା ଗରିବଙ୍କ ରୋଜଗାର ଓ ଯାତାୟତର ମେରୁଦଣ୍ଡ ଉପରେ ଶକ୍ତ ଆଘାତ କରିଛି। ପୂର୍ବରୁ ଗ୍ରାମାଞ୍ଚଳର ଗରିବ ଲୋକଙ୍କ ପାଇଁ 'ଲକ୍ଷ୍ମୀ ବସ୍' ସେବା ଏକ ସଞ୍ଜୀବନୀ ସଦୃଶ ଥିଲା। ମାତ୍ର ପାଞ୍ଚ ଟଙ୍କାରେ ଜଣେ ସାଧାରଣ ମଣିଷ ନିଜର ଆବଶ୍ୟକୀୟ କାର୍ଯ୍ୟ ପାଇଁ ସହରକୁ ଆସିପାରୁଥିଲା, ରୋଗୀ ମାତ୍ର କେଇଟା ଟଙ୍କାରେ ଡାକ୍ତରଖାନା ପହଞ୍ଚିପାରୁଥିଲା। କିନ୍ତୁ ନୂଆ ସରକାର ଆସିବା ପରେ ସେହି ଜନକଲ୍ୟାଣକାରୀ ଯୋଜନାକୁ ସମ୍ପୂର୍ଣ୍ଣ ରୂପେ ବ୍ୟବସାୟୀକରଣ କରିଦିଆଗଲା। ଗରିବର ପକେଟକୁ ସୁହାଇବା ଭଳି ବ୍ୟବସ୍ଥାକୁ ଏବେ ଲାଭଖୋର ମନୋଭାବର ରଙ୍ଗ ଦିଆଯାଇଛି, ଯାହାଫଳରେ ଗାଁର ସାଧାରଣ ଲୋକଟିଏ ପୁଣି ଥରେ ପୁରୁଣା ମହଙ୍ଗା ଘରୋଇ ବସ୍ ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛି। ଜନତାଙ୍କ ସେବା କରିବା ପାଇଁ ନିର୍ବାଚିତ ହୋଇଥିବା ସରକାର ଯଦି ପ୍ରତିଟି କଥାରେ ବ୍ୟବସାୟୀକରଣ କରିବେ, ତେବେ ଗରିବ କଲ୍ୟାଣର ନାରା କେବଳ ପୋଷ୍ଟର ଓ ଭାଷଣରେ ହିଁ ଶୋଭା ପାଇବ।

ଶିକ୍ଷା ଓ ଯୁବପିଢ଼ିର ବିକାଶକୁ ନେଇ ବଡ଼ ବଡ଼ ଭାଷଣ ଦେଉଥିବା ଏହି ବ୍ୟବସ୍ଥାରେ ସବୁଠାରୁ ବେଶି ଅବହେଳିତ ହୋଇଛନ୍ତି ଆମର ଛାତ୍ରଛାତ୍ରୀମାନେ। ଛାତ୍ରବୃତ୍ତି ପ୍ରଦାନ କ୍ଷେତ୍ରରେ ଦେଖାଦେଇଥିବା ଶିଥିଳତା ଯୋଗୁଁ ଅନେକ ମେଧାବୀ ତଥା ଆର୍ଥିକ ଅନଗ୍ରସର ଶ୍ରେଣୀର ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏସବୁ ସତ୍ତ୍ୱେ ସରକାରଙ୍କ ନିଦ ଭାଙ୍ଗୁନାହିଁ। ଅପରପକ୍ଷେ, ଯେଉଁ ଯୁବପିଢ଼ି ଶିକ୍ଷା ସମାପ୍ତ କରି ନିଯୁକ୍ତି ପାଇଁ ଅପେକ୍ଷାରତ, ସେମାନଙ୍କୁ ନୂତନ ସୁଯୋଗ ଦେବା ପରିବର୍ତ୍ତେ ଏକ ଅଦ୍ଭୁତ ନୀତି ଆପଣାଯାଇଛି। ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ପୁନଃନିଯୁକ୍ତି ଦେଇ ସେମାନଙ୍କର ବୟସ ସୀମାକୁ ପ୍ରାୟ ପଞ୍ଚସ୍ତରୀ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଉଛି। ଏହା କେଉଁପ୍ରକାରର ଯୁବ-ବିକାଶ ନୀତି? ଯେଉଁ ବୟସରେ ଜଣେ ବ୍ୟକ୍ତି ଘରେ ରହି ଆରାମ କରିବା କଥା ଏବଂ ନବୀନ ପ୍ରତିଭାମାନେ ପ୍ରଶାସନର ମଙ୍ଗ ଧରିବା କଥା, ସେହି ସମୟରେ ଅବସରପ୍ରାପ୍ତ ବାବୁମାନଙ୍କୁ ଚୌକିରେ ବସାଇ ଯୁବପିଢ଼ିର ପେଟରେ ଲାତ ମରାଯାଉଛି। ଏହାଦ୍ୱାରା ନୂଆ ଚାକିରି ଆଶାରେ ଥିବା ଲକ୍ଷ ଲକ୍ଷ ବେକାର ଯୁବକଯୁବତୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଓ ନିରାଶା ଭାବ ସୃଷ୍ଟି ହେଉଛି।

ସମାଜର ସବୁଠାରୁ ଅସହାୟ ବର୍ଗ ଅର୍ଥାତ୍ ବୃଦ୍ଧବୃଦ୍ଧାମାନେ ମଧ୍ୟ ଏହି ନୂଆ ବ୍ୟବସ୍ଥାର ଶିକାର ହୋଇଛନ୍ତି। ବାର୍ଦ୍ଧକ୍ୟ ଭତ୍ତା, ଯାହା ଜଣେ ଅସହାୟ ବୃଦ୍ଧ/ବୃଦ୍ଧାଙ୍କ ପାଇଁ ମାସ ଶେଷରେ ଔଷଧ ଟିକିଏ କିମ୍ବା ମୁଠାଏ ଆହାରର ମାଧ୍ୟମ ସାଜିଥାଏ, ତାହା ପ୍ରଦାନ କରିବାରେ ମଧ୍ୟ ଅହେତୁକ ବିଳମ୍ବ ଦେଖାଯାଉଛି। ମାସ ମାସ ଧରି ବୃଦ୍ଧବୃଦ୍ଧାମାନେ ପଞ୍ଚାୟତ ଅଫିସ ଓ ବ୍ୟାଙ୍କ ବାରଣ୍ଡାରେ ପଡ଼ି ରହୁଛନ୍ତି। କିନ୍ତୁ ସେମାନଙ୍କ ଦୁଃଖ ଶୁଣିବାକୁ କେହି ନାହାଁନ୍ତି। ନିର୍ବାଚନ ସମୟରେ ଭତ୍ତା ବଢ଼ାଇବାର ଡେଙ୍ଗୁରା ପିଟାଯାଉଥିଲା। କିନ୍ତୁ ବାସ୍ତବରେ ମିଳୁଥିବା ସାମାନ୍ୟ ଟଙ୍କାତକ ବି ଠିକ୍ ସମୟରେ ନମିଳିବା ଏହି ସରକାରଙ୍କ ସମ୍ବେଦନଶୀଳତାର ପରିଚୟ ଦେଉଛି।

ଗତ ଦୁଇବର୍ଷର ଶାସନକାଳକୁ ଯଦି ଆମେ ସୂକ୍ଷ୍ମ ଭାବେ ନିରୀକ୍ଷଣ କରିବା, ତେବେ ଗୋଟିଏ କଥା ସ୍ପଷ୍ଟ ଜଣାପଡ଼େ ଯେ, କାର୍ଯ୍ୟକ୍ଷେତ୍ରରେ କୌଣସି ପ୍ରକୃତ ବା ଗୁଣାତ୍ମକ ପରିବର୍ତ୍ତନ ହୋଇନାହିଁ। ପୂର୍ବ ସରକାରଙ୍କ ଦ୍ୱାରା ନିର୍ମିତ କୋଠାବାଡ଼ି, କାର୍ଯ୍ୟାଳୟ ଏବଂ ଯୋଜନାଗୁଡ଼ିକ ଉପରେ କେବଳ ଏକ ନୂଆ ରଙ୍ଗର ପ୍ରଲେପ ବା ନୂଆ 'କଲର୍' ମରାଯାଇଛି। ନାମ ବଦଳାଇବା ଏବଂ ରଙ୍ଗ ବଦଳାଇବା ହିଁ ବୋଧହୁଏ ଏହି ଦୁଇବର୍ଷର ସବୁଠାରୁ ବଡ଼ ସଫଳତା। ଭିତରର ବ୍ୟବସ୍ଥା ସେମିତି ଜରାଜୀର୍ଣ୍ଣ, ସେମିତି ଦୁର୍ନୀତିଗ୍ରସ୍ତ ଏବଂ ସେମିତି ଜନବିରୋଧୀ ହୋଇରହିଛି। ଓଡ଼ିଶାର ଜନସାଧାରଣ ଯେଉଁ ପରିବର୍ତ୍ତନର ଆଶା ରଖି ନୂଆ ଶାସକଙ୍କୁ ବାଛିଥିଲେ, ଆଜି ସେମାନେ ନିଜକୁ ପ୍ରତାରିତ ମନେ କରୁଛନ୍ତି। ପୂର୍ବ ବ୍ୟବସ୍ଥାରେ ଅନ୍ତତଃପକ୍ଷେ କିଛି ଜନହିତକର କାର୍ଯ୍ୟ ସହଜରେ ଉପଲବ୍ଧ ହେଉଥିଲା। କିନ୍ତୁ ଏବେ ସେସବୁକୁ ଛଡ଼ାଇ ନିଆଯାଇ କେବଳ ପ୍ରଚାରର ଚମକ ଦେଖାଯାଉଛି। ପ୍ରକୃତ କାର୍ଯ୍ୟ ଶୂନ; ମାତ୍ର ବିଜ୍ଞାପନ ଓ ବାହାବା ନେବାରେ ସରକାର ଅଗ୍ରଣୀ।

ଓଡ଼ିଶାର ଭବିଷ୍ୟତକୁ ନେଇ ଖେଳାଯାଉଥିବା ଏହି ଖେଳ ଆଉ କେତେଦିନ ଚାଲିବ, ତାହା ଜନତା ହିଁ ସ୍ଥିର କରିବେ। କିନ୍ତୁ ବର୍ତ୍ତମାନ ପାଇଁ ଏତିକି କୁହାଯାଇପାରେ ଯେ, ପରିବର୍ତ୍ତନର ଏହି ଚମକଦାର ରଙ୍ଗ ପଛରେ ଓଡ଼ିଶାର ସାଧାରଣ ଜନତା ଏବେ 'ମହରଗରୁ ଯାଇ କାନ୍ତାରରେ' ନିଶ୍ଚୟ ଛଟପଟ ହେଉଛନ୍ତି। ●

(ପୂର୍ବତନ ରାଜ୍ୟ ବିଶ୍ୱବିଦ୍ୟାଳୟ ସହସଂଯୋଜକ, ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ଓଡ଼ିଶା)
ମୋ: ୬୩୭୧୯୫୯୩୩୬

## ପାଦ ପୀଠେଶ୍ୱରୀ ଦେବୀ ବିମଳା

ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ମା ତା ସତୀ ଦକ୍ଷ ପ୍ରଜାପତିଙ୍କର କନ୍ୟା ଥିଲେ। ସେ ପିତାମାତାଙ୍କ ଇଚ୍ଛା ବିରୁଦ୍ଧରେ ଦେବ ଦେବ ମହାଦେବଙ୍କୁ ପତି ରୂପରେ ବରଣ କରିଥିଲେ। ମହାଦେବ ଶିବ ଜାଣି ଥିଲେ ଯେ ସେ ବ୍ୟାଘ୍ର ଚର୍ମ ପରିଧାନ କରି ଶ୍ମଶାନବାସୀ ହୋଇଥିବାରୁ ତାଙ୍କୁ ନିଜର ଜାମାତା ରୂପେ ଦକ୍ଷ ସ୍ୱୀକୃତି ଦେବାକୁ ପ୍ରସ୍ତୁତ ନ ଥିଲେ। ଦିନେ ସ୍ୱର୍ଗରେ ଦେବସଭା ଚାଲିଥିଲା। ଦକ୍ଷ ଆସି ପହଞ୍ଚିବାରୁ ଦେବତାମାନେ ନିଜନିଜ ଆସନରୁ ଉଠି ସମ୍ମାନ ଜଣାଇଲେ। କିନ୍ତୁ ଶିବ ନିଜ ଆସନରେ ପୂର୍ବ ପରି ବସି ରହିଥିଲେ। ମହାଦେବ ଅନାଦି। ତେଣୁ ବେଦବର ବ୍ରହ୍ମା ତାଙ୍କୁ ପ୍ରଣିପାତ କରୁଥିଲେ। ଦକ୍ଷ ବ୍ରହ୍ମାଙ୍କ ସନ୍ତାନ ହୋଇଥିବାରୁ ଶଶୁର ହୋଇଥିଲେ ମଧ୍ୟ ଶିବ ଆସନରୁ ଉଠି ପ୍ରଣାମ କରିବା ଉଚିତ ହୋଇ ନଥା'ନ୍ତା। ଏଥିରେ କିନ୍ତୁ ଦକ୍ଷ କ୍ରୋଧିତ ହେଲେ ଏବଂ ଶିବଙ୍କୁ ଅପମାନିତ କରିବା ପାଇଁ ଏକ ଯଜ୍ଞର ଆୟୋଜନ କଲେ। ସବୁ ଦେବତାଙ୍କୁ ଯଜ୍ଞରେ ଯୋଗଦେବାକୁ ନିମନ୍ତ୍ରଣ କଲେ ମଧ୍ୟ ମହାଦେବଙ୍କୁ ନିମନ୍ତ୍ରଣ କଲେ ନାହିଁ। କିନ୍ତୁ ଦେବୀ ସତୀ ଯଜ୍ଞାନୁଷ୍ଠାନରେ ଯୋଗ ଦେବା ପାଇଁ ସ୍ୱାମୀଙ୍କ ଅନୁମତି ପ୍ରାର୍ଥନା କଲେ। ବିନା ନିମନ୍ତ୍ରଣରେ ଯଜ୍ଞରେ ଯୋଗ ଦେବା ଉଚିତ ହେବ ନାହିଁ ବୋଲି ଶିବ ବୁଝାଇଲେ। କିନ୍ତୁ ଦେବୀ କହିଲେ ଯେ ବାପା ଘରକୁ ଯିବା ପାଇଁ ଝିଅକୁ ନିମନ୍ତ୍ରଣର ଆବଶ୍ୟକ ନ ଥାଏ। ସ୍ୱାମୀଙ୍କ ବାରଣ ସତ୍ତ୍ୱେ ଦେବୀ ସତୀ ଦକ୍ଷଙ୍କ ଘରକୁ ଚାଲିଗଲେ।

କନ୍ୟାଙ୍କୁ ଯଜ୍ଞ ସ୍ଥାନରେ ଦେଖି ଦକ୍ଷ ଖୁସି ହେବା ବଦଳରେ ନାନା କଥା କହି ଅପମାନିତ କଲେ ଏବଂ ଶିବଙ୍କର ନିନ୍ଦା ଗାନ କଲେ। ଦେବୀ ପତି ନିନ୍ଦା ସହି ନ ପାରି ଯଜ୍ଞାଗ୍ନିରେ ଝାସ ଦେଇ ପ୍ରାଣ ବିସର୍ଜନ କଲେ। ଶିବଗଣଙ୍କଠାରୁ ଖବର ପାଇ ଶିବ କ୍ରୋଧାନ୍ୱିତ ହୋଇ ସେଠାରେ ପହଞ୍ଚିଲେ। ଶିବଗଣ ଯଜ୍ଞ ନଷ୍ଟ କରି ଦେଲେ ଏବଂ ମହାଦେବ ତ୍ରିଶୂଳ ଘାତ କରି ଦକ୍ଷଙ୍କର ଶୀରଚ୍ଛେଦ କଲେ। ତା'ପରେ ସେ ଦେବୀଙ୍କର ଅର୍ଦ୍ଧଦଗ୍ଧ ଶରୀରକୁ ନିଜ କାନ୍ଧରେ ବହନ କରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ମହାଦେବଙ୍କ ପଦପାତରେ ସାରା ପୃଥିବୀ କମ୍ପିବାକୁ ଲାଗିଲା। ସଂସାର ପ୍ରଳୟମୁଖୀ ହେଲା। ଦେବତାମାନେ ବିଷ୍ଣୁଙ୍କୁ ପ୍ରାର୍ଥନା କଲେ। ବିଷ୍ଣୁ ଦେବୀଙ୍କ ନିର୍ଜୀବ ଶରୀରରୁ ଗୋଟିଏ ଗୋଟିଏ ଅଂଶ କାଟି ଦେବାକୁ ସୁଦର୍ଶନ ଚକ୍ରଙ୍କୁ ଆଦେଶ ଦେଲେ। ଆଜ୍ଞାନୁସାରେ ସୁଦର୍ଶନ ସତୀଙ୍କ ଶରୀରର ବିଭିନ୍ନ କାଟିବାକୁ ଲାଗିଲେ। ମହାଦେବ ନୃତ୍ୟରତ ଥିବାରୁ ଦେବୀଙ୍କ ଶରୀରର ଅଂଶ ବିଭିନ୍ନ ସ୍ଥାନରେ ବିକ୍ଷିପ୍ତ ହୋଇପଡ଼ିଲା ଏବଂ ସେଠାରେ ଶକ୍ତିପୀଠମାନ ସୃଷ୍ଟି ହେଲା। ସତୀଙ୍କ ଶରୀରକୁ କାନ୍ଧରେ ବହନ କରି ନୃତ୍ୟ କରୁଥିବା ବେଳେ ଶିବ ଦେବୀଙ୍କର ପାଦଦୁଇଟିକୁ ନିଜ ହାତରେ ଧରି ଥିଲେ। ତେଣୁ ସୁଦର୍ଶନ ସବୁ ଅଙ୍ଗକୁ କାଟିଥିଲେ ମଧ୍ୟ ପାଦ ଦୁଇଟିକୁ କାଟି ପାରିଲେ ନାହିଁ।

ଶେଷରେ ନୃତ୍ୟରତ ଶିବ ଆସି ନୀଳାଚଳର ମଣିକର୍ଣ୍ଣିକା ତୀର୍ଥରେ ପହଞ୍ଚିଲେ। ବିଷ୍ଣୁ ମଣିକର୍ଣ୍ଣିକା କ୍ଷେତ୍ରକୁ ଯାଇ ଶିବଙ୍କୁ ନିବେଦନ କଲେ, 'ପ୍ରଭୁ ପଞ୍ଚାନନ! ଆପଣ କ୍ରୋଧ ସମ୍ବରଣ କରନ୍ତୁ। ସାରା ସଂସାର ଆପଣଙ୍କ କ୍ରୋଧାଗ୍ନିରେ ଭସ୍ମୀଭୂତ ହୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି। ଆପଣ ନୃତ୍ୟରତ ଥିବା ବେଳେ ଦେବୀଙ୍କ ଶରୀରର ବିଭିନ୍ନ ଅଂଶ ଭୂପତିତ ହୋଇଛନ୍ତି। ସେସବୁ ସ୍ଥାନ ଦେବୀଙ୍କ ଶରୀର ଦ୍ୱାରା ପବିତ୍ର ହୋଇଥିବାରୁ ସେମାନେ ଶକ୍ତିପୀଠର ମାନ୍ୟତା ଲାଭ କରିବେ। ବର୍ତ୍ତମାନ କେବଳ ଦେବୀଙ୍କର ପାଦ ଦୁଇଟି ଆପଣଙ୍କ ହାତରେ ଅଛନ୍ତି। ଏହି ପବିତ୍ର ତୀର୍ଥରେ ଆପଣ ସେ ଦୁଇଟି ତ୍ୟାଗ କରନ୍ତୁ। ଏହି ପୀଠରେ ଦେବୀପାଦ ପୀଠେଶ୍ୱରୀ ଦେବୀ ବିମଳା ରୂପେ ଆରାଧିତା ହେବେ। ଏହା 'ପାଦପୀଠ' ନାମ ବହନ କରି ଏକ ଶକ୍ତିପୀଠର ମାନ୍ୟତା ଲାଭ କରିବ। ମୁଁ ନିଜେ ଏଠାରେ ତାଙ୍କର ଭୈରବ ରୂପେ ଜଗନ୍ନାଥ ନାମ ଗ୍ରହଣ କରି ବିରାଜମାନ କରିବି। ମୋର ପ୍ରସାଦ ତାଙ୍କୁ ସମର୍ପିତ ହେବା ପରେ ମହାପ୍ରସାଦ ରୂପେ ଗଣ୍ୟ ହେବ।' ମହାପ୍ରଭୁଙ୍କ ନିବେଦନ ଶୁଣି ଶିବ ପ୍ରକୃତିସ୍ଥ ହେଲେ ଏବଂ ଦେବୀଙ୍କର ପାଦ ଦୁଇଟିକୁ ତ୍ୟାଗ କରି ତପସ୍ୟା କରିବା ପାଇଁ ହିମାଳୟକୁ ଚାଲିଗଲେ। ତା'ପରେ ଦେବୀ ନୀଳାଚଳରେ 'ପାଦ ପୀଠେଶ୍ୱରୀ' ଦେବୀ ବିମଳା ରୂପେ ପୂଜା ପାଇଲେ ଏବଂ ଶ୍ରୀକ୍ଷେତ୍ରର କ୍ଷେତ୍ରେଶ୍ୱରୀରୂପେ ଗୃହୀତା ହେଲେ। ମହାପ୍ରଭୁ ଜଗନ୍ନାଥ ତାଙ୍କର ଭୈରବରୂପେ ଗୃହୀତ ହେଲେ ଏବଂ ତାଙ୍କ ସହ ରୁନ୍ଧା ହୋଇ ଷୋଳଦିନ ବ୍ୟାପୀ ଶାକ୍ତଗୁଣ୍ଡିଚା ଯାତ୍ରାର ପରମ୍ପରା ଆରମ୍ଭ କଲେ। ତେଣୁ ଦେବୀ ବିମଳାଙ୍କୁ ପ୍ରାର୍ଥନା କରାଯାଏ- 'ପାଦ ପୀଠେଶ୍ୱରୀ ଦେବୀ ବିମଳେ ବିମଳପ୍ରଦେ, ସର୍ବଦୁଷ୍ଟ ବିନାଶିନୈ ସର୍ବମଙ୍ଗଳ ପ୍ରଦାୟୈ।' ●

ମୋ: ୯୯୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।


କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ବାବାଜୀ ମହାପାତ୍ରଙ୍କ ପରଲୋକ

କଟକ, ୧୬।୬ (ସମିସ): ଓଡ଼ିଶା ସରକାରଙ୍କର ଅବସରପ୍ରାପ୍ତ ବରିଷ୍ଠ ଅର୍ଥନୈତିକ ପ୍ରଶାସନ ଅଧିକାରୀ ବାବାଜୀ ମହାପାତ୍ରଙ୍କର ୮୯ ବର୍ଷ ବୟସରେ ସୋମବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲଠାରେ ଦେହାନ୍ତ ହୋଇଯାଇଛି। ସ୍ୱର୍ଗତ ମହାପାତ୍ର ଓଡ଼ିଶା ଅର୍ଥ ସେବା (ଓଏଫ୍ଏସ୍)ର ଜଣେ ଦକ୍ଷ କର୍ମଚାରୀ ଭାବେ କାର୍ଯ୍ୟ କରିବା ସହ ରାଜ୍ୟ ବାଣିଜ୍ୟିକ କର କମିଶନର ଏବଂ



ଅର୍ଥ ବିଭାଗର ଅତିରିକ୍ତ ସଚିବ ଭାବେ ଅବସର ଗ୍ରହଣ କରିଥିଲେ। ସେ କୁମାରଙ୍ଗ ଶାସନର କବିରାଜ ରଘୁନାଥ ମହାପାତ୍ର ଓ ହାରାମଣି ମହାପାତ୍ରଙ୍କ ଜ୍ୟେଷ୍ଠ ପୁତ୍ର ଥିଲେ। ୧୯୪୧ରେ ଜନ୍ମିତ ସ୍ୱର୍ଗତ ମହାପାତ୍ର ଗୋଦାବରୀଶ ବିଦ୍ୟାପୀଠରୁ ପ୍ରାଥମିକ, ଖ୍ରୀଷ୍ଟ ମହାବିଦ୍ୟାଳୟରୁ ଇଣ୍ଟରମିଡିଏଟ୍ ଏବଂ ରେଭେନ୍ସା କଲେଜରୁ ସ୍ନାତକ ଶିକ୍ଷା ଲାଭ କରିଥିଲେ। ପ୍ରଶାସନିକ ସେବା ସହ ସେ 'କୁମାର ପାଠାଗାର'ର ପ୍ରତିଷ୍ଠାତା ଥିଲେ ଏବଂ ଜୀବନବ୍ୟାପୀ ଅନେକ ସାହିତ୍ୟ, ଶିକ୍ଷା ଓ ସାଂସ୍କୃତିକ ସଂଗଠନ ସହ ଜଡ଼ିତ ରହି ସମାଜସେବାରେ ନିଜକୁ ନିୟୋଜିତ କରିଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳ ତଥା ପ୍ରଶାସନିକ ସ୍ତରରେ ଗଭୀର ଶୋକ ପ୍ରକାଶ ପାଇଛି।

### ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ମିଳିତ ମଞ୍ଚ

# ସୁରକ୍ଷା ଓ ପ୍ରସ୍ତୁତିର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୬।୬(ସମିସ): ରାଜ୍ୟ ସରକାରଙ୍କ ୨ ବର୍ଷ ଏବଂ କେନ୍ଦ୍ର ସରକାରଙ୍କ ୧୨ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ଜୁନ୍ ୧୯ ଓ ୨୦ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ଗସ୍ତକୁ ସୁଚାରୁ ପରିଚାଳନା ଓ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସହ ମୁଖ୍ୟ ସଚିବ, ପୁଲିସ ମହାନିର୍ଦ୍ଦେଶକ, ଗୃହ ବିଭାଗର ଏସିଏସ୍ ଏବଂ ଅନ୍ୟାନ୍ୟ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ବ୍ଲୁ-ପ୍ରିଣ୍ଟ ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି।

ଆସନ୍ତା ଜୁନ୍ ୧୯ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇ ଦିନିଆ ଗସ୍ତରେ ନିଜ ଜିଲ୍ଲା ମୟୂରଭଞ୍ଜରେ ପହଞ୍ଚିବେ। ଜୁନ୍ ୨୦ ତାରିଖରେ ନିଜ ଜନ୍ମଦିନରେ ରାଷ୍ଟ୍ରପତି ରାଇରଙ୍ଗପୁରରେ ରହିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଜନ୍ମମାଟିରେ ରାଷ୍ଟ୍ରପତିଙ୍କ ସ୍ୱାଗତ ପାଇଁ ରାଜ୍ୟ ସରକାର ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଜୁନ୍ ୨୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଇରଙ୍ଗପୁରରେ ପହଞ୍ଚି ରାଷ୍ଟ୍ରପତିଙ୍କ ସହ ଏହି ଐତିହାସିକ ରାଜ୍ୟସ୍ତରୀୟ ମେଗା ଉତ୍ସବରେ ସାମିଲ ହେବେ। ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରଠାରେ ଆୟୋଜିତ ଏକ ବିଶାଳ ସାଧାରଣ ସଭାକୁ ଉଭୟ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ସମ୍ବୋଧିତ କରିବେ। ଏହି ମିଳିତ ଗସ୍ତ ରାଜ୍ୟର ବିକାଶର ଗତିକୁ ଆହୁରି ତ୍ୱରାନ୍ୱିତ କରିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବୈଠକରେ ଆଶା ବ୍ୟକ୍ତ କରିଛନ୍ତି। ଏହି ଗସ୍ତ ସମୟରେ ଉଭୟ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ ମିଳିତ ଭାବେ ଓଡ଼ିଶା ଓ ମୟୂରଭଞ୍ଜ ଜିଲ୍ଲା ପାଇଁ ହଜାର ହଜାର କୋଟି ଟଙ୍କାର ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ। ଏଥିମଧ୍ୟରେ ବହୁ ପ୍ରତୀକ୍ଷିତ ରେଲବାଇ ପ୍ରକଳ୍ପ, ମେଗା କୋଲ୍ ଗ୍ୟାସଫିକେସନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିବେ।


**AFFIDAVIT**

I, ABHISHEK AGRAWAL, S/O ARAVIND KUMAR AGRAWAL resident of At - Jyoti Mill Campus, Souraguda, PO - Jayanagar, PS -Jeypore, Dist - Koraput, Pin - 764005, Odisha declare by this Affidavit No.2420, Dated - 16/06/2026, that now onwards I shall be known as **ABHISHEK KUMAR AGRAWAL** for all future purposes.

**AFFIDAVIT**

By the virtue of an affidavit sworn before the Executive Magistrate Daringbadi, Dated - 29.05.2026 . I Nilima Pradhan, W/o: Abedana Pradhan, Vill: Kumbharabadi, Po: Kumbharabadi, Ps: Daringbadi, Dist: Kandhamal, Odisha-762104 declare that I have changed my minor son's name from ALLYALA PRADHAN to PRADESH KUMAR PRADHAN. Henceforth, He shall be known as **PRADESH KUMAR PRADHAN** for all purposes.

**OFFICE OF THE SUPERINTENDING ENGINEER JAGATSINGHPUR (R&B) DIVISION, JAGATSINGHPUR**

e-Mail Id: eerbjspr@gmail.com

34001/358/2627 No. 2036, Date: 30/05/2026

**Cancellation of Tender Call Notice No. Tender-Online-03 of 2026-27**

Corrigendum to Tender Online No. 03 of 2026-27 invited by the Superintending Engineer, Road and Building Division, Jagatsinghpur.

The Sl. No. 1, 2 & 3 are hereby cancelled due to unavoidable circumstances.

Addl. Chief Engineer
Jagatsinghpur R&B Division

34001/34093/1/26-27/0004

**AFFIDAVIT**

I SK Asanul Hak, S/o- SK Abujafar, Resident At- Masjid Colony, Unit-3, Kharvelnagar, PS- Kharvelnagar, Bhubaneswar, Dist- Khurdha, PIN-751001, Odisha, declare by this affidavit CF No. 120 on dated 08.06.2026 that now onwards I shall be known as **SK ASANUL HAK** for all future purposes.

**KASTURBA GANDHI BALIKA VIDYALAYA DEOLI**

DEOLI, BLOCK-RAJBORASAMBAR DIST-BARGARH PIN 768036
Letter No- 19 Date-16.06.2026

**SHORT TENDER CALL NOTICE**

Sealed Tender are invited from the registered/reputed firms and manufacturer having valid Pan, valid Goods and Service Tax (GST) registration certificate for supply of following items like Grocery, Cosmetics, Dress material, Course Book, Medicine, Non-Veg items, Milk Product, Toilet items, Vegetable, Fruits to the **Kasturba Gandhi Balika Vidyalaya, Deoli, Block-Rajborasambar, Dist-Bargarh Pin-768036 for the year 2026-27.**

Last date of receipt of tender form is **01.07.2026 at 4.00 PM.**

For details contact the undersigned within office hours.

Sd/- Headmistress Cum Convener
KGBV, Deoli, RBS, Bargarh

**AFFIDAVIT**

By virtue of an affidavit (Sl No.1, dtd- 16/06/2026) sworn before the Executive Magistrate, Kalampur, Kalahandi. I, **Prabin Banua,** S/o Bharat Banua, resident of At/Po- Deypur, Ps- Kalampur, Dist- Kalahandi, Odisha declare that I have changed my name from **Prabita Banua** (old name) to **Prabin Banua** (new name). Henceforth, I shall be known as **Prabin Banua** (new name) for all purpose.

**Prabin Banua**


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନିଟ୍ ଜାଲିଆତି...

ଏହାଦ୍ୱାରା ପୁରୁଣା ଟାଇମଷ୍ଟାମ୍ପ ବ୍ୟବହାର କରି ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ହୋଇଥିବା ଭଳି ମିଥ୍ୟା ପ୍ରମାଣ ଦର୍ଶାଯାଉଥିଲା। ଭାରତୀୟ ସାଇବର କ୍ରାଇମ କୋଅର୍ଡିନେସନ ସେଣ୍ଟର ଗତ କିଛି ସପ୍ତାହ ଧରି ଟେଲିଗ୍ରାମରେ ଚାଲିଥିବା ଏହିପରି ଅନେକ ସନ୍ଦିଗ୍ଧ ଚାନେଲ ଓ ବଟ୍ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି ଜାଲିଆତିରେ ସମ୍ପୃକ୍ତ ଥିବା ଅନେକ ଚାନେଲକୁ ବନ୍ଦ କରାଯାଇଛି। ଅହମ୍ମଦାବାଦ ସାଇବର କ୍ରାଇମ ବ୍ରାଞ୍ଚ ଏଥିରେ ସମ୍ପୃକ୍ତ ଏକ ଆନ୍ତଃ-ରାଜ୍ୟ ଗ୍ୟାଙ୍ଗକୁ ଗିରଫ କରିଛି। ସେମାନେ ପ୍ରାୟ ୧.୫ କୋଟି ଟଙ୍କାର ଜାଲ୍ କାରବାର କରିଥିବା ଜଣାପଡ଼ିଛି। ଏନ୍‌ଟିଏ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ପରୀକ୍ଷା ପୂର୍ବରୁ କୌଣସି ପ୍ରଶ୍ନପତ୍ର କାହା ପାଖରେ ଉପଲବ୍ଧ ନାହିଁ ଏବଂ ଯିଏ ବି ଏହିପରି ଦାବି କରୁଛି ସେ ଜଣେ ଠକ। ଶିକ୍ଷାଗତ ଉଦ୍ଦେଶ୍ୟରେ ଟେଲିଗ୍ରାମ ବ୍ୟବହାର କରୁଥିବା ଛାତ୍ରଛାତ୍ରୀଙ୍କର ଅସୁବିଧା ପାଇଁ ଏଜେନ୍ସି ଦୁଃଖ ପ୍ରକାଶ କରିବା ସହ ପରୀକ୍ଷାର ସ୍ୱଚ୍ଛତା ରକ୍ଷା ପାଇଁ ଏହା ଅପରିହାର୍ଯ୍ୟ ବୋଲି କହିଛି। ପୁନଃ ପରୀକ୍ଷ ପୂର୍ବରୁ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ କୌଣସି ଗୁଜବରେ ବିଶ୍ୱାସ ନକରି କେବଳ ଅଫିସିଆଲ୍ ୱେବସାଇଟ୍ ଅନୁସରଣ କରିବାକୁ ପରାମର୍ଶ ଦିଆଯାଇଛି।

### ୨୪ ଘଣ୍ଟାରେ...

ଜଣେ ନାବାଳିକାକୁ ଗଣ ଦୁଷ୍କର୍ମ ହୋଇଥିବା ଆଜି ଅଭିଯୋଗ ହୋଇଛି। ଏଭଳି ସ୍ଥିତିରେ ରାଜ୍ୟର ଆଇନଶୃଙ୍ଖଳାକୁ ନେଇ ପୁଲିସ ପ୍ରଶାସନ କାଠଗଡ଼ାରେ ଠିଆ ହୋଇଛି। ଅନ୍ୟପକ୍ଷରେ ବିଭିନ୍ନ ମାମଲାରେ ପୁଲିସର ଭୂମିକାକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବାଲିଅନ୍ତା ଭିଡ଼ ହତ୍ୟାଠାରୁ ଆରମ୍ଭ କରି କେନ୍ଦ୍ରାପଡ଼ା ଚମେଲୀ ଓଝା ପ୍ରସଙ୍ଗରେ ପୁଲିସ ଠିକ୍ ରାସ୍ତାରେ ଯାଉ ନ ଥିବା ଅଭିଯୋଗ ହୋଇଛି। ଶୃଙ୍ଖଳା ରକ୍ଷା ପାଇଁ ଆଇନ ବାଟରେ ଚାଲିବା ଅପେକ୍ଷା ବେଆଇନ ବାଟରେ ଯାଉଥିବା ଲୋକମାନେ ଅଭିଯୋଗ କରିଛନ୍ତି। ଏପରିକି ବିଭିନ୍ନ ସମ୍ବେଦନଶୀଳ ମାମଲାକୁ ଗଣମାଧ୍ୟମରୁ ଦୂରେଇ ରଖିବା, ବିଭିନ୍ନ ମାମଲାରୁ ଧ୍ୟାନ ହଟାଇବାକୁ ଏବଂ ନିଜ ଅପାରଗତାକୁ ଲୁଚାଇବାକୁ ଏନ୍‌କାଉଣ୍ଟର, ଥାନରେ ସକାଳ ପରେଡ୍ ଭଳି ପୁରୁଣା ଓ ଚିରାଚରିତ ଉପାୟକୁ ଲାଗୁ କରୁଛି। ଯାହା ରାଜ୍ୟରେ ପୁଲିସ ପ୍ରଶାସନ ଓ ପୁଲିସ ବ୍ୟବସ୍ଥା ପାଇଁ ଆହ୍ୱାନ ସୃଷ୍ଟି କରିଛି।

### ଦଳିତ ମହିଳାଙ୍କୁ...

ସଦର ଥାନା ଏଏସ୍‌ଆଇ ମୁଜିବୁର ରହେମାନ ଖାନ୍‌ଙ୍କ ନେତୃତ୍ୱରେ ପୁଲିସ ତୁରନ୍ତ ଗ୍ରାମରେ ପହଞ୍ଚି ଘଟଣାର ତଦନ୍ତ କରିବା ସହ ଉଭୟପକ୍ଷ ସହ ଆଲୋଚନା କରିଥିଲେ। ତେବେ ମନ୍ଦିର ପୂଜକ ନିଜ ଭୁଲ୍ ସ୍ୱୀକାର କରିବା ସହ ଆଗକୁ ଏଭଳି ଜାତିଆଣ ଭେଦଭାବ କରିବେ ନାହିଁ ବୋଲି କହିଥିଲେ।

### ରାସ୍ତାରେ ଗୋଡ଼େଇ...

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଉଚ୍ଚବାଚ ହୋଇଥିଲା। ଏହାପରେ ପରିସ୍ଥିତି ଉଗ୍ରରୂପ ଧାରଣ କରିଥିଲା। ଦୁର୍ବୃତ୍ତମାନେ ଖଣ୍ଡା ଏବଂ ଅନ୍ୟାନ୍ୟ ମାରଣାସ୍ତ୍ର ଧରି ତୋଫାନ ଏବଂ ଶୁଭେନ୍ଦୁଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ଉଭୟ ତୋଫାନ ଓ ଶୁଭେନ୍ଦୁ ଗୁରୁତର ଆହତ ହୋଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେମାନଙ୍କୁ ଘଟଣାସ୍ଥଳରେ ଛାଡ଼ି ଅଭିଯୁକ୍ତମାନେ ଫେରାର୍ ହୋଇଯାଇଥିଲେ। ଅପରପକ୍ଷେ, ଚିତ୍କାର ଶୁଣି ସ୍ଥାନୀୟ ଲୋକ ସେମାନଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଇସ୍ପାତ ଜେନେରାଲ ହସ୍ପିଟାଲ(ଆଇଜିଏଚ)ରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତୋଫାନଙ୍କୁ ମୃତ ଘୋଷଣା କରିଥିଲେ। ଆହତ ଶୁଭେନ୍ଦୁ ଆଇଜିଏଚରେ ଚିକିତ୍ସାଧୀନ ରହିଥିବା ବେଳେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା କୁହାଯାଉଛି। ଏହି ଘଟଣାରେ ଗୋଲ ବସ୍ତିରେ ଉତ୍ତେଜନା ସୃଷ୍ଟି ହୋଇଛି। ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରିବା ଦାବି କରି ଗୋଲଘର ବସ୍ତି ଅଞ୍ଚଳର ବହୁ ସଂଖ୍ୟକ ଲୋକ ସେକ୍ଟର-୭ ପୁଲିସ ଷ୍ଟେସନରେ ପହଞ୍ଚି ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଖବର ପାଇ ଏସପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ଜୋନ ୧ ଡିଏସପି ମନୋରଞ୍ଜନ ପ୍ରଧାନ, ସେକ୍ଟର୍-୭ ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର ଏବଂ ଅନ୍ୟ ଥାନାର ଅଧିକାରୀମନେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଗୋଷ୍ଠୀ ଆକ୍ରମଣରେ ସମ୍ପୃକ୍ତ ଲୋକଙ୍କୁ ଚିହ୍ନଟ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ କରୁଥିବା ଜଣାପଡିଛି। ଏ ନେଇ ଡିଏସପି ଶ୍ରୀ ପ୍ରଧାନ କହିଛନ୍ତି ଯେ ପୂର୍ବରୁ ଛୋଟ ଛୋଟ ଘଟଣାକୁ କେନ୍ଦ୍ର କରି ଉଭୟ ଗୋଷ୍ଠୀ ମଧ୍ୟରେ କଥା କଟାକଟି ହୋଇଥିଲା। ତେବେ ତାହା ବସ୍ତିରେ ବସି ଆପୋଷ ସମାଧାନ କରାଯାଇଥିଲା। ଏବେ ଅଭିଯୁକ୍ତମାନଙ୍କୁ ସିସିଟିଭି ଫୁଟେଜ୍ ଆଧାରରେ ଚିହ୍ନଟ କରି ଗିରଫ ପାଇଁ ବିଭିନ୍ନ ଆଡେ ଚଢଉ ଜାରି ରହିଛି। ଏତଦ୍‌ବ୍ୟତୀତ ସେମାନଙ୍କ ମୋବାଇଲ ଫୋନ ମଧ୍ୟ ଟ୍ରାକିଂ କରାଯାଉଛି।

### ଭତ୍ତା ନ ପାଇ...

ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ତାଙ୍କର ମରଶରୀରକୁ ସେଠାରେ ବ୍ୟବଚ୍ଛେଦ କରାଯିବା ପରେ ଅନ୍ତିମ ସଂସ୍କାର କରାଯାଇଥିବା ଜଣାପଡ଼ିଛି। ନିର୍ବାଚନ ସମୟରେ ଭତ୍ତା ବୃଦ୍ଧି ପାଇଁ ବିଜେପି ପ୍ରତିଶ୍ରୁତି ଦେଇଥିଲା। ସରକାର ଗଠନ ପରେ ପ୍ରତିଶ୍ରୁତି ତ ପୂରଣ ହେଲାନି, ଓଲଟା ପ୍ରଚଳିତ ଭତ୍ତା ବନ୍ଦ କରି ଦେଇଥିବା ଅଭିଯୋଗ ହୋଇଛି। କାହାର ଦୁଇ ମାସ ତ ଆଉ କାହାର ଚାରି ମାସ ହେବ ଆକାଉଣ୍ଟ ଆସୁନି ଭତ୍ତା ଟଙ୍କା। ଫଳରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ହିତାଧିକାରୀ। ବାରମ୍ବାର ବ୍ୟାଙ୍କ ଦୌଡ଼ିଦୌଡ଼ି ହତାଶ ହେଉଛନ୍ତି। ସେପଟେ, ଏହି ଘଟଣାକୁ ନେଇ ସରକାରଙ୍କ ଉପରେ ବର୍ଷିବା ସହ ଘଟଣାର ବିଧିବଦ୍ଧ ତଦନ୍ତ ପାଇଁ ଦାବି କରିଛନ୍ତି ଆସ୍କାର ବିଜେଡି ନେତ୍ରୀ ରଞ୍ଜିତା ସାହୁ।

### ଖରିଫ ଋଣ ଅପେକ୍ଷାରେ...

କରିବା ଲକ୍ଷ ଲକ୍ଷ ଚାଷୀଙ୍କ ଜୀବନ ଓ ଜୀବିକାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ଫଳରେ ରାଜ୍ୟର ଗ୍ରାମାଞ୍ଚଳରେ ଥିବା ୨୮୦୦ରୁ ଅଧିକ ପ୍ରାଥମିକ କୃଷି ସମବାୟ ସମିତି କ୍ଷେତ୍ରସ୍ତରରେ ଚାଷୀମାନଙ୍କୁ ଋଣ ପ୍ରଦାନ କରିବା କ୍ଷେତ୍ରରେ ବର୍ତ୍ତମାନ ଅସମର୍ଥ ହେଉଛନ୍ତି।

ଏହି ପ୍ରସଙ୍ଗରେ ପିସିସି ସମବାୟ ପ୍ରକୋଷ୍ଠର ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକ କହିଛନ୍ତି ଯେ ଡବଲ ଇଂଜିନ ସରକାରରେ ନିର୍ଦ୍ଧାରିତ ସମୟରେ କୌଣସି ଏକ ଯୋଜନାର ସଫଳ ରୂପାୟନ ହୋଇପାରୁନାହିଁ। ଚାଷୀଙ୍କୁ ଋଣ ପ୍ରଦାନ କରିବା ନେଇ ସରକାରଙ୍କ ପକ୍ଷରୁ ଏବେସୁଦ୍ଧା ତତ୍ପରତା ପ୍ରକାଶ ନ ପାଇବା ଅତ୍ୟନ୍ତ କ୍ଷୋଭର ବିଷୟ। ସରକାର ଗୋଟିଏ ପଟେ କୃଷି କୃଷକର ବିକାଶ ପାଇଁ ନାରା ଦେଉଥିବା ବେଳେ ଓଡ଼ିଶାରେ କୃଷି ଅର୍ଥନୀତି ଏବଂ ଲକ୍ଷ ଲକ୍ଷ କୃଷି ପରିବାରଙ୍କ ଭବିଷ୍ୟତ ସହ ଖେଳ ଖେଳିବା ଉଚିତ୍ ନୁହେଁ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ଏହାସହିତ ଏ ସମ୍ପର୍କରେ ଶ୍ରୀ ପଟ୍ଟନାୟକ ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରି ତୁରନ୍ତ ଏ କ୍ଷେତ୍ରରେ ପଦକ୍ଷେପ ନ ନେଲେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।


**OFFICE OF THE DIVISIONAL FOREST OFFICER: REDHAKHOL FOREST DIVISION**

Telephone No.: 06644-299949
Email ID: dfo.redhakhol@odisha.gov.in
Notice No.- F & E/RKL/ 011 (OFFLINE)/2026-27, Dated- 21.05.2026

8001/147/2627

**1st Corrigendum Notice**

Tender for **"For Installation of Hanging Solar Tentacle Fencing in Redhakhol Forest Division"** during the year 2026-27 of Divisional Forest Officer, Redhakhol vide Tender Call Inviting Notice No.- **F & E/RKL/ 011 (OFFLINE)/2026-27, Dated- 21.05.2026** has been revised. The revised tender with detailed terms and conditions documents will be available for download from the websites: www.redhakholforest.com, https://sambalpur.odisha.gov.in, www.odishaforest.in from **14:00 Hours of 11.06.2026 (02:00 PM) to 22.06.2026 (05:00 PM)**. All prospective bidders are advised to download the revised document and submit their bids in accordance with the revised terms and conditions only. The schedule of dates has been **extended** as detailed below.

| | Existing Date | Revised Date |
|---|---|---|
| Bid Availability Date | 21.05.2026 (02:00 PM) to 11.06.2026 (05:00 PM) | 11.06.2026 (02:00 PM) to 22.06.2026 (05:00 PM) |
| Last Date for Submission of Bids | 11.06.2026 till 05:00 PM | 22.06.2026 (05:00 PM) |
| Date of Opening of Tenders | 12.06.2026 at 11:00 AM | 23.06.2026 (11:00 AM) |

Divisional Forest Officer
Redhakhol Forest Division

OIPR-8001/8146/1/26-27/0021

GOVERNMENT OF ODISHA 25001/403/2627
OFFICE OF THE EXECUTIVE ENGINEER
RURAL WORKS DIVISION-II, SUNDARGARH

**TENDER CALL NOTICE**

**BID IDENTIFICATION NO. ONLINE-EERKL-15 of 2026-27**

1. **Name of the Work** : Building Works
2. **Total No. of works** : 07 (Seven) Nos.
3. **Estimated cost** : Rs. 2.52 to 5.89 Lakhs
4. **Class of contractor** : "D" & "C" Class
5. **Period of completion** : 02 (Two) Months
6. **Type of Tender** : Single Cover
7. **Other details**

| Procurement Officer | Bid Identification No. | Availability of Tender Online for bidding | | Last Date & Time of seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| Executive Engineer, Rural Works Division-II, Sundargarh | Online-EERKL-15 of 2026-27 | 19.06.2026 from 10.00 AM | 30.06.2026 upto 05.00 PM | 29.06.2026 upto 5.00 PM | 01.07.2026 at 11.00 AM |

Further details can be seen from the website www.tendersodisha.gov.in and for more information please visit the office.

Executive Engineer
RW Division-II, Sundargarh

OIPR-25001/25193/1/26-27/0014

**Government of Odisha** 25001/410/2627
**Office of the Executive Engineer**
**Rural Works Division-II, Nabarangpur, Umerkote**
e-mail: eewukt@gmail.com & eewukt@ymail.com
Letter No. 2182 Date: 06.06.2026

**GePNIC e-Procurement Notice**

1 Name of the work Road Works
2 Total No. of works 09 (Nine) Nos.
3 Approx. Estimated Cost Varies from 52.88 Lakhs to 81.69 Lakhs
4 Class of Contractor "B" Class of Contractor
5 Period of Completion As per TCN

| Procurement Officer | Bid Identification No. | Availability of Tender Online | | Last Date & Time of Seeking Tender Clarification | Technical Bid Opening | Financial Bid Opening |
|---|---|---|---|---|---|---|
| | | From | To | | | |
| Executive Engineer, R.W. Division-II, Nabarangpur, Umerkote | Online Tender/01/RWD-UKT/2026-27 | 17.06.2026 at 11.00 AM | 01.07.2026 up to 5.00 PM | 30.06.2026 at 01.00 PM | 02.07.2026 at 11:00 AM | To be intimated separately |

Further details can be seen from the Government website: www.tendersodisha.gov.in

Executive Engineer
Rural Works Division-II
Nabarangpur, Umerkote

OIPR-25001/25103/1/26-27/0001

24001/224/2627

भारत का राजपत्र
The Gazette of India

CG-DL-E-13032026-270907
EXTRAORDINARY
PART II - Section 3 - Sub-section (ii)
PUBLISHED BY AUTHORITY

No. 1234
NEW DELHI, WEDNESDAY, MARCH 11, 2026 / PHALGUNA 20, 1947

**MINISTRY OF ROAD TRANSPORT AND HIGHWAYS**
**Notification**
**New Delhi, the 11 March 2026**

S.O. 1291(E) (E).— Whereas by the notification of the Government of India in the Ministry of Road Transport and Highway, S.O. 5112(E) Dated: 11 November 2025 published in Gazette of India, Extraordinary, Part II, Section 3, Sub-section (ii) issued under sub-section (1) of section 3A of the National Highway Act, 1956 (48 of 1956) (hereinafter referred to as the said Act), the Central Government declared its intention to acquire the land specified in the Schedule annexed to the said notification for building (widening/four-laning, etc.), maintenance, management and operation of NH26 in the stretch of land from Km. 239.28 to Km. 259.62 in the village(s) namely—Ampani, Bangomunda, Kaudola, Koksara, Siuni Taluk-Kokasara in the district of KALAHANDI in the state of ODISHA.

And whereas the substance of the said notification has been published in "The Indian Express" dated 25/12/2025, "The Sambad" dated 25/12/2025 under sub-section (3) of section 3A of the said Act;

And whereas the Competent Authority has received objections filed under Section 3-C, considered and settled the same appropriately;

And whereas, in pursuance of sub-section (1) of section 3D of the said Act, the Competent Authority has submitted its report to the Central Government;

Now, therefore, upon receipt of the said report of the Competent Authority and in exercise of the powers conferred by the sub-section (1) of section 3D of the said Act, the Central Government hereby declares that the land specified in the said Schedule should be acquired for the aforesaid purpose;

And further, in pursuance of sub-section (2) of section 3D of the said Act, the Central Government hereby declares that on publication of this notification in the Official Gazette, the land specified in the said Schedule shall vest absolutely in the Central Government, free from all encumbrances.

**SCHEDULE**

Brief Description of the land to be acquired with or without structures falling NH26 in the stretch of land from Km. 239.28 to Km. 259.62 in the village(s) namely- Ampani, Bangomunda, Kaudola, Koksara, Siuni Taluk-Koksara in the district of KALAHANDI in the state of ODISHA.

File Number : F. No. RO/BBSR/NH/26/OD/2024-25/707/KSG/3D
Shaikh Amin Khan, Director

District: Kalahandi
https://egazette.gov.in
Publication Date: 11/03/2026
https://egazette.gov.in
http://10.192.209.35
Note: The physical copy of this notification is available at the offices of CALA/PIU/PMU/RO/ED, and Landowners may also see the notification there.

**ସଡକ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ**
**ଅଧିସୂଚନା**
**ନୂଆ ଦିଲ୍ଲୀ, ୧୧ ମାର୍ଚ୍ଚ ୨୦୨୬**

S.O.1291 (ଇ) (କ)- କେନ୍ଦ୍ର ସରକାର, ଭିଡିଓ ବିଜ୍ଞପ୍ତି ସଂଖ୍ୟା S.O. ଭାରତ ସରକାରଙ୍କ ସଡକ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟର 11 ନଭେମ୍ବର 2025 ତାରିଖର 5112 (ଇ), ଜାତୀୟ ରାଜପଥ ଅନିୟମ, 1956 (48 ର 1956) ର ଉପ-ଧାରା (1) ଅନୁଯାୟୀ ଜାରି କରାଯାଇଛି (ପରବର୍ତ୍ତୀ ସମୟରେ ଏହି ଅଧିନିୟମ ଭାବରେ ସୂଚିତ), ଗେଜେଟ୍ ଅଫ୍ ଇଣ୍ଡିଆରେ ପ୍ରକାଶିତ, ଅସାଧାରଣ, ଭାଗ ଦ୍ୱିତୀୟ, ଧାରା 3, ଉପ-ବିଭାଗ (ii) ଦ୍ୱାରା ପ୍ରକାଶିତ ହୋଇଥିଲା। ଗ୍ରାମଗୁଡିକରେ NH26 ର- ସିଉନି, ବାଙ୍ଗୋମୁଣ୍ଡା, ଆମ୍ପାନି, କୋକସରା, କାଉଡୋଲା, ଓଡ଼ିଶା ରାଜ୍ୟର କାଳାହାଣ୍ଡି ଜିଲ୍ଲାର ତାଲୁକ-କୋକସର | 239.28 ରୁ କିମି 259.62 ପର୍ଯ୍ୟନ୍ତ ପ୍ଲଟରେ ଟୋଲ ପ୍ଲାଜାର ନିର୍ମାଣ, ରକ୍ଷଣାବେକ୍ଷଣ, ପରିଚାଳନା ଏବଂ କାର୍ଯ୍ୟ ପାଇଁ ସେହି ବିଜ୍ଞପ୍ତିରେ ଯୋଡି ହୋଇଥିବା କାର୍ଯ୍ୟସୂଚୀରେ ନିର୍ଦ୍ଦିଷ୍ଟ ଜମି ଅଧିଗ୍ରହଣ କରିବାକୁ ଏହାର ଇଚ୍ଛା ଘୋଷଣା କରିଥିଲା;

ଏବଂ ଯେତେବେଳେ ଉକ୍ତ ବିଜ୍ଞପ୍ତିର ମୂଳ ବିଷୟ ହେଉଛି 25/12/2025 ତାରିଖର ଉଭୟ "ଇଣ୍ଡିଆନ୍ ଏକ୍ସପ୍ରେସ୍" ଏବଂ ଉକ୍ତ ଆଇନର ଧାରା 3A ର ଉପ-ଧାରା (3) ଅନୁଯାୟୀ 25/12/2025 ତାରିଖ "ସାମଭଦ୍" ରେ ପ୍ରକାଶିତ ହୋଇଥିଲା;

ଯେହେତୁ ଦକ୍ଷ କର୍ତ୍ତୃପକ୍ଷ ଧାରା - ସି ଅନୁଯାୟୀ ଦାଖଲ ହୋଇଥିବା ଆପତ୍ତି ଗ୍ରହଣ କରିଛନ୍ତି, ଯାହାକୁ ବିଚାର କରାଯାଇଛି ଏବଂ ଉପଯୁକ୍ତ ଭାବରେ ବିସର୍ଜନ କରାଯାଇଛି;

ଏବଂ ଯେତେବେଳେ ଦକ୍ଷ କର୍ତ୍ତୃପକ୍ଷ ଉକ୍ତ ଆଇନର ଧାରା 3D ର ଉପ-ଧାରା (୧) ଅନୁଯାୟୀ କେନ୍ଦ୍ର ସରକାରଙ୍କୁ ଏହାର ରିପୋର୍ଟ ଦାଖଲ କରିଛନ୍ତି;

ବର୍ତ୍ତମାନ, କେନ୍ଦ୍ର ସରକାର, ଦକ୍ଷ କର୍ତ୍ତୃପକ୍ଷଙ୍କ ଉକ୍ତ ରିପୋର୍ଟ ଗ୍ରହଣ କରିବା ଏବଂ ଉକ୍ତ ଆଇନର ଧାରା 3D ର ଉପ-ଧାରା (୧) ଦ୍ୱାରାପ୍ରଦାନ କରାଯାଇଥିବା କ୍ଷମତାକୁ ବ୍ୟବହାର କରି ଘୋଷଣା କରିଛନ୍ତି ଯେ ଉକ୍ତ ସୂଚୀରେ ଉଲ୍ଲେଖ କରାଯାଇଥିବା ଜମି ଉପରୋକ୍ତ ଉଦ୍ଦେଶ୍ୟରେ ଅଧିଗ୍ରହଣ କରାଯିବା ଉଚିତ୍;

ଏବଂ ବର୍ତ୍ତମାନ, ଉକ୍ତ ଆଇନର ଧାରା 3D ର ଉପ-ଧାରା (୨) ଅନୁଯାୟୀ କେନ୍ଦ୍ର ସରକାର ଘୋଷଣା କରିଛନ୍ତି ଯେ ଅଫିସିଆଲ୍ ଗେଜେଟରେ ଏହି ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଉକ୍ତ ସୂଚୀରେ ଉଲ୍ଲେଖ କରାଯାଇଥିବା ଜମି ସମ୍ପୂର୍ଣ୍ଣ କେନ୍ଦ୍ର ସରକାରଙ୍କ ନିକଟରେ ରହିବ।

**କାର୍ଯ୍ୟସୂଚୀ**

ଗ୍ରାମ ସିସୁନି, ବାଙ୍ଗୋମୁଣ୍ଡା, ଆମ୍ପାନି, କୋକସରା, କାଉଡୋଲା, ଓଡ଼ିଶାର କାଳାହାଣ୍ଡି ଜିଲ୍ଲାର ତାଲୁକ-କୋକସର, କିମି ମଧ୍ୟରେ | NH26 ର Km 239.28 ରୁ Km 259.62 ପାଇଁ ସଂରଚନା ସହିତ କିମ୍ବା ବିନା ବିସ୍ତୃତ ବିବରଣୀ|

1784 GI/2026

File Number : F. No. RO/BBSR/NH/26/OD/2024-25/707/KSG/3D

ଶେଖ ଅମିନ ଖାନ, ନିର୍ଦ୍ଦେଶକ

OIPR-24001/24328/3/26-27/0001

ସକାଳ THE SAKALA



## ଡମ ସମାଜକୁ ସରକାରଙ୍କ ଉପେକ୍ଷା

# ବାରମ୍ବାର ଦାବି ସତ୍ତ୍ୱେ ମିଳୁନି ସଂସ୍କୃତି ଭବନ

ବାରିପଦା, ୧୬ ।୬(ସମିସ): ବିଜେପି ସରକାର ଜନଜାତିଙ୍କ ଉନ୍ନତି ପାଇଁ ଅନେକ କାର୍ଯ୍ୟ କରୁଛି ବୋଲି ମିଛ ଡିଣ୍ଡିମ ପିଟି ଚାଲିଛି । ଯାହାର ଜ୍ୱଳନ୍ତ ଉଦାହରଣ ଡମ ସମାଜକୁ ଉପେକ୍ଷା କରିବାରୁ ଜଣାପଡ଼ିଛି । ବାରମ୍ବାର ଦାବି ସତ୍ତ୍ୱେ ଡମ ସମାଜକୁ ବିଜେପି ସରକାର ଉପେକ୍ଷା କରି ସଂସ୍କୃତି ଭବନ ପ୍ରଦାନ କରୁନାହାନ୍ତି । ଅନ୍ୟ ଜନଜାତି ଭବନ ନିର୍ମାଣ ନିମନ୍ତେ

- **ଅନ୍ୟ ଜନଜାତି ଭବନ ନିର୍ମାଣ ନିମନ୍ତେ ହୋଇଛି ଟେଣ୍ଡର ଆହ୍ୱାନ**
- **ଡମ ସମାଜ ସଂସ୍କୃତି ଭବନ ନିମନ୍ତେ ଦାବିପତ୍ର ପ୍ରଦାନ**

ଟେଣ୍ଡର ଆହ୍ୱାନ ହୋଇଛି । କିନ୍ତୁ ଡମ ଜନଜାତିକୁ ଉପେକ୍ଷା ନେଇ ଡମ ସମାଜ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । ରାଜ୍ୟ ଡମ ସମାଜ ବିକାଶ ଟ୍ରଷ୍ଟର ରାଜ୍ୟ ସଭାପତି କରମଚାନ୍ଦ କାଳନ୍ଦୀ ଦାବିପତ୍ର ପ୍ରଦାନ କରିଛନ୍ତି ।

ମୟୂରଭଞ୍ଜ ଜିଲ୍ଲା ଡମ ସମାଜ ବିକାଶ ନିମନ୍ତେ ସରକାରୀ ଯୋଜନା କିଛି ନାହିଁ । ଉକ୍ତ ଅନୁସୂଚିତ ବର୍ଗ ଜନଜାତି ଲୋକେ ବାଉଁଶ କାରିଗର ଓ ବାଦ୍ୟକାର ଅଟନ୍ତି । ଏଥିସହିତ ବାଉଁଶ ତିଆରି ବିଭିନ୍ନ ସାମଗ୍ରୀ କୁଲା,




ପାଚିଆ, ଟୁପା, ଟୁଙ୍କି ଆଦି ତିଆରି କରି ନିଜର ପରିବାର ଭରଣପୋଷଣ କରନ୍ତି । ନିଜସ୍ୱ ଘରଡ଼ିହ ବ୍ୟତୀତ କୌଣସି ଜମି ନାହିଁ । ପ୍ରବଳ ଖରା, ବର୍ଷା, ଶୀତ ଦିନରେ ଘର ଓ ନିଜସ୍ୱ ଜାଗା ଅଧିକ ନ ଥିବା ଯୋଗୁଁ ଜୀବିକା ନିର୍ବାହ କରିବା ନେଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବାହାଘର, ବ୍ରତଘର, ପୂଜା ଆଦି ସାମାଜିକ କର୍ମ ସମୟରେ ତାଙ୍କର ପାରମ୍ପରିକ ବାଦ୍ୟ ଢୋଲ, ମହୁରୀ ଆଦି ବାଦ୍ୟ ମଧ୍ୟ ଘୋର ଅଭାବରେ ରଖି ପାରୁନାହାନ୍ତି । ଏ ବାବଦରେ ପୂର୍ବରୁ ରାଷ୍ଟ୍ରପତି, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସମସ୍ୟା ବାବଦରେ ଲିଖିତ ଭାବେ ଜଣାଇଥିଲେ । ଉକ୍ତ ଦାବିପତ୍ରର ଉତ୍ତରରେ ରାଷ୍ଟ୍ରପତି ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କଠାରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଚିଠି ଆସିଥିଲା । ଆଦିବାସୀଙ୍କୁ ଆଇଟିଡିଏ ଜରିଆରେ ଟେଣ୍ଡର ମାଧ୍ୟମରେ ବିଭିନ୍ନ ବ୍ଲକକୁ ଆଦିବାସୀ ଭବନ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । କିନ୍ତୁ ଉକ୍ତ ଡମ ସମାଜ ପାଇଁ କୌଣସି ଭବନ ବ୍ୟବସ୍ଥା ହେଲାନାହିଁ । ନିକଟରେ ଅନ୍ୟ ଜନଜାତିଙ୍କ ନିମନ୍ତେ ଭବନ ନିର୍ମାଣ ନିମନ୍ତେ ଆଇଟିଡିଏ ବାରିପଦା ପକ୍ଷରୁ ଟେଣ୍ଡର ଆହ୍ୱାନ ହୋଇଛି । କିନ୍ତୁ ଡମମାନଙ୍କୁ ଉପେକ୍ଷା କରାଯାଇଛି । ଯାହାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ବାରିପଦାର ପୂର୍ଣ୍ଣଚନ୍ଦ୍ରପୁର, ବଡ଼ସାହିର ଗୋବରାଶୋଳ, ସାରସକଣାର ପାନ୍ଦଡ଼ା, ଶ୍ୟାମାଖୁଣ୍ଟାର ଦୁଧିଆଶୋଳ, ବିଶୋଇର ବଡ଼ପୁରୁଣାପାଣି, ଜାମଦାର କାଣ୍ଡଶୋର, ରାଇରଙ୍ଗପୁରର ନାଗଭଣ୍ଡରେ ଅନୁସୂଚିତ ଜାତି ସଂସ୍କୃତି ଭବନ ନିର୍ମାଣ ନିମନ୍ତେ ଦାବି କରିଛନ୍ତି । ଫଳରେ ଡମ ସମାଜର ଉନ୍ନତି ସାଧିତ ହୋଇପାରିବ ।

## ଟ୍ରକ୍ ଧକ୍କାରେ ୨ ଗୁରୁତର ଆହତ

ମହୁଲଡିହା, ୧୬।୬(ସମିସ): କରଞ୍ଜିଆ ଥାନା ଅନ୍ତର୍ଗତ ବାମନାଶାଳ ନିକଟରେ ପ୍ରାତଃଭ୍ରମଣ କରୁଥିବାବେଳେ ୨ ଜଣ ଯୁବକଙ୍କୁ ଏକ ଟ୍ରକ୍ ପଛପଟରୁ ଧକ୍କା ଦେବାରୁ ସେମାନେ ଗୁରୁତର ଆହତ ହୋଇଛନ୍ତି । ଟ୍ରକ୍‌ଟି ଧକ୍କା ଦ୍ରୁତଗତିରେ ଠାକୁରମୁଣ୍ଡା ଅଭିମୁଖେ ଯାଉଥିବାବେଳେ ଅସନବଣି ଛକରୁ ଟ୍ରକ୍‌କୁ ଜବତ କରିଛି ଠାକୁରମୁଣ୍ଡା ଥାନା ପୁଲିସ । କରଞ୍ଜିଆ ହିରୋ ସୋ'ରୁମ ମାଲିକ ଅନୀଲ କୁମାର ମହାନ୍ତ ଓ ଠାକୁରମୁଣ୍ଡା ହିରୋ ସୋ'ରୁମ ପରିଚାଳକ ଠାକୁରଦାସ ମହାନ୍ତ ଆଜି ବାମନାଶାଳ ନିକଟରେ ପ୍ରାତଃ ଭ୍ରମଣ କରୁଥିବାବେଳେ ଜାମସେଦପୁରରୁ ରାସନ ସାମଗ୍ରୀ ନେଇ କଳିଙ୍ଗନଗର ଯାଉଥିବା ଏକ ଟ୍ରକ୍ ପଛପଟୁ ଧକ୍କା ଦେଇ ଚାଲିଯାଇଥିଲା । ସେମାନଙ୍କୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି । କରଞ୍ଜିଆ ଥାନା ଅଧିକାରୀଙ୍କ ସୂଚନା ପାଇ ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ, ଏସଆଇ ରିତାରାଣୀ ଦାସ ଅସନବଣି ଛକ ନିକଟରୁ ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌କୁ ଜବତ କରି ଡ୍ରାଇଭର ସନତ ଦାସଙ୍କୁ ଅଟକ ରଖି ତଦନ୍ତ କରୁଛନ୍ତି ।

## ୩ ମାସ ହେଲା ମିଳୁନି ଭତ୍ତା, ବରିଷ୍ଠ ନାଗରିକଙ୍କ ଦାବିପତ୍ର



କପ୍ତିପଦା, ୧୬।୬ (ସମିସ): କପ୍ତିପଦା ବ୍ଲକରେ ବରିଷ୍ଠ ନାଗରିକ, ଭିନ୍ନକ୍ଷମ, ଅସହାୟ ଓ ବିଧବା ଭତ୍ତା ଆଜକୁ ୩ ମାସ ହେଲା ପ୍ରଦାନ କରାଯାଉନି । ଫଳରେ ଭତ୍ତାଧାରୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରିକି ମାସିକ ମେଡିସିନ ଅଭାବରୁ ରୋଗରେ ପୀଡ଼ିତ ଥିବା ବୟସ୍କ ଲୋକ ବହୁ ସମସ୍ୟା ଭୋଗୁଛନ୍ତି । ପଞ୍ଚାୟତ ଅଫିସ୍‌ଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡ଼ି ଦୌଡି ନୟାନ୍ତ ହେଲେଣି । ମଙ୍ଗଳବାର ବିଜେଡିର ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ସଭାପତି ପ୍ରଶାନ୍ତ କୁମାର ବେହେରା, ଅଭିମନ୍ୟୁ ମଣ୍ଡଳ, ବୀଣାକର ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ନାୟକଙ୍କ ସମେତ ୫୦୦ରୁ ଊର୍ଦ୍ଧ୍ୱ ଭତ୍ତାଧିକାରୀ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ କପ୍ତିପଦା ବିଡିଓ ଦାବିପତ୍ର ପ୍ରଦାନ କରି ତୁରନ୍ତ ଭତ୍ତା ପ୍ରଦାନ କରିବାକୁ ନିବେଦନ କରିଛନ୍ତି ।

● **ଶ୍ୟାମାଖୁଣ୍ଟା ବ୍ଲକ ଠିକାଦାର ସଂଘ ଗଠିତ**

## ମନୋଜ ମହାନ୍ତ ସଭାପତି, ବିଶ୍ୱଜିତ ହାବଡ଼ା ସମ୍ପାଦକ



ବାରିପଦା, ୧୬ ।୬(ସମିସ): ମୟୂରଭଞ୍ଜ ଜିଲ୍ଲା ଠିକାଦାର ସଂଘର ଶ୍ୟାମାଖୁଣ୍ଟା ବ୍ଲକ କମିଟି ଗଠନ ହୋଇ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି । ବାରିପଦାର କଚେରୀ ରୋଡସ୍ଥ ଜିଲ୍ଲା କାର୍ଯ୍ୟାଳୟରେ ଆୟୋଜିତ ବୈଠକରେ ନାମ ଘୋଷଣା କରାଯାଇଛି । ବ୍ଲକ ସଭାପତି ଭାବେ ମନୋଜ କୁମାର ମହାନ୍ତ, ସମ୍ପାଦକ ଭାବେ ବିଶ୍ୱଜିତ ହାବଡ଼ା ଓ କରମ ଚାନ୍ଦ କାଳନ୍ଦୀ, କୋଷାଧ୍ୟକ୍ଷ ଭାବେ ସୁଜିତ କୁମାର ଦାସ, ଉପଦେଷ୍ଟା ଭାବେ ଶରତ ଚନ୍ଦ୍ର ମହାନ୍ତ ଓ ପ୍ରଭାକର ସାହୁ ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି । ବ୍ଲକର ସମସ୍ତ ୩ କୋଟି ମଧ୍ୟର ଠିକା କାମକୁ ୦.୧ ପ୍ରତିଶତ କମରେ ଟେଣ୍ଡର ପକାଇବାକୁ ନିଷ୍ପତ୍ତି ହୋଇଛି । ଏହାର ବ୍ୟତିକ୍ରମ ହେଲେ କାର୍ଯାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

## ରଥଯାତ୍ରା ପାଇଁ ଦୂରଦର୍ଶନରେ ନୃତ୍ୟ ପରିବେଷଣ ଲାଗି କରଞ୍ଜିଆର ଦୁଇ ଛାତ୍ରୀ ମନୋନୀତ

କରଞ୍ଜିଆ, ୧୬।୬(ସମିସ): ଭୁବନେଶ୍ୱର ଦୂରଦର୍ଶନରେ କରଞ୍ଜିଆ ସଙ୍ଗୀତ ମହାବିଦ୍ୟାଳୟର ଦୁଇଜଣ ନୃତ୍ୟ ଛାତ୍ରୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଉପଲକ୍ଷେ ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ର ପକ୍ଷରୁ ନୃତ୍ୟ ପରିବେଷଣ କରିବାକୁ ମନୋନୀତ ହୋଇଛନ୍ତି । ପୁରୀରେ ଆୟୋଜିତ ଭକ୍ତିମୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ସଙ୍ଗୀତ ମହାବିଦ୍ୟାଳୟର ଦୁଇଜଣ ପ୍ରତିଭାମୟୀ ନୃତ୍ୟଶିଳ୍ପୀ ଅର୍ପିତା ମନ୍ନା ଓ ଉପୂର୍ଣ୍ଣା ପ୍ରିୟଦର୍ଶିନୀ ବେହେରା ନୃତ୍ୟ ପରିବେଷଣ କରିବେ । ସେମାନଙ୍କର ସୁନ୍ଦର ଅଭିନୟ, ଲୟ, ଭଙ୍ଗୀ ଓ ଭକ୍ତିଭାବପୂର୍ଣ୍ଣ ଉପସ୍ଥାପନା ପାଇଁ ମନୋନୀତ ହୋଇଛନ୍ତି । ଏହି ଉଲ୍ଲେଖନୀୟ ସଫଳତା ପଛରେ କରଞ୍ଜିଆ ସଙ୍ଗୀତ ମହାବିଦ୍ୟାଳୟର ନୃତ୍ୟଗୁରୁ ରଞ୍ଜନ କୁମାର ନାଥଶର୍ମାଙ୍କ ନିଷ୍ଠାପୂର୍ଣ୍ଣ ପ୍ରଶିକ୍ଷଣ, ଛାତ୍ରୀଙ୍କ ଅକ୍ଳାନ୍ତ ସାଧନା ଓ ଅଭିଭାବକଙ୍କ ନିରନ୍ତର ସହଯୋଗରେ ପୁରୀ ଭଳି ଏକ ଆଧ୍ୟାତ୍ମିକ ଓ ସାଂସ୍କୃତିକ ପୀଠରେ ଓ ଦୂରଦର୍ଶନ ଭଳି ପ୍ରତିଷ୍ଠିତ ଟେଲିଭିଜନ ଚ୍ୟାନେଲରେ ସଫଳ ନୃତ୍ୟ ପରିବେଷଣ ଆମ ଅଞ୍ଚଳ ପାଇଁ ଗର୍ବ ଓ ଗୌରବର ବିଷୟ ପାଲଟିଛି । ଆସନ୍ତା ରଥଯାତ୍ରା ଅବସରରେ ଏହି କାର୍ଯ୍ୟକ୍ରମ ଭୁବନେଶ୍ୱର ଦୂରଦର୍ଶନ ମାଧ୍ୟମରେ ପ୍ରସାରିତ ହେବ । ସମଗ୍ର ଓଡ଼ିଶାବାସୀ ଏହି ଦୁଇ କୃତୀ ନୃତ୍ୟଶିଳ୍ପୀଙ୍କ ମନୋମୁଗ୍ଧକର ପରିବେଷଣକୁ ଉପଭୋଗ କରିବାର ସୁଯୋଗ ପାଇବେ । ଏହା କରଞ୍ଜିଆ ସଙ୍ଗୀତ ମହାବିଦ୍ୟାଳୟ ତଥା ମୟୂରଭଞ୍ଜ ଜିଲ୍ଲା ପାଇଁ ଏକ ବିରଳ ସମ୍ମାନ ଓ ଗୌରବର ମୁହୂର୍ତ୍ତ ବୋଲି କୁହାଯାଉଛି ।

## ମହିଳାଙ୍କୁ ଅସଦାଚରଣ ଅଭିଯୋଗ

କୁଆମରା, ୧୬ ।୬(ସମିସ): ଖୁଣ୍ଟା ଥାନା ତଥା ଗୋପବନ୍ଧୁନଗର ବ୍ଲକ ଅଞ୍ଚଳର ଜଣେ ମହିଳାଙ୍କୁ ଜଣେ ଯୁବକ ରବିବାର ରାତିରେ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି । ଏହି ଅଭିଯୋଗରେ ଆଜି ସମ୍ପୃକ୍ତ ଯୁବକଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରିବା ସହ ମହିଳାଙ୍କ ଅଭିଯୋଗ ଆଧାରରେ ୧୫୪/୨୬ରେ ଏକ ମାମଲା ରୁଜୁ ହୋଇଛି । ଏଏସ୍‌ଆଇ ରସାନନ୍ଦ ମହାନ୍ତି ଉକ୍ତ ମାମଲାର ତଦନ୍ତ କରୁଛନ୍ତି ।

## ରଜରେ ବିଭିନ୍ନ ସ୍ଥାନରେ ଉଡ଼ା ଯାତ୍ରା



କୁଆମରା, ୧୬ ।୬(ସମିସ): ପବିତ୍ର ରଜ ସଂକ୍ରାନ୍ତି ଅବସରରେ ଗୋପବନ୍ଧୁନଗର ବ୍ଲକର ଆରପଟା ପଞ୍ଚାୟତସ୍ଥ ପାଳଶା, ସାଇଁକୁଳା ପଞ୍ଚାୟତସ୍ଥ ଭାନପୁର ଓ କୁଆମରା, ପଶୁଦାଠାରେ ମା' ବାସୁଳୀଙ୍କ ପୀଠରେ ପାରମ୍ପରିକ ଉଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଉଡା ଯାତ୍ରା ଶନିବାର ସନ୍ଧ୍ୟାଠାରୁ ଆରମ୍ଭ ହୋଇଥିବାବେଳେ ଏହା ସୋମବାର ସନ୍ଧ୍ୟାରେ ଉଦଯାପିତ ହୋଇଛି । ତିନିଦିନ ଧରି ପୃଥକ ସନ୍ଧ୍ୟା କଣ୍ଟାପାଟ, ଝୁଲାପାଟ ଓ ନିଆଁପାଟ କାର୍ଯ୍ୟ ଭକ୍ତା ଓ ଦାସୀଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା । ଚଳିତ ବର୍ଷ ମାନସିକ ଅନୁଯାୟୀ ଉକ୍ତ ୪ଟି ସ୍ଥାନରେ ୨୭ ଜଣ ଉପାସକ ନିଜ ପିଠିରେ କଣ୍ଟା ଫୋଡା କାର୍ଯ୍ୟ କରିଥିବା ଦେଖାଯାଇଛି । ପାଗ ଅନୁକୂଳ ଥିବାରୁ ସମସ୍ତ ସ୍ଥାନରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା । ପାଳଶା ଉଡ଼ା ଯାତ୍ରାରେ ଭକ୍ତା ଭାବେ ରତ୍ନାକର ମଲିକ, ବରଜୁ ଦେହୁରୀ, ସୁନୀଲ ଦେହୁରୀ, ଜଟିଆ ଦେହୁରୀ ପ୍ରମୁଖ ମୁଖ୍ୟ ଦାସୀ ଭାବେ କାର୍ଯ୍ୟ ତୁଲାଇଥିବାବେଳେ ଭାସ୍କର ବେହେରା, ରବୀନ୍ଦ୍ର ଦଳେଇ, ଦେବାଶିଷ ପୃଷ୍ଟି, ପ୍ରଦୀପ ଦଳେଇ ପ୍ରମୁଖ କାର୍ଯ୍ୟ ପରିଚାଳନା କରିଥିଲେ । ସେହିପରି କୁଆମରାଠାରେ କାହ୍ନୁ ସିଂହ, ମୀନା ଜେନା, ବାବୁ ଦେହୁରୀ, ରତ୍ନାକର ଜେନା ପ୍ରମୁଖ ଦାସୀ ଭାବେ କାର୍ଯ୍ୟ ତୁଲାଇଥିଲେ । ପଶୁଦାଠାରେ ବ୍ରଜ ବିହାରୀ ପରିଡ଼ା, ମନୋଜ କୁମାର ପ୍ରଧାନ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ମହାଦେବ ଦେହୁରୀ, ସନ୍ତୋଷ ଜେନା, କରାମନ୍ତ ମଲ୍ଲିକ ପ୍ରମୁଖ ମୋଟ ୧୪ ଜଣ ଦାସୀ ଓ ଭକ୍ତା ଉଡା ଖୁଣ୍ଟରେ ଉଡିଥିଲେ । ସେହିପରି ସାଇଁକୁଳାସ୍ଥ ଭାନପୁରଠାରେ ହରେକୃଷ୍ଣ ବେହେରା, ମୁନା ବେହେରା, ବଂଶୀଧର ମଲିକ, ସୁକାନ୍ତ ନାଏକ, କୃଷ୍ଣଚନ୍ଦ୍ର ଦେହୁରୀ, ଟନି ମଲିକ, ମୁକୁନ୍ଦ ନାଏକ ପ୍ରମୁଖ ଉଡା କାର୍ଯ୍ୟ ତୁଲାଇଥିଲେ । ଏ ଅବସରରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ବସୁନ୍ଧରା ଫାଉଣ୍ଡେସନ ପକ୍ଷରୁ ନିଆରା ରଜ




ବାରିପଦା, ୧୬ ।୬(ସମିସ): ଜୀବନରେ ମଣିଷ ବେଳେ ବେଳେ ଏକା ହୋଇଯାଏ । ଯେଉଁମାନଙ୍କ ଉପରୁ ପିତାମାତାଙ୍କ ହାତ ଅପସରି ଯାଏ, ସେମାନେ ଅନାଥ ହୋଇ ଜୀବନ ସାରା ଏକା ହୋଇଯା'ନ୍ତି । ସେମାନେ ଯଦି ଶିଶୁ ହୋଇଥା'ନ୍ତି ତ ତାଙ୍କ ଜୀବନ ଆହୁରି କଠିନ ହୋଇପଡ଼େ । ସେହିଭଳି ଶିଶୁଙ୍କ ଲାଗି ସମସ୍ତଙ୍କ ଏକ ସାମାଜିକ ଓ ନୈତିକ ଦାୟିତ୍ୱ ରହିବା ନିହାତି ଭାବେ ଆବଶ୍ୟକ । ଏହି ମନୋଭାବକୁ ଏକ ବାର୍ତ୍ତା ଭାବେ ସମାଜକୁ ଦେବା ଉଦ୍ଦେଶ୍ୟରେ ବାରିପଦାର ବସୁନ୍ଧରା ଫାଉଣ୍ଡେସନ କେୟାର ଚାରିଟେବୁଲ ଟ୍ରଷ୍ଟ ସୋମବାର ସେହିଭଳି କୁନି କୁନି ଛୁଆଙ୍କ ସହିତ ରଜ ପର୍ବ ପାଳନ କରିଛି । ଜାକଜମକ ଭରା ରଜ ଉତ୍ସବରେ ସମସ୍ତେ ମସଗୁଲ ଥିବାବେଳେ ବସୁନ୍ଧରାର ସଦସ୍ୟା ବାରିପଦା ଦେବେନ୍ଦ୍ରପୁର ଓ ଆରଡି ଅନାଥ ଆଶ୍ରମର ଛୋଟ ଛୋଟ ଝିଅଙ୍କ ସହିତ ନିଆରା ଢଙ୍ଗରେ ରଜ ପାଳୁଛନ୍ତି । ସେଠାକାର ଅନ୍ତେବାସୀଙ୍କ ଲାଗି ଟ୍ରଷ୍ଟ ପକ୍ଷରୁ ଅଳତା, କୁଙ୍କୁମ ସହିତ ବିଭିନ୍ନ ପ୍ରକାର ପିଠା, ପ୍ରସାଧନ ସାମଗ୍ରୀ ପ୍ରଦାନ କରିବା ସହିତ ଦୋଳିରେ ଝୁଲାଇ ଥିଲେ । ରଜର ମିଠାପାନ ଦିଆନିଆ ଭିତରେ ସେହି କୁନିକୁନି ପିଲାଙ୍କ ଖୁସି ଦେଖିବା ଭଳି ଦୃଶ୍ୟ ସୃଷ୍ଟି କରିଥିଲା । ପିତାମାତାଙ୍କ ସ୍ନେହରୁ ବଞ୍ଚିତ ଏହି ଶିଶୁମାନଙ୍କୁ ଅନାବିଳ ସ୍ନେହରେ ହିଁ ପ୍ରକୃତ ଖୁସି ଓ ଆମ ପର୍ବପର୍ବାଣୀର ମହତ୍ତ୍ୱ ବୋଲି କହିଛନ୍ତି ବିଏଫସିସିଟିର ଅଧ୍ୟକ୍ଷା ଶ୍ରୁତି ରାଉତରାୟ । ଏହି ନିଆରା ରଜ ମଉଜରେ ଟ୍ରଷ୍ଟର ସଦସ୍ୟା ଆଡଭୋକେଟ୍ ମଧୁସ୍ମିତା ନାୟକ, ଦୀପ୍ତିମୟୀ ଦାସ, ମଧୁସ୍ମିତା ଭୂୟାଁଙ୍କ ସହିତ ଓଆରଡିର ସମ୍ପାଦକ ସାଇପ୍ରକାଶ ମହାନ୍ତି ସହଯୋଗ କରିଥିଲେ । ଟ୍ରଷ୍ଟର ପରମ୍ପରା ଅନୁଯାୟୀ ସର୍ବଶେଷରେ କୁନି ପିଲାଙ୍କୁ ବୃକ୍ଷଦାନ କରାଯାଇଥିଲା । ପରିବେଶ ରକ୍ଷା ଲାଗି ବୃକ୍ଷରୋପଣ କରି ଏହି ଦିବସକୁ ସ୍ମରଣୀୟ କରିବାକୁ ଟ୍ରଷ୍ଟ ବାର୍ତ୍ତା ଦେଇଥିଲା ।

## ପାଟବିଲ ପଞ୍ଚାୟତର ବିଭିନ୍ନ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ସରପଞ୍ଚଙ୍କ ଦାବିପତ୍ର



କରଞ୍ଜିଆ, ୧୬।୬ (ସମିସ): କରଞ୍ଜିଆରେ ଆୟୋଜିତ ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ସ୍ଥାନୀୟ ବ୍ଲକ ଅନ୍ତର୍ଗତ ପାଟବିଲ ପଞ୍ଚାୟତର ସରପଞ୍ଚ ସୌଦାମିନୀ ନାଏକ ଯୋଗଦେଇ ପଞ୍ଚାୟତର ବିଦ୍ୟୁତ, ପାନୀୟଜଳ ଓ ବସ୍ ସେବା ଆଦି ବିଭିନ୍ନ ସମସ୍ୟା ଉପସ୍ଥାପନ କରି ସମାଧାନ ପାଇଁ ପତ୍ର ପ୍ରଦାନ କରିଛନ୍ତି । ସେ ତାଙ୍କ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ପାଟବିଲ ପଞ୍ଚାୟତର ୧୧ଟି ୱାର୍ଡ ମଧ୍ୟରୁ ଗୋଟିଏ ୱାର୍ଡକୁ କରଞ୍ଜିଆ ସେକ୍ସନ ଓ ଅନ୍ୟ ୧୦ଟି ୱାର୍ଡକୁ ଠାକୁରମୁଣ୍ଡା ସେକ୍ସନରୁ ବିଦ୍ୟୁତ ସଂଯୋଗ ଦିଆଯାଇଛି । କରଞ୍ଜିଆ ସେକ୍ସନ ଅଧୀନ ୱାର୍ଡରେ ଗତ ଏକମାସ ଧରି ବ୍ୟାପକ ବିଦ୍ୟୁତ ବିଭ୍ରାଟ ଲାଗି ରହିଥିବାରୁ ବସୁଧା ଯୋଜନା ମାଧ୍ୟମରେ ପାନୀୟଜଳ ଯୋଗାଣ ବାଧାପ୍ରାପ୍ତ ହେଉଛି । ଏହାର ତୁରନ୍ତ ସମାଧାନ ପାଇଁ ସେ ଦାବି କରିଛନ୍ତି । ସେହିପରି ପଞ୍ଚାୟତକୁ ସଂଯୋଗ କରୁଥିବା ଲକ୍ଷ୍ମୀ (ମୁଖ୍ୟମନ୍ତ୍ରୀ) ବସ୍ ବର୍ତ୍ତମାନ ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଚଳାଚଳ କରୁଥିବାବେଳେ ତା' ପରବର୍ତ୍ତୀ କେନ୍ଦୁମୁଣ୍ଡି, ବିଶିପୁର, ରେଙ୍ଗାଳବେଡା ଓ ଧାତିକିବେଡା ଗ୍ରାମର ଲୋକେ ଏହି ସୁବିଧାରୁ ବଞ୍ଚିତ ହେଉଛନ୍ତି । ତେଣୁ ବସ ସେବାକୁ ଧାତିକିବେଡା ଗ୍ରାମ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ସେ ଅନୁରୋଧ କରିଛନ୍ତି । ଏଥିସହ ପଞ୍ଚାୟତର କଳାକାଦ ବଳସାହିରେ ବସବାସ କରୁଥିବା ୨୫ଟି ପରିବାରଙ୍କ ଘରକୁ ପାନୀୟଜଳ ଯୋଗାଣ ପାଇଁ କରାଯାଇଥିବା ପାଇପ ସଂଯୋଗ ଗତବର୍ଷ ରାସ୍ତା ଉନ୍ନତୀକରଣ ସମୟରେ କ୍ଷତିଗ୍ରସ୍ତ ହୋଇଥିଲା । ବାରମ୍ବାର ଅଭିଯୋଗ ସତ୍ତ୍ୱେ ବର୍ଷେ ବିତିଯାଇଥିଲେ ମଧ୍ୟ ଏହାର ମରାମତି ହୋଇନାହିଁ । ତୁରନ୍ତ ମରାମତି କରି ପାନୀୟଜଳ ଯୋଗାଣ ସୁନିଶ୍ଚିତ କରିବାକୁ ସେ ଦାବି କରିଛନ୍ତି । ଆଜି ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କୁ ସରପଞ୍ଚ ସୁଶ୍ରୀ ସୌଦାମିନୀ ନାଏକ ଏହି ଦାବିପତ୍ର ପ୍ରଦାନ କରିଥିଲେ ।

## କପ୍ତିପଦା ବ୍ଲକରେ ରଜ ଉତ୍ସବ

କପ୍ତିପଦା, ୧୬।୬ (ସମିସ): ବସୁଧା, ପ୍ରକୃତି ମାତାକୁ ପୂଜା କରିବାର ମହାର୍ଘ୍ୟ ପରମ୍ପରା ରଜ । କୃଷିଭିତ୍ତିକ ସାମାଜିକ ଚଳଣୀରେ ଏକ ଗୁରୁତ୍ୱପୂର୍ଣ୍ଣ ମନୋରଞ୍ଜନର ଆସର ରଜ । ଉତ୍କଳୀୟ ସଂସ୍କୃତିର ଆନନ୍ଦ ଉଲ୍ଲାସ, ସର୍ବାଧିକ ଲୋକପ୍ରିୟ ଓ ବୈଶିଷ୍ଟ୍ୟମୟ ଅବସର ରଜ । ଏହା ସାଧାରଣତଃ ଚାରିଦିନ ଧରି ପାଳନ ହୋଇଥାଏ । ଏହାର ଦ୍ୱିତୀୟ ଦିନରେ ମିଥୁନ ମାସର ଆରମ୍ଭ ହୋଇଥାଏ । ରଜ ସଂକ୍ରାନ୍ତିର ପୂର୍ବଦିନକୁ ପହିଲି ରଜ, ଦ୍ୱିତୀୟ ଦିନକୁ ରଜ ସଂକ୍ରାନ୍ତି, ତୃତୀୟ ଦିନକୁ ଭୂମିଦାହ ବା ଭୂମି ଦହନ, ଚତୁର୍ଥ ତଥା ଅନ୍ତିମ ଦିନକୁ ବସୁମତୀ ସ୍ନାନ ଭାବେ ପାଳନ କରାଯାଏ । ପ୍ତିପଦା ବ୍ଲକର ବଡଖଲାଡି ପଞ୍ଚାୟତ ଦୁର୍ଗାପୁର ଗାଁରେ ରଜ ଉତ୍ସବ ପାଳନ କରାଯାଇଛି । ଏହି ଗ୍ରାମରେ ବସୁମତୀ ମା'ଙ୍କ ମୂର୍ତ୍ତି ପୂଜାର ପରମ୍ପରା ଦୀର୍ଘଦିନରୁ ପାଳନ ହୋଇଆସୁଛି । ଏଠାରେ ୩ ଦିନ ଧରି ମା'ଙ୍କ ଷୋଡ଼ଶ ଉପଚାର ପୂଜା ଓ ଶେଷ ଦିନରେ ପୂର୍ଣ୍ଣାହୁତି ହୋଇଥାଏ । ଗାଁ ଓ ପଡ଼ିଶା ଗ୍ରାମର ଲୋକେ ଏକ ଆଧ୍ୟାତ୍ମିକ ବାତାବରଣରେ ଉତ୍ସାହିତ ଥିବାବେଳେ ନଚ୍ଛିପୁର ଗାଁରେ ଦୋଳି ଓ ଆଧ୍ୟାତ୍ମିକ ଆଲୋଚନା ହୋଇଥିଲା । ସନ୍ଧ୍ୟାରେ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ସେହିପରି ଶରତଠାରେ ମଧ୍ୟ ଆଜକୁ ୧୨ ବର୍ଷ ଧରି ରଜପର୍ବ ପାଳନ ହେଉଛି । ଗାଁ ଗହଳିରୁ ହଜିଯାଉଥିବା ରଜପର୍ବକୁ ବଞ୍ଚାଇ ରଖିବାକୁ ଏଠାକାର ସର୍ବସ୍ୱାହା ମହିଳା ସଂଗଠନ ପକ୍ଷରୁ ଏହି ରଜପର୍ବ ପାଳନ ହୋଇଆସୁଛି । ପ୍ରଥମ ଦିନରେ କରଞ୍ଜିଆ ବିଧାୟକ ଓ ରଘୁନାଥ ମୁର୍ମୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଭଗବାନ ପଣ୍ଡା ଏହାର ଉଦଘାଟନ କରିଥିଲେ । ବିଭିନ୍ନ ଗ୍ରାମରୁ ଶହ ଶହ ମହିଳା ଓ କୁମାରୀ ଦୋଳି ଖେଳିବାକୁ ଏଠାକୁ ଆସନ୍ତି । ବାଳିକାଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଏ । ସେହିଭଳି ମହିଳାମାନେ ମଧ୍ୟ ପିଠା ପ୍ରତିଯୋଗିତାରେ ଭାଗ ନେଇଥା'ନ୍ତି । ଆଜି ରଜର ଶେଷ ଦିବସ । ଆସନ୍ତାକାଲିଠାରୁ ଚାଷକାମ ଆରମ୍ଭ ହେବାର ପରମ୍ପରା ରହିଆସିଛି । ଆଜି ବିଦାୟୀ ଦିବସରେ ସବୁ ଗାଁ ଉତ୍ସବମୁଖର ହୋଇଥିବାବେଳେ ମନୋରଞ୍ଜନ କାର୍ଯ୍ୟକ୍ରମ, ନାଚ ଗୀତରେ ରଜପର୍ବକୁ ବିଦାୟ ଦିଆଯାଇଛି ।



# ଜାତୀୟସ୍ତରରେ ବାରିପଦା ରକ୍ତଭଣ୍ଡାର ପୁରସ୍କୃତ

ବାରିପଦା, ୧୬ ।୬(ସମିସ): ମୟୂରଭଞ୍ଜ ଜିଲ୍ଲା ତଥା ସମଗ୍ର ଓଡ଼ିଶା ପାଇଁ ଏକ ଗୌରବର ମୁହୂର୍ତ୍ତ । ବାରିପଦା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଓଡ଼ିଶା ରକ୍ତଭଣ୍ଡାରକୁ ରାଜ୍ୟର ଶ୍ରେଷ୍ଠ ପ୍ରଦର୍ଶନକାରୀ ରକ୍ତ କେନ୍ଦ୍ର ଭାବେ ପୁରସ୍କୃତ କରାଯାଇଛି । ଗୁଜରାଟର ଅହମ୍ମଦାବାଦରେ ଆୟୋଜିତ 'ଜାତୀୟ ଏନଜିଓ କନକ୍ଲେଭ' ଅବସରରେ ଏହି ସମ୍ମାନଜନକ ଜାତୀୟ ପୁରସ୍କାର ପ୍ରଦାନ କରାଯାଇଛି । ବାରିପଦା ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ସୌମ୍ୟରଞ୍ଜନ ନାୟକ ଜାତୀୟ ସ୍ତରରେ ଏହି ସମ୍ମାନ ଗ୍ରହଣ କରିଥିବା ଜଣାପଡ଼ିଛି ।

**ରାଜ୍ୟର ଶ୍ରେଷ୍ଠ କେନ୍ଦ୍ର ବିବେଚିତ**

ସାରା ଦେଶର ସ୍ୱାସ୍ଥ୍ୟ ବିଶେଷଜ୍ଞ ଓ ସ୍ୱେଚ୍ଛାସେବୀ ସଂଗଠନର ଉପସ୍ଥିତିରେ ବାରିପଦା କେନ୍ଦ୍ରର ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା, ସଫଳ ପରିଚାଳନା ଓ ସୁରକ୍ଷିତ ରକ୍ତ ଯୋଗାଣ ପ୍ରତି ଥିବା ପ୍ରତିବଦ୍ଧତାକୁ ବିଚାର କରି ବାରିପଦା ରକ୍ତ ଭଣ୍ଡାରକୁ ଏହି ପୁରସ୍କାର ଦିଆଯାଇଛି । ଏହି ସଫଳତାରେ ଖୁସି ବ୍ୟକ୍ତ କରି ଡାକ୍ତର ସୌମ୍ୟରଞ୍ଜନ ନାୟକ ଏହି ସମ୍ମାନକୁ ନିଜ ଟିମ୍ ଓ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗ ପ୍ରତି ଉତ୍ସର୍ଗ କରିଛନ୍ତି । ସେ କହିଛନ୍ତି, ଏହି ଜାତୀୟ ମାନ୍ୟତା ଆମର ସମଗ୍ର ଦଳର ନିରନ୍ତର ପରିଶ୍ରମ ଓ ସ୍ଥାନୀୟ ଜନସାଧାରଣଙ୍କ ସମର୍ଥନର ପ୍ରତିଫଳନ । ରକ୍ତ ସଂଗ୍ରହ, ସଂରକ୍ଷଣ ଓ ରୋଗୀ ସେବାରେ ଉଚ୍ଚ ମାନଦଣ୍ଡ ବଜାୟ ରଖିବା ପାଇଁ ଆମେ ସଦାସର୍ବଦା ଚେଷ୍ଟା କରିଆସିଛୁ । ଏକ ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ କେନ୍ଦ୍ର ପାଇଁ ଏହି ଜାତୀୟ ସଫଳତା ଓଡ଼ିଶାର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରିଛି, ଯାହା ଅନ୍ୟ ଚିକିତ୍ସାଳୟଗୁଡ଼ିକ ପାଇଁ ନିଶ୍ଚିତ ଭାବେ ଏକ ପ୍ରେରଣା ସାଜିବ ।




ବିଗତ ୬ ବର୍ଷରେ ବାରିପଦାସ୍ଥ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାର ୧.୧୬ ଲକ୍ଷ ୟୁନିଟ ରକ୍ତ ରୋଗୀଙ୍କୁ ପ୍ରଦାନ କରିଛି । ସେହିପରି ୨୦୨୫-୨୬ ବର୍ଷରେ ଏହି ରକ୍ତଭଣ୍ଡାର ୧୪୦ଟି ରକ୍ତଦାନ ଶିବିର ଜରିଆରେ ୬ ହଜାର ୫୧୧ ଜଣ ସ୍ୱେଚ୍ଛାକୃତ ରକ୍ତଦାତା ଓ ରକ୍ତଭଣ୍ଡାରରରେ ୮ ହଜାର ୮୩୯ ୟୁନିଟକୁ ମିଶାଇ ୧୫ ହଜାର ୩୫୦ ୟୁନିଟ ରକ୍ତ ସଂଗ୍ରହ କରି ରାଜ୍ୟର ପ୍ରମୁଖ ସହଯୋଗୀ କେନ୍ଦ୍ର ଭାବେ ପରିଗଣିତ ହୋଇଛି । ଏଠାରେ କେବଳ ରକ୍ତ ସଂଗ୍ରହ ନୁହେଁ, ବରଂ ରକ୍ତ ପୃଥକୀକରଣ ପରୀକ୍ଷା ଦ୍ୱାରା ପ୍ଲାଜମା, ପ୍ଲେଟଲେଟ, ଆରବିସି, କ୍ରାୟ ପେସିପିଟେଡ ଓ କ୍ରାୟ ପ୍ରେସିପିକେଟ ଓ କ୍ରାୟ ପୋର ପ୍ଲାଜମ ଜରୁରିକାଳୀନ ରୋଗୀଙ୍କୁ ପ୍ରଦାନ କରାଯାଇ ଜୀବନରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ସମ୍ପାଦନ କରିଛି ।

■ ଜିଲ୍ଲା ଦିବ୍ୟାଙ୍ଗ ଓ ସାମାଜିକ ସୁରକ୍ଷା ମହାସଂଘର ସାମ୍ବାଦିକ ସମ୍ମିଳନୀ

## ସରକାରଙ୍କ ପ୍ରତିଶ୍ରୁତି ଏବେ ହିତାଧିକାରୀଙ୍କ ପାଇଁ ପ୍ରତାରଣା

ବାରିପଦା, ୧୬।୬(ସମିସ): ମଙ୍ଗଳବାର ମୟୂରଭଞ୍ଜ ଜିଲ୍ଲାର ଜିଲ୍ଲା ଦିବ୍ୟାଙ୍ଗ ଓ ସାମାଜିକ ସୁରକ୍ଷା ମହାସଂଘ ଜିଲ୍ଲା ସଭାପତି ଅରୁଣ କୁମାର ବେହେରାଙ୍କ ସହ ଉପଖଣ୍ଡ ସଭାପତି ଉପସ୍ଥିତିରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରି ନିଜ ମତ ରଖିଥିଲେ ଯେ, ଗତ ନିର୍ବାଚନରେ ବିଜେପି ଦଳ ସରକାରଙ୍କୁ ଆସିଲେ ସମସ୍ତ ଭତ୍ତା ହିତାଧିକାରୀଙ୍କୁ ୩୦୦୦ ଟଙ୍କା ଲେଖାଏଁ ଭତ୍ତା ପ୍ରଦାନ କରିବେ। ୩ ମାସ ହେଲାଣି ଏ ପର୍ଯ୍ୟନ୍ତ ବ୍ୟାଙ୍କ ଖାତାକୁ ଆସୁଥିବା ଭତ୍ତା ଟଙ୍କା ଆସିନାହିଁ। ଫଳରେ ହଜାର ହଜାର ଦିବ୍ୟାଙ୍ଗ, ବୃଦ୍ଧ, ବିଧବା, ଅସହାୟ ଲୋକେ ଭତ୍ତା ପାଇବାରୁ ବଞ୍ଚିତ ହୋଇ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏମିତିକି ଔଷଧ କିଣି ନ ପାରି ମୃତ୍ୟୁବରଣ କରୁଥିବା ଦେଖିବାକୁ ମିଳୁଛି। ଏତେ ସବୁ ଭତ୍ତା ସମସ୍ୟା ସମାଧାନ ନ କରି ମୟୂରଭଞ୍ଜ ଜିଲ୍ଲାରେ ବିଜେପି ସରକାରଙ୍କ ପକ୍ଷରୁ ଦୁଇବର୍ଷ ପୂର୍ତ୍ତି ପାଳନ ଉତ୍ସବ ପାଳନ କରାଯାଉଥିବାରୁ ସଂଘ ପକ୍ଷରୁ ଘୋର ନିନ୍ଦା କରାଯାଇଛି। ଜିଲ୍ଲାରେ ଦିବ୍ୟାଙ୍ଗଙ୍କ ମଧ୍ୟ ଅନେକ ସମସ୍ୟା ଥିବାବେଳେ ସମସ୍ୟା ସମାଧାନ ପାଇଁ ରାଜ୍ୟ ସରକାରଙ୍କ ଉପରେ ଭରଷା ନ କରି ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରିବାର କାର୍ଯ୍ୟକ୍ରମ ଥିବାବେଳେ ଅନୁମତି ନ ମିଳିବାରୁ ସାମ୍ବାଦିକ ସମ୍ମିଳନୀରେ ନିଜର ଦାବି ପୂରଣ ପାଇଁ ଦାବି ଜଣାଇଛନ୍ତି ଜିଲ୍ଲା ଦିବ୍ୟାଙ୍ଗ ମହାସଂଘ। ଜିଲ୍ଲା ପୁନର୍ବାସ ଥଇଥାନ କେନ୍ଦ୍ରରେ ଥିବା କର୍ମଚାରୀଙ୍କୁ ଅନ୍ୟ ଜିଲ୍ଲାକୁ ବଦଳି, ଦିବ୍ୟାଙ୍ଗ ଚୟନ କ୍ୟାମ୍ପରେ ଅସ୍ଥିଶଲ୍ୟ ବିଭାଗକୁ ଆସୁଥିବା ଡାକ୍ତର ମୋହନ ଚରଣ ମୁର୍ମୁ ଦୀର୍ଘ ୧୫ ବର୍ଷରୁ ଊର୍ଦ୍ଧ୍ୱ ଥର ରହିଆସୁଥିବାରୁ ଦିବ୍ୟାଙ୍ଗ ପ୍ରତି ଉତ୍ତମ ବ୍ୟବହାର କରୁନଥିବାରୁ ତାଙ୍କୁ ମଧ୍ୟ ଅନ୍ୟ ଜିଲ୍ଲାକୁ ବଦଳି କରାଇବା, ଉପଖଣ୍ଡ ସ୍ତରରେ ଯେଉଁ ଦିବ୍ୟାଙ୍ଗ ଚୟନ ଓ ସାର୍ଟିଫିକେଟ ପ୍ରଦାନ ପାଇଁ ଯେଉଁ କ୍ୟାମ୍ପ ଆୟୋଜନ କରାଯାଉଛି, ଉକ୍ତ କ୍ୟାମ୍ପରେ ଉପଖଣ୍ଡ ସ୍ତରରେ ଥିବା ଡାକ୍ତରଙ୍କୁ କ୍ୟାମ୍ପରେ ଦିବ୍ୟାଙ୍ଗ ଚିହ୍ନଟ ଦାୟିତ୍ୱ ଦିଆଯାଉ। ଆତ୍ମନିର୍ଭରଶୀଳ ହେବାକୁ ଦିବ୍ୟାଙ୍ଗଙ୍କୁ ତୁରନ୍ତ ଜିନିଷ ପ୍ରଦାନ କରାଯାଉ। ବ୍ୟାଟେରୀ ଚାଳିତ ଟଟୋ ଗାଡି ଉପଯୁକ୍ତ ଦିବ୍ୟାଙ୍ଗଙ୍କୁ ଚୟନ କରି ପ୍ରଦାନ କରାଯିବା ଆଦି ଦାବି କରାଯାଉଛି। ଯଦି ୨୩ ତାରିଖ ମଧ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଦାବି ପୂରଣ ନ ହୁଏ, ତେବେ ୨୩ ତାରିଖ ଦିନ ଜିଲ୍ଲା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଅରୁଣ ବେହେରାଙ୍କ ଓ ଅନ୍ୟ କର୍ମକର୍ତ୍ତା ଚେତାବନ ଦେଇଛନ୍ତି।




ନାବାଳିକାଙ୍କୁ ଗଣଦୁଷ୍କର୍ମ ଘଟଣା

# ରାଇରଙ୍ଗପୁରରେ ବିଜେଡି ପ୍ରତିନିଧି ଦଳ, ଏସ୍‌ପିଙ୍କୁ ନ୍ୟାୟ ପ୍ରଦାନ ଦାବି

ବାରିପଦା, ୧୬।୬(ସମିସ)



ରାଇରଙ୍ଗପୁରରେ ଜଣେ ୧୨ ବର୍ଷୀୟ ନାବାଳିକାଙ୍କ ସହ ଦୁଷ୍କର୍ମ ଅଭିଯୋଗ ସମଗ୍ର ରାଜ୍ୟକୁ ସ୍ତବ୍ଧ କରିଛି। ଏହି ଘଟଣା ରାଜ୍ୟରେ ମହିଳା ସୁରକ୍ଷା ଓ ଆଇନଶୃଙ୍ଖଳା ବ୍ୟବସ୍ଥାର ଅବନତିକୁ ପୁଣିଥରେ ପଦାରେ ପକାଇଛି। ଏହି ଘଟଣା ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ ପାଇଁ ମଙ୍ଗଳବାର ରାଜ୍ୟ ବିଜେଡି ପ୍ରତିନିଧି ମଣ୍ଡଳୀ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି, ବାସନ୍ତୀ ହେମ୍ବ୍ରମ, ମହିଳା କମିଶନର ପୂର୍ବତନ ଅଧ୍ୟକ୍ଷା ମିନତୀ ବେହେରା, ଭାରତୀ ସିଂ, ପ୍ରୀତିନନ୍ଦ ରାଉତରାୟ, ସାନନ୍ଦ ମାରାଣ୍ଡି, ରାଜକିଶୋର ଦାସ, ଗଣେଶ୍ୱର ପାତ୍ର, ଶ୍ରୀନାଥ ସୋରେନ, ମୟୂରଭଞ୍ଜ-୨ ସଭାପତି ଡା ଦେବାଶିଷ ମାରାଣ୍ଡି, କାର୍ଯ୍ୟକାରୀ ସଭାପତି ରାଇସେନ୍ ମୁର୍ମୁ, ଚକ୍ରଧର ହେମ୍ବ୍ରମ, ଅଭିଷେକ ପଟ୍ଟନାୟକ, ତନୁଜା ମହାନ୍ତ ଓ ସ୍ଥାନୀୟ ନେତୃବୃନ୍ଦ ରାଇରଙ୍ଗପୁର ଗସ୍ତ କରି ପୀଡ଼ିତା ଓ ତାଙ୍କ ପରିବାର ସହ ଆଲୋଚନା ପରେ ଏସପି ବରୁଣ ଗୁଣ୍ଟୁପାଲ୍ଲୀଙ୍କୁ ଭେଟି ଆଲୋଚନା କରି ନାବାଳିକାଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଦାବି କରିବା ସହ ରିପୋର୍ଟ ଦଳର ସଭାପତି ଶ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରିବେ।

ଘଟଣା ପରେ ସୋମବାର ବିଜୁ ଜନତା ଦଳର ଏକ ତଥ୍ୟ ଅନୁସନ୍ଧାନକାରୀ ଦଳ ମୟୂରଭଞ୍ଜ-୨ ସଭାପତି ଡା ଦେବାଶିଷ ମାରାଣ୍ଡିଙ୍କ ନେତୃତ୍ୱରେ ହସ୍ପିଟାଲରେ ପହଞ୍ଚି ପୀଡ଼ିତା ଓ ତାଙ୍କ ପରିବାରକୁ ଭେଟି ଘଟଣା ସମ୍ପର୍କରେ ସବିଶେଷ ତଥ୍ୟ ସଂଗ୍ରହ କରିଥିଲେ। ପୂର୍ବତନ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, କାର୍ଯ୍ୟକାରୀ ସଭାପତି ରାଇସେନ୍ ମୁର୍ମୁ, ପୌର ପରିଷଦ ପୌରାଧ୍ୟକ୍ଷ ଅଭିଷେକ ପଟ୍ଟନାୟକ, ଚକ୍ରଧର ହେମ୍ବ୍ରମ, ବ୍ଲକ ଅଧ୍ୟକ୍ଷ ଜ୍ଞାନରଞ୍ଜନ ହେମ୍ବ୍ରମ, ଜିଲ୍ଲା ପରିଷଦ ସଚ୍ଚିଦାନନ୍ଦ ମହାନ୍ତ, ସ୍ୱରୂପ ବେହେରା, ଦୀପ୍ତିମାନ ବଳ, ସୁବାସ ମଣ୍ଡଳ, ଛାତ୍ରନେତା ବିକାଶ ମହାନ୍ତ, ତନୁଜା ମହାନ୍ତଙ୍କ ସହିତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

**ରାଜ୍ୟରେ ମହିଳା ସୁରକ୍ଷା ଓ ଆଇନଶୃଙ୍ଖଳା ବ୍ୟବସ୍ଥା ଚିନ୍ତାଜନକ ଅଭିଯୋଗ**

ରାଇରଙ୍ଗପୁର ଟାଉନ ଥାନାକୁ ଯାଇ ଆଇଆଇସି ଜ୍ୟୋତିପ୍ରକାଶ ସ୍ୱାଇଁଙ୍କ ସହ ଆଲୋଚନା କରିଥିଲେ। ପରେ ବିଳମ୍ବ ଏତଲା ରେଜିଷ୍ଟ୍ରେସନ୍, ପୀଡିତାର ଡାକ୍ତରୀ ମାଇନା ୧୨ ଘଣ୍ଟା ବିଳମ୍ବ ନେଇ ନେତୃବୃନ୍ଦ ଆଇଆଇସିଙ୍କୁ ଅସନ୍ତୋଷ ପ୍ରକାଶ କରିଥିଲେ। ସବୁକିଛି ଅବଗତ ପରେ ପୁଲିସର ବିଳମ୍ବ କାର୍ଯ୍ୟାନୁଷ୍ଠାନରେ ମଧ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ। ତୁରନ୍ତ ପୀଡ଼ିତାଙ୍କ ପରିବାରକୁ ନ୍ୟାୟ ଓ ପୀଡିତା ସମେତ ପରିବାରକୁ ସୁରକ୍ଷା ଦେବା ପାଇଁ କହିଥିଲେ। ଦୁଷ୍କର୍ମ ଆସାମୀଙ୍କୁ ତୁରନ୍ତ ଗିରଫ, ପୀଡିତାଙ୍କୁ ତୁରନ୍ତ ନ୍ୟାୟ ଓ କ୍ଷତିପୂରଣ ନ ମିଳିଲେ ଖୁବଶୀଘ୍ର ବିଜେଡି ସମଗ୍ର ମୟୂରଭଞ୍ଜ ଜିଲ୍ଲାରେ ଆନ୍ଦୋଳନକୁ ତୀବ୍ରତର କରିବ ବୋଲି ଆଇଆଇସିଙ୍କୁ ଚେତାବନୀ ଦେଇଥିଲେ।

ପୀଡ଼ିତାଙ୍କ ପରିବାରର ଅଭିଯୋଗ ଅନୁଯାୟୀ, ନାବାଳିକାଙ୍କୁ ଅପହରଣ କରାଯାଇ ଦୁଷ୍କର୍ମ କରାଯିବା ପରେ ଗୁରୁତର ଅବସ୍ଥାରେ ଘର ନିକଟରେ ଛାଡ଼ି ଦିଆଯାଇଥିଲା। ବର୍ତ୍ତମାନ ସେ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ମେଡିକାଲ୍ ଲିଗାଲ୍ କେସ୍ (ଏମଏଲସି) ସମ୍ପର୍କରେ ପୁଲିସକୁ ସୂଚନା ଦିଆଯାଇଥିଲେ ମଧ୍ୟ ମାମଲା ରୁଜୁ କରିବାରେ ଅନାବଶ୍ୟକ ବିଳମ୍ବ କରାଯାଇଥିଲା। ଏହି ବିଳମ୍ବ ପୁଲିସର କାର୍ଯ୍ୟଦକ୍ଷତା ଓ ଆନ୍ତରିକତା ଉପରେ ଗୁରୁତର ପ୍ରଶ୍ନ ସୃଷ୍ଟି କରୁଛି।"ଏଥିସହ ନାବାଳିକାଙ୍କ ସହମତି ସମ୍ପର୍କରେ ପୁଲିସର କିଛି ପ୍ରତିକ୍ରିୟାକୁ ବିଜେଡି ଦୃଢ଼ ଭାବେ ନିନ୍ଦା କରିଛି।

ନାବାଳିକାଙ୍କ କ୍ଷେତ୍ରରେ ସହମତିର ପ୍ରସଙ୍ଗ ଉଠାଇବା ଆଇନଗତ ଏବଂ ନୈତିକ ଦୃଷ୍ଟିରୁ ଅଗ୍ରହଣଯୋଗ୍ୟ ବୋଲି ଦଳ ମତ ପ୍ରକାଶ କରିଛି। ବିଜେଡି ଦାବି କରିଛି ଯେ, ଏହି ଘଟଣାର ନିରପେକ୍ଷ ଓ ସ୍ୱଚ୍ଛ ତଦନ୍ତ କରାଯାଉ, ସମସ୍ତ ଦୋଷୀଙ୍କୁ ତୁରନ୍ତ ଗିରଫ କରାଯାଇ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉ ଏବଂ ପୀଡ଼ିତାଙ୍କୁ ଉପଯୁକ୍ତ କ୍ଷତିପୂରଣ ଓ ସମସ୍ତ ସରକାରୀ ସହାୟତା ତୁରନ୍ତ ପ୍ରଦାନ କରାଯାଉ।

■ ଥାନାବାବୁଙ୍କ ଧମକରେ ନାବାଳିକା ଚେତାଶୂନ୍ୟ ଘଟଣା

## ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

ମୋରଡ଼ା,୧୬।୬(ସମିସ): ଓଡ଼ିଶା ପୋଲିସ ଜୁଭେନଟିକା ନାମରେ ଗତ କିଛିଦିନ ତଳେ ନାବାଳିକାମାନେ କିପରି ଥାନାକୁ ଆସି ନିର୍ଭୟରେ ଅଭିଯୋଗ କରିପାରିବେ, ସେଥିପାଇଁ ଏକ କାର୍ଯ୍ୟକ୍ରମ ମାଧ୍ୟମରେ ସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀଙ୍କୁ ସମସ୍ତ ଥାନାରେ ଆଭାସି ମାଧ୍ୟମରେ ପୁଲିସ ଡିଜି ସଚେତନ କରାଇଥିଲେ। ତେବେ ଉକ୍ତ କାର୍ଯ୍ୟକ୍ରମର ଧଜିଆ ଓଡ଼ାଇଛନ୍ତି ମୋରଡା ଥାନା ଅଧିକାରୀ ସୁମିତ କୁମାର ସରେନ। ନିଜ ପଦର ଅପବ୍ୟବହାର କରିବା ସହ ପାୱାରର ଦୁରୁପଯୋଗ କରିଥିବା ନେଇ ଜଣେ ପୀଡ଼ିତା ବାରମ୍ବାର ସମସ୍ତଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ ନ୍ୟାୟ ମିଳି ନ ଥିବା ଅଭିଯୋଗ କରିଛନ୍ତି। ଶେଷରେ ବାଧ୍ୟ ହୋଇ ପୀଡ଼ିତା ଗତ ଜୁନ ୮ ତାରିଖ ଦିନ ମୟୂରଭଞ୍ଜ ଗସ୍ତରେ ଆସିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଅଭିଯୋଗପତ୍ର ପ୍ରଦାନ କରିଥିଲେ ପୀଡ଼ିତା। ଇତିମଧ୍ୟରେ ଗୋଟିଏ ସପ୍ତାହ ବିତିଯାଇଥିଲେ ମଧ୍ୟ ବିବାଦୀୟ ଥାନା ଅଧିକାରୀ ସୁମିତ କୁମାର ସରେନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବାରୁ ଆସନ୍ତା ୨୦ ତାରିଖ ଦିନ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ପାଇଁ ପ୍ରସ୍ତୁତ ହେଉଥିବା କଥା କହିଛନ୍ତି ପୀଡ଼ିତା ପରିବାର। ଗତ ମେ ୧୬ ତାରିଖ ଦିନ ପୀଡ଼ିତାଙ୍କ ନାବାଳିକା ଝିଅ ସହିତ ହୋଇଥିବା ଅତ୍ୟାଚାରକୁ ନେଇ ବାପାମାଆ ମୋରଡା ଥାନାକୁ ଯାଇଥିବା ସମୟରେ ଥାନା ଅଧିକାରୀ ସୁମିତ କୁମାର ସରେନ ତାଙ୍କୁ କେଶ ରଫାଦଫା କରିବାକୁ ଚାପ ପ୍ରୟୋଗ କରିବା ସହ କେଶ କଲେ ପୀଡ଼ିତା ନାବାଳିକାଙ୍କୁ ଓଲଟା ୭ ବର୍ଷ ଜେଲ ପଠାଇବେ ବୋଲି ଧମକ ଦେଇଥିଲେ। ଯାହାଫଳରେ ନାବାଳିକା ଜଣକ ଥାନାରେ ଚେତାଶୂନ୍ୟ ହୋଇ ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ। ତେବେ ସମସ୍ତ ଘଟଣା ସମ୍ପର୍କରେ ସେମାନେ ଏସପି ଓ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ନ୍ୟାୟ ପାଇବାରୁ ବଞ୍ଚିତ ରହିଥିବା ସେମାନେ ଅଭିଯୋଗ କରିଛନ୍ତି। ତେବେ ଆଗାମୀ ଦିନରେ ନ୍ୟାୟ ନ ମିଳିଲେ କୋର୍ଟର ଦ୍ୱାରସ୍ଥ ହେବା କଥା ପ୍ରକାଶ କରିଛନ୍ତି।

## ନୂଆଗାଁ ରଜ କମିଟି ପକ୍ଷରୁ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା

ବୈଶିଙ୍ଗା,୧୬।୬ (ସମିସ):ନୂଆଗାଁ ରଜ କମିଟିର ଆବାହକ ପ୍ରକାଶ କୁମାର ମହାପାତ୍ରଙ୍କ ନେତୃତ୍ୱରେ ରଜ ପାଳିତ ହୋଇଯାଇଛି। ଗ୍ରାମର ପିଲାମାନେ ୬ଟି ଦୋଳିର ମଜା ନେଇଥିଲେ। ପ୍ରଥମେ ନୂଆଗାଁ ଓ ନଡପୁର ଗ୍ରାମର ୨୦ ଜଣ ବରିଷ୍ଠ ନାଗରିକଙ୍କୁ ଉତ୍ତରୀୟ ଓ ଫୁଲ ଚନ୍ଦନ ଦେଇ ପୂଜା କରାଯିବ ସହିତ ଦୋଳିରେ ଝୁଲା ଯାଇ ସେମାନଙ୍କ ମୁହଁରେ ଟିକିଏ ହସ ଫୁଟାଇବା ମୂଳ ଲକ୍ଷ୍ୟ ଥିଲା। ଏଥିରେ ଗ୍ରାମର ସନ୍ତୋଷ ଗିରି, ତପନ ଦାସ, ସୁନୀଲ ଗିରି, ଧନଞ୍ଜୟ ଦାସ, ରାଧାକୃଷ୍ଣ ସେଠୀ, ବ୍ରଜକିଶୋର ଦାସ, ବିକାଶ ମହାପାତ୍ର, ଗୁରୁଚରଣ ଗୋସ୍ୱାମୀ ସହଯୋଗ କରିଥିଲେ।

## ଦୁର୍ଘଟଣାରେ ସାମ୍ବାଦିକ ଗୁରୁତର

ଠାକୁରମୁଣ୍ଡା,୧୬।୬(ସମିସ): ଠାକୁରମୁଣ୍ଡା ବଜାରରେ ମଙ୍ଗଳବାର ସନ୍ଧ୍ୟାରେ ବାଇକ ଧକ୍କାରେ ଠାକୁରମୁଣ୍ଡାର ବରିଷ୍ଠ ସାମ୍ବାଦିକ ମଧୁସୂଦନ ନନ୍ଦ ଗୁରୁତର ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଭୁବନେଶ୍ୱରକୁ ଉନ୍ନତ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାରେ ତାଙ୍କର ଗୋଟିଏ ହାତ ଓ ଗୋଡ଼ ଭାଙ୍ଗିଯାଇଛି। ଠାକୁରମୁଣ୍ଡା ବନ୍ଧ ନିକଟ ବଜାରରେ ମଧୁସୂଦନ ନନ୍ଦ ବାଇକ୍‌ରେ ବୁଲୁଥିବାବେଳେ ବାଇକ୍ ଚଳାଇ ଆସୁଥିବା ୨ ଜଣ ଯୁବକ ତାଙ୍କୁ ଧକ୍କା ଦେଇଥିଲେ। ଠାକୁରମୁଣ୍ଡା ଥାନା ପୁଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିଛି।

## ଦୁର୍ଘଟଣାଗ୍ରସ୍ତଙ୍କୁ ଡାକ୍ତରଖାନା ପଠାଇଲେ ରାଜ୍ୟ ବିଜେଡି ସମ୍ପାଦକ

ଆନନ୍ଦପୁର,୧୬।୬(ସମିସ): ଆନନ୍ଦପୁର-ଭଦ୍ରକ ରାସ୍ତାର ଚାରିନାଳିଆ ନିକଟରେ ସୋମବାର ରାତି ଦୁର୍ଘଟଣାରେ ରେ ଅନେକ ଲୋକ ଆହତ ହୋଇଥିଲେ। ପ୍ରଥମ ଦୁର୍ଘଟଣା ଏକ ବୋଲେରୋ ଓ କାର ମଧ୍ୟରେ ହୋଇଥିବା ବେଳେ ଏକାଧିକ ଆହତ ହୋଇ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି। ଏଥିପାଇଁ ଘଣ୍ଟାଏ କାଳ ରାସ୍ତା ଜାମ ହୋଇଥିଲା। ପୁରୁଣାଘାଟି ଗ୍ରାମର ଜଣେ ଯୁବକ ଦ୍ରୁତ ଗତିରେ ଆସୁଥିବା ବେଳେ ଏକ କାରକୁ ଧକ୍କା ଦେଇ ରାସ୍ତା କଡକୁ ଛିଟିକି ପଡ଼ିଥିଲେ। ସେହି ରାସ୍ତାଦେଇ ଏକ ରଜ ଉତ୍ସବ କାର୍ଯ୍ୟକ୍ରମରୁ ଫେରୁଥିବା ବିଜେଡି ସମ୍ପାଦକ ରତିକାନ୍ତ ରାଉତ ତୁରନ୍ତ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲେ। ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ତାଙ୍କ ଚିକିତ୍ସା ଜାରି ରହିଛି। ରାଜ୍ୟ ବିଜେଡି ସମ୍ପାଦକ ରତିକାନ୍ତ ରାଉତଙ୍କ ଏପରି ସହଯୋଗକୁ ପ୍ରଶଂସା କରାଯାଇଛି।



## ପାଟଣା ରେଞ୍ଜରଙ୍କ ବଦଳି



ତୁରୁମୁଙ୍ଗା, ୧୬।୬(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜର ବନବିହାରୀ ସର୍ଦ୍ଦାରଙ୍କ ଗତ ସୋମବାର ବୌଦ୍ଧ ଜିଲ୍ଲା କଣ୍ଡାମାଳ ରେଞ୍ଜକୁ ରେଞ୍ଜ ଅଫିସର ଭାବେ ବଦଳି ହୋଇଛି। ଚାକିରିର ଅନ୍ତିମ ବର୍ଷ ବାର୍ଦ୍ଧକ୍ୟରେ ତାଙ୍କର ଏଭଳି ବଦଳିକୁ କିଛି ସ୍ଥାନୀୟଲୋକ ନାପସନ୍ଦ କରିଥିବା ବେଳେ ତାଙ୍କ ମୂଳ ଘର ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ବ୍ଲକରେ। ତାଙ୍କ ସ୍ଥାନରେ ବୌଦ୍ଧ ଜିଲ୍ଲା କଣ୍ଡାମାଳ ରେଞ୍ଜର ଆର୍ତ୍ତତ୍ରାଣ ମିର୍ଦ୍ଧାଙ୍କ ପାଟଣା ରେଞ୍ଜକୁ ରେଞ୍ଜର ଭାବେ ବଦଳି ହୋଇଛି।

## ସ୍ୱାମୀର ଠେଙ୍ଗା ମାଡ଼ରେ ସ୍ତ୍ରୀର ମୃତ୍ୟୁ

କେନ୍ଦୁଝର, ୧୬।୬(ସମିସ): ଟାଉନ୍ ଥାନା ଅନ୍ତର୍ଗତ ଜାମୁଡ଼ିହା ଗ୍ରାମରେ ସ୍ୱାମୀର ଆକ୍ରମଣରେ ସ୍ତ୍ରୀର ମୃତ୍ୟୁ ଘଟଣା ଚାଞ୍ଚଲ୍ୟ ଖେଳିଯାଇଛି। ଘରୋଇ କଳହକୁ କେନ୍ଦ୍ରକରି ବଇଦ ଜୁଆଙ୍ଗ (୪୬) ତାଙ୍କ ପତ୍ନୀ ରୁକ୍ମଣୀ ଜୁଆଙ୍ଗ (୪୦)କୁ ଠେଙ୍ଗାରେ ପିଟି ହତ୍ୟା କରିଛି। ପୁଲିସ ସୂଚନା ପାଇ ଘଟଣାସ୍ଥଳକୁ ଯାଇ ଶବ ଜବତ କରିଛି। ମୃତକର ଭାଇ ରାମଚନ୍ଦ୍ର ଜୁଆଙ୍ଗଙ୍କ ଅଭିଯୋଗକ୍ରମେ କେସ୍ ନମ୍ବର ୫୯୫/୨୦୨୬ରେ ମାମଲା ରୁଜୁକରି ତଦନ୍ତ ଚାଲିଛି। ପାରିବାରିକ କଳହରୁ ଏହି ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଛି। ଏହି ଗଣ୍ଡଗୋଳରେ ଅଭିଯୁକ୍ତ ସ୍ୱାମୀ ବଇଦ ଜୁଆଙ୍ଗ ଆହତ ହୋଇଥିବାରୁ ତାକୁ ପୁଲିସ ଡାକ୍ତରଖାନରେ ଭର୍ତ୍ତି କରି ଚିକିତ୍ସା କରାଉଥିବା ଜଣାପଡ଼ିଛି। ଦୁଇ ଜଣଙ୍କ ମଧ୍ୟରେ ଗତକାଲି ଅପରାହ୍ନରେ ଝଗଡ଼ା ହୋଇଥିଲା। ଏକ ବାଡ଼ିରେ ସ୍ତ୍ରୀକୁ ମାରିବାରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଏଥିରେ ରୁକ୍ମଣୀଙ୍କ ମୃତ୍ୟୁ ଖବର ପାଇ ଭଉଣୀ ପହଞ୍ଚି ପୁଲିସକୁ ଜଣାଇଥିଲେ। ଅଭିଯୋଗ ପାଇ ଅଭିଯୁକ୍ତକୁ ଗିରଫ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଥିବା ଜଣାପଡ଼ିଛି।

## ରଜ ପର୍ବରେ ପାଟଣା ଅଞ୍ଚଳ ମସଗୁଲ



ତୁରୁମୁଙ୍ଗା, ୧୬।୬(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅଞ୍ଚଳରେ ଚଳିତ ବର୍ଷ ରଜ ପର୍ବ ତିନି ଦିନ ଧରି ବେଶ୍ ଆଡ଼ମ୍ବର ଓ ଉତ୍ସାହର ସହ ପାଳିତ ହୋଇଛି। ମୁରୁସୁଆଁରେ ଆୟୋଜିତ ରଜ ମହୋତ୍ସବକୁ ଉତ୍ସାହର ପାଳନ କରିଛନ୍ତି ଗ୍ରାମର ଯୁବତୀ ମହିଳା ଓ ପୁରୁଷ। ଦୋଳି ଖେଳ ସହିତ ମ୍ୟୁଜିକ ଚେୟାର, ଅନ୍ଧ ପୁଟୁଳି, ଶଙ୍ଖଫୁଙ୍କା, ନୃତ୍ୟ ଓ ଅନ୍ୟାନ୍ୟ ମନୋରଞ୍ଜନଧର୍ମୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଶିଶୁ, ଯୁବତୀ, ମହିଳାମାନେ ବେଶ୍ ଉତ୍ସାହର ସହ ଭାଗ ନେଇଥିଲେ। ଦୋଳିର ଝୁଲା, ରଜ ଗୀତ ଓ ନାଚଗୀତର ତାଳେ ତାଳେ ତିନି ଦିନ ଧରି ପାଟଣା ଅଞ୍ଚଳ ଉତ୍ସବମୁଖର ହୋଇଉଠିଥିଲା। ଆଧୁନିକତାର ପ୍ରଭାବ ସତ୍ତ୍ୱେ ଓଡ଼ିଆ ପରମ୍ପରା ଓ ସଂସ୍କୃତିର ପ୍ରତୀକ ରଜ ପର୍ବ ପ୍ରତି ଲୋକଙ୍କ ଆକର୍ଷଣ ଅକ୍ଷୁଣ୍ଣ ରହିଥିବା ଏବଂ ମହୋତ୍ସବ ଗ୍ରାମବସୀଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରୁଥିବା ପ୍ରମାଣିତ ହୋଇଛି।

## ଚୋରଗଡ଼ିଆ ନିକଟରୁ ହରିଣ ଉଦ୍ଧାର

ହାଟଡିହୀ,୧୬।୬(ସମିସ): ହଦଗଡ଼ ହସ୍ତୀ ଅଭୟାରଣ୍ୟ ମଧ୍ୟରୁ ଗାଁ ଭିତରକୁ ପଶି ଆସିଥିବା ଏକ ହରିଣକୁ ଚୋରଗଡ଼ିଆ ନିକଟରୁ ଉଦ୍ଧାର କରିଛି ବନବିଭାଗ। ହାଟଡିହୀ ବ୍ଲକ ଶାସଙ୍ଗ ଗ୍ରାମରେ ଆଜି ସକାଳୁ ଏକ ହରିଣ ବୁଲୁଥିବା ଗାଁଲୋକେ ଦେଖିଥିଲେ। ହରିଣଟି ହଦଗଡ଼ ହସ୍ତୀ ଅଭୟାରଣ୍ୟ ମଧ୍ୟରୁ ଚାଲି ଆସିଥିବା ଜାଣି ତୁରନ୍ତ ବନ ବିଭାଗକୁ ସୂଚନା ଦେଇଥିଲେ। ହଦଗଡ଼ ବନବିଭାଗ ଷ୍ଟାଫ୍ ଶାସଙ୍ଗରେ ପହଞ୍ଚି ହରିଣଟିକୁ ଚୋରଗାଡ଼ିଆ ନିକଟରେ ଧରିବାକୁ ସକ୍ଷମ ହୋଇଥିଲେ। ତାକୁ ହଦଗଡ଼ ବନବିଭାଗ କାର୍ଯ୍ୟାଳୟକୁ ନିଆଯାଇଛି। ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ ପରେ ଜଙ୍ଗଲରେ ଛଡ଼ାଯିବ।



■ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ମୟୂରଭଞ୍ଜ ଗସ୍ତ

## ସୁରକ୍ଷା ଦୃଷ୍ଟିରୁ ପାହାଡ଼ପୁରକୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ମନା

ବାରିପଦା,୧୬।୬(ସମିସ): ଆସନ୍ତା ୧୯ ଓ ୨୦ ତାରିଖରେ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସୁଛନ୍ତି। ଏହି ହାଇ-ପ୍ରୋଫାଇଲ୍ ଗସ୍ତକୁ ନେଇ ଜିଲ୍ଲା ପ୍ରଶାସନ ଓ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବାବେଳେ ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ସାମ୍ନାକୁ ଆସିଛି। ସୁରକ୍ଷାଗତ କାରଣରୁ ଜୁନ୍ ୨୦ ତାରିଖରେ ଉଭୟ ଭିଭିଆଇପିଙ୍କ ପାହାଡ଼ପୁର ଗସ୍ତ ସମୟରେ ସେଠାକୁ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି। ମୟୂରଭଞ୍ଜ ଜିଲ୍ଲା ଗୋଇନ୍ଦା ବିଭାଗ (ଡିଆଇବି) ପକ୍ଷରୁ ଚିଠି ସଂଖ୍ୟା ୩୯୮୫/ଆଇବି (ତାରିଖ ୧୨/୦୬/୨୦୨୬) ମାଧ୍ୟମରେ ମୟୂରଭଞ୍ଜ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ଏହି ସମ୍ପର୍କରେ ଆନୁଷ୍ଠାନିକ ଭାବେ ଅବଗତ କରାଯାଇଛି। ମୟୂରଭଞ୍ଜ ଏସପିଙ୍କ ଦ୍ୱାରା ସ୍ୱାକ୍ଷରିତ ଏହି ନିର୍ଦ୍ଦେଶନାମାରେ ଦର୍ଶାଯାଇଛି ଯେ, ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ପାହାଡ଼ପୁର କାର୍ଯ୍ୟକ୍ରମକୁ ପ୍ରସାରିତ କରିବା ପାଇଁ ବହୁ ସଂଖ୍ୟାରେ ସାମ୍ବାଦିକ ଓ ଗଣମାଧ୍ୟମ ପ୍ରତିନିଧି ପହଞ୍ଚିବାର ସମ୍ଭାବନା ରହିଛି। ମାତ୍ର କଡ଼ା ସୁରକ୍ଷା ପ୍ରୋଟୋକଲ୍ ଯୋଗୁଁ ସେମାନଙ୍କୁ ସେଠାକୁ ଯିବାକୁ ଅନୁମତି ଦିଆଯିବନାହିଁ। ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଜରିଆରେ ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ପୂର୍ବରୁ ସୂଚିତ କରିବା ପାଇଁ ଆବଶ୍ୟକୀୟ ନିର୍ଦ୍ଦେଶ ଦେବାକୁ ଏସପି ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି। ଏହି ପତ୍ର ମିଳିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ଏହାକୁ ଆଗ୍ରହ ସହକାରେ ଗ୍ରହଣ କରାଯାଇ ଆଗାମୀ କାର୍ଯ୍ୟାନୁଷ୍ଠାନ ପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗକୁ ପଠାଇ ଦିଆଯାଇଛି। ସୁରକ୍ଷା ବ୍ୟବସ୍ଥାରେ ଯେପରି କୌଣସି ତ୍ରୁଟି ନ ରହେ, ସେଥିପାଇଁ ପୁଲିସ ଓ ପ୍ରଶାସନ ପକ୍ଷରୁ ସାମ୍ବାଦିକ ବନ୍ଧୁମାନଙ୍କ ସହଯୋଗ କାମନା କରାଯାଇଛି।


## ଠାକୁରମୁଣ୍ଡା ରଜ ମହୋତ୍ସବ



ମହୁଲଡିହା,୧୬।୬ (ସମିସ): ପ୍ରତିବର୍ଷ ଭଳି ଠାକୁରମୁଣ୍ଡା ରଜ ମହୋତ୍ସବ ରୁଗୁଡିବେଡା ଆମ୍ବତୋଟାରେ ଆୟୋଜିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ଦୋଳି ପୂଜା ସହ ଶବର ଓ ସବରୁଣୀଙ୍କ ମାଟି ନିର୍ମିତ ପ୍ରତୀମା ସ୍ଥାପନ କରି ପୂଜା କରାଯାଇଥିଲା। ଆମ୍ବ ତୋଟାରେ ଆଲୋକ ବ୍ୟବସ୍ଥା ସହ ବିଭିନ୍ନ ପ୍ରକାର ଦୋଳି ଲଗାଯାଇଥିଲା। ରଜ ମହୋତ୍ସବ ଅବସରରେ ମହିଳା, ପୁରୁଷ, ଯୁବକ,ଯୁବତୀ ଓ ଶିଶୁମାନେ ଉତ୍ସାହର ସହ ଯୋଗ ଦେଇ ଦୋଳି ଖେଳର ମଜା ନେବା ସହ ପରମ୍ପରା ଓ ସଂସ୍କୃତିକୁ ବହନ କରୁଥିବା ଏହି ପର୍ବକୁ ଧୁମଧାମରେ ପାଳନ କରିଥିଲେ। ପ୍ରଥମ ଦିବସରେ ବାଳିକାମାନଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଉଦ୍‌ଘାଟନୀ ଦିବସ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଠାକୁରମୁଣ୍ଡା ବିଡିଓ ସ୍ୱପ୍ନେଶ୍ୱର ବେହେରା, ସମ୍ମାନିତ ଅତିଥି ଭାବେ କେନ୍ଦୁଝର ଡିଡି କଲେଜର ଓଡ଼ିଆ ବିଭାଗ ଅଧ୍ୟାପକ ସୁମନ୍ତ ନାଏକ, ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ, କେନ୍ଦୁଝର ସାଂସଦଙ୍କ ପ୍ରତିନିଧି ତାରାକାନ୍ତ ପଟ୍ଟନାୟକ, ଠାକୁରମୁଣ୍ଡା ପ୍ରେସ କ୍ଲବ୍ ସଭାପତି ଶରତ ତ୍ରିପାଠୀ, ସମାଜସେବୀ ବସନ୍ତ କୁମାର ପୈବର୍ତ୍ତୀ ଯୋଗ ଦେଇଥିଲେ। ଏ ଅବସରରେ ରଜ ମହୋତ୍ସବ କମିଟିର ସଭାପତି ପଦ୍ମଲୋଚନ ନନ୍ଦ, ସମ୍ପାଦିକା ଜ୍ୟୋତ୍ସ୍ନାରାଣୀ ପାଣିଗ୍ରାହୀ ଅନୁଷ୍ଠାନର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ମଞ୍ଚ କାର୍ଯ୍ୟକ୍ରମକୁ ଉପସଭାପତି ଯୋଗେନ୍ଦ୍ର ନାଥ ମହାନ୍ତ ପରିଚାଳନା କରିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ସହ ମେଲୋଡି କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ୧୭ ତାରିଖ ସନ୍ଧ୍ୟାରେ ରଜ ମହୋତ୍ସବ ଉଦଯାପିତ ହେବ ବୋଲି ସମ୍ପାଦିକା ଜ୍ୟୋତ୍ସ୍ନାରାଣୀ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

## ଜମୁଛି ଶିବନାରାୟଣପୁର ରଜ ଉତ୍ସବ

ହାଟଡିହୀ,୧୬।୬(ସମିସ): ହାଟଡିହୀ ବ୍ଲକ ବଞ୍ଚୋ ପଞ୍ଚାୟତ ଶିବନାରାୟଣପୁର ଗ୍ରାମ ତଳସାହି ରଜପର୍ବ ପାଇଁ ଉତ୍ସବମୁଖର। ଏଠାରେ ଚାରିଦିନ ଧରି ରଜ ଉତ୍ସବ ଅନୁଷ୍ଠିତ ହେଉଥିବା ବେଳେ ଅନେକ ଦୋଳି ମଧ୍ୟ ଲାଗିଛି। ସୋମବାର ରାଜ୍ୟ ବିଜେଡି ସମ୍ପାଦକ ତଥା ହାଟଡିହୀ ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ରାଉତ ମୁଖ୍ୟଅତିଥି ଏହାକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରିୟବ୍ରତ ନାୟକ, ମୁକେଶ ରାଉତ, ଲୋକନାଥ ଧଳ, ଚିନ୍ମୟ ପାଢ଼ୀ, ସୁରେଶ ବରାଳ, ସନ୍ତୋଷ ପଣ୍ଡା, ମିହିର ବରାଳ ପ୍ରମୁଖ ଯୋଗଦେଇ ଥିବାବେଳେ ନରେନ୍ଦ୍ର ଘଡେଇ, ବଳରାମ ଘଡେଇ, ଜଗନ ଦାସ, ସୁଶା ମହାନ୍ତି, କହ୍ନେଇ ବେହେରା, ଟିଣ୍ଟୁଆ ଘଡେଇ, ବବୁଲ ଘଡେଇ, ପିଣ୍ଟୁ ଘଡେଇ, ଶିବନାରାୟଣ ମହାନ୍ତି, ଗୋବିନ୍ଦ ରାଉତ, ରୌମ୍ୟରଞ୍ଜନ ପରିଡା, କଇନ ପରିଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବ୍ଲକ୍‌ସ୍ତରୀୟ ଆଦ୍ୱିକା କିଶୋରୀ ସୁଭଦ୍ରା ଦିବସ ଓ ରଜ ରଙ୍ଗ ମେଳା

# ଦୋଳିରେ ଝୁଲିଲେ, ପାନ ଖାଇଲେ ଓ ପ୍ରତିଯୋଗିତାରେ ଭାଗନେଲେ

ବିଶୋଇ,୧୬।୬ (ସମିସ): ବିଶୋଇ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଆଦ୍ୱିକା-କିଶୋରୀ ସୁଭଦ୍ରା ଦିବସ ପାଳନ ସହିତ ହର୍ଷ ଉଲ୍ଲାସରେ "ରଜ ରଙ୍ଗମେଳା' ଉତ୍ସବ ସ୍ଥାନୀୟ ବିଶୋଇ ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ସିଡିପିଓ ଶ୍ରୀମତୀ ବିଟୁ ଟୁଡୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ଗ୍ରାମରୁ ୫୦ ଜଣ କିଶୋରୀ ବାଳିକା ଯୋଗଦାନ କରି ପୁଚି, କବାଡ଼ି, ର୍‌ୟାମ୍ପ ସୋ, ପାରମ୍ପାରିକ ନୃତ୍ୟ, ସଙ୍ଗୀତ, ନୃତ୍ୟ ପ୍ରମୁଖ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ବିଶୋଇ ତହସିଲଦାର ସତ୍ୟବାନ ନାୟକ ଯୋଗଦେଇ କିଶୋରୀମାନେ ପରିଷ୍କାର ପରିଚ୍ଛନ୍ନତା ଉପରେ ଗୁରୁତ୍ୱ ଦେବା ସହିତ ରଜ ପର୍ବ ପାଳନର ମହତ୍ତ୍ୱ ଓ ଏହି ପର୍ବ ପାଳନରେ କିଶୋରୀଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ବାଲ୍ୟ ବିବାହକୁ ନା, ସ୍କୁଲକୁ ହଁ, ଉତ୍ତମ ସ୍ୱାସ୍ଥ୍ୟ ଉପରେ ସିଡିପିଓ କିଶୋରୀଙ୍କୁ ସଚେତନତା ବାର୍ତ୍ତା ଦେବା ସହିତ କିଶୋରୀମାନେ ଫ୍ଲାଗ କାର୍ଡ ପ୍ରଦର୍ଶନ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କୁମାର ଦେବବ୍ରତ ପାତ୍ର, ବିପିଏମ ଅଚିନ୍ତ ଦାସ, ଏଲ.ଏସ୍ ବିଶୋଇ, ମାନସୀ ମହାନ୍ତି, ଏଲ.ଏସ୍ ବନେଇକଳା, ପ୍ରଭାସିନୀ ଦଳେଇ, ପିଏ ମମତା, ପି.ଏମ୍.ଏମ୍. ଭି.ୱାଇ ବରୁଣ କୁମାର ପରିଡା, ବିଶୋଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ଦୁବରାଜ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ରହି ସୁନ୍ଦର ସ୍ୱାସ୍ଥ୍ୟ ପରିବେଶ ଗଠନରେ କିଶୋରୀଙ୍କ ଭୂମିକା ଓ ପାଠ ପଢି ନିଜ ଜୀବନର ଲକ୍ଷ୍ୟ ସାଧିତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ। ଏ ଅବସରରେ ସ୍ୱାସ୍ଥ୍ୟ ହାଟ ଆୟୋଜନ କରାଯାଇ ଆରବିଏସ୍‌କେ ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା କିଶୋରୀଙ୍କ ଉଚ୍ଚତା, ଓଜନ, ହିମୋଗ୍ଲୁବିନ ପରୀକ୍ଷା କରାଯିବା ସହିତ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ କିଶୋରୀଙ୍କୁ 'ରଜ ସଜ' ଭେଟି ପ୍ରଦାନ କରାଯାଇଥିଲା।

ପରିଶେଷରେ ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଶ୍ରେଷ୍ଠ ତିନିଜଣ ପ୍ରତିଯୋଗୀଙ୍କୁ କପ ଓ ମାନପତ୍ର ଦେଇ ଅତିଥିମାନେ ପୁରସ୍କୃତ କରିଥିଲେ। ଏ ଅବସରରେ କିଶୋରୀମାନେ ମିଠା ପାନ ଖାଇବା ସହିତ ଦୋଳିରେ ଝୁଲିଥିଲେ ଓ ଦସ୍ତଖତ ଅଭିଯାନରେ ସାମିଲ ହୋଇ ଡେସ୍କ ବୋଡର୍‌ରେ ନିଜ ଭବିଷ୍ୟତର ଲକ୍ଷ୍ୟ ସମ୍ବନ୍ଧୀୟ ମତ ଲେଖିଥିଲେ। ପରିଶେଷରେ କିଶୋରୀଙ୍କ ଦ୍ୱାରା କେକ୍ କଟାଯାଇ ରଜ ମଉଜ ଉତ୍ସବକୁ ଉଦଯାପନ କରାଯାଇଥିଲା। ବ୍ଲକର ସମସ୍ତ ଅଙ୍ଗନବାଡି କର୍ମୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ‘ଆମ ଗାଁ କନିଆଁ ଜିଣିବ ସାରା ଦୁନିଆଁ’ ଚିନ୍ତାକଳ୍ପରେ ରଜ ପାଳିତ



ବାଲେଶ୍ୱର,୧୬।୬ (ସମିସ): ସଦର ବ୍ଲକ ଅନ୍ତର୍ଗତ ଛାନୁଆ ପଞ୍ଚାୟତ ଅଧିନସ୍ଥ ସୋଲପଟା ଗ୍ରାମରେ ତିନି ଦିନ ବ୍ୟାପୀ ପଞ୍ଚମୀ ବାଡ଼ିରେ ଧୁମଧାମରେ ସରସ୍ୱତୀ କ୍ଲବର ସଦସ୍ୟଗଣ ରଜ ଉତ୍ସବ ପାଳନ କରିଛନ୍ତି। ଏହିବର୍ଷ ଆମ ଗାଁ କନିଆଁ ଜିଣିବ ସାରା ଦୁନିଆଁ ଚିନ୍ତାକଳ୍ପରେ ନାନାଦି ପ୍ରକାରର ଖେଳ ପୁଚି, ଡିଆଁ ଦୌଡ଼ି, ବାଉଁଶ ଖେଳ, ସଜୋଡା ସଜଡ଼ା, ବୁରା ଦୌଡ, ଲୁଡୋ, ଶଙ୍ଖ ଫୁଙ୍କା, ତାସ, ବଲ ପାସ, ମ୍ୟୁଜିକ ଚେୟାର, ରଙ୍ଗୋଲି ଆଦି ପ୍ରତିଯୋଗିତା ଆୟୋଜିତ କରାଯାଇଥିଲା। ସବୁଠାରୁ ବିଶେଷ ଆକର୍ଷଣ ଥିଲା ରଜ ବିୟୁଟି ପ୍ରତିଯୋଗିତା। ଯେଉଁଥିରେ ମେହେନ୍ଦି, ମୁଣ୍ଡ କୁଣ୍ଡାଇବା, ରଙ୍ଗୋଲି, ସୌନ୍ଦର୍ଯ୍ୟ ପ୍ରଦର୍ଶନ ଓ ନୃତ୍ୟ ପରିବେଷଣ ଅତ୍ୟନ୍ତ ମନ ମୁଗ୍ଧକର ଥିଲା। ଗ୍ରାମାଞ୍ଚଳରେ ବାସ କରୁଥିବା ବିବାହିତା ମହିଳା ଏବଂ କୁଆଁରୀ କନ୍ୟାମାନେ ବେଶ ଆଗ୍ରହ ସହକାରେ ଉପରୋକ୍ତ ପ୍ରତିଯୋଗିତାରେ ଭାଗ ନେବାରେ ନଜିର ଥିଲା। ଏଥିସହିତ ପୁରୁଷ ବିଭାଗରେ ଦୌଡ, ତାସ, ଲମ୍ଫ ପ୍ରଦାନ, ବଲ ମାପ, କବାଡି, ଭଲି ଆଦି ପ୍ରତିଯୋଗିତା ଆୟୋଜିତ କରାଯାଇଥିଲା। ଏହି ଅବସରରେ ଗାଁର ବୟଜ୍ୟେଷ୍ଠ ବ୍ୟକ୍ତି ବିଶେଷଙ୍କ ଦ୍ୱାରା କାର୍ଯ୍ୟକ୍ରମ ଶେଷରେ ସମସ୍ତ କୃତି ପ୍ରତିଭାଗୀ ମାନଙ୍କୁ ପୁରସ୍କାର ବିତରଣ କରାଯିବା ସହ ରଜ ବିୟୁଟି ମାନଙ୍କୁ ଅଳଙ୍କାର ପ୍ରଦାନ କରାଯାଇଥିଲା। ସଦସ୍ୟ ଅକ୍ଷୟ ଦାସ ଅଧିକାରୀ ଏବଂ ସମ୍ପାଦକ କାଳି ଚରଣ ମହାଲିକଙ୍କ ତତ୍ତ୍ୱାବଧାନରେ ରାଜା, ସନ୍ତୋଷ, ଦେବାଶିଷ, ଅଗଣା, ସୁଦର୍ଶନ, କାର୍ତ୍ତିକ, ଅନାମ, ମାନସ ପ୍ରମୁଖ ପ୍ରତିଯୋଗିତାକୁ ପରିଚାଳନା କରିଥିବା ବେଳେ ବିନୁ, ଗଜେନ୍ଦ୍ର, ଗୌର ଶଙ୍କର, ଲକ୍ଷ୍ମୀଧର, ରତ୍ନାକର, ଗଜେନ୍ଦ୍ର, ମାନସ ପ୍ରମୁଖ ସହଯୋଗ କରିଥିଲେ।

### ସଫଳ ମହିଳା ଉଦ୍ୟୋଗୀ ରେବତୀ

# ପରିଚୟ ଦେଇଛି ପାରମ୍ପରିକ ଖାଦ୍ୟ; ଦିନକୁ ୧ କ୍ୱିଣ୍ଟାଲ ବିକ୍ରି

ବାଲେଶ୍ୱର,୧୬।୬
(ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି))



ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରି ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ବିଶେଷକରି ମାଣ୍ଡିଆର ଲଡୁ, ଆରିସା ଓ ମୁଡୁକୁ ପ୍ରସ୍ତୁତ ହୁଏ। ଏହାବ୍ୟତୀତ ଆରିସା ଓ ପୋଡ଼ପିଠା ସ୍ୱତନ୍ତ୍ର ଭାବେ ସବୁବେଳେ ପ୍ରସ୍ତୁତ କରିଥାନ୍ତି। ମାଣ୍ଡିଆର କେକ୍ ମଧ ପ୍ରସ୍ତୁତ ହୁଏ। ଏହାବ୍ୟତୀତ ଲାଉ, ଗୁଡ ଓ କ୍ଷୀରରେ ପୋଡ ପିଠା ପ୍ରସ୍ତୁତ ହୋଇଥାଏ। ଏସବୁ ଘରେ ପାରମ୍ପରିକ ଢଙ୍ଗରେ ପ୍ରସ୍ତୁତ କରୁଛନ୍ତି ସେ। ଖାଲି ସେତିକି ନୁହେଁ ସେ ଅନ୍ୟ ମହିଳାଙ୍କୁ ମଧ ରୋଜଗାରକ୍ଷମ କରିପାରିଛନ୍ତି। ସେପରି ଜଣେ ସଫଳ ଉଦ୍ୟୋଗୀ ହେଉଛନ୍ତି ରେବତୀ ବିନ୍ଧାଣୀ। ରେମୁଣା ବ୍ଲକ ସୁତେଇ ବଡଗାଁ ପଞ୍ଚାୟତ ଛଣପୁର ଗ୍ରାମର ଅନ୍ନପୂର୍ଣ୍ଣା ପାରମ୍ପରିକ ଖାଦ୍ୟ ଆଜି ଏକ ସଫଳ ମହିଳା-ନେତୃତ୍ୱାଧୀନ କ୍ଷୁଦ୍ର ଖାଦ୍ୟ ଉଦ୍ୟୋଗ ଭାବେ ପରିଚିତି ହାସଲ କରିଛି।

ସୂଚନାଯୋଗ୍ୟ, ଏଫ୍ ଏସ୍ ଏସ୍ ଏ ଆଇ ଲାଇସେନ୍ସପ୍ରାପ୍ତ 'ଅନ୍ନପୂର୍ଣ୍ଣା ଟ୍ରାଡିସନାଲ ଫୁଡ୍' ସଂସ୍ଥାକୁ କୋଭିଡ୍ ପରବର୍ତ୍ତୀ ସମୟରେ ରେବତୀ ଆରମ୍ଭ କରିଥିଲେ। ବି.ଏ., ଏଲ୍.ଏଲ୍.ବି. ଓ ଓଡ଼ିଆରେ ସ୍ନାତକ କରିଥିବା ରେବତୀ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଘରେ ରହି କିଛି ରୋଜଗାର କରିବା ସହ ଅନ୍ୟମାନଙ୍କ ରୋଜଗାରକ୍ଷମ କରିବା ଲକ୍ଷ୍ୟରେ ଆରମ୍ଭ କରିଥିଲେ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତି। ବର୍ତ୍ତମାନ ସେ ୧୨ ଜଣ ମହିଳାଙ୍କୁ ନିଯୁକ୍ତି ଦେଇଛନ୍ତି। ପ୍ରାରମ୍ଭରେ ମାତ୍ର ୫୦୦ ଗ୍ରାମ ପାରମ୍ପରିକ ଖାଦ୍ୟ ବିକ୍ରିରୁ ଆରମ୍ଭ ହୋଇଥିବା ଏହି ଉଦ୍ୟମ ଆଜି ପ୍ରତିଦିନ ପ୍ରାୟ ୧ କ୍ୱିଣ୍ଟାଲ ଖାଦ୍ୟ ସାମଗ୍ରୀ ବିକ୍ରି କରୁଛି। ରେବତୀ ପ୍ରଥମେ ପରିବାର ସଦସ୍ୟଙ୍କ ସହଯୋଗରେ ସ୍ଥାନୀୟ ଚା' ଦୋକାନ ଓ ପରିଚିତ ଲୋକଙ୍କ ପାଖରେ ବିକ୍ରି କରୁଥିଲେ। ଖାଦ୍ୟର ସ୍ୱାଦ ଓ ଗୁଣବତ୍ତା ଲୋକପ୍ରିୟ ହେବା ପରେ ଏହା ଏକ ସଂଗଠିତ ବ୍ୟବସାୟରେ ପରିଣତ ହୋଇଛି। ବର୍ତ୍ତମାନ ଏହି ସଂସ୍ଥା ଦ୍ୱାରା ୧୨ ଜଣ ଆର୍ଥିକ ଭାବେ ମହିଳାଙ୍କୁ ପ୍ରଶିକ୍ଷଣ ଓ ନିଯୁକ୍ତି ଦିଆଯାଇଛି। ରଜ ପର୍ବ ପାଇଁ ଏଠାରେ ସ୍ୱତନ୍ତ୍ର ଭାବେ ପୋଡ଼ ପିଠା, ଆରିସା, ମଣ୍ଡା ପିଠା ଓ କାକରା ପିଠା ପ୍ରସ୍ତୁତ ହେଉଛି। ପାରମ୍ପରିକ ପଦ୍ଧତିରେ ଚୁଲିରେ ତିଆରି ଏହି ପିଠାର ଚାହିଦା ରଜ ସମୟରେ ବହୁଗୁଣିତ ହୋଇଯାଇଛି। ରେବତୀ କହନ୍ତି, ରଜରେ ଘରେ ଘରେ ପିଠା ହୁଏ, କିନ୍ତୁ ସମୟ ଅଭାବରୁ ଅନେକେ ବାହାରୁ କିଣି ଖାଆନ୍ତି। ଆମେ ଘର ପରି ସ୍ୱାଦର ପିଠା ପ୍ରସ୍ତୁତ କରି ଦେଉଛୁ। ଅନ୍ନପୂର୍ଣ୍ଣା ଟ୍ରାଡିସନାଲ ଫୁଡ୍‌ରେ ରାଗି ଆରିସା, ଖସା ଲଡୁ, ବାଦାମ ଲଡୁ, ରାଗି ଲଡୁ, ପତ୍ରପୋଡ଼ା ସହ ବିଭିନ୍ନ ପର୍ବପର୍ବାଣୀର ପିଠା ଓ ମିଷ୍ଟାନ୍ନ ପ୍ରସ୍ତୁତ ହେଉଛି। ଓଡ଼ିଶାର ପାରମ୍ପରିକ ଖାଦ୍ୟ ଐତିହ୍ୟ ସଂରକ୍ଷଣ, ମହିଳା ସ୍ୱାବଲମ୍ବନ ଓ ଗ୍ରାମୀଣ ରୋଜଗାର ସୃଷ୍ଟି ଏହି ଉଦ୍ୟମର ମୁଖ୍ୟ ଲକ୍ଷ୍ୟ। ବର୍ତ୍ତମାନ ଏଠାରେ ପ୍ରସ୍ତୁତ ପିଠା ଓ ମିଷ୍ଟାନ୍ନ ବିଭିନ୍ନ ମିଠା ଦୋକାନ ମାଧ୍ୟମରେ ଓଡ଼ିଶାର ଅନେକ ଜିଲ୍ଲାକୁ ଯୋଗାଣ ହେଉଛି।

## ବଡ଼ବଜାର ଅଞ୍ଚଳର ସମସ୍ୟା ସମାଧାନ ଦାବି

ଜଳେଶ୍ୱର, ୧୬।୬ (ସମିସ): ଜଳେଶ୍ୱର ପୌରପାଳିକାର ୧୧ନଂ ୱାର୍ଡ ବଡ଼ବଜାର ଅଞ୍ଚଳର କେତେକ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ଯୁବ ସମାଜସେବୀ କୁମାର କୃଷ୍ଣ କର ଜଳେଶ୍ୱର ପୌର ପାଳିକା ନଗରପାଳ ପ୍ରତୀପ କୁମାର ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଶ୍ରୀ କର ଗତ ୯ ତାରିଖରେ ନଗରପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି ଯେ ସଭା ଓ ଶୋଭାଯାତ୍ରାରେ ଡିଜେ ନ ବଜାଇବା ପାଇଁ ଆଇନଗତ ନିଷେଧ ଥିବାବେଳେ ଏହାକୁ ଉଲ୍ଲଂଘନ କରି ଉଚ୍ଚ ସ୍ୱରରେ ଡିଜେ ବଜାଉଥିବା ବ୍ୟକ୍ତି ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ଡିଜେ ବଜାଇବାକୁ ବିରୋଧ କରିବାକୁ ଯାଇ ଶ୍ରୀ କର ଦୁର୍ବୃତ୍ତ ମାନଙ୍କ ଆକ୍ରମଣର ଶିକାର ହୋଇଥିଲେ। ସେହିଭଳି ୪୫ନଂ ରେଳ ଫାଟକ ଉପରଦେଇ ଯାଇଥିବା ନୂଆବଜାର - ବଡ ବଜାର ଫ୍ଲାୟ ଓଭର ବ୍ରିଜ ତଳେ ୪ଚକିଆ ଓ ୧୨ ଚକିଆ ଗାଡ଼ି, ଡିଜେ ଗାଡ଼ି, ଡମ୍ପର, ଟ୍ରାକ୍ଟର ପାର୍କିଂ କରିବା, ବାଲି, ମାଟି, ଗୋଡ଼ିକୁ ବେଆଇନ ଭାବେ ଠୁଳ କରାଯାଉଛି। ପୁରୁଣା କୋର୍ଟ ଛକ ନିକଟରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ସମ୍ମୁଖରେ ଥିବା ଏକ ପାନ ଦୋକାନୀ ବେଆଇନ ଭାବେ ବ୍ୟକ୍ତିଗତ ବିଦ୍ୟୁତ ସଂଯୋଗକୁ ବିପଦ ସଂକୁଳ ଭାବେ ସାମ୍ନା ରାସ୍ତା ପାର କରାଇ ପୋଲ ତଳେ ଏକ ଡିଜେ ମାଲିକଙ୍କୁ ବିଦ୍ୟୁତ ସଂଯୋଗ ଦେଇ ୱେଲଡିଂ କାର୍ଯ୍ୟକୁ ତୁରନ୍ତ ବନ୍ଦ କରିବା ପାଇଁ ଶ୍ରୀ କର ଦାବୀ କରିଛନ୍ତି। ଓଭର ବ୍ରିଜ ତଳେ କେତେକ ଅସାମାଜିକ ବ୍ୟକ୍ତି ଆଡ୍ଡା ଜମାଇ ତାସପାଲି ଓ ଜୁଆ ଖେଳୁଥିବା ବେଳେ ଏହି ବ୍ୟକ୍ତି ମାନେ ମହିଳା ମାନଙ୍କୁ ଖରାପ ବ୍ୟବହାର କରୁଛନ୍ତି। ଏହି ସମାଜ ବିରୋଧୀ ବ୍ୟକ୍ତି ମାନେ ସେଠାରେ ଥିବା ବାଲେଶ୍ୱର ଜିଲ୍ଲା ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଖୋଲା ଯାଇଥିବା ପାଠାଗାରରେ କାର୍ଯ୍ୟରତ ମହିଳା କର୍ମଚାରୀ ରୀନା ଖାତୁନଙ୍କୁ ଆକ୍ରମଣ କରିବାସହ ଖରାପ ବ୍ୟବହାର କରିଥିଲେ। ଏ ସମ୍ପର୍କରେ ସେ ଗତ ତା ୦୩/୦୬/୨୦୨୬ରିଖରେ ଜଳେଶ୍ୱର ଥାନାରେ ଲିଖିତ ଏତଲା ଦେବା ସତ୍ତ୍ୱେ ଅଦ୍ୟାବଧି ଦୁର୍ବୃତ୍ତ ମାନଙ୍କୁ ଗିରଫ କରାଯାଇ ନାହିଁ। ଏହି ଅସାମାଜିକ ବ୍ୟକ୍ତି ମାନେ ନିକଟରେ ଥିବା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଓ ଷ୍ଟେଟ ବ୍ୟାଙ୍କରୁ ଜମାକାରୀ ମାନେ ଟଙ୍କା ଉଠାଇ ରାସ୍ତାରେ ଯାଉଥିବା ବେଳେ ଟଙ୍କା ଛିନ୍ତାଇ ଘଟଣା ମାନ ଘଟୁ ଥିବା ବେଳେ ବେଆଇନ କାର୍ଯ୍ୟ କରୁଥିବା ଅପରାଧୀ ମାନଙ୍କ ବିରୁଦ୍ଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସମାଜସେବୀ କୁମାର କୃଷ୍ଣ କର, କଳ୍ପିତା ରାଣୀ ସାହୁ, ରୀନା ଖାତୁନ, ତପନ କର, ପ୍ରଶାନ୍ତ କୁମାର ଭଞ୍ଜ, ଶିବ ଶଙ୍କର ସ୍ୱାଇଁ ପ୍ରମୁଖ ସ୍ଥାନୀୟ ବାସିନ୍ଦା ମାନେ ନଗରପାଳ, କାର୍ଯ୍ୟନିର୍ବାହୀ ଅଧିକାରୀ ଓ ବିଦ୍ୟୁତ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କୁ ଏହି ଦାବିପତ୍ର ପ୍ରଦାନ କରିଛନ୍ତି।

## ରଜ ଉତ୍ସବ ପାଳନ ସହ ସମ୍ବର୍ଦ୍ଧନା ସଭା



ଜଳେଶ୍ୱର ବ୍ଲକ, ୧୬।୬ (ସମିସ): ମାତୃଜାତି ମଧ୍ୟରେ ଉତ୍ସାହ, ଉନ୍ମାଦନା ଓ ନୂତନ ଶକ୍ତି ଜାଗ୍ରତ କରିବା ପାଇଁ ପାଳନ କରାଯାଇଥାଏ ରଜପର୍ବ। ଏହି ଦିନଗୁଡ଼ିକର ରୀତିନୀତିରେ ସମ୍ପୂର୍ଣ୍ଣ ଓଡ଼ିଆ ଘରର ଚଳଣି ପ୍ରତିଫଳିତ ହୋଇଥାଏ। କିନ୍ତୁ ଆଧୁନିକତାର ଛାପରେ ଯଦିଓ ପୂର୍ବଭଳି ରଜପର୍ବ ଗାଁରେ ଏକାଠି ପାଳନ କରିବାର ପରମ୍ପରା ଆଉ ନାହିଁ, ତଥାପି ରଜପର୍ବ ପାଇଁ ଉତ୍ସାହ କମିନାହିଁ। ଏହି ପରିପ୍ରେକ୍ଷୀରେ ଜଳେଶ୍ୱର ବ୍ଲକ ଆରୁହା ପଂଚାୟତ ଆରୁହା ଗ୍ରାମର ରାଧାକୃଷ୍ଣ କ୍ଲବ ଆନୁକୂଳରେ ଦୁଇ ଦିନ ଧରି ରଜ ଉତ୍ସବ ପାଳନ ହୋଇଯାଇଛି। ପ୍ରଥମ ଦିନ ୧୪ ତାରିଖ ଶନିବାର ସକାଳ ୭ ଘଟିକା ଠାରୁ ୧୦ ଘଟିକା ମଧ୍ୟରେ କୁନି କୁନି ପିଲା ମାନଙ୍କୁ ନେଇ ମିଓଜିକ ଚେୟାର, ଶଙ୍ଖ ଫୁଙ୍କା, ପୁଚି ଖେଳ ଠୁ ଆରମ୍ଭ କରି ବେଙ୍ଗ ଡିଆଁ ଦୌଡ଼ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଗ୍ରାମର କୁନି କୁନି ପିଲାମାନଙ୍କର ରଜ ଦୋଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷରେ କୁନି କୁନି ପିଲା ମାନଙ୍କର ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।୧୫ ତାରିଖ ରବିବାର ସନ୍ଧ୍ୟାରେ ବିଭିନ୍ନ ବିଭାଗର ଭାଗ ନେଇଥିବା କୁନି କୁନି ପ୍ରତିଯୋଗୀ ମାନଙ୍କୁ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପିଲାମାନଙ୍କୁ କ୍ଲବ ଦ୍ୱାରା ଟ୍ରଫି ସହ ସମ୍ମାନ ପତ୍ର ପ୍ରଦାନ କରାଯାଇ ଥିଲା। ସେହିପରି ସୁଦେବି ପତି ଏବଂ ତାଙ୍କ ସ୍ୱାମୀ ସୂର୍ଜେନ୍ଦୁ ପତିଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧନା କରାଯାଇ ଥିଲା।ପରେ ପରେ ନାମ୍ପୋ ବଜରଙ୍ଗୀ ଡେନ୍ସ ଗ୍ରୁପ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।କ୍ଲବର ସଭାପତି ଶୁସାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ସାମ୍ବାଦିକ ମନୋଜ କୁମାର ଭୂୟାଁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ପ୍ରଦୀପ କୁମାର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥଲେ। କ୍ଲବର ସମ୍ପାଦକ ସତ୍ୟନାରାୟଣ ଯେନା, ଲକ୍ଷ୍ମୀକାନ୍ତ ବେହେରା, ବିଶ୍ୱପ୍ରତାପ ସାମଲ, ଦିବ୍ୟଲୋଚନ ବେହେରା, ଶ୍ରୀନିବାସ ବେହେରା, ହେମନ୍ତ ବେହେରା, ଦିଗବିଜୟ ସାମଲ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଆଦର୍ଶ ଶିକ୍ଷକ ରାଧାଶ୍ୟାମ ଦାସଙ୍କ ପରଲୋକ

ଜଳେଶ୍ୱର,୧୬।୬ (ସମିସ) : ସରଳ,ନମ୍ର, ଛାତ୍ରୀ ବତ୍ସଳ,ବୈଷ୍ଣବ ଧର୍ମାବଲମ୍ବୀ, ଅନୁଷ୍ଠାନ ପ୍ରେମୀ ଭାବେ ପରିଚିତ ପ୍ରାକ୍ତନ ଆଦର୍ଶ ଶିକ୍ଷକ ରାଧା ଶ୍ୟାମ ଦାସ(୮୩) ଙ୍କ ସୋମବାର ପରଲୋକ ଘଟିଛି। ନଛିମପୁର ପଞ୍ଚାୟତ, ସାହାଡ଼ା ପଡ଼ା ଗାଁର ମୂଳ ନିବାସୀ ସ୍ୱର୍ଗତ



ଦାସ ନାଙ୍ଗୁଡସାହି ଗ୍ରାମସ୍ଥିତ ନିଜ ଘରେ ଜରାଗ୍ରସ୍ତ ହୋଇ ସକାଳେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ସୁଗୋ ପଞ୍ଚାୟତ ବାଣିଦା ପ୍ରାଥମିକ ବିଦ୍ୟାଳୟରୁ ଶିକ୍ଷକତା ଜୀବନ ଆରମ୍ଭ କରି,ଗୋବରଘାଟା ଓ ଶେଷରେ ୧୯୯୫ ମସିହାରେ ନାଙ୍ଗୁଡସାହି ପ୍ରାଥମିକ ବିଦ୍ୟାଳୟ ରେ ଅବସର ନେଇଥିଲେ।ଜୁକା ପାଟଣା ହାଇସ୍କୁଲ ପ୍ରତିଷ୍ଠା କରିବା, ଅଞ୍ଚଳରେ ଥିବା ବିଦ୍ୟାଳୟର ଶ୍ରେଷ୍ଠ ଶିକ୍ଷାର୍ଥୀଙ୍କୁ ପେନସନ ଅର୍ଥରେ ମାଧାବୃତ୍ତି ପ୍ରୋତ୍ସାହନ ରାଶି ପ୍ରଦାନ କରିବା ଅବସର ସମୟରେ ବ୍ୟାପକ ବୃକ୍ଷ ରୋପଣ କରିବା, ଧର୍ମାଦୀ କାର୍ଯ୍ୟରେ ଲିପ୍ତ ରହିବା ତାଙ୍କର ବିଶେଷ ସାମାଜିକ କର୍ମ ଥିଲା। ମୃତ୍ୟୁଶଯ୍ୟା ନିକଟରେ ଶୋକ ସନ୍ତପ୍ତ ଧର୍ମପତ୍ନୀ ଯାହ୍ନବି ଦାସ,ପୁତ୍ର ବଧୂ,୪ଝିଅ, ଜ୍ୱାଇଁ,ନାତୁଣୀ, ନାତୁଣୀ ଜ୍ୱାଇଁ, ଜ୍ଞାତି କୁଟୁମ୍ବ, ଗ୍ରାମବାସୀ ଉପସ୍ଥିତ ଥିଲେ। ଭାଇ ଶଙ୍ଖପତି ସତ୍ୟ ନାରାୟଣ ଦାସ,ଶିକ୍ଷକ ନେତା ଗଗନ ବିହାରୀ ପରିଡ଼ା,ରାଜୀବ ଜେନା,ପ୍ରାକ୍ତନ ବିଦ୍ୟୁତ୍ ବିଭାଗ ଏସଡିଓ ଅଭିଳାଷ ଚନ୍ଦ୍ର ଦାସ, ପ୍ରାକ୍ତନ ଏବିଓ ତ୍ରିଲୋଚନ ଦାସ ଅଧିକାରୀ,ସରପଞ୍ଚ ରାଜେଶ ଜେନା, ପ୍ରାକ୍ତନ ସରପଞ୍ଚ ବିନୟ ଜେନା,ଶିକ୍ଷକ ନେତା ପ୍ରଦୀପ ଜେନା,ସୁଶିଲ ଜେନା, ପ୍ରାକ୍ତନ ସରପଞ୍ଚ ନିତ୍ୟାନନ୍ଦ ଦାସ, ସୁବାଷ ଚନ୍ଦ୍ର ଗିରି, ସିଆରସିସି ଅଜିତ୍ ପାତ୍ର, ସୁଜିତ୍ ପାତ୍ର,ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ଜେନା ପ୍ରମୁଖ ଶେଷ ଦର୍ଶନ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।ଜଳେଶ୍ୱର ବିଇଓ ଜଗବନ୍ଧୁ ଜେନା, ଏବିଇଓ ସୁଶାନ୍ତ ଜେନା, ବିଏଲୋ ସୁପରଭାଇଜର ଗଜେନ୍ଦ୍ର ଦଳାଇ, ରାଜୀବ ରତନ ଘୋଷ, ଅଜିତ କୁମାର ମହାନ୍ତି ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ସୁବର୍ଣ୍ଣରେଖା ନଦୀ କୂଳରେ ଏକମାତ୍ର ପୁତ୍ର ସଞ୍ଜୀବ ଦାସ ମୁଖାଗ୍ନି ଦେଇଥିଲେ।

## ସୁନ୍ଦରପୁର ରଜମହୋତ୍ସବର ୩ୟ ସନ୍ଧ୍ୟା



ଖଇରା, ୧୬।୬ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସୁନ୍ଦରପୁର ହାଇସ୍କୁଲ ପଡିଆରେ ଚାଲିଥିବା ରଜ ମହୋତ୍ସବର ସୋମବାର ଥିଲା ୩ୟ ସଂଧ୍ୟା। ରାଜରାଣୀ ପ୍ରତିଯୋଗୀଙ୍କ ନୃତ୍ୟଗୀତ ସାଙ୍ଗକୁ ସୁନାମଧନ୍ୟ କଣ୍ଠଶିଳ୍ପୀ ଜାଗୃତି ମିଶ୍ରଙ୍କ ମନଛୁଆଁ ସଙ୍ଗୀତ ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ପ୍ରଦାନ କରିଥିଲା। ଅପରାହ୍ନରେ ରଜରାଣୀ ପ୍ରତିଯୋଗୀତାର ଅଡିଶନ ରାଉଣ୍ଡରେ ସଫଳତା ପାଇଥିବା ପ୍ରତିଯୋଗୀ ମାନେ ଗାଲା ରାଉଣ୍ଡରେ ଅଂଶ ଗ୍ରହଣ କରିଥିଲେ। ଶଶିକାନ୍ତ ଦାସ ମଞ୍ଚ ପରିଚାଳନା କରିଥିଲେ। ପରେ ବରିଷ୍ଠ ଉପଦେଷ୍ଟା ଡା ହରେକୃଷ୍ଣ ରାଉତଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ଭାରତୀୟ ନୌସେନାରେ କାର୍ଯ୍ୟରତ ଯନ୍ତ୍ରୀ ମଳୟ କୁମାର ଆଇଚ,ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ,ନୟାଖଣ୍ଡି ସରପଞ୍ଚ ମମତାରାଣି ବେହେରା, କଇଥଗଡିଆ ସରପଞ୍ଚ ଗୋବର୍ଦ୍ଧନ ପାଇକରାୟ,ସମିତିସଭ୍ୟ ନରୋତ୍ତମ ମହିମା ଜେନା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବୁଦ୍ଧିରାମ ପାଣିଗ୍ରାହୀ ଓ ହରିହର ଜେନା, କମିଟିର ବରିଷ୍ଠ ସଭ୍ୟ ଗଦାଧର ଜେନା, କୋଷାଧକ୍ଷ ସିଦ୍ଧାର୍ଥ ରଞ୍ଜନ ମହାପାତ୍ର, ଉପସଭାପତି ଜୀବନ କୁମାର ପାଣି ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରାଜେଶ କୁମାର ପଣ୍ଡା ବେଦପାଠ, ପ୍ରହ୍ଲାଦ ରାୟ ମଞ୍ଚ ଆବାହନ ଓ ସଞ୍ଜୟ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସବିତାଙ୍କୁ ସରକାରୀ ସହାୟତା ପ୍ରଦାନ

ଜଳେଶ୍ୱର ବ୍ଲକ, ୧୬।୬ (ସମିସ) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଲକ୍ଷ୍ମଣନାଥ ଗ୍ରାମ ପଞ୍ଚାୟତ ଗୋପ ଗ୍ରାମର ମା' ବାସୁଳି ପାଖରେ ଥିବା ଆଦିବାସୀ ସାହିର, ୪୨ବର୍ଷୀୟ ଅସହାୟ ମହିଳା ସବିତା ହାଂସଦା ଘରେ ଭାତ ରାନ୍ଧୁଥିବା ସମୟରେ ଅସାବଧାନତା ଯୋଗୁ ଦେହେର ନିଆଁ ଲାଗି ୫୨ପ୍ରତିଶତ ପୋଡ଼ି ଯାଇଥିଲେ। ଅର୍ଥ ଅଭାବ ହେତୁ ନିଜର ଚିକିତ୍ସା କରାଇ ପାରୁ ନ ଥିଲେ। ସେହି ସମୟରେ ଦେବଦୂତ ସାଜିଥିଲେ ଜଳେଶ୍ୱର ସହରର ବେଶ ଜଣାଶୁଣା ସ୍ୱେଚ୍ଛାସେବୀ ସଂଗଠନ ଭୋଳାଭଣ୍ଡାରୀ ଅନ୍ନଦାତା ପରିବାରର ମୁଖ୍ୟ ହରିଶଙ୍କର ପରିଡା । ପ୍ରଥମେ ଜଳେଶ୍ୱର ଜିକେ ଭଟରକୁ ଚିକିତ୍ସା ପାଇଁ ନେଇଯାଥିଲେ। ସେଠାରେ ତାଙ୍କର ଅବସ୍ଥା ସଙ୍କଟପୂର୍ଣ୍ଣ ଥିବାରୁ ତାଙ୍କୁ ବାଲେଶ୍ୱରକୁ ପଠାଯାଇଥିଲା କିନ୍ତୁ ବାଲେଶ୍ୱର ଡାକ୍ତର ତାଙ୍କୁ କଟକ ନେଇଯିବା ପାଇଁ କହିଲେ। ତାଙ୍କର କେହି ନ ଥିବା ସ୍ଥଳେ ଭୋଳା ଭଣ୍ଡାରୀ ଅନ୍ନଦାତା ପରିବାର କର୍ମକର୍ତ୍ତା ହରିଶଙ୍କର ପଣ୍ଡା, ବାଲେଶ୍ୱରରୁ ଆଣି ସବିତା ହାସଦାଙ୍କୁ ତାଙ୍କ ଘରେ



ରଖି,ତିନିମାସ ଧରି ଡ୍ରେସିଂ କରାଇବା ସହିତ ବାହାରୁ ଔଷଧ ଇଂଜେକ୍ସନ ଚିକିତ୍ସା ଚଳାଇଲେ, ୬ମାସ ପରେ ସବିତା ସୁସ୍ଥ ହୋଇଥିଲେ। ଆଜି ସୁସ୍ଥ ହେଲା ପରେ ଜଳେଶ୍ୱର ବ୍ଲକର ବିଡିଓ ଗୌରାଙ୍ଗ ଚରଣ ଘୋଷଙ୍କ ପାଖକୁ ନେଇ ସବିତା ରାସନକାଡର୍ ପାଇବା ସହିତ ଅନ୍ତ୍ୟୋଦୟ ଆବାସ ଯୋଜନାରେ ଘର ପ୍ରଦାନ କରାଯିବର ପ୍ରତିଶ୍ରୁତି ପ୍ରଦାନ କରାଯାଇଛି।

## କଇନଗରୀରେ ରଜ ଉତ୍ସବ


ବାଲେଶ୍ୱର,୧୬।୬(ସମିସ): ବସ୍ତା ବ୍ଲକ ଅର୍ନ୍ତଗତ କଇନଗରୀ ଗ୍ରାମପଂଚାୟତର କଇନଗରୀ ଗ୍ରାମରେ ରଜ ଉତ୍ସବ ପାଳିତ ହୋଇଯାଇଛି। ଏହି ଗ୍ରାମର ଜୁଗୁଣୀ ପଦାଠାରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଶତାଧିକ ମହିଳା, ଯୁବତୀ, ଶିଶୁ, ବୟସ୍କ ପୁରୁଷମାନେ ଅଂଶ ଗ୍ରହଣ କରିଥିଲେ। ଦୋଳି, ପୋଡପିଠା ତିଆରି, ଶଙ୍ଖ ଫୁଙ୍କା, ମୃଦଙ୍ଗ ବାଦନ, ସଙ୍ଗୀତ, ନୃତ୍ୟ, ମିଠାପାନ, ତିଆରି, ମ୍ୟୁଜିକ ଚେୟାର, ପୁଚି ଓ ତାସ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ ସଭାରେ ରଜପର୍ବ ସମ୍ପର୍କରେ ସମାଜସେବୀ ଗୋପୀକୃଷ୍ଣ ମହାନ୍ତି ମତ ରଖିବା ସହ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ରଜ କମିଟିର ସଭାପତି ସନ୍ତୋଷ କୁମାର ମାନ୍ନାଙ୍କ ଅଧ୍ୟକ୍ଷତାରେ ଅଶୋକ ମାନ୍ନା, ବରେନ୍ଦ୍ର ଶାସମଲ,ରାମକୃଷ୍ଣ ମହାକୁଡ଼, ସୌମ୍ୟରଞ୍ଜନ ମାନ୍ନା, ରାଜକିଶୋର ମଣ୍ଡଳ, ହରେକୃଷ୍ଣ ମହାକୁଡ଼, ଅନ୍ନପୂର୍ଣ୍ଣା ମାନ୍ନା, ରୁବିନା ମାନ୍ନା, ସୁମତି ପାଳ, ତୃପ୍ତିମୟୀ ମାନ୍ନା ପ୍ରମୁଖ ଏହି ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେହିପରି ତୁଳସୀ ଚୌରାଛକ ଠାରେ ଆନନ୍ଦ କୁମାର ମୈକାପଙ୍କ ନେତୃତ୍ୱରେ ସୁଶାନ୍ତ ମୈକାପ, ହରିହର ସାମନ୍ତ, ଭୁଧର ମଣ୍ଡଳ, ଜଗନ୍ନାଥ ମଣ୍ଡଳ, ଶମ୍ଭୁନାଥ ମୈକାପ, ବୈଶାଖୀ ମାନ୍ନା, ମମତା ମୈକାପ, କାଂଚନବାଳା ମୈକାପ ଓ ରାଜଶ୍ରୀ ମୈକାପ ପ୍ରମୁଖ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇ ରଜ ଉତ୍ସବକୁ ଉପଭୋଗ କରିଥିଲେ।

# ରେମୁଣା ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ

ରେମୁଣା,୧୬।୬(ସମିସ)



ରେମୁଣା ବରିଷ୍ଠ ନାଗରିକ ମଞ୍ଚର ୧୬ତମ ବାର୍ଷିକ ଉତ୍ସବ କାର୍ଯ୍ୟାଳୟ ପରିସରରେ ମଂଚର ସଭାପତି ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଜିଲ୍ଲା ବରିଷ୍ଠ ନାଗରିକ ମଂଚର ସାଧାରଣ ସମ୍ପାଦକ ଦାମୋଦର ନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ବରିଷ୍ଠ ନାଗରିକମ ମଞ୍ଚର କାର୍ଯ୍ୟକାରୀ ସଭାପତି ଗୌରାଙ୍ଗ ପାଣିଗ୍ରାହୀ,ରେମୁଣା ବରିଷ୍ଠ ନାଗରିକ ମଂଚର ସଙ୍ଗଠନ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ଗୋବିନ୍ଦଚନ୍ଦ୍ର ପାଢ଼ୀ ଯୋଗଦେଇ ବରିଷ୍ଠ ନାଗରିକମାନେ ନିର୍ଯ୍ୟାତନାର ଶିକାର ହେଉଥିବା ସମ୍ପର୍କରେ ଆଲୋଚନା କରିବା ସହ ଏହାର ସଚେତନତା ଉପରେ ଦିଗଦର୍ଶନ ଦେଇଥିଲେ। ଏହାଛଡା ସର୍ବଭାରତୀୟ ସ୍ତରରୁ ରାଜ୍ୟ ଓ ସମସ୍ତ ଜିଲ୍ଲା ପର୍ଯ୍ୟନ୍ତ ବରିଷ୍ଠ ନାଗରିକମାନଙ୍କୁ ପ୍ରଶାସନ ପକ୍ଷରୁ ଅଣଦେଖା କରାଯାଉଛି। ଏପରିକି ରାଜ୍ୟର ଅନ୍ୟ ଜିଲ୍ଲାମାନଙ୍କ ଠାରେ ବାଲେଶ୍ୱର ଜିଲ୍ଲାର ବରିଷ୍ଠ ନାଗରିକମନଙ୍କ ପ୍ରତି ଜିଲ୍ଲା ପ୍ରଶାସନ ଠାରୁ ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ସେମାନଙ୍କୁ ଅଣଦେଖା କରାଯାଉଛି ବୋଲି ଅଭିଯୋଗ କରାଯାଇଛି। ଏହାଛଡା ରେମୁଣା ଭଳି ସମ୍ବେଦନଶିଳ ସ୍ଥାନରେ ନିଶାମୁକ୍ତ କରିବା, ଥାନା, ଡାକ୍ତରଖାନାରେ ବରିଷ୍ଠ ନାଗରିମାନଙ୍କୁ ଅଗ୍ରଣୀ ସେବା ଯୋଗାଇଦେବା, ୬୦ରୁ ୭୯ବୟସ ପର୍ଯ୍ୟନ୍ତ ବରିଷ୍ଠ ନାଗରିକମାନଙ୍କୁ ଏକ ହଜାରରୁ ତିନି ହଜାର ଟଙ୍କା ପର୍ଯ୍ୟନ୍ତ ଭତ୍ତା ପ୍ରଦାନ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପ୍ରାରମ୍ଭରେ ମଂଚର ମୁଖ୍ୟ ସଦସ୍ୟ ଜୟନ୍ତ କୁମାର ବରାଳ ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ସାଧାରଣ ସମ୍ପାଦକ ନିରଞ୍ଜନ ମହାରଣା ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରାରମ୍ଭରେ ବରିଷ୍ଠ ଗିତିକାର ବ୍ରହ୍ମାନନ୍ଦ ଦାଶ ଭଜନ ଗାନ କରିଥିବା ବେଳେ ଗୌରାଙ୍ଗ ପଢ଼ିଆରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ କବୟିତ୍ରୀ ସଇତନ ବିବି କବିତା ପାଠ କରିଥିଲେ। ଏହି ଅବସରରେ ବରିଷ୍ଠ ନାଗରିକ ମଂଚର ଭେଟ୍ରାନ ଫୁଟବଲ ଟିମ୍ ପକ୍ଷରୁ ଅବନୀ ପ୍ରଧାନଙ୍କ ଅଧିନାୟକରେ ଫୁଟବଲ ଖେଳ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଗିରିଶ କୁମାର ଷଡଙ୍ଗୀ, ନାମଦେବ କାମିଲା, ମୃତ୍ୟୁଞ୍ଜୟ ପ୍ରଧାନ, ବନବିହାରୀ ମାର୍ଣ୍ଡି, ତପନ ଦାସ, ସୁଧାଂଶୁ ଦତ୍ତ, ରବୀନ୍ଦ୍ର ମୋହନ ଦାସ, ପଦ୍ମଲୋଚନ ପଣ୍ଡା, ସନ୍ତୋଷ କୁମାର ବେହେରା, କୃଷ୍ଣ ମୋହନ ମହାରଣା, ଦେବଦାସ ଆଚାର୍ଯ୍ୟ, ଜୟନ୍ତ ବରାଳ, ରାମଚନ୍ଦ୍ର ପାତ୍ର, ଶିବପ୍ରସାଦ ବିନ୍ଧାଣୀ, ନିରଞ୍ଜନ ମହାରଣା, ରଘୁନାଥ ଭୋଇ, ହରିମୋହନ ମାଝୀ, ଦାମୋଦର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।








## ପରାଜୟରୁ ବର୍ତ୍ତିଗଲା ବେଲ୍‌ଜିୟମ

ସିଆଟଲ,୧୬।୬(ଏଜେନ୍ସି): ସିଆଟଲ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଉତ୍ତେଜନାମୂଳକ ଗ୍ରୁପ୍-ବି' ମୁକାବିଲାରେ ଇଜିପ୍ଟଠାରୁ ଅଳ୍ପକେ ବର୍ତ୍ତିଯାଇଛି ବେଲଜିୟମ। ଖେଳର ୨୦ତମ ମିନିଟ୍‌ରେ ଏମାମା ଆଶୋର ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରାଇଥିଲେ। ଏହା ପରେ ଉଭୟ ଦଳ ମଧ୍ୟରେ ଜୋରଦାର ଲଢ଼େଇ ହୋଇଥିଲା। ଇଜିପ୍ଟ ଗୋଲ ଉପରେ ବେଲଜିୟମ ଯେତେ ଆକ୍ରମଣ କରିଥିଲେ ମଧ୍ୟ ଗୋଲ ଦେବାରେ ସଫଳ ହୋଇପାରି ନ ଥିଲା। ପ୍ରଥମାର୍ଦ୍ଧରେ ଇଜିପ୍ଟ ୧-୦ ଗୋଲରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ବେଲଜିୟମର ଆକ୍ରମଣ ପ୍ରଭାବୀ ନ ହେବାରୁ ଆହତ ହେବା ପରେ ପୂରା ଫିଟ୍ ହୋଇ ନ ଥିବା ସୁପରଷ୍ଟାର ରୋମେଲୁ ଲୁକାକୁଙ୍କୁ ପଡ଼ିଆକୁ ଓହ୍ଲାଇଥିଲା। ଲୁକାକୁ ପଡ଼ିଆକୁ ଆସିବା ପରେ ବେଲଜିୟମକୁ ଭଲ ଫଳ ମିଳିଥିଲା। ତାଙ୍କ ପ୍ରଥମ ଆକ୍ରମଣରେ ଇଜିପ୍ଟର ମହମ୍ମଦ୍ ହାନି ବଲ୍‌କୁ ନିୟନ୍ତ୍ରଣ କରି ନ ପାରି ନିଜ ପୋଷ୍ଟ ମଧ୍ୟକୁ ପଠାଇଦେଇଥିଲେ। ଫଳରେ ମ୍ୟାଚ୍ ସମାନସ୍ତରକୁ ଆସିଯାଇଥିଲା ଓ ଲୁକାକୁଙ୍କୁ ପଡ଼ିଆକୁ ଆଣି ବେଲଜିୟମ କୋଚ୍ ଏକ ମାଷ୍ଟର ଷ୍ଟ୍ରୋକ୍ ଖେଳିଥିଲେ। ଏହା ପରେ ମଧ୍ୟ ଇଜିପ୍ଟ ଘନ ଘନ ଆକ୍ରମଣ କରିଥିଲେ ମଧ୍ୟ ଗୋଲ ଦେବାରେ ସଫଳ ହୋଇପାରି ନ ଥିଲା। ଯାହା ଫଳରେ ବେଲଜିୟମ ପରାଜୟରୁ ବର୍ତ୍ତିଯାଇଥିଲା।

## ଟ୍ୟୁନିସିଆ କୋଚ୍ ବହିଷ୍କୃତ

ଟ୍ୟୁନିସ,୧୬।୬(ଏଜେନ୍ସି): ସ୍ୱିଡେନଠାରୁ ୫-୧ ଗୋଲ୍‌ରେ ହାରିଯିବା ପରେ ଟ୍ୟୁନିସିଆର ହେଡ୍ କୋଚ୍ ସାବରି ଲାମୋଚିଙ୍କୁ ବହିଷ୍କାର କରାଯାଇଛି। ଫିଫା



ବିଶ୍ୱକପ୍ ଖେଳିବାକୁ ଆସିବା ପୂର୍ବରୁ ସେ ଗତ ଜାନୁଆରୀ ମାସରେ ଦଳର ଦାୟିତ୍ୱ ନେଇଥିଲେ ଓ ତାଙ୍କ ପ୍ରଶିକ୍ଷଣରେ ଦଳ ମାତ୍ର ୫ଟି ମ୍ୟାଚ୍ ଖେଳିଥିଲା। ଉତ୍ତର ଆଫ୍ରିକାର ଏହି ଦଳ ଶକ୍ତିଶାଳୀ ହୋଇଥିଲେ ମଧ୍ୟ ପ୍ରଥମ ମ୍ୟାଚ୍ ହାରି ନକ୍‌ଆଉଟ ଯିବାକୁ ଆଶାୟୀ ରହିଛି। ସାବରିଙ୍କ ସ୍ଥାନରେ ଫ୍ରାନ୍ସର ହର୍ଭ ରେନାର୍ଡଙ୍କୁ ଟ୍ୟୁନିସିଆ ଦଳର ହେଡ୍ କୋଚ୍ ନିଯୁକ୍ତ କରାଯାଇଛି। ଚଳିତ ବିଶ୍ୱକପ୍‌ରେ ପ୍ରଥମଥର ଜଣେ ହେଡ୍ କୋଚ୍‌କୁ ବହିଷ୍କାର କରାଯାଇଛି।

## ଗୋଟିଏ ଦିନରେ ସମସ୍ତ ମ୍ୟାଚ୍ ଡ୍ର

ୱାଶିଂଟନ,୧୬।୬(ଏଜେନ୍ସି): ଫିଫା ବିଶ୍ୱକପ୍‌ରେ ସୋମବାର ଖେଳାଯାଇଥିବା ସମସ୍ତ ୪ଟି ଯାକ ଲିଗ୍ ମ୍ୟାଚ୍‌ରେ ଫଇସଲା ହୋଇପାରି ନାହିଁ। ଏହି ଦିନ ବିଶ୍ୱର ଦୁଇ ଶ୍ରେଷ୍ଠ ଦଳ ସ୍ପେନ୍ ଓ ବେଲଜିୟମ ଖେଳିଥିଲେ ମଧ୍ୟ ସେମାନେ ୨୦୨୬ରେ ପ୍ରଥମ ବିଶ୍ୱକପ୍ ମ୍ୟାଚ୍ ଜିତିପାରି ନ ଥିଲେ। ପ୍ରଥମେ ଖେଳାଯାଇଥିବା ମ୍ୟାଚ୍‌ରେ ଡେବ୍ୟୁଟାଣ୍ଟ ଟିମ୍‌ର ଭୋଜିନାଙ୍କ ଚମତ୍କାର ଗୋଲରକ୍ଷା ବଳରେ କେପ୍‌ଭର୍ଡ ଓ ସ୍ପେନ୍ ମଧ୍ୟରେ ମ୍ୟାଚ୍ ଗୋଲଶୂନ୍ୟ ଭାବେ ଡ୍ର ରହିଛି। ଏହି ଗ୍ରୁପ୍‌ରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ଉରୁଗୁଏ ସହ ସାଉଦି ଆରବ ୧-୧ ଗୋଲରେ ମ୍ୟାଚ୍ ଅମୀମାଂସିତ ରହିଛି। ଗ୍ରୁପ୍-ଜି'ରେ ବେଲଜିୟମ ଓ ଇଜିପ୍ଟ ମଧ୍ୟରେ ୧-୧ ଗୋଲ୍‌ରେ ଏବଂ ଇରାନ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ୨-୨ ଗୋଲ୍ ହେବା ଫଳରେ ଖେଳର ଫଳାଫଳ ମିଳି ପାରି ନ ଥିଲା। ଚଳିତ ବିଶ୍ୱକପ୍‌ର ପ୍ରଥମଥର ଏପରି ଫଳାଫଳ ଦେଖିବାକୁ ମିଳିଛି।

## ଫୁଟବଲ ବିଶ୍ୱକପ୍ ଖେଳିଲେ ସରପ୍ରୀତ୍ ଓ ନିଶାନ୍





ନୂଆଦିଲ୍ଲୀ,୧୬।୬(ଏଜେନ୍ସି): ଇରାନ ବିପକ୍ଷ ମ୍ୟାଚ୍ ଖେଳି ସରପ୍ରୀତ୍ ସିଂହ ନ୍ୟୁଜିଲାଣ୍ଡର ଭାରତୀୟ ବଂଶୋଦ୍ଭବ ଖେଳାଳି ଫୁଟବଲ ବିଶ୍ୱକପ୍ ଖେଳିବାରେ ସମର୍ଥ ହୋଇଛନ୍ତି। ଭାରତୀୟ ବଂଶୋଦ୍ଭବ ଏହି ଖେଳାଳି ନ୍ୟୁଜିଲାଣ୍ଡରେ ଜନ୍ମଗ୍ରହଣ କରିଥିଲାବେଳେ ଗତ ୨ ବର୍ଷ ହେଲା ୧୦ ନମ୍ବର ଜର୍ସିରେ ଅନ୍ତର୍ଜାତୀୟ ଫୁଟବଲ ଖେଳିଆସୁଛନ୍ତି। ତାଙ୍କ ପୂର୍ବରୁ ଅଷ୍ଟ୍ରେଲିଆର ନିଶାନ ଭେଲୁପାଲି ମଧ୍ୟ ତୁର୍କୀ ବିପକ୍ଷରେ ଭାରତୀୟ ବଂଶୋଦ୍ଭବ ଖେଳାଳି ଭାବେ ଖେଳିଥିଲେ। ସେ ଅବଶ୍ୟ ଜଣେ ବଦଳ ଖେଳାଳି ଥିଲେ। ପୂର୍ବରୁ ୨୦୦୬ ବିଶ୍ୱକପ୍‌ରେ ଫ୍ରାନ୍ସ ପକ୍ଷରୁ ବିକାଶ ଧୁରାସୁ ପ୍ରଥମ ଭାରତୀୟ ବଂଶୋଦ୍ଭବ ଭାବେ ଫିଫା ବିଶ୍ୱକପ୍‌ରେ ଖେଳିବାର ଗୌରବ ଅର୍ଜନ କରିଥିଲେ। ଚଳିତ ବିଶ୍ୱକପ୍ ଖେଳିବାକୁ ଆଉ ଦୁଇଜଣ ଭାରତୀୟ ବଂଶୋଦ୍ଭବ ଅପେକ୍ଷାରେ ରହିଛନ୍ତି। ସେମାନେ ହେଲେ ଡିଆର କଙ୍ଗୋର ସାମୁଏଲ ମୋଟୁସ୍ୱାମୀ। ଅନ୍ୟ ଜଣେ ହେଲେ କତାରର ତହସିନ ମହମ୍ମଦ୍ ଜାମସିଦ୍। ପ୍ରଥମ ମ୍ୟାଚ୍‌ରେ କତାର ତାଙ୍କୁ ଖେଳିବାକୁ ସୁଯୋଗ ଦେଇନାହିଁ।

### ଫିଫା ବିଶ୍ୱକପ୍‌ରେ ରାଜନୀତି ସରଗରମ

# ମ୍ୟାଚ୍ ପରେ ଆମେରିକାରୁ ବିଦା ହେଲା ଇରାନ

ଲସ୍‌ଏଞ୍ଜେଲ୍ସ,୧୬।୬(ଏଜେନ୍ସି)





ନ୍ୟୁଜିଲାଣ୍ଡ ସହ ସୋଫି ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌କୁ ଇରାନ ୨-୨ ଗୋଲରେ ଡ୍ର ରଖିବା ପରେ ତୁରନ୍ତ ଆମେରିକା ଛାଡିବାକୁ ପଡ଼ିଛି। ଏହି ନିର୍ଦ୍ଦେଶ କିଏ ଓ କାହିଁକି ଦେଇଛି ତାହା ଜଣାପଡ଼ି ନାହିଁ କିମ୍ବା ଜାଣିବାର ଆବଶ୍ୟକତା ନାହିଁ। ମ୍ୟାଚ୍ ପରେ ଆମକୁ ଫିଟ୍ ହେବାକୁ ଗୋଟିଏ ରାତି ଏଠାରେ ରହିବାର ଆବଶ୍ୟକତା ଥିଲାବୋଲି ଇରାନ କୋଚ୍ ଅମୀର ଘାଲେନୋଇ କହିଛନ୍ତି। ମ୍ୟାଚ୍ ପରେ ଜଣେ ଖେଳାଳି ଯେତିକି ବିଶ୍ରାମ ପାଇବା କଥା ତାହା ସମସ୍ତଙ୍କୁ ମିଳୁଛି। କିନ୍ତୁ ଆମ କ୍ଷେତ୍ରରେ ଏପରି କାହିଁକି କରାଗଲା ବୋଲି କୋଚ୍ ପ୍ରଶ୍ନ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଆମେରିକା ଓ ଇସ୍ରାଏଲ ଫେବୃଆରୀ ୨୮ରେ ମିଳିତଭାବେ ଇରାନ ଉପରେ ଆକ୍ରମଣ କରିବା ପରେ ଉଭୟ ଦେଶ ମଧ୍ୟରେ ତିକ୍ତ ସମ୍ପର୍କ ରହିଛି। ଯେଉଁଥିଲାଗି ଆମେରିକାରେ ଖେଳାଯିବାକୁ ଥିବା ଲିଗ୍ ମ୍ୟାଚ୍ ସ୍ଥାନାନ୍ତର ଲାଗି ଫିଫାକୁ ଇରାନ ଅନୁରୋଧ କରିଥିଲା। କିନ୍ତୁ ଫିଫା ଏଥିରେ ରାଜି ନ ହେବାରୁ ଇରାନ ମେକ୍ସିକୋରେ ରହି ଆମେରିକା ଖେଳିବାକୁ ଆସିଛି। ବାକି ଲିଗ୍ ମ୍ୟାଚ୍ ଦୁଇଟିରେ ମଧ୍ୟ ସମାନ ଢ଼ଙ୍ଗରେ ଖେଳାଯିବ।

ପୂର୍ବରୁ ସୋଫି ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ନିଜଠାରୁ ୬୫ଟି ମାନ୍ୟତାରେ କମ୍‌ରେ ଥିବା ନ୍ୟୁଜିଲାଣ୍ଡ ସହ ଇରାନ ୨-୨ ଗୋଲରେ ମ୍ୟାଚ୍ ଡ୍ର ରଖି ନିରାଶ ସୃଷ୍ଟି କରିଥିଲା। ଇରାନ ପକ୍ଷରୁ ରାମିନ ରାଜାଇଆନ୍ ଓ ମହମ୍ମଦ୍ ମୋହେବୀ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ନ୍ୟୁଜିଲାଣ୍ଡର ଏଲିଜା ଜଷ୍ଟ ଉଭୟ ଗୋଲକୁ ଶୁଝାଇଦେଇଥିଲେ। ଫଳରେ ଏକତରଫା ଭାବେ ଜିତିବାକୁ ଥିବା ମ୍ୟାଚ୍‌କୁ ଇରାନ ଡ୍ର ରଖିବାକୁ ବାଧ ହୋଇଥିଲା। ରାମିନ ଇରାନର ଏକମାତ୍ର ଖେଳାଳି ଭାବେ ଦୁଇଟି ବିଶ୍ୱକପ୍‌ରେ ଗୋଲ ଦେବାରେ ସଫଳ ହୋଇଛନ୍ତି। କମ୍ ମାନ୍ୟତାପ୍ରାପ୍ତ ଦଳ ହୋଇଥିଲେ ମଧ୍ୟ ନ୍ୟୁଜିଲାଣ୍ଡ ଉନ୍ନତ ଖେଳ ପ୍ରଦର୍ଶନ କରିଛି। ଦଳ ନିକଟରେ ୫୩ଶତକଡ଼ା ଓ ପ୍ରତିଦ୍ୱନ୍ଦ୍ୱୀ ଇରାନ ନିକଟରେ ୪୭ ଶତକଡ଼ା ବଲ ନିୟନ୍ତ୍ରଣରେ ରହିଥିଲା। ଇରାନ ପୋଷ୍ଟକୁ ୧୭ଟି ସଟ୍ ମାରିଥିଲା। ଅନ୍ୟ ସବୁଥିରେ ନ୍ୟୁଜିଲାଣ୍ଡ ଆଗରେ ରହିଥିଲା। ଦଳର ଯୁବ ଖେଳାଳି ଏଲିଜା ଜଷ୍ଟ ଖେଳର ୭ମ ଓ ୫୫ତମ ମିନିଟରେ ଗୋଲ ଦେଇ ଅଗ୍ରଣୀ କରାଇଥିଲେ। ପ୍ରତିଥର ଇରାନ ଗୋଲ ଶୁଝାଇ ଖେଳକୁ ସମାନସ୍ତରକୁ ଆଣିଥିଲା। ୩୨ତମ ମିନିଟ୍‌ରେ ରାମିନ୍ ଓ ୬୪ତମ ମିନିଟ୍‌ରେ ମୋହେବୀ ଗୋଲ ଦେଇ ଖେଳକୁ ସମାନସ୍ତରକୁ ନେଇଆସିଥିଲେ। ଏହି ମ୍ୟାଚ୍‌ରେ ଇରାନକୁ ଭଲ ସମର୍ଥନ ମିଳିଥିଲା। ଇରାନ ବାହାରେ ଯଦି ଅଧିକ ଇରାନୀୟବାସୀ ବସବାସ କରନ୍ତି ତାହା ହେଉଛି ଲସ୍ ଏଞ୍ଜେଲସ। ଏମାନେ ଇରାନର ବର୍ତ୍ତମାନ ସରକାରଙ୍କୁ ବିରୋଧ କରୁଥିଲେ ମଧ୍ୟ ଫୁଟବଲ ଦଳକୁ ସମର୍ଥନ ଜଣାଇ ଷ୍ଟାଡିୟମ୍‌ରେ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ୨୦୧୦ ପରେ ନ୍ୟୁଜିଲାଣ୍ଡ ପ୍ରଥମଥର ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଏହାକୁ ମିଶାଇ ନ୍ୟୁଜିଲାଣ୍ଡ ୪ଟି ମ୍ୟାଚ୍ ଡ୍ର ରଖିଛି। ୨୦୧୦ରେ ଦଳ ତାହାର ସମସ୍ତ ୩ଟିଯାକ ମ୍ୟାଚ୍ ଡ୍ର ରଖିଥିଲା।



**ଫିଫା ବିଶ୍ୱକପ୍ ମୁକାବିଲା**

**ଜୁନ୍-୧୭, ବୁଧବାର ରାତି**

| | |
|---|---|
| ପର୍ତ୍ତୁଗାଲ-କଙ୍ଗୋ | ହଷ୍ଟନ, ରାତି ୧୦.୩୦ |
| ଇଂଲଣ୍ଡ-କ୍ରୋଏସିଆ | ଆର୍ଲିଙ୍ଗଟନ, ରାତି ୧.୩୦ |
| ଘାନା-ପାନାମା | ଟରଣ୍ଟୋ, ରାତି ୪.୩୦ (୧୮ ତାରିଖ ଭୋର) |

**ଜୁନ୍-୧୮ ଗୁରୁବାର**

| | |
|---|---|
| କଲମ୍ବିଆ-ଉଜ୍‌ବେକିସ୍ତାନ | ମେକ୍ସିକୋ ସିଟି, ସକାଳ ୭ଟା୩୦ |

ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫

## ବିଜୟରୁ ବଞ୍ଚିତ ହେଲା ସାଉଦି ଆରବ



ମିଆମି,୧୬।୬(ଏଜେନ୍ସି): ସ୍ଥାନୀୟ ମିଆମି ଷ୍ଟାଡିୟମ୍‌ରେ ଉରୁଗୁଏ ଓ ସାଉଦି ଆରବ ମଧ୍ୟରେ ଖେଳାଯାଇଥିବା ଗ୍ରୁପ୍-ଏଚ୍ ମୁକାବିଲା ୧-୧ ଗୋଲରେ ଡ୍ର ରହିଛି। ଏହା ଫଳରେ ଭଲ ଖେଳି ମଧ୍ୟ ସାଉଦି ଆରବ ବିଜୟରୁ ବଞ୍ଚିତ ହୋଇଛି। ଉରୁଗୁଏର ମ୍ୟାକ୍ସିମିଲାନୋ ଆରାଜୁଙ୍କ ୮୦ତମ ମିନିଟ୍ ଗୋଲ ବଳରେ ଏହି ମ୍ୟାଚ୍‌ଟି ୧-୧ ଗୋଲ୍‌ରେ ଡ୍ର ରହିଥିଲା। ଖେଳର ୪୧ତମ ମିନିଟ୍‌ରେ ଅବଦୁଲେଲା ଅଲ-ଆମରିଙ୍କ ଗୋଲ ବଳରେ ସାଉଦି ଆରବ ଏହି ମ୍ୟାଚରେ ଅଗ୍ରଣୀ ନେଇଥିଲା। କିନ୍ତୁ ମ୍ୟାକ୍ସିମିଲାନୋଙ୍କ ଚମତ୍କାରିତା ଯୋଗୁଁ ସାଉଦି ଆରବ ଆଉ ଏକ ଐତିହାସିକ ବିଜୟ ହାସଲ କରିପାରି ନାହିଁ। ୨୦୨୨ରେ ଆର୍ଜେଣ୍ଟିନାକୁ ୨-୧ ଗୋଲରେ ହରାଇ ସାଉଦି ଆରବ ଯେଉଁ ବିପର୍ଯ୍ୟୟ ସୃଷ୍ଟି କରିଥିଲା ତାହାର ପୁନରାବୃତ୍ତି କରିବାକୁ ଦେଇ ନ ଥିଲେ ମ୍ୟାକ୍ସିମିଲାନୋ। କିନ୍ତୁ ଏସିଆର ଏହି ବିତ୍ତଶାଳୀ ଦଳ ମ୍ୟାଚ୍ ସାରା ପ୍ରଭାବୀ ବିସ୍ତାର କରିଥିଲା। ୪୧ତମ ମିନିଟ୍‌ରେ ଫର୍ଣ୍ଣାଣ୍ଡୋ ମୁସ୍‌ଲେରା ହେଡ୍ ମିସ୍ କରିବା ପରେ ଅଲ-ଅମୀର ଏଥିରୁ ଫାଇଦା ଉଠାଇ ବଲକୁ ଉରୁଗୁଏର ଗୋଲପୋଷ୍ଟ ମଧ୍ୟକୁ ପଠାଇଦେଇଥିଲେ। ସାଉଦି ଆରବର ରକ୍ଷଣଭାଗ ଯେପରି ଶୃଙ୍ଖଳାର ସହ ଖେଳିଥିଲା, ସେଥିରେ ଉରୁଗୁଏ ଅଗ୍ରଭାଗ ଖେଳାଳିଙ୍କୁ ଆକ୍ରମଣୀ ସୁଯୋଗ ମିଳି ନ ଥିଲା। ଏହା ସତ୍ତ୍ୱେ ଦଳ ମ୍ୟାଚ୍ ଜିତି ନ ପାରିବା କେବଳ ଖେଳାଳି ଓ କର୍ମକର୍ତ୍ତା ନୁହେଁ ସମର୍ଥକଙ୍କୁ ମଧ୍ୟ ନିରାଶ କରିଛି।

## ଆଗୁଆ ସିରିଜ କବ୍‌ଜା ଲକ୍ଷ୍ୟରେ ଟିମ୍ ଇଣ୍ଡିଆ

**ଆଫଗାନିସ୍ତାନ ବିପକ୍ଷ ଦ୍ୱିତୀୟ ଦିନିକିଆ ଆଜି**

**ମ୍ୟାଚ୍ ଆରମ୍ଭ: ଅପରାହ୍ଣ ୧:୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ଓ ଜିଓ ହଟ୍‌ଷ୍ଟାର**

ଲକ୍ଷ୍ନୌ, ୧୬।୬ (ଏଜେନ୍ସି): ଭ୍ରମଣକାରୀ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଚଳିତ ଦିନିକିଆ ସିରିଜର ଦ୍ୱିତୀୟ ମୁକାବିଲା ବୁଧବାର ସ୍ଥାନୀୟ ଏକନା କ୍ରିକେଟ୍ ଷ୍ଟାଡିୟମରେ ଖେଳାଯିବ। ପୂର୍ବରୁ ଧର୍ମଶାଳାରେ ଅନୁଷ୍ଠିତ ବର୍ଷାବାଧାପ୍ରାପ୍ତ ପ୍ରଥମ ମ୍ୟାଚରେ ଘରୋଇ ଭାରତ ୭ ୱିକେଟ୍‌ରେ ବିଜୟୀ ହୋଇଥିଲା। ତେଣୁ ଏହି ବିଜୟଧାରା ବଜାୟ ରଖି ଭାରତ ଏଠାରେ ଆଗୁଆ ସିରିଜ କବ୍‌ଜା କରିବା ଲକ୍ଷ୍ୟରେ ରହିଛି। ଅପରପକ୍ଷରେ ଆଫଗାନିସ୍ତାନ ପାଇଁ ଏହି ମ୍ୟାଚ୍ 'କର ବା ମର' ସ୍ଥିତି ସୃଷ୍ଟି କରିଛି। ଅର୍ଥାତ୍ ଏଠାରେ ପରାସ୍ତ ହେଲେ ଭ୍ରମଣକାରୀ ଦଳ ସିରିଜ ହାତଛଡ଼ା କରିବ। ତେଣୁ ଯେକୌଣସି ପରିସ୍ଥିତିରେ ମ୍ୟାଚ୍ ଜିତି ଆଫଗାନିସ୍ତାନ ସିରିଜକୁ ଉଜ୍ଜୀବିତ ରଖିବାକୁ ଲକ୍ଷ୍ୟ ରଖିଛି। ତେଣୁ ବୁଧବାର ଏଠାରେ ଏକ ରୋମାଞ୍ଚକ ମ୍ୟାଚ୍ ଦେଖିବା ଆଶାରେ ଦର୍ଶକ ରହିଛନ୍ତି।

ଘରୋଇ ଭାରତୀୟ ଦଳର ଦୁଇ ପ୍ରମୁଖ ଖେଳାଳି ଓପନର୍ ରୋହିତ ଶର୍ମା ଓ ଶ୍ରେୟାସ ଆୟରଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିଛି। ପ୍ରଥମ ଦିନିକିଆରେ ରୋହିତ୍ ୧୬ ଓ ଆୟର ୧୨ ରନ କରି ଫେଲ୍ ମାରିଥିଲେ। ଅଧିନାୟକ ଶୁବମନ ଗିଲ୍ ୮୪ ରନର ଅପରାଜିତ ପାଳି ଖେଳିବାରୁ ଭାରତ ୧୯୫ ରନର ଲକ୍ଷ୍ୟକୁ ୩ ୱିକେଟ ହରାଇ ସହଜରେ ଜିତିନେଇଥିଲା। ତେଣୁ ସିରିଜ କବଜା କରିବାକୁ ହେଲେ ରୋହିତ ଓ ଆୟରଙ୍କ ବ୍ୟାଟରୁ ଟିମ୍ ମ୍ୟାନେଜମେଣ୍ଟ ବଡ଼ ସ୍କୋର ଆଶା ରଖିଛି। ସେହିଭଳି ବୋଲିଂରେ ଦୁଇ ପଦାର୍ପଣକାରୀ ହର୍ଷ ଦୁବେ ଓ ଗୁର୍‌ନୁର ବ୍ରାର ୩ଟି ଲେଖାଏ ୱିକେଟ୍ ନେଇ ବେଶ୍ ପ୍ରଭାବୀ ସାବ୍ୟସ୍ତ ହୋଇଛନ୍ତି। ଏହାସତ୍ତ୍ୱେ ଆଫଗାନିସ୍ତାନ ଓପନର୍ ରହମନୁଲ୍ଲା ଗୁର୍‌ବାଜ ଶତକ ହାସଲ କରି ଭାରତୀୟ ବୋଲରଙ୍କୁ କଡ଼ା ପାଇଁ ଚ୍ୟାଲେଞ୍ଜ ଦେଇଛନ୍ତି।

### ମହିଳା ଟି-୨୦ ବିଶ୍ୱକପ୍

## ଆଜି ନେଦରଲ୍ୟାଣ୍ଡସକୁ ଭେଟିବ ଭାରତ

ହେଡିଂଲୀ, ୧୬।୬ (ଏଜେନ୍ସି): ଇଂଲଣ୍ଡରେ ଚାଲିଥିବା ଚଳିତ ମହିଳା ଟି-୨୦ ବିଶ୍ୱକପ୍‌ରେ ଭାରତ ଏହାର ଦ୍ୱିତୀୟ ମ୍ୟାଚରେ ବୁଧବାର ନେଦରଲ୍ୟାଣ୍ଡସକୁ ଭେଟିବ। ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ଭାରତ ପୂର୍ବରୁ ଏହାର ପ୍ରଥମ ମ୍ୟାଚରେ ୬୪ ରନରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଥିଲା। ହରମନପ୍ରୀତ୍ କୌରଙ୍କ ଦଳ ଏବେ ବିଶ୍ୱ ମାନ୍ୟତାର ୧୪ତମ ସ୍ଥାନରେ ରହିଥିବା ଦୁର୍ବଳ ନେଦରଲ୍ୟାଣ୍ଡସକୁ ମାତ୍ ଦେଇ ବିଜୟଧାରାକୁ ବଜାୟ ରଖିବା ଲକ୍ଷ୍ୟରେ ରହିଛି। ଅଧିନାୟିକା ହରମନପ୍ରୀତ୍ କୌରଙ୍କ ସମେତ ସ୍ମୃତି ମନ୍ଧାନା, ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ସଙ୍କ ଭଳି ଷ୍ଟାର୍ ଖେଳାଳି ରହିଥିବାରୁ ଭାରତ ଏହି ମ୍ୟାଚରେ ଫେଭରାଇଟ୍ ବିବେଚିତ ହେଉଛି। ଅପରପକ୍ଷରେ ଚଳିତ ବିଶ୍ୱକପ୍‌ରେ ମଙ୍ଗଳବାର ରାତିରେ ଗ୍ରୁପ୍-ବି'ର ଏକ ମ୍ୟାଚରେ ନ୍ୟୁଜିଲାଣ୍ଡ ଓ ଶ୍ରୀଲଙ୍କା ସାମ୍ନାସାମ୍ନି ହୋଇଛନ୍ତି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ୨୦ ଓଭରରେ ୬ ୱିକେଟ୍ ହରାଇ ୧୫୦ ରନ ସଂଗ୍ରହ କରିଛି। ଅଧିନାୟିକା ଆମେଲିଆ କେର୍ ଓ ସୋଫି ଡିଭାଇନ ୪୫ ରନ ଲେଖାଏ କରିଥିଲେ।

### ଟାଇମ ମାଗାଜିନର ପ୍ରଭାବଶାଳୀ-୧୦୦ କ୍ରୀଡ଼ାବିତ

## ମନ୍ଧାନା ଏକମାତ୍ର ଭାରତୀୟ

ନୂଆଦିଲ୍ଲୀ, ୧୬।୬ (ଏଜେନ୍ସି): ଆମେରିକାର ପ୍ରସିଦ୍ଧ ଟାଇମ୍ ମାଗାଜିନ ପକ୍ଷରୁ ବର୍ଷ ୨୦୨୬ ଲାଗି ବିଶ୍ୱର ଶ୍ରେଷ୍ଠ ୧୦୦ଜଣ ପ୍ରଭାବଶାଳୀ କ୍ରୀଡ଼ାବିତ୍‌ଙ୍କ ତାଲିକା ପ୍ରକାଶ ପାଇଛି। ଏହି ସମ୍ମାନଜନକ ତାଲିକାରେ ଏକମାତ୍ର ଭାରତୀୟ ଭାବେ କ୍ରିକେଟର୍ ସ୍ମୃତି ମନ୍ଧାନା ସ୍ଥାନ ପାଇଛନ୍ତି। ଆଶ୍ଚର୍ଯ୍ୟଜନକ ଭାବେ ବ୍ୟାଟିଂ ସୁପରଷ୍ଟାର୍ ବିରାଟ କୋହଲି, ରୋହିତ୍ ଶର୍ମାଙ୍କ ଭଳି କିମ୍ବଦନ୍ତୀ ଖେଳାଳି ଏହି ୧୦୦ ଜଣିଆ ଏଲିଟ୍ ତାଲିକାରେ ସ୍ଥାନ ପାଇନାହାନ୍ତି। ବିଶ୍ୱର ଅନ୍ୟତମ କ୍ରିକେଟର୍ ଭାବେ ଦକ୍ଷିଣ ଆଫ୍ରିକା ଅଧିନାୟକ ତେମ୍ବା ବଭୁମାଙ୍କ ଏଥିରେ ସାମିଲ ରହିଛନ୍ତି। ଟାଇମ ମାଗାଜିନ ପକ୍ଷରୁ କୁହାଯାଇଛି ଯେ ୨୯ ବର୍ଷୀୟା ମୁମ୍ବଇ ଜନ୍ମିତା ମନ୍ଧାନା ବର୍ତ୍ତମାନ ଭାରତୀୟ ମହିଳା କ୍ରିକେଟ୍ ଦଳର ଉପ-ଅଧିନାୟିକା ରହିଛନ୍ତି। ପ୍ରଥମ ଭାରତୀୟ ଭାବେ ସେ ଘରୋଇ ଦିନିକିଆ ଫର୍ମାଟ୍‌ରେ ଦ୍ୱିଶତକ ହାସଲ କରିବାର ବିରଳ ସଫଳତା ହାସଲ କରିଥିଲେ। ସେହିଭଳି ପ୍ରଥମ ଭାରତୀୟ ଭାବେ ଅନ୍ତର୍ଜାତୀୟ କ୍ରିକେଟ୍‌ର ୩ଟି ଯାକ ଫର୍ମାଟ୍‌ରେ ମଧ୍ୟ ଶତକ ମାରିଛନ୍ତି। ଟାଇମ୍ ପତ୍ରିକାର ଏହି ତାଲିକାରେ ସ୍ଥାନ ପାଇଥିବା ଅନ୍ୟ କିମ୍ବଦନ୍ତୀ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ଆମେରିକୀୟ ବାସ୍କେଟବଲ୍ ଖେଳାଳି ଲେବ୍ରନ୍ ଜେମ୍ସ, ଫୁଟବଲ୍ ଷ୍ଟାର ଲିଓନେଲ୍ ମେସି, କ୍ରିଷ୍ଟିଆନୋ ରୋନାଲ୍ଡୋ, ଟେନିସ୍ ଷ୍ଟାର କାର୍ଲୋସ୍ ଆଲକାରାଜ, ବାସ୍କେଟବଲ୍ ଖେଳାଳି ଭିକ୍ଟର ୱେମ୍ବାନ୍ୟାମା, କିମ୍ବଦନ୍ତୀ ଗଲ୍ଫର୍ ରୋରି ମ୍ୟାକଇଲରୟ ପ୍ରମୁଖ ରହିଛନ୍ତି।

### ଖଣ୍ଡିତର ସର୍ବଭାରତୀୟ କବାଡ଼ି

## ଶେଷଦିନରେ ବର୍ଷା ସାଜିଲା ପ୍ରତିବନ୍ଧକ



କୁଆଖିଆ,୧୬।୬(ସମିସ):

ଯାଜପୁର ଜିଲ୍ଲା କବାଡି ସଂଘ ଆନୁକୂଲ୍ୟରେ ଖଣ୍ଡିତରଠାରେ ଚାଲିଥିବା ୭୧ତମ ସର୍ବଭାରତୀୟ କବାଡି ପ୍ରତିଯୋଗିତାର କ୍ରମାଗତ ଦ୍ୱିତୀୟ ବର୍ଷ ବର୍ଷାଯୋଗୁଁ ବାଧାପ୍ରାପ୍ତ ହୋଇଛି। ଏହା ଫଳରେ କବାଡି ସମର୍ଥକ ଓ ଆୟୋଜକ ନିରାଶ ହୋଇଛନ୍ତି। ମଙ୍ଗଳବାର ସନ୍ଧ୍ୟା ପୂର୍ବରୁ ବର୍ଷା ହେବାରୁ ଖେଳ ବାଧାପ୍ରାପ୍ତ ହୋଇଥିଲା। ଏହା ପୂର୍ବରୁ ମହିଳା ବିଭାଗରେ ଫାଇନାଲ ଖେଳିବାକୁ ଭୁବନେଶ୍ୱରର ପଟ୍ଟନାୟକ ଏକାଡେମୀ ରାଜନନ୍ଦନଗାଓଁ ଯୋଗ୍ୟତା ଅର୍ଜନ କରିଥିଲେ। ପ୍ରଥମ ସେମିଫାଇନାଲରେ ରାଜନନ୍ଦନଗାଓଁ ୪୩-୧୯ ପଏଣ୍ଟରେ ରାୟପୁରକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ସେମିଫାଇନାଲ ଭୁବନେଶ୍ୱରର ଦୁଇ ଦଳ ମଧ୍ୟରେ ମୁକାବିଲା ହୋଇଥିଲା। ଏଥିରେ ପଟ୍ଟନାୟକ ଏକାଡେମୀ ୩୭-୩୧ ପଏଣ୍ଟରେ କିଟ୍‌କୁ ହରାଇ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ପୁରୁଷ ବିଭାଗରେ ସେମିରେ ବିଳାସପୁର ସହ ଜବଲପୁର ଓ ରୋହତକ ସହ ନାଗପୁର ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ଶେଷଦିନରେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା ମୁଖ୍ୟବକ୍ତା, ଧର୍ମଶାଳା ବିଧାୟକ ହିମାଂଶୁଶେଖର ସାହୁ ଓ କିମ୍‌ସରେ ଉପନିର୍ଦ୍ଦେଶକ ଡାକ୍ତର ସଙ୍ଗୀତା ବେହେରା ଓ ଯାଜପୁର କବାଡି ସଂଘ ସଭାପତି ପ୍ରଦୀପ ସେଠୀ ଓ ସମ୍ପାଦକ ସମରେନ୍ଦ୍ର ଦାଶ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସଂଘର ଉପସଭାପତି ଅଭୟ କୁମାର ମହାନ୍ତି, ଅରୁଣ କୁମାର ସାହୁ, ଉପଦେଷ୍ଟା ରବୀନ୍ଦ୍ର କୁମାର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

### ● ନେସନ୍ସ କପ୍ ମହିଳା ହକି

## କ୍ରମାଗତ ବିଜୟ ସହ ସେମିରେ ଭାରତ

ଅକ୍‌ଲାଣ୍ଡ, ୧୬।୬ (ଏଜେନ୍ସି): ନ୍ୟୁଜିଲାଣ୍ଡର ଅକ୍‌ଲାଣ୍ଡରେ ଚାଲିଥିବା ଏଫ୍‌ଆଇଏଚ୍ ନେସନ୍ସ କପ୍ ମହିଳା ହକି ଟୁର୍ଣ୍ଣାମେଣ୍ଟରେ ଭାରତ ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ମଙ୍ଗଳବାର ଅନୁଷ୍ଠିତ ପୁଲ୍‌ର ପର୍ଯ୍ୟାୟର ଏକ ମ୍ୟାଚରେ ଭାରତ ୨-୧ ଗୋଲ୍‌ରେ ଜାପାନକୁ ପରାସ୍ତ କରିଥିଲା। ବିଜୟୀ ଭାରତୀୟ ଦଳ ପକ୍ଷରୁ ଅଧିନାୟିକା ସାଲିମା ଟେଟେ ଓ ଲାଲରେସିଆମି ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ସେହିଭଳି ଜାପାନ ପାଇଁ ହିରାମିତସୁ ଏକମାତ୍ର ଗୋଲ୍‌ସ୍କୋର କରିଥିଲେ। ନେସନ୍ସ କପ୍‌ରେ ଭାରତୀୟ ମହିଳା ଦଳର ଏହା କ୍ରମାଗତ ଦ୍ୱିତୀୟ ବିଜୟ ହୋଇଛି। ଏଥିପୂର୍ବରୁ ଭାରତ ପ୍ରଥମ ମ୍ୟାଚରେ ଗତକାଲି ୩-୨ ଗୋଲ୍‌ରେ ଆମେରିକାକୁ ପରାସ୍ତ କରିଥିଲା। ଦୁଇଟି ମ୍ୟାଚରୁ ଦୁଇଟି ବିଜୟ ସହ ଭାରତ ୬ ପଏଣ୍ଟ ପାଇ ପୁଲ୍-ଏ ଶୀର୍ଷରେ ରହି ସେମିଫାଇନାଲରେ ପହଞ୍ଚିଛି। ପୁଲ୍ ପର୍ଯ୍ୟାୟରେ ଭାରତ ଏହାର ଶେଷ ମ୍ୟାଚରେ ଗୁରୁବାର ଉରୁଗୁଏକୁ ଭେଟିବ।

ସକାଳ THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience.
Send your CV by 20.06.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS